ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ' ୩/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, May 3/2023 | Page 20 | ₹ 7.00

୪୯ଶ ଭାଗ ୧୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 157 ମୂଲ୍ୟ ₹୭/-



## କିଙ୍ଗ୍ ଚାର୍ଲ୍ସଙ୍କ ରାଜ୍ୟାଭିଷେକରେ ଯୋଗଦେବେ ଧନ୍‌କର

ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ଆସନ୍ତା ୬ ତାରିଖରେ ୱେଷ୍ଟମିନିଷ୍ଟର ଆବେଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର ଭାରତ ସରକାରଙ୍କ ପ୍ରତିନିଧିତ୍ୱ କରିବେ। କିଙ୍ଗ ଚାର୍ଲ୍ସଙ୍କ ରାଜ୍ୟାଭିଷେକ ଉତ୍ସବରେ ବିଭିନ୍ନ ରାଷ୍ଟ୍ର ତଥା ସରକାରର ମୁଖ୍ୟଙ୍କ ସମେତ ୨,୦୦୦ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଧନ୍‌କର ଶୁକ୍ରବାରଠାରୁ ବ୍ରିଟେନ ଗସ୍ତରେ ଯିବେ।

## ସଂକ୍ଷେପରେ

### ୨ ପାକ୍ ଅନୁପ୍ରବେଶକାରୀ ନିହତ

ନୂଆଦିଲ୍ଲୀ,୨।୫: ରାଜସ୍ଥାନରେ ଥିବା ଭାରତ-ପାକିସ୍ତାନୀ ଅନ୍ତର୍ଜାତୀୟ ସୀମାରେ ୨ ପାକ୍ ଅନୁପ୍ରବେଶକାରୀ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କ ଗୁଳିରେ ନିହତ ହୋଇଛନ୍ତି। ସେମାନେ ନିଶା ଚୋରା କାରବାରରେ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ବେଆଇନ ମାଦକ ଦ୍ରବ୍ୟ ଜବତ ହୋଇଛି। ବାର୍ମେର ଫ୍ରଣ୍ଟରେ ସୋମବାର ରାତି ୯ରେ ଏହି ଗୁଳିକାଣ୍ଡ ଘଟିଥିଲା। ସନ୍ଦିଗ୍ଧଙ୍କଠାରୁ ୩ କିଲୋଗ୍ରାମ ହେରୋଇନ୍ ଜବତ ହୋଇଥିବା ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି। ୧୩ ବାଟାଲିୟନର ବିଏସ୍‌ଏଫ୍ ପାଟ୍ରୋଲ ପାର୍ଟି ଡ୍ୟୁଟିରେ ଥିବାବେଳେ ସୀମାରେ କେତେଜଣ ସନ୍ଦିଗ୍ଧଙ୍କ ଗତିବିଧି ନଜରକୁ ଆସିଥିଲା। ସେମାନେ ତାରବାଡ଼ ଅତିକ୍ରମ ଲାଗି ଉଦ୍ୟମ କରୁଥିବାବେଳେ ଯବାନମାନେ ଗୁଳି ଚଳାଇଥିଲେ। ଘଟଣାସ୍ଥଳରୁ ୨ ଅନୁପ୍ରବେଶକାରୀ ଓ ୩ ପ୍ୟାକେଟ ସନ୍ଦିଗ୍ଧ ହେରୋଇନ୍ ଜବତ ହୋଇଛି।

### ଅବକାରୀ ଲାଞ୍ଚ ଅର୍ଥକୁ ହାୱାଲା ଜରିଆରେ ଗୋଆ ନିର୍ବାଚନରେ ଖର୍ଚ୍ଚ କରିଥିଲା ଏଏପି: ଇଡି

ନୂଆଦିଲ୍ଲୀ,୨।୫: ବିବାଦୀୟ ଅବକାରୀ ନୀତି ବଳରେ ସଂଗୃହୀତ ୧୦୦ କୋଟି ଟଙ୍କା ଲାଞ୍ଚ ଅର୍ଥର ଏକ ଭାଗକୁ ଦିଲ୍ଲୀର ଶାସକ ଦଳ ଏଏପି ୨୦୨୨ ଗୋଆ ବିଧାନସଭା ପାଇଁ ଖର୍ଚ୍ଚ କରିଥିଲା ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗ କରିଛି। ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ଇଡି ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍‌ରେ ଉପରୋକ୍ତ ଅଭିଯୋଗ କରାଯାଇଛି। ଏଥିରେ ଏକ ମିଡିଆ ପବ୍ଲିସିଟି କମ୍ପାନୀ ଚାରିଅଟ୍ ପ୍ରଡକ୍ସନ ମିଡିଆ ପ୍ରା. ଲିଃ ଏବଂ ଏହାର ମାଲିକ ରାଜେଶ ଜୋଷୀଙ୍କ ନାଁ ଅଭିଯୁକ୍ତ ଭାବେ ସ୍ଥାନ ପାଇଛି। ସାଉଥ୍ ଗ୍ରୁପ୍‌ଠାରୁ ସଂଗୃହୀତ ଉତ୍କୋଚ ଅର୍ଥକୁ ହାୱାଲା ନେଟ୍‌ୱର୍କ ଏବଂ ବ୍ୟାଙ୍କିଙ୍ଗ ଚ୍ୟାନେଲ ଜରିଆରେ ଗୋଆ ନିର୍ବାଚନ ପାଇଁ ବ୍ୟୟ ହୋଇଥିଲା। ନିର୍ବାଚନରେ ଏଏପିର ବିଜ୍ଞାପନ ଖର୍ଚ୍ଚ ବାବଦକୁ ୩୦ କୋଟି ଟଙ୍କା ନେଟ୍‌ୱର୍କ ଜରିଆରେ ଭେଣ୍ଡରମାନଙ୍କୁ ପୈଠ କରାଯାଇଥିଲା। ଏହା ନଗଦ ଏବଂ ବ୍ୟାଙ୍କିଙ୍ଗ ଚ୍ୟାନେଲ ଜରିଆରେ ହୋଇଥିଲା ବୋଲି ଇଡି କହିଛି।

### ବିଲ୍‌କିସ୍ ମାମଲା ଶୁଣାଣି ୯କୁ ଘୁଞ୍ଚିଲା

ନୂଆଦିଲ୍ଲୀ,୨।୫(ପି.ଟି.): ୨୦୦୨ ଗୋଧ୍ରା ଦଙ୍ଗା ପରେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କର ପରିବାର ସଦସ୍ୟମାନଙ୍କୁ ହତ୍ୟା ମାମଲାରେ ୧୧ ଅପରାଧୀଙ୍କୁ ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ମୁକ୍ତ କରିଦିଆଯିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନଗୁଡ଼ିକର ଶୁଣାଣିକୁ ୯ ତାରିଖକୁ ଘୁଞ୍ଚାଇଛନ୍ତି। ମାର୍ଚ୍ଚ ୨୭ କୋର୍ଟ ରାୟର ସମୀକ୍ଷା କିମ୍ବା କୌଣସି ବିଶେଷ ଅଧିକାର ପାଇଁ ଆବେଦନ କରିବେ ନାହିଁ ବୋଲି କେନ୍ଦ୍ର ଏବଂ ଗୁଜରାଟ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ରାଗରତ୍ନାଙ୍କ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଅପରାଧୀମାନଙ୍କୁ କ୍ଷମା ଦିଆଯିବା ସମ୍ପର୍କିତ ମୂଳ ରେକର୍ଡ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ମାର୍ଚ୍ଚ ୨୭ରେ ନିର୍ଦ୍ଦେଶ ଦେଇଥିଲେ। ବିଲ୍‌କିସଙ୍କ ବ୍ୟତୀତ ଅନ୍ୟମାନେ ଉକ୍ତ ମାମଲାରେ ପିଟିଶନ ଦାଏର କରିଥିବାରୁ ଏହାକୁ ସଲିସିଟର ଜେନେରାଲ ବିରୋଧ କରିଥିଲେ। ଏହାର ପରିଣାମ ସ୍ୱରୂପ ଏଣିକି ପ୍ରତି ଆପରାଧିକ ମାମଲାରେ ତୃତୀୟ ପକ୍ଷ କୋର୍ଟକୁ ଆସିବେ ବୋଲି ମେହେଟ୍ଟା କହିଥିଲେ।


ରିଲିଜ୍ ଉପରେ ସ୍ଥଗିତାଦେଶ ଦେଲେନି ସୁପ୍ରିମକୋର୍ଟ

## ‘ଦି କେରଲା ଷ୍ଟୋରି’ ଭାଜପା ପ୍ରାୟୋଜିତ: ସିପିଆଇଏମ୍

କୋଝିକୋଡ୍/ନୂଆଦିଲ୍ଲୀ,୨।୫: ସୁଦୀପ୍ତୋ ସେନଙ୍କ ନିର୍ଦ୍ଦେଶିତ ତଥା ଭିପୁଲ ଅମୃତଲାଲ ଶାହଙ୍କ ପ୍ରଯୋଜିତ ବିବାଦୀୟ ହିନ୍ଦୀ ଫିଲ୍ମ ‘ଦି କେରଲା ଷ୍ଟୋରି’ ଭାଜପା ପ୍ରାୟୋଜିତ। ଏହା କେରଳରେ ଲୋକଙ୍କୁ ବିଭାଜିତ କରି ପରସ୍ପର ମଧ୍ୟରେ ଶତ୍ରୁଭାବ ସୃଷ୍ଟି ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏଜେଣ୍ଡାର ଏକ ଅଂଶ ବୋଲି ମଙ୍ଗଳବାର ଶାସକ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ପକ୍ଷରୁ ସମାଲୋଚନା କରାଯାଇଛି। ସିପିଆଇଏମ୍ ରାଜ୍ୟ ସାଧାରଣ ସମ୍ପାଦକ ଏମ୍.ଭି. ଗୋବିନ୍ଦନ୍ କନ୍ନୁରରେ ଖବରଦାତାମାନଙ୍କୁ କହିଛନ୍ତି, ଫିଲ୍ମରେ କେରଳର ପ୍ରାୟ ୩୨,୦୦୦ ମହିଳା ନିଖୋଜ ହୋଇଯାଇଥିବା ଦର୍ଶାଯାଇଛି। ଭାଜପା ଏବଂ ସଂଘ ପରିବାର ପକ୍ଷରୁ ଏହି ସିନେମା ଜରିଆରେ ଲୋକଙ୍କ ମସ୍ତିଷ୍କରେ ବିଷ ପୂରାଇବାକୁ ଅପଚେଷ୍ଟା କରାଯାଇଛି। କେରଳବାସୀ ମିଳିମିଶି ଏହାକୁ ବିରୋଧ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ମଧ୍ୟ କେରଳ ଏବଂ ମୁସଲମାନ ସମ୍ପ୍ରଦାୟକୁ ବଦନାମ କରିବା ପାଇଁ ଏହି ଫିଲ୍ମ ନିର୍ମାଣ କରାଯାଇଥିବା ଅଭିଯୋଗ ଆଣିଥିଲେ। ଇତିମଧ୍ୟରେ ଆସନ୍ତା ୫ରେ ମୁକ୍ତିଲାଭ କରିବାକୁ ଥିବା ‘ଦି କେରଲା ଷ୍ଟୋରି’ର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଧର୍ମାନ୍ତରୀକରଣ ଉପରେ ପର୍ଯ୍ୟବସିତ ଉକ୍ତ ଫିଲ୍ମରେ ‘ସବୁଠୁ ନିକୃଷ୍ଟତମ ଘୃଣା ମନ୍ତବ୍ୟ’ ରହିଥିବା ଏବଂ ଏହା ଏକ ‘ଅଡିଓ ଭିଜୁଆଲ ପ୍ରୋପାଗଣ୍ଡା’ ଦର୍ଶାଇ ଏକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହି ଫିଲ୍ମକୁ ସେନ୍‌ସର ବୋର୍ଡ ସାର୍ଟିଫିକେଶନ୍ ମିଳିସାରିଛି। ତେଣୁ ଏହାର ସାର୍ଟିଫିକେଶନ୍‌କୁ ଉପଯୁକ୍ତ ଫୋରମ୍‌ରେ ଚ୍ୟାଲେଞ୍ଜ କରଯାଇପାରେ ବୋଲି ଆବେଦନକାରୀଙ୍କ ଓକିଲ କପିଲ ସିବଲଙ୍କୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

# ଦିଲ୍ଲୀରେ ରାଜନୈତିକ ବିସ୍ଫୋରଣକୁ ଅପେକ୍ଷା

**ଏପ୍ରିଲ ୧୯ରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ କହିଥିଲେ, ୧୫ ଦିନ ମଧ୍ୟରେ ଦୁଇଟି ବଡ଼ ବିସ୍ଫୋରଣ ଘଟିବାକୁ ଯାଉଛି, ଗୋଟିଏ ଦିଲ୍ଲୀରେ ଓ ଅନ୍ୟଟି ମହାରାଷ୍ଟ୍ରରେ। ପାୱାରଙ୍କ ପୁତୁରା ଅଜିତ ପାୱାର ଭାଜପା ଆଡ଼କୁ ଢଳୁଥିବାବେଳେ ଏନ୍‌ସିପିର ବାରାମତୀ ଏମ୍‌ପି ସୁପ୍ରିୟା ଏହା ପ୍ରକାଶ କରିଥିଲେ। ପାୱାର ଦଳୀୟ ମଙ୍ଗ ଛାଡ଼ିବା ଘୋଷଣା ଯଦି ଗୋଟିଏ ବିସ୍ଫୋରଣ ହୋଇଥାଏ ତେବେ ଅନ୍ୟଟି କ’ଣ? ଦିନେ ଦୁଇଦିନ ମଧ୍ୟରେ ଦିଲ୍ଲୀ ରାଜନୀତିରେ ମଧ୍ୟ କିଛି ବଡ଼ ପରିବର୍ତ୍ତନ ହୋଇପାରେ କି? ବର୍ତ୍ତମାନ ଏଭଳି କିଛି ପ୍ରଶ୍ନର ଉତ୍ତର ଖୋଜିବାରେ ଲାଗିଛନ୍ତି ରାଜନୈତିକ ବିଶ୍ଳେଷକ।**

ମୁମ୍ବାଇ/ନୂଆଦିଲ୍ଲୀ,୨।୫

ମହାରାଷ୍ଟ୍ର ପ୍ରତିଷ୍ଠା ଦିବସରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଦଳର ମଙ୍ଗ ଛାଡ଼ିବା ନେଇ ଘୋଷଣା କରିଛନ୍ତି।

## କିଏ ହେବେ ପାୱାରଙ୍କ ଉତ୍ତରାଧିକାରୀ


ଅଜିତ ପାୱାର


ଶରଦ ପାୱାର


ସୁପ୍ରିୟା ସୁଲେ

ଏହା ପରେ ତାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ କସରତ ଆରମ୍ଭ ହୋଇଛି। ବରିଷ୍ଠ ଏନ୍‌ସିପି ନେତା ତଥା ପାୱାରଙ୍କ ପୁତୁରା ଅଜିତ ପାୱାର ଏବଂ ଝିଅ ସୁପ୍ରିୟା ସୁଲେଙ୍କ ମଧ୍ୟରୁ ଜଣେ ଦଳର ନୂଆ ଅଧ୍ୟକ୍ଷ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ପାୱାର ନିଜ ନିଷ୍ପତ୍ତି ପ୍ରତ୍ୟାହାର ନ କରିବା ଯାଏ ସଭାସ୍ଥଳ ଛାଡ଼ିବେ ନାହିଁ ବୋଲି ଦଳର ବହୁ ନେତା ଓ କର୍ମୀ କହିଥିଲେ। ଏହାସତ୍ତ୍ୱେ ଅପରାହ୍ନ ୨ଟା ୩୦ରେ ପାୱାର ନିଜ ‘ସିଲ୍‌ଭର ଓକ୍’ ବାସଭବନକୁ ଫେରିଯାଇଥିଲେ। ପାୱାର ଏଭଳି ସମୟରେ ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଛନ୍ତି ଯେତେବେଳେ ଅଜିତ ଭାଜପା ଆଡ଼କୁ ଢଳୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଅଜିତ କହିଛନ୍ତି, ପାୱାର ସାହେବ ଏନ୍‌ସିପି ନେତୃତ୍ୱରେ ପରିବର୍ତ୍ତନ ନେଇ କିଛିଦିନ ପୂର୍ବେ କହିଥିଲେ। ତେଣୁ ନିଜ ବୟସ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେ ଏହି ନିଷ୍ପତ୍ତି ନେଇଥିବା ଆମେ ମନେକରିବା ଉଚିତ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାରେ ପାୱାର ଉଦ୍ୟମ ଚଳାଇଥିବାବେଳେ ସେ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ୪ ଥର ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ପାୱାର କେନ୍ଦ୍ରରେ ପ୍ରତିରକ୍ଷା ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ସମ୍ଭାଳିଥିଲେ। ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଏନ୍‌ସିପି ଏବଂ କଂଗ୍ରେସକୁ ଦୁଇଦଳର ଆଦର୍ଶଗତ ଶତ୍ରୁ ଶିବସେନା ସହ ମିଶାଇ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ଗଠନ କରାଇବାରେ ସଫଳ ହୋଇଥିଲେ। ମହାରାଷ୍ଟ୍ର ଷ୍ଟ୍ରଙ୍ଗ୍‌ମ୍ୟାନ୍‌ଙ୍କ ଉଦ୍ଦେଶ୍ୟ ଥିଲା ଭାଜପାକୁ କ୍ଷମତାରୁ ଦୂରେଇ ରଖିବା। ଏନେଇ ତାଙ୍କ ପୂର୍ବତନ ଘନିଷ୍ଠ ସହଯୋଗୀ ତଥା ବର୍ତ୍ତମାନର କଂଗ୍ରେସ ନେତା ତାରିକ୍ ଅନ୍‌ୱର କହିଛନ୍ତି, ପାୱାର ଭବିଷ୍ୟତ ପାଇଁ ନିଶ୍ଚିତ ଭାବେ କିଛି ଯୋଜନା କରିଥିବେ। କାରଣ ବିନା କୌଣସି ପୂର୍ବ ଯୋଜନାରେ ସେ କିଛି ନିଷ୍ପତ୍ତି ନେଇ ନ ଥାଆନ୍ତି ବୋଲି ଏନ୍‌ସିପିର ସହ ପ୍ରତିଷ୍ଠାତା ଅନ୍‌ୱର ପ୍ରକାଶ କରିଛନ୍ତି।

### ୨-୩ ଦିନରେ ନିଷ୍ପତ୍ତିର ପୁନର୍ବିଚାର

୮୩ ବର୍ଷୀୟ ଏନ୍‌ସିପି ଭେଟେରାନ୍ ଶରଦ ପାୱାର ୨-୩ ଦିନ ମଧ୍ୟରେ ନିଜ ନିଷ୍ପତ୍ତିର ପୁନର୍ବିଚାର କରିପାରନ୍ତି ବୋଲି ପୁତୁରା ଅଜିତ ପାୱାର ସୂଚନା ଦେଇଛନ୍ତି। ପାୱାରଙ୍କ ଘୋଷଣାକୁ ନେଇ କ୍ଷୁବ୍ଧ କେତେଜଣ ନେତା ଇସ୍ତଫା ଦେଇଥିବାବେଳେ ଦଳୀୟ କର୍ମୀମାନେ ବିକ୍ଷୋଭ କରୁଛନ୍ତି। ସେମାନଙ୍କୁ ଶାନ୍ତ କରିବା ପାଇଁ ଏହା କୁହାଯାଇଥିବା ମନେକରାଯାଉଛି।

## ଫାଶୀର ବିକଳ୍ପ ଅନୁଧ୍ୟାନ କରିବ କମିଟି: କେନ୍ଦ୍ର

ନୂଆଦିଲ୍ଲୀ,୨।୫ (ପି.ଟି.)

ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅପରାଧୀଙ୍କୁ ପ୍ରଚଳିତ ଧାରା ଅନୁଯାୟୀ ଫାଶୀ ଦିଆଯିବ କି ନାହିଁ, ତାହାର ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ବିଚାର କରାଯାଉଥିବା କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଅର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ଜେ.ବି. ପର୍ଦ୍ଦିୱାଲାଙ୍କ ଖଣ୍ଡପୀଠଙ୍କୁ କହିଥିଲେ, ତାଙ୍କ ପ୍ରସ୍ତାବ ଅନୁଯାୟୀ ସରକାର ବିଶେଷଜ୍ଞ କମିଟି ଗଠନ ନେଇ ବିଚାରବିମର୍ଶ ଚଳାଇଛନ୍ତି। ଫାଶୀ ବଦଳରେ ଅନ୍ୟ କେଉଁ ପଦ୍ଧତି ଆପଣାଇଲେ, ମୃତ୍ୟୁ କମ୍ ଯନ୍ତ୍ରଣାଦାୟକ ହେବ ତାହା ଉପରେ ସୁପ୍ରିମକୋର୍ଟ ଗତ ମାର୍ଚ୍ଚ ୨୧ରେ କେନ୍ଦ୍ର ସରକାରଙ୍କଠାରୁ ତଥ୍ୟ ମାଗିଥିଲେ। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇପାରେ ବୋଲି କୋର୍ଟ କହିଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ଆଇନଜୀବୀ ଋଷି ମାଲହୋତ୍ରା ଏକ ଜନସ୍ୱାର୍ଥ ମାମଲା ଦାଏର କରି ଫାଶୀ ମାଧ୍ୟମରେ ପ୍ରଚଳିତ ମୃତ୍ୟୁଦଣ୍ଡକୁ ହଟାଇ କମ୍ ଯନ୍ତ୍ରଣାଦାୟକ ପଦ୍ଧତି ଆପଣାଇବାକୁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ।

# ଭାରତୀୟ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ କର

ୱାଶିଂଟନ,୨।୫

### ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ

### ବାଇଡେନ୍ ପ୍ରଶାସନକୁ କହିଲା ଆମେରିକା କମିଶନ



ଭାରତରେ ଧର୍ମୀୟ ସ୍ୱାଧୀନତାର ଗୁରୁତର ଉଲ୍ଲଂଘନ ହେଉଛି। ଏଥିପାଇଁ ଦାୟୀ ସରକାରୀ ଅଧିକାରୀ ଓ ସଂସ୍ଥାଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ଆମେରିକାର ଫେଡେରାଲ କମିଶନ ଜୋ ବାଇଡେନ୍ ପ୍ରଶାସନକୁ ଆହ୍ୱାନ ଦେଇଛି। ଭାରତ-ଆମେରିକା ଦ୍ୱିପାକ୍ଷିକ ଆଲୋଚନା ବେଳେ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ ଉଠାଇବାକୁ ଆମେରିକାର ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ (ୟୁଏସ୍‌ସିଆଇଆର୍‌ଏଫ୍) କଂଗ୍ରେସକୁ ସୁପାରିସ କରିଛି। ଏଥିସହିତ ଏହା ଉପରେ ଶୁଣାଣି କରିବାକୁ କମିଶନ କହିଛି।

ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ରକୁ ଧର୍ମୀୟ ସ୍ୱାଧୀନତା ମାନ୍ୟତାରେ ‘ନିର୍ଦ୍ଦିଷ୍ଟ ଚିନ୍ତାଜନକ ଦେଶ’ ଭାବେ ଦର୍ଶାଇବା ଲାଗି ୟୁଏସ୍‌ସିଆଇଆର୍‌ଏଫ୍ ଏହାର ବାର୍ଷିକ ରିପୋର୍ଟରେ ଆମେରିକା ପରରାଷ୍ଟ୍ର ବିଭାଗକୁ କହିଛି। ୨୦୨୦ରୁ ଉକ୍ତ କମିଶନ ପରରାଷ୍ଟ୍ର ବିଭାଗକୁ ଏଭଳି ସୁପାରିସ କରିଆସୁଥିବାବେଳେ ତାହାକୁ ଗ୍ରହଣ କରାଯାଇ ନାହିଁ। ଏହାକୁ କାର୍ଯ୍ୟକାରୀ କରିବା ପରରାଷ୍ଟ୍ର ବିଭାଗ ପାଇଁ ବାଧ୍ୟତାମୂଳକ ନୁହେଁ।

ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟ ଅନୁଯାୟୀ ୨୦୨୨ରେ ଭାରତରେ ଧର୍ମୀୟ ସ୍ୱାଧୀନତା ସ୍ଥିତି ଅଧିକ ଖରାପ ହୋଇଛି। ବର୍ଷ ସାରା ଭାରତ ସରକାର ଜାତୀୟ, ରାଜ୍ୟ ଓ ସ୍ଥାନୀୟ ସ୍ତରରେ ଧର୍ମୀୟ ଭେଦଭାବ ନୀତିକୁ ପ୍ରସାର କରାଇବା ସହ କାର୍ଯ୍ୟକାରୀ କରିଛନ୍ତି। ଉକ୍ତ ନୀତି ମଧ୍ୟରେ ରହିଛି ଧର୍ମାନ୍ତରୀକରଣକୁ ଟାର୍ଗେଟ କରି ଆଇନ, ଆନ୍ତଃ ଧର୍ମବିଶ୍ୱାସ ସମ୍ପର୍କ, ହିଜାବ ପିନ୍ଧିବା, ଗୋହତ୍ୟା। ଏହା ଦ୍ୱାରା ମୁସଲମାନ, ଖ୍ରୀଷ୍ଟିଆନ, ଶିଖ୍, ଦଳିତ ଏବଂ ଆଦିବାସୀମାନେ ପ୍ରଭାବିତ ହୋଇଛନ୍ତି। ଏହା ବିରୋଧରେ ଉଠୁଥିବା ସ୍ୱରକୁ କେନ୍ଦ୍ର ସରକାର ଚାପି ଦେଉଛନ୍ତି। ପ୍ରତିବାଦ କରୁଥିବା ସଂଖ୍ୟାଲଘୁ ଓ ଅନ୍ୟମାନଙ୍କ ଉପରେ ସରକାର ନଜର ରଖିବା ସହ ସେମାନଙ୍କୁ ହଇରାଣ କରୁଛନ୍ତି। ସେମାନଙ୍କ ସମ୍ପତ୍ତି ଭଙ୍ଗାରୁଜା କରାଯିବା ସହ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ସେମାନଙ୍କୁ ଅଟକ ରଖାଯାଉଛି। ସେହିପରି ବିଦେଶ ଅନୁଦାନ ନିୟାମକ ଆଇନ (ଏଫ୍‌ସିଆର୍‌ଏ)ରେ ବେସରକାରୀ ସଂସ୍ଥା(ଏନ୍‌ଜିଓ)ଗୁଡ଼ିକୁ ଟାର୍ଗେଟ କରାଯାଉଥିବା ୟୁଏସ୍‌ସିଆଇଆର୍‌ଏଫ୍ ଅଭିଯୋଗ କରିଛି।

## ତିହାର ଜେଲରେ ବିରୋଧୀ ଗ୍ୟାଙ୍ଗ୍ ଆକ୍ରମଣରେ ତାଜପୁରିୟା ନିହତ

ନୂଆଦିଲ୍ଲୀ,୨।୫

ଦିଲ୍ଲୀର ତିହାର ଜେଲରେ ମଙ୍ଗଳବାର ସକାଳେ ବିରୋଧୀ ଗ୍ୟାଙ୍ଗ୍ ଆକ୍ରମଣରେ ଗ୍ୟାଙ୍ଗଷ୍ଟର ଟିଲ୍ଲୁ ତାଜପୁରିୟା ନିହତ ହୋଇଛନ୍ତି। ତାଙ୍କ ମୃତଦେହରେ ୯୨ କ୍ଷତଚିହ୍ନ ଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଜେଲରେ କଡ଼ା ସୁରକ୍ଷା ମଧ୍ୟରେ ଗ୍ୟାଙ୍ଗଷ୍ଟର ଯୋଗେଶ ଟୁଣ୍ଡା ଓ ତାଙ୍କ ସହଯୋଗୀ ଧାରୁଆ ଅସ୍ତ୍ରରେ ତାଜପୁରିୟା ଓରଫ୍ ସୁନୀଲ ମାନ୍‌ଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଆକ୍ରମଣରେ ଅନ୍ୟତମ ବନ୍ଦୀ ରୋହିତ ଆହତ ହୋଇଛନ୍ତି। ବିରୋଧୀ ଗୋଗି ଗ୍ୟାଙ୍ଗ୍ ସଦସ୍ୟ ଯୋଗେଶ ଟୁଣ୍ଡା, ଦୀପକ ଟିଟର, ରିୟାଜ ଖାନ୍ ଏବଂ ରାଜେଶ ପ୍ରଥମ ମହଲାରେ ଥିବା ସେମାନଙ୍କ ୱାର୍ଡରେ ଲୁହା ଗ୍ରିଲ ଭାଙ୍ଗି ତଳ ମହଲାରେ ଥିବା ତାଜପୁରିୟାଙ୍କୁ ଆକ୍ରମଣ କରି ବେଡ୍‌ଶିଟ୍ ସହାୟତାରେ ତଳ ମହଲାକୁ ଆସିଥିଲେ। ୨୦୨୧ ରୋହିଣୀ କୋର୍ଟ ଗୁଳିକାଣ୍ଡରେ ଜିତେନ୍ଦର ଗୋଗି ନିହତ ହୋଇଥିଲେ। ତାଜପୁରିୟା ଏହାର ମାଷ୍ଟରମାଇଣ୍ଡ।


ଟିଲ୍ଲୁ ତାଜପୁରିୟା

## ୨ ଦିନ ବିମାନ ଉଡ଼ାଣ ବନ୍ଦକଲା ଗୋ ଫାଷ୍ଟ




ମୁମ୍ବାଇ,୨।୫(ପି.ଟି.)

### ସମସ୍ୟା ପାଇଁ ଇଞ୍ଜିନ କମ୍ପାନୀକୁ ଦୋଷାରୋପ

ଆର୍ଥିକ ସଙ୍କଟ ଯୋଗୁ ଗୋ ଫାଷ୍ଟ ଏୟାରଲାଇନ ବୁଧବାର ଓ ଗୁରୁବାର ଏହାର ବିମାନ ଉଡ଼ାଣ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଆମେରିକାର ଇଞ୍ଜିନ ନିର୍ମାଣକାରୀ ସଂସ୍ଥା ପ୍ରାଟ୍ ଆଣ୍ଡ୍ ହ୍ୱିଟ୍‌ନେରୁ ସ୍ପେୟାର ଇଞ୍ଜିନ ନ ମିଳିବାରୁ ଉକ୍ତ ଏୟାରଲାଇନ୍ସର ମାତ୍ର ୫୦ ପ୍ରତିଶତ ବିମାନ ଉଡ଼ାଣ କରୁଛି। ଉଡ଼ାଣ ବନ୍ଦ ଘୋଷଣା ପରେ ବେସାମରିକ ବିମାନ ଚଳାଚଳ ନିୟାମକ ଡିଜିସିଏ ଗୋ ଫାଷ୍ଟକୁ ନୋଟିସ ଦେଇଛି। ବିମାନ ବାତିଲ ପୂର୍ବରୁ ସୂଚନା ଦେଇ ନ ଥିବାରୁ ଉକ୍ତ କମ୍ପାନୀକୁ ୨୪ ଘଣ୍ଟା ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଉଛି।

ଇଞ୍ଜିନ ଯୋଗାଣରେ ଆମେରିକୀୟ କମ୍ପାନୀର ବିଫଳତା ଯୋଗୁ ଦିଲ୍ଲୀର ନ୍ୟାଶନାଲ କମ୍ପାନୀ ଲ’ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ସ୍ୱେଚ୍ଛାକୃତ ଭାବେ ଇନ୍‌ସଲ୍‌ଭେନ୍ସି ପାଇଁ ଆବେଦନ କରିବାକୁ ବାଧ ହେଲୁ ବୋଲି ୱାଡ଼ିଆ ଗ୍ରୁପ୍ ମାଲିକାନାରେ ଥିବା ଗୋ ଫାଷ୍ଟ ପକ୍ଷରୁ କୁହାଯାଇଛି। ପ୍ରାଟ ଆଣ୍ଡ ହ୍ୱିଟ୍‌ନି ଇଞ୍ଜିନ ମରାମତି କରିବାରେ ବିଫଳ ହେବା ସହ ଚୁକ୍ତି ମୁତାବକ ପର୍ଯ୍ୟାପ୍ତ ସ୍ପେୟାର ଯୋଗାଇପାରିଲା ନାହିଁ ବୋଲି ଏୟାରଲାଇନ୍ସ କହିଛି।

# କର୍ଣ୍ଣାଟକରେ ‘ହନୁମାନ’ ନାଟକ

- କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ବ୍ୟାନ୍ କରିବୁ: କଂଗ୍ରେସ
- କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି ହନୁମାନଙ୍କୁ ଅପମାନିତ କରିଛି: ଭାଜପା

ବେଙ୍ଗାଲୁରୁ,୨।୫


ନରେନ୍ଦ୍ର ମୋଦି


ବେଙ୍ଗାଲୁରୁରେ କଂଗ୍ରେସର ଇସ୍ତାହାର ଜାରି କରୁଛନ୍ତି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ ଦଳର ରାଜ୍ୟ ସଭାପତି ଡି.କେ. ଶିବକୁମାର।

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ସପ୍ତାହେ ବାକି ଥିବାବେଳେ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ତୀବ୍ର ହେବାରେ ଲାଗିଛି। ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଜାରି ଇସ୍ତାହାରରେ ବଜରଙ୍ଗ ଦଳ ଏବଂ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଉପରେ ନିଷିଦ୍ଧାଦେଶ ଜାରି ସମ୍ପର୍କରେ ଘୋଷଣା କରାଯାଇଛି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋସ୍‌ପେଟ୍‌ରେ ମଙ୍ଗଳବାର ଭାଜପାର ଏକ ଦଳୀୟ ସଭାରେ କହିଛନ୍ତି, ମୁଁ ହନୁମାନଙ୍କ ଜନ୍ମସ୍ଥାନକୁ ଆସି ନିଜକୁ ଧନ୍ୟ ମନେକରୁଛି। କିନ୍ତୁ ହନୁମାନଙ୍କ ଭକ୍ତ ବଜରଙ୍ଗ ଦଳକୁ ବ୍ୟାନ୍ କରିବା ନେଇ କଂଗ୍ରେସର ଘୋଷଣା ଶୁଣି ମର୍ମାହତ। କଂଗ୍ରେସ ପୂର୍ବରୁ ପ୍ରଭୁ ରାମଙ୍କୁ ତାଲା ପକାଇ ରଖିଥିଲା। କର୍ଣ୍ଣାଟକରେ କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ବେଆଇନ ଘୋଷଣା କରିବ। ହନୁମାନଙ୍କ ଜନ୍ମସ୍ଥାନ କୁହାଯାଉଥିବା ଅଞ୍ଜନାଦ୍ରୀ ହିଲ୍ସ ଥିବା ଜିଲାରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। କଂଗ୍ରେସର ଏହି ଘୋଷଣାକୁ ନେଇ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ହିନ୍ଦୁବାଦୀ ସଙ୍ଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ବଜରଙ୍ଗ ଦଳକୁ ମୌଳବାଦୀ ମୁସଲିମ୍ ସଙ୍ଗଠନ ପିଏଫ୍‌ଆଇ ସହ ତୁଳନା କରିବା ଦୁର୍ଭାଗ୍ୟଜନକ। ଅତୀତରେ ସିଦ୍ଧାରାମାୟା ସରକାର ପିଏଫ୍‌ଆଇ ବିରୋଧରେ ଥିବ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିଥିଲେ। ମୁସଲମାନ ଭୋଟରଙ୍କୁ ସନ୍ତୁଷ୍ଟ କରିବା ଲାଗି ସେମାନେ ବଜରଙ୍ଗ ଦଳକୁ ବ୍ୟାନ୍ କରିବାକୁ ବାହାରିଛନ୍ତି। କଂଗ୍ରେସ ଏକ ଜାତୀୟତାବାଦୀ ସଙ୍ଗଠନକୁ ବଦ୍‌ନାମ କରିଥିବା କହି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ମଧ୍ୟ ସମାଲୋଚନା କରିଛି। ଭିଏଚ୍‌ପି ଯୁଗ୍ମ ମହାସଚିବ ସୁରେନ୍ଦ୍ର ଜୈନ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି, ବଜରଙ୍ଗ ଦଳ କଂଗ୍ରେସକୁ ଗଣତାନ୍ତ୍ରିକ ଉପାୟରେ ଏହାର ଜବାବ ଦେବ। ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି ଭଗବାନ ହନୁମାନଙ୍କୁ ଅପମାନିତ କରିଛି। ଏହାର ଜବାବରେ କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ବଜରଙ୍ଗ ଦଳକୁ ଭଗବାନ ହନୁମାନ ସହ ତୁଳନା କରିବା ଲଜ୍ଜାଜନକ ବିଷୟ। ସେ ଆମ ଧର୍ମୀୟ ଭାବାବେଗକୁ କୁଠାରାଘାତ କରି ଅନେକ କୋଟି ହନୁମାନ ଭକ୍ତଙ୍କୁ ଅପମାନିତ କରିଥିବାରୁ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ।

## ‘କାଳୀ’ ଟୁଇଟ୍: କ୍ଷମା ମାଗିଲେ ୟୁକ୍ରେନ୍ ମନ୍ତ୍ରୀ

କିଭ୍,୨।୫: ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗତ ୩୦ ତାରିଖରେ କରାଯାଇଥିବା ‘କାଳୀ’ ଟୁଇଟ୍‌କୁ ନେଇ ବିବାଦ ସୃଷ୍ଟି ହେବା ପରେ ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରର ବହିର୍ବ୍ୟାପାର ଉପମନ୍ତ୍ରୀ ଏମିନ୍ ଝାପରୋଭା କ୍ଷମା ମାଗିଛନ୍ତି। ଏପ୍ରିଲ ୯ରେ ଭାରତ ଗସ୍ତ କରିଥିବା ଏମିନ୍ ମଙ୍ଗଳବାର କହିଛନ୍ତି, ଦେବୀ କାଳୀଙ୍କୁ ଭୁଲ୍ ଭାବେ ଚିତ୍ରଣ କରାଯାଇଥିବାରୁ ସେ କ୍ଷମାପ୍ରାର୍ଥୀ। ଅନନ୍ୟ ଭାରତୀୟ ସଂସ୍କୃତିକୁ ୟୁକ୍ରେନ୍ ସମ୍ମାନ କରେ। ଭାରତ ସହ ଆମେ ଦ୍ୱିପାକ୍ଷିକ ସମ୍ମାନ ଓ ସମ୍ପର୍କ ଚାହୁଁ। ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କରିଥିବା ଟୁଇଟ୍‌ରେ ବିସ୍ଫୋରଣସ୍ଥଳରେ ଉଠୁଥିବା ଧୂଆଁ ଭିତରେ ଜଣେ ମହିଳା କାଳୀ ବେଶରେ ଥିବା ଫଟୋ ରହିଥିଲା। କ୍ୟାପ୍ସନ ଲେଖାଯାଇଥିଲା ‘ୱର୍କ ଅଫ୍ ଆର୍ଟ’। ଭାରତୀୟମାନେ ଏହାକୁ ଦେବୀ କାଳୀ ଦର୍ଶାଇ କିଭ୍‌ଠାରୁ କ୍ଷମା ଦାବି କରିଥିଲେ।



ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୩/୨୦୨୩ | Bhubaneswar, Wednesday, May 3/2023 | ପୃଷ୍ଠା-୧



## ରାହୁଲଙ୍କୁ ହାଇକୋର୍ଟରୁ ବି ମିଳିଲାନି ଆଶ୍ୱସ୍ତି

ମାନହାନି ମାମଲାରେ ରାହୁଲ ଗାନ୍ଧୀ ତଳକୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିବାରୁ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ଗୁଜରାଟ ହାଇକୋର୍ଟ ମନା କରିଦେଇଛନ୍ତି।

୦୨

୧୦

## ଅବସର ନେଲେ ସ୍ୱାଗତିକା

ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳି ସ୍ୱାଗତିକା ରଥ ଅବସର ଘୋଷଣା କରିଛନ୍ତି।





ପୁରୀ ରଥଖଳାରେ ମଙ୍ଗଳବାର ଡୁମ୍ବରେ ଅର ବିନ୍ଧ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର)

# କମ୍ପାନୀ କବଳରେ କୁକୁଡ଼ାଚାଷୀ

**ଗ୍ରାମାଞ୍ଚଳରୁ ଆରମ୍ଭ କରି ଛକ, ବଜାର ଯାଏ କୁକୁଡ଼ା ମାଂସ ବିକ୍ରୟ କେନ୍ଦ୍ର ଚାଲିଛି। କେ.ଜି. ପ୍ରତି ୨୨୦ରୁ ୩୫୦ ଟଙ୍କାରେ ମାଂସ ବିକ୍ରି ହେଉଛି। ଏହାସତ୍ତ୍ୱେ କୁକୁଡ଼ା ଚାଷୀଙ୍କୁ ଲାଭ ମିଳୁନି। ଓଡ଼ିଶା ତଥା ବାହ୍ୟ ରାଜ୍ୟର କେତୋଟି କମ୍ପାନୀ ହାତକୁ ଏହି ବ୍ୟବସାୟ ଚାଲିଯାଇଛି। ଅପରପକ୍ଷରେ ୨୦୧୨ରେ ସ୍ଥାପିତ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାକେନ୍ଦ୍ରର ଚିଆଁ ଉତ୍ପାଦନ କେନ୍ଦ୍ର ବନ୍ଦ ପଡ଼ିଛି। ଏହି କେନ୍ଦ୍ରର ୧୧ ଲକ୍ଷ ଟଙ୍କାର ଇନ୍‌କ୍ୟୁବେଟର, ଜେନେରେଟର ଆଦିରେ ବୁଢ଼ିଆଣୀ ଜାଲ ମାଡ଼ିଗଲାଣି। ଆର୍ଥିକ ସ୍ଥିତି ସୁଧାରିବାକୁ କୁକୁଡ଼ା ଫାର୍ମ କରିଥିବା ଯୁବଗୋଷ୍ଠୀ କମ୍ପାନୀ ହାତରେ ବନ୍ଧା ପଡ଼ିଥିବା କହିଛନ୍ତି।**

**କେନ୍ଦ୍ରାପଡ଼ା ଅଫିସ/ଯାଜପୁର ଅଫିସ, ୨।୫**

- **ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଉତ୍ପାଦନ କେନ୍ଦ୍ର ବନ୍ଦ ପଡ଼ିଛି**
- **ଦର ବୃଦ୍ଧି ସତ୍ତ୍ୱେ ଚାଷୀଙ୍କୁ ଲାଭ ମିଳୁନି**
- **ସର୍ତ୍ତ ନ ମାନିଲେ ଚଢ଼ା ଦରରେ ଚିଆଁ, ଦାନା, ଔଷଧ**



କୁକୁଡ଼ା ଦର ନିୟନ୍ତ୍ରଣରେ ପ୍ରଶାସନର କୌଣସି ଭୂମିକା ରହୁନାହିଁ। ଫଳରେ କମ୍ପାନୀ କର୍ତ୍ତୃପକ୍ଷ ମନଇଚ୍ଛା ଲାଭ ଉଠାଉଥିବା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରର କାଳିଆ ସାମନ୍ତରାୟ, କଂସାର ଗ୍ରାମର ଶୁଭାଶିଷ ଜେନା, ପାଖଡ଼ ଗ୍ରାମର ରମାକାନ୍ତ ମଲ୍ଲିକ, ବାରିମୂଳର ସେକ୍ ହାସନ ପ୍ରମୁଖ କୁକୁଡ଼ା ଫାର୍ମ ମାଳିକ କହିଛନ୍ତି। ସେମାନଙ୍କ କହିବାନୁଯାୟୀ, ଆନ୍ଧ୍ର, ଛତିଶଗଡ଼ର ବଡ଼ ବଡ଼ କୁକୁଡ଼ା ବ୍ୟବସାୟୀ ଓଡ଼ିଶାରେ ଅର୍ଥ ଖଟାଇଛନ୍ତି। ଓଡ଼ିଶାର ୨ରୁ ୩ଟି କମ୍ପାନୀ ମଧ୍ୟ ଏହି କାରବାରରେ ସାମିଲ ହୋଇଛନ୍ତି। କମ୍ପାନୀଗୁଡ଼ିକ ଚିଆଁଠାରୁ ଆରମ୍ଭକରି ଦାନା, ଔଷଧ ଆଦି ଯୋଗାଇଥାନ୍ତି। ଚାଷୀ ବା ଫାର୍ମ ମାଳିକ କେବଳ ଫାର୍ମ ଘର, ବିଜୁଳି, ପାଣି ଓ ମାନବସମ୍ବଳ ବାବଦରେ ବ୍ୟୟ କରୁଛନ୍ତି। ଚାଷୀମାନେ କୁକୁଡ଼ାର ରକ୍ଷଣାବେକ୍ଷଣ କରିବା ପରେ କେ.ଜି. ପ୍ରତି ୩ରୁ ୫ଟଙ୍କା ପାଉଛନ୍ତି। କୁକୁଡ଼ା ଦର ବୃଦ୍ଧି ସହ ଚାଷୀଙ୍କ କୌଣସି ସମ୍ପର୍କ ନାହିଁ। ଫାର୍ମରେ କୁକୁଡ଼ା ପ୍ରାୟ ଦେଢ଼ କେ.ଜି. ହୋଇଗଲେ କମ୍ପାନୀ କର୍ତ୍ତୃପକ୍ଷ ତାହାକୁ ସଂଗ୍ରହ କରି ବଜାରରେ ବିକ୍ରି କରିଥାନ୍ତି। ଚାଷୀଙ୍କୁ କୁକୁଡ଼ା ବିକ୍ରି ପାଇଁ କୌଣସି ଅନୁମତି ନାହିଁ। କୁକୁଡ଼ା ପାଳନ ଆରମ୍ଭରୁ କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ ଚାଷୀଙ୍କ ସହ ଚୁକ୍ତି କରୁଛନ୍ତି। ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରୀ ରିହାତିରେ କୁକୁଡ଼ା ଫାର୍ମ କରିଥିଲେ ମଧ୍ୟ ଚାଷୀମାନେ କମ୍ପାନୀର ଜାଲରେ ଛନ୍ଦି ହୋଇଯାଉଛନ୍ତି। କୌଣସି ଚାଷୀ କମ୍ପାନୀର ସର୍ତ୍ତ ନ ମାନିଲେ ସେମାନଙ୍କୁ କମ୍ପାନୀଗୁଡ଼ିକ ଚିଆଁ, ଔଷଧ, ଦାନା ଆଦିକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସରକାରଙ୍କ ନିୟନ୍ତ୍ରଣ ଏହି କମ୍ପାନୀ ଉପରେ ରହୁ ନ ଥିବାରୁ ରାଜ୍ୟବାସୀ ଉପଯୁକ୍ତ ମୂଲ୍ୟରେ ମାଂସ ପାଉ ନ ଥିବା ଚାଷୀମାନେ କହିଛନ୍ତି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ଗ୍ରାମର କୁକୁଡ଼ା ଫାର୍ମ ମାଳିକ ବସନ୍ତ ଚକ୍ର କହିଛନ୍ତି ଯେ, ଜମି, ଘର, ପାଣି, ବିଦ୍ୟୁତ୍, ଜାଲି, ଶ୍ରମିକ ଇତ୍ୟାଦି ବ୍ୟବସ୍ଥା କରିବା ପରେ କମ୍ପାନୀ କେବଳ କୁକୁଡା ଚିଆଁ ସହ ମେଡିସିନ ଓ ଦାନା ଦେଇଥାନ୍ତି। ସେ ୪ ହଜାର କୁକୁଡ଼ା ପାଇଁ ୩ ହଜାର ବର୍ଗଫୁଟର ଏକ ଫାର୍ମ କରିଛନ୍ତି। ସେଥିପାଇଁ ସେ ୨ ଲକ୍ଷ ଟଙ୍କା ବିନିଯୋଗ କରିଥାନ୍ତି। ୪୦ ରୁ ୪୫ ଦିନ ପରେ କୁକୁଡା ବିକ୍ରି କରିବାକୁ ଉଦ୍ଦିଷ୍ଟ ହୋଇଥାଏ। ସେତେବେଳେ କମ୍ପାନୀ ବାଲା କେ.ଜି. ପିଛା ୬ରୁ ୭ ଟଙ୍କା ଦେଇ କୁକୁଡା ନେଇଥାନ୍ତି। ସେହି ଅନୁସାରେ ସେ ୪୦ଦିନରେ ପ୍ରାୟ ୪୫ ହଜାର ଟଙ୍କା ପାଉଛନ୍ତି। ବିଭିନ୍ନ କାରଣରୁ କୁକୁଡ଼ା ମରିଯାଆନ୍ତି। ଏଭଳି ସ୍ଥିତିରେ ବହୁତ କ୍ଷତି ସହିବାକୁ ପଡ଼େ। ପରିଶ୍ରମ ତୁଳନାରେ ଲାଭ ବହୁତ କମ୍ ବୋଲି ବସନ୍ତ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଆୟତପୁର ଗ୍ରାମର କୁକୁଡା ଫାର୍ମ ମାଳିକ ପିନୁ ସାମନ୍ତରାୟ କହିଛନ୍ତି ଯେ, ୨୦୦୦ କୁକୁଡା ପାଳନ ପାଇଁ ୭୫ ମିଟର ଲମ୍ବ ଓ ୩୩ ମିଟର ପ୍ରସ୍ଥର ଗୃହ ଆବଶ୍ୟକ ଥିଲା। ଏଥିସହିତ ଅନ୍ୟାନ୍ୟ ☞ପୃଷ୍ଠା-୨

# ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବେ ପାୱାର

**ମୁମ୍ବାଇ,୨।୫**



ଶରଦ ପାୱାର

ମହାରାଷ୍ଟ୍ର ରାଜନୀତିର ଚାଣକ୍ୟ ଭାବେ ପରିଚିତ ତଥା ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସ୍ଥପତି ଶରଦ ଗୋବିନ୍ଦରାଓ ପାୱାର ମଙ୍ଗଳବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଛନ୍ତି। ପାୱାରଙ୍କ ଏହି ଘୋଷଣା କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତିରେ ସମସ୍ତଙ୍କୁ ବିସ୍ମିତ କରିଛି। ଏଥିସହ ତାଙ୍କ ଉତ୍ତରାଧିକାରୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ନୂଆ ଅଧ୍ୟକ୍ଷ ଚୟନ ପାଇଁ ପାୱାରଙ୍କ ଘରେ ଏକ କମିଟି ବୈଠକ ଚାଲିଛି।

ଇଟାଲୀରେ ଜନ୍ମିତ ସୋନିଆ ଗାନ୍ଧୀ କଂଗ୍ରେସର ନେତୃତ୍ୱ ନେବା ଅଧିକାରକୁ ନେଇ ୧୯୯୯ରେ ପ୍ରଶ୍ନ ଉଠାଇଥିବା ତତ୍କାଳୀନ ବରିଷ୍ଠ ନେତା ଶରଦ ପାୱାର, ପି.ଏ. ସାଙ୍ଗମା ଓ ତାରିକ୍ ଅନ୍‌ୱରଙ୍କୁ ମେ' ୨୦ରେ ଦଳରୁ ବହିଷ୍କାର କରାଯାଇଥିଲା। ସେହିବର୍ଷ ଜୁନ୍ ୧୦ରେ ପାୱାର ଗୋଷ୍ଠୀ ଏନ୍‌ସିପି ଗଠନ କରିଥିଲେ। ଏନ୍‌ସିପି ସହ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ଶରତ ଚନ୍ଦ୍ର ସିହ୍ନାଙ୍କ ନେତୃତ୍ୱାଧୀନ ଇଣ୍ଡିଆନ୍ କଂଗ୍ରେସ (ସୋସିଆଲିଷ୍ଟ) ପାର୍ଟିର ବିଲୟ ହୋଇଥିଲା। ସେବେଠୁ ପାୱାର ନବଗଠିତ ଏନ୍‌ସିପି ଅଧ୍ୟକ୍ଷ ପଦ ତୁଲାଇ ଆସୁଥିଲେ। ମଙ୍ଗଳବାର ମୁମ୍ବାଇରେ ନିଜ ମରାଠୀ ଆତ୍ମଜୀବନୀ 'ଲୋକ୍ ମାଝେ ସଙ୍ଗତି' (ମୋ ସାଥିରେ ଲୋକେ)ର ନୂଆ ସଂସ୍କରଣ ଉନ୍ମୋଚନ ଅବସରରେ ପାୱାର ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିବା ସହ ଦଳୀୟ ନେତା ଓ କର୍ମୀଙ୍କୁ ଚମକାଇ ଦେଇଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପାୱାର କହିଛନ୍ତି, ☞ପୃଷ୍ଠା-୨

# ୩୯% ଭାରତୀୟ ପରିବାର ଅନ୍‌ଲାଇନ ଠକେଇର ଶିକାର

**ନୂଆଦିଲ୍ଲୀ,୨।୫**



**ମାତ୍ର ୨୪% ପରିବାର ଅର୍ଥ ଫେରି ପାଇଛନ୍ତି: ସର୍ଭେ**

ଗତ ୩ ବର୍ଷ ମଧ୍ୟରେ ଭାରତର ପ୍ରାୟ ୩୯% ପରିବାର ଅନ୍‌ଲାଇନ୍‌ରେ ଆର୍ଥିକ ଠକେଇର ଶିକାର ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଲୋକାଲ୍ ସର୍କଲ ପକ୍ଷରୁ କରାଯାଇଥିବା ଏହି ସର୍ବେକ୍ଷଣରେ ସାମିଲ ପରିବାରଗୁଡ଼ିକ ମଧ୍ୟରୁ ମାତ୍ର ୨୪% ସେମାନଙ୍କ ଅର୍ଥ ଫେରିପାରିଥିବା କହିଛନ୍ତି। ମଙ୍ଗଳବାର ପ୍ରକାଶିତ ଉକ୍ତ ରିପୋର୍ଟରେ କୁହାଯାଇଛି ଯେ, କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ଜରିଆରେ ସର୍ବାଧିକ ୨୩% ଠକେଇର ଶିକାର ହୋଇଛନ୍ତି। କିଣାବିକା ବେଳେ ଓ କ୍ଲାସିଫାଏଡ୍ ସାଇଟ୍ ଜରିଆରେ ୧୩% ୟୁଜର୍ସ ନିଜ ଟଙ୍କା ହରାଇଛନ୍ତି। ୧୩ ପ୍ରତିଶତଙ୍କ ଠାରୁ ବିଭିନ୍ନ ୱେବ୍‌ସାଇଟ୍‌ରେ ଟଙ୍କା ନିଆଯାଇଥିଲେ ହେଁ ଅର୍ଡର ସାମଗ୍ରୀ ସେମାନଙ୍କୁ ଡେଲିଭର କରାଯାଇ ନାହିଁ। ୧୦% ଲେଖାଏ ଏଟିଏମ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ତଥା ୧୬% ଅନ୍ୟ ପ୍ରକାର ଠକେଇର ଶିକାର ହୋଇଛନ୍ତି। ତଥ୍ୟରୁ ଜଣାପଡ଼ିଛି ଯେ, ସର୍ଭେରେ ସାମିଲ ହୋଇଥିବା ୟୁଜର୍ସଙ୍କ ମଧ୍ୟରୁ ୩୦% ପରିବାରର ଜଣେ ଲେଖାଏ ସଦସ୍ୟ ଠକେଇରେ ପଡ଼ିଛନ୍ତି। ୯ ପ୍ରତିଶତଙ୍କ ପରିବାରର ଏକାଧିକ ସଦସ୍ୟ ଗତ ୩ ବର୍ଷ ମଧ୍ୟରେ ଆର୍ଥିକ ଠକେଇର ଶିକାର ହୋଇଛନ୍ତି। ଅବଶିଷ୍ଟ ୫୭% ଏଭଳି ଜାଲରେ ଫସିବାରୁ ବର୍ତ୍ତିଯାଇଥିବା କହିଛନ୍ତି। ୪% କୌଣସି ଉତ୍ତର ଦେଇନାହାନ୍ତି। ଦେଶର ୩୩୧ ଜିଲାର ପ୍ରାୟ ୩୨,୦୦୦ ଉତ୍ତରଦାତାଙ୍କୁ ଏହି ସର୍ଭେରେ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୬% ପୁରୁଷ ଓ ୩୪% ମହିଳା। ୧୮% ନିଜ ଟଙ୍କା ଫେରିପାଇବା ପାଇଁ ସମ୍ପୃକ୍ତ ପ୍ଲାଟ୍‌ଫର୍ମରେ ଅଭିଯୋଗ ଦାଖଲ କରିଥିବାବେଳେ ୬% ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୪୧% ୟୁଜର୍ସ ସେମାନଙ୍କ ଅଭିଯୋଗର ଶୁଣାଣି ହୋଇ ନ ଥିବା କହିଥିବାବେଳେ ୧୭% କେଉଁଠି କମ୍ପ୍ଲେନ୍ ଫାଇଲ୍ କରିବେ ତାହା ଜାଣିନାହାନ୍ତି।

# ଆମେରିକାରେ ଫେକ୍ ୱେବ୍‌ସାଇଟ୍, ହଂକଂରୁ ପରିଚାଳନା

## ୧୧.୯୧ ଲକ୍ଷ ଫ୍ରିଜ୍ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

- **୩-୪ ମାସରେ ହୋଇଛି ୩୯.୧୧ କୋଟିର କାରବାର**
- **ଦେଶବ୍ୟାପୀ ୩୭୦୦ ନିବେଶକାରୀ ଠକେଇର ଶିକାର ସନ୍ଦେହ**
- **ଅତିରିକ୍ତ ଆୟର ଲୋଭ ଦେଖାଇ ଫସାଉଛନ୍ତି ସାଇବର ଠକ**

ଗେଟ୍ ଶୋ' ଆପ୍ ଜରିଆରେ କ୍ରିପ୍ଟୋ ମାଇନିଂରେ ଟଙ୍କା ବିନିଯୋଗ ନାଁରେ ସାରା ଦେଶରେ ହୋଇଥିବା ୧୪୪ କୋଟିରୁ ଊର୍ଦ୍ଧ୍ୱ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ ଜାରି ରଖିଛି। ଏହି ମାମଲା (ନଂ.୧୦/୨୦୨୩)ର ତଦନ୍ତ କରୁଥିବାବେଳେ ଇଓଡବ୍ଲ୍ୟୁ ଟିମ୍ ଆଉ ଏକ ଫେକ୍ ୱେବ୍‌ସାଇଟର ସନ୍ଧାନ ପାଇଛି। ଏହି ୱେବ୍‌ସାଇଟ୍ 'www.smsmvip.com'କୁ ଖୋଲିବା ପରେ ଏହାର ନାମ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କଳା ପାଇଁ ବିପତ୍ତି**

# ଖରାଛୁଟି ପାଠପଢ଼ା ପାଇଁ ଟୋଲ୍ ଫ୍ରି ନମ୍ବର ଜାରି

## ଛାତ୍ରୀଛାତ୍ରମାନେ ଫୋନ୍ କରି ପ୍ରଶ୍ନ ପଚାରିପାରିବେ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ଖରାଛୁଟିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ମେ' ୧ ତାରିଖରୁ ଏହି ନମ୍ବର କାର୍ଯ୍ୟକାରୀ ହୋଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଜିଲାକୁ ସ୍ଥିରୀକୃତ କାର୍ଯ୍ୟାନ୍ୱୟନ ପ୍ରଣାଳୀ (ଏସ୍‌ଓପି) ଜାରି କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ଜିଲାରେ ସହାୟତା କେନ୍ଦ୍ର ଖୋଲାଯାଇ ପ୍ରତିଦିନ ୪ ଜଣ ବିଷୟଭିତ୍ତିକ ଏବଂ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟଦିବସରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଏହା କାର୍ଯ୍ୟକାରୀ ହେବ। ଏହି ଦେୟମୁକ୍ତ ନମ୍ବରକୁ ଛାତ୍ରୀଛାତ୍ରମାନେ ଫୋନ୍ କରି ସିଧାସଳଖ ପ୍ରଶ୍ନ ପଚାରିପାରିବେ ଏବଂ ସହାୟତା କେନ୍ଦ୍ରରେ ନିୟୋଜିତ ଶିକ୍ଷୟିତ୍ରୀଶିକ୍ଷକମାନେ ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ କରିବେ। ଏହା ବ୍ୟତୀତ ବିଦ୍ୟାଳୟ ସ୍ତରରେ ହୋମ୍‌ୱାର୍କ ତଦାରଖ ବ୍ୟବସ୍ଥା କରାଯାଇଛି। ଟୋଲ୍ ଫ୍ରି ନମ୍ବର ବ୍ୟତୀତ ଅନ୍ୟ ଏକ ନମ୍ବରରୁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସହ ସହାୟତା କେନ୍ଦ୍ରରୁ ଯୋଗାଯୋଗ କରାଯାଇପାରିବ। ଉଭୟ ଟୋଲ୍ ଫ୍ରି ନମ୍ବରରେ ତଥା ବିଦ୍ୟାଳୟ ସହ ଯୋଗାଯୋଗ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ସ୍ୱତନ୍ତ୍ର ରେଜିଷ୍ଟରରେ ଲେଖାଯିବ। ଏ ନେଇ ପ୍ରତିଦିନ ରାଜ୍ୟସ୍ତରରେ 'ବିଦ୍ୟା ସମୀକ୍ଷା କେନ୍ଦ୍ର'ରୁ ସମୀକ୍ଷା କରାଯିବାର ବନ୍ଦୋବସ୍ତ କରାଯାଇଛି। ବିଭିନ୍ନ ଜିଲା ପାଇଁ ପୃଥକ୍ ପୃଥକ୍ ଦେୟମୁକ୍ତ ଟେଲିଫୋନ୍ ନମ୍ବର ଜାରି ହୋଇଛି। ଅନୁଗୋଳ ପାଇଁ ୧୮୦୦-୩୪୫-୭୫୨୧, ☞ପୃଷ୍ଠା-୨

# ଜେସିବିରେ କନ୍ୟାଘରକୁ ଆସିଲେ ବର

**ଖଣ୍ଡପଡ଼ା,୨।୫(ସ୍ୱ.ପ୍ର.)**

ଦିନଥିଲା ବିବାହ ପାଇଁ ବର କନ୍ୟାଘରକୁ ବରଯାତ୍ରୀ ନେଇ ଶଗଡ଼, ପାଲିଙ୍କି କିମ୍ବା ଘୋଡ଼ା ଗାଡ଼ିରେ ବସି ଆସୁଥିଲେ। ଏପରି କି ନଦୀକୂଳିଆ ଲୋକମାନେ ଡଙ୍ଗାରେ ବର ନେଇ ବିବାହ ପାଇଁ କନ୍ୟାଘରେ ପହଞ୍ଚୁଥିଲେ। ହେଲେ ଆଜିର ସଭ୍ୟ ସମାଜରେ ସେହି ପରମ୍ପରାରେ ବହୁ ପରିବର୍ତ୍ତନ ଆସିଛି। ଏବେ ବରଯାତ୍ରୀ ଶୋଭାଯାତ୍ରାରେ ଦାମୀ ଗାଡ଼ି, ଘୋଡ଼ା, ହାତୀର ବି ବ୍ୟବହାର କରାଯାଉଛି। କେହି କେହି ବିମାନରେ ବିବାହ ଉତ୍ସବ ପାଳନ କରୁଛନ୍ତି। ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳକୁ ବିବାହ ପାଇଁ ଜଣେ ଯୁବକ ଜେସିବିରେ ବସି ଆସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗତ ୩୦ ତାରିଖ ରାତିରେ ବୌଦ୍ଧ ଜିଲା ଚାରିଛକ ନିକଟ ଛତରଙ୍ଗ ଅଞ୍ଚଳର ଗଙ୍ଗାଧର ବେହେରା ଏକ ସୁସଜ୍ଜିତ ଜେସିବିରେ ବସି ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତ କିଆଝର ପାଟଣା ଗ୍ରାମକୁ ବିବାହ ପାଇଁ କନ୍ୟାଘରକୁ ଆସିଥିଲେ। ତାଙ୍କ ସହିତ ଶତାଧିକ ବରଯାତ୍ରୀ ଥିଲେ। ଏହି ବରଯାତ୍ରୀ ଶୋଭାଯାତ୍ରା ଆଗରେ ବିଭିନ୍ନ ବାଜା ରୋଶଣି ଚାଲିଥିଲା। ବରଯାତ୍ରୀମାନେ ବାଜାର ତାଳେ ତାଳେ ନାଚ କରୁଥିଲେ। ବର ବେଶରେ ଗଙ୍ଗାଧର ଜେସିବିରେ ବସି ଖୁବ୍ ମଜା ଉଠାଇଥିଲେ। ଏପରି କି ଅଧିକାଂଶ ସମୟରେ ଜେସିବି ଚାଳକ ଜେସିବି କ୍ୟାବିନ୍‌କୁ ଉପର ତଳ କରୁଥିଲେ। ଏପରି ଏକ ନିଆରା ଶୋଭାଯାତ୍ରା ଦେଖିବାକୁ ଗାଁ ଦାଣ୍ଡରେ ଭିଡ଼ ଜମିଥିଲା। ଶେଷରେ କନ୍ୟା ଘର ସମ୍ମୁଖରେ ବରଯାତ୍ରୀ ପହଞ୍ଚିବା ପରେ ସଂପୃକ୍ତ ଗ୍ରାମର ସମୀର ବେହେରାଙ୍କ ଝିଅ ସରସ୍ୱତୀଙ୍କ ସହ ବୈଦିକ ରୀତିନୀତିରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା।





ମୃତ କଳା ମହାବଳବାଘ

# ଶିମିଳିପାଳରେ କଳା ମହାବଳର ମୃତ୍ୟୁ

**ବାରିପଦା ଅଫିସ,୨।୫**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ କଳା ମହାବଳ ବାଘର ମୃତଦେହକୁ ବନ ବିଭାଗ ଜବତ କରିଛି। ଏନେଇ ପିସିସିଏଫ୍ ସୁଶୀଲ କୁମାର ପୋପଲିଙ୍କ ନିର୍ଦ୍ଦେଶକ୍ରମେ ଯୁଗ୍ମ ଟାସ୍କଫୋର୍ସ ଟିମ୍ ଶିମିଳିପାଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁଇ ମହାବଳ ବାଘ ମଧ୍ୟରେ ଲଢ଼େଇ କାରଣରୁ କଳା ବାଘର ମୃତ୍ୟୁ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ (ଆର୍‌ସିସିଏଫ୍) ଡ. ପ୍ରକାଶ ଚାନ୍ଦ ଗୋଗନେନି କହିଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ଦକ୍ଷିଣ ଡିଭିଜନ ନଅାଁଣା ରେଞ୍ଜ ବଡ଼ ମକାବାଡ଼ି-୨ ବିଟ୍ ଅଞ୍ଚଳରେ ଏକ କଳା ମହାବଳ ବାଘର ମୃତଦେହ ବନ କର୍ମଚାରୀମାନେ ଠାବ କରିଥିଲେ। ଖବରପାଇ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ)ର ସଦସ୍ୟ, ଯୁଗ୍ମ ଟାସ୍କଫୋର୍ସ, ଆର୍‌ସିସିଏଫ୍ ଡ. ଗୋଗନେନି, ଉପନିର୍ଦ୍ଦେଶକ ସମ୍ରାଟ ଗୌଡା, ୩ଜଣ ଏସିଏଫ, ପ୍ରାଣୀ ଚିକିତ୍ସକ ଡା.ପୀୟୂଷ ସୋରେନ ଓ ବିଭୁପ୍ରସାଦ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବାଘଟି ଅଣ୍ଡିରା ଓ ଏହାର ବୟସ ସାଢ଼େ ୩ବର୍ଷ ହୋଇଥିବା ଅନୁମାନ କରାଯାଉଛି। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ବୁକର ପୁରସ୍କାର ବିଜେତା ସଲମାନ ରଶ୍‌ଦି ‘ବର୍ତ୍ତମାନର ମହାନ୍ ଭାରତୀୟ ପ୍ରାବନ୍ଧିକ’। ତାଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବା ବହୁ ବିଳମ୍ବିତ ହେଲାଣି। ଏହାକୁ ଅଧିକ ଦିନ ସ୍ଥଗିତ ରଖାଯିବା ଉଚିତ ନୁହେଁ।

– ଶଶୀ ଥରୁର, କଂଗ୍ରେସ ନେତା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଡ଼ାକେ ମରି କଡ଼ାକେ ତରି,**
**କଡ଼ାକେ ଘର ଦୁଆର କରି।**

ଘର ସଂସାର କରିଥିଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡ଼ିଥାଏ। ଜଞ୍ଜାଳକୁ ଡରି ନ ଯାଇ ଯିଏ ଦୃଢ ଭାବେ ମୁକାବିଲା କରେ ସିଏ ହିଁ ସବୁ କ୍ଷେତ୍ରରେ ସଫଳ ହୋଇଥାଏ। ସ୍ୱଳ୍ପ ଆୟରେ ଯିଏ ଘର ସଂସାର ସୁରୁଖୁରୁରେ ଚଳାଇଦିଏ ସେ ହିଁ ପ୍ରଂଶସାର ପାତ୍ର ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୋଳରେ ଶୁଏ, କାନରେ କୁହେ,**
**ତା’ କଥା କି ଅନ୍ୟଥା ହୁଏ ?**

ସଦାସର୍ବଦା ଯିଏ ଫାଇଦା ପାଇବାକୁ ପାଖେ ପାଖେ ଛାଇ ପରି ଲାଗି ରହିଥାଏ ସେ କେବେ ନିରାଶ ହୁଏନାହିଁ। କଳେବଳେ ସେ ତା’ର ଇପ୍‌ସିତ କାର୍ଯ୍ୟ କରାଇନେବାରେ ସଫଳ ହୋଇଥାଏ। କ’ଣ କଲେ କାମ ହୋଇଯିବ ତାହା ତାଙ୍କୁ ବେଶ୍ ଭଲ ଭାବେ ଜଣା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାୟ ଉପରେ ସ୍ଥଗିତାଦେଶ ଦେଲେନି ହାଇକୋର୍ଟ

**ରାହୁଲ ଗାନ୍ଧୀ ମାନହାନି ମାମଲା**



**ନୂଆଦିଲ୍ଲୀ,୨।୫:** ମାନହାନି ମାମଲାରେ ରାହୁଲ ଗାନ୍ଧୀ ତଳକୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିବାରୁ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ୨୦୧୯ରେ ନିର୍ବାଚନ ପ୍ରଚାର ବେଳେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି ବୋଲି ମନ୍ତବ୍ୟ ଦେଇଥିବାରୁ ରାହୁଲଙ୍କୁ ସୁରଟର ଏକ ଅଦାଲତ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଫଳରେ ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଥିଲା। ଦଣ୍ଡ ଉପରେ ସ୍ଥଗିତାଦେଶ ପାଇଁ ସୁରଟ ସେସନ୍ସ କୋର୍ଟ ମନା କରିଦେବା ପରେ ସେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରୀଷ୍ମାବକାଶ ପରେ ଅର୍ଥାତ୍ ଜୁନ୍‌ରେ ରାହୁଲଙ୍କ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ନେଇ ବିଚାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମେ’ ୫ ରୁ ଜୁନ୍ ୪ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ରହିଥିବାରୁ ଜୁନ୍ ୫ରେ କୋର୍ଟ ଖୋଲିବ।

# ସାମ୍ବାଦିକ ବାସୁଦେବ ମହାପାତ୍ରଙ୍କ ପରଲୋକ



**ଭୁବନେଶ୍ୱର,୨।୫(ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ ବାସୁଦେବ ମହାପାତ୍ରଙ୍କ ପରଲୋକ ଘଟିଛି। ସୋମବାର ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ଲେଖାରେ ସାଧାରଣ ମଣିଷର କଥାକୁ ଗୁରୁତ୍ୱ ଦେଉଥିବାବେଳେ ପରିବେଶ ସମ୍ବନ୍ଧୀୟ ସାମ୍ବାଦିକତାରେ ମଧ୍ୟ ସେ ବେଶ୍ ଜଣାଶୁଣା ଥିଲେ। ଖୋର୍ଦ୍ଧା ଜିଲା ବାଣପୁର ଗୋଦାବରୀଶ ବିଦ୍ୟାପୀଠରେ ସ୍କୁଲ ଶିକ୍ଷା ଶେଷ କରିଥିଲେ। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ଖବର କାଗଜ ଏବଂ ଟେଲିଭିଜନ ଚ୍ୟାନେଲରେ କାର୍ଯ୍ୟ କରିଥିଲେ। ଏପରି କି ବିଭିନ୍ନ ପ୍ରତିଷ୍ଠିତ ପତ୍ରିକାରେ ଲେଖା ପ୍ରକାଶ କରି ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ନିଜର ଏକ ଛାପ ଛାଡ଼ି ଦେଇଯାଇଛନ୍ତି। ସହଧର୍ମିଣୀ ସୁଜାତା ମଧ୍ୟ ଜଣେ ସାମ୍ବାଦିକା। ବାସୁଦେବଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଓ ସାମ୍ବାଦିକ ଶୋକ ପ୍ରକାଶ କରିଛନ୍ତି।

# ‘ଗଣମାଧ୍ୟମର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରାଯାଉଛି’




ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସରେ ମଙ୍ଗଳବାର ରାଉରକେଲା ହକର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ‘ଓଡ଼ିଶାରେ ଖବରକାଗଜ ପ୍ରସାରଣ ଓ ବିକ୍ରେତାଙ୍କ ପାଇଁ ସାମାଜିକ ସୁରକ୍ଷା’ ଶୀର୍ଷକ ଆଲୋଚନା ସଭାରେ ଯୋଗଦେଇଥିବା ବିଭିନ୍ନ ଖବରକାଗଜର ଅଧିକାରୀ ଏବଂ ଶ୍ରମିକ ନେତା।

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ଭାରତରେ ୧୭୮୦ରେ କୋଲକାତାଠାରେ ‘ଦି ବେଙ୍ଗଲ୍ ଗେଜେଟ୍’ ଖବରକାଗଜ ପ୍ରକାଶିତ ହୋଇଥିଲା। ୧୮୬୬ ଅଗଷ୍ଟ ୪ରେ ଓଡ଼ିଶାର କଟକରେ ଗୌରୀଶଙ୍କର ରାୟ ଏବଂ ବାବୁ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ‘ଉତ୍କଳ ଦୀପିକା’ ପ୍ରକାଶିତ ହୋଇଥିଲା। ଖବରକାଗଜ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସତ୍ୟ, ନିରପେକ୍ଷ ଖବର ପ୍ରକାଶ କରି ଜନଗଣଙ୍କ ସେବା କରିବା ଖବରକାଗଜର ମୁଖ୍ୟ ଦାୟିତ୍ୱ। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ବିଭିନ୍ନ ବାଟରେ ହସ୍ତକ୍ଷେପ କରାଯାଉଛି। ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରୁଥିବା ଗଣମାଧ୍ୟମକୁ ବନ୍ଦ କରିବା ପାଇଁ ପ୍ରକାଶକ ଓ ସମ୍ପାଦକଙ୍କ ଉପରେ ବେଆଇନ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖବରକାଗଜ ସ୍ୱାଧୀନତା ତାଲିକାରେ ବିଶ୍ୱରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୦ରେ ରହିଛି ବୋଲି ମତ ପ୍ରକାଶ ପାଇଛି। ରାଉରକେଲା ହକର୍ସ ଆସୋସିଏଶନ୍ ପକ୍ଷରୁ

## ‘ଓଡ଼ିଶାରେ ଖବରକାଗଜ ପ୍ରସାରଣ ଓ ବିକ୍ରେତାଙ୍କ ପାଇଁ ସାମାଜିକ ସୁରକ୍ଷା’ ଶୀର୍ଷକ ଆଲୋଚନା ଚକ୍ର

### ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ

ମଙ୍ଗଳବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ‘ଓଡ଼ିଶାରେ ଖବରକାଗଜ ପ୍ରସାରଣ ଓ ବିକ୍ରେତାଙ୍କ ପାଇଁ ସାମାଜିକ ସୁରକ୍ଷା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍‌ର ସଭାପତି ବିଷ୍ଣୁଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲୋକସେବକ ମଣ୍ଡଳ ଓ ସମାଜର ସମ୍ପାଦକ ନିରଞ୍ଜନ ରଥ, ଧରିତ୍ରୀର ଆକାଉଣ୍ଟ୍ସ ବିଭାଗ ମୁଖ୍ୟ ପ୍ରତାପ ଚନ୍ଦ୍ର ବେହେରା, ସମ୍ବାଦର ସିଇଓ କମଳାକାନ୍ତ ମହାପାତ୍ର, ସକାଳର ପରିଚାଳକ ସୁବ୍ରତ ଦାସ, ପ୍ରମେୟର ସମ୍ପାଦକ ଗୋପାଳ ମହାପାତ୍ର, ପରିଚାଳକ ଗଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଗଣମାଧ୍ୟମର ସ୍ଥିତି, ଖବରକାଗଜ ବିକ୍ରେତାମାନଙ୍କର ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ।

ଏହି ଅବସରରେ ଆସୋସିଏଶନ ପକ୍ଷରୁ ହକରମାନଙ୍କ ନିମନ୍ତେ ସରକାରଙ୍କ ନିକଟରେ ୧୦ଟି ଦାବି ଉପସ୍ଥାପନ କରାଯାଇଥିଲା। ରାଜ୍ୟର ସମସ୍ତ ହକରଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଗୋଷ୍ଠୀ ବୀମା ଜରିଆରେ ସେମାନଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରିବା, ନିର୍ମାଣ ଶ୍ରମିକଙ୍କ ଭଳି ସାଧାରଣ ମୃତ୍ୟୁରେ ୨ଲକ୍ଷ ଟଙ୍କା ପ୍ରଦାନ କରିବା, ସାଇକେଲ ଏବଂ ସମସ୍ତ ସେଫ୍ଟି କିଟ୍‌ସ ଓ ପୋଷାକ ଦେବା, ଦୁର୍ଘଟଣାଜନିତ କ୍ଷତିପୂରଣ ୪ଲକ୍ଷ ଟଙ୍କା ପ୍ରଦାନ କରିବା, ହକରମାନଙ୍କ ଝିଅ ବାହାଘର ପାଇଁ ୧ଲକ୍ଷ ଟଙ୍କା ଦେବା, ସମସ୍ତ ହକରଙ୍କୁ ସ୍ୱାସ୍ଥ୍ୟକାର୍ଡରେ ମାଗଣା ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ବିମାନ ମାଇତି ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋକଙ୍କ ପାଇଁ ଆନ୍ଦୋଳନ କରିବି: ମକରନ୍ଦ

## ସରକାରଙ୍କ ବିରୋଧରେ ବର୍ଷିଲେ ରାୟଗଡ଼ା ବିଧାୟକ

**ରାୟଗଡ଼ା,୨।୫(ସ୍ୱ.ପ୍ର.)**

ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସୋମବାର ଜିଲାସ୍ତରୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ଜିଲା ତଥା ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଛି। ଦଲାଲ୍ ସରକାରୀ କାର୍ଯ୍ୟାଳୟ ଚଳାଉଛନ୍ତି। ଗରିବ ଲୋକେ ଶୋଷଣର ଶିକାର ହେଉଥିବା ବେଳେ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି। ଶ୍ରମିକମାନେ ସରକାରଙ୍କ ନିର୍ଦ୍ଧାରିତ ମଜୁରି ପାଉନାହାନ୍ତି। ଏପରି ପ୍ରତ୍ୟେକ କଥାରେ ଉଦାହରଣ ଦେଇ ଲୋକଙ୍କ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଧାୟକ ଘୋଷଣା କରିଛନ୍ତି। ସ୍ୱାଧୀନ ବିଧାୟକ ମୁଦୁଲିଙ୍କ ଏହି ବିରୋଧାଭାସ ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି।

ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ବିଧାୟକ ପ୍ରଥମେ ଜିଲା ପ୍ରଶାସନ ଓ ପରେ ରାଜ୍ୟ ସରକାରଙ୍କୁ ସିଧା ଟାର୍ଗେଟ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ଲୁଟ ହେଉଛି। ଜଳଛାୟା ମିଶନ ଓ ଉଦ୍ୟାନ ବିଭାଗରେ ହଜାରେ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ମୁଦୁଲି କହିଛନ୍ତି। ନିକଟରେ ଜଳଛାୟା ମିଶନର ଜଣେ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିବା ଏହାର ପ୍ରମାଣ ବୋଲି ସେ କହିଛନ୍ତି। ଲୋକଙ୍କ ନାମରେ ନକଲି ଜବ୍ କାର୍ଡ, ନକଲି ବ୍ୟାଙ୍କ ଆକାଉଣ୍ଟ ପ୍ରସ୍ତୁତ କରାଯାଇ ବହୁ କୋଟି ଟଙ୍କା ହଡ଼ପ ଚାଲିଛି। ବିଭିନ୍ନ ବୈଠକରେ ଏହି ପ୍ରସଙ୍ଗ ଉଠାଇଥିଲେ ମଧ୍ୟ କୌଣସି ଅଫିସର ଶୁଣୁ ନାହାନ୍ତି। ଯେ ପର୍ଯ୍ୟନ୍ତ ସାଧାରଣ ଲୋକ ଓ ସଚେତନ ନାଗରିକ ଏ ସବୁ ନେଇ ସରକାରଙ୍କୁ ପ୍ରଶ୍ନ ନ କରିବେ ସେ ପର୍ଯ୍ୟନ୍ତ ଏଭଳି ହରିଲୁଟ ଚାଲିଥିବ। ତେଣୁ ଲୋକଙ୍କ ସହିତ ଆନ୍ଦୋଳନ କରିବାକୁ ବାହାରିବେ ବୋଲି ବିଧାୟକ ମୁଦୁଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ବିଜୟୀ ହେବା ପରେ ମକରନ୍ଦ ବିଜେଡିକୁ ସମର୍ଥନ କରୁଥିଲେ। ଦୀର୍ଘ ୫୦ ମାସ ହେବ ଶାସକ ଦଳ ପାଇଁ ସମର୍ଥନ ଜଣାଇ ଆସୁଥିବା ମୁଦୁଲିଙ୍କ ୟୁ–ଟର୍ନ ବିଜେଡିର ଦଳୀୟ ନେତାଙ୍କୁ ଅଙ୍କଳରେ ପକାଇଛି। ଅନ୍ୟପକ୍ଷରେ ଶ୍ରମିକ ଦିବସ କାର୍ଯ୍ୟକ୍ରମର ପ୍ରେସ୍ ବିଜ୍ଞପ୍ତି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୋମବାର ରାତି ୮ଟା୨୪ରେ ହ୍ୱାଟ୍ସ ଆପ୍‌ରେ ଗଣମାଧ୍ୟମକୁ ପ୍ରଦାନ କରାଯାଇଥିଲା। ସେଥିରେ ବିଧାୟକ ମୁଦୁଲିଙ୍କ ନାମ ବାଦ୍ ଦେଇ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାମ ମୁଖ୍ୟ ଅତିଥି ଉଲ୍ଲେଖ ଥିଲା। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କୁ ପଚାରିବାରେ ପ୍ରେସ୍ ବିଜ୍ଞପ୍ତି ଶ୍ରମ ବିଭାଗ ପକ୍ଷରୁ ଦିଆଯାଇଥିଲା, ତେଣୁ ବିଭାଗ ପକ୍ଷରୁ ଦିଆଯାଇଥିବା ଲେଖାକୁ ସେ ଗ୍ରୁପରେ ପୋଷ୍ଟ କରିଛନ୍ତି ବୋଲି କହିଥିଲେ। ତେବେ ସରକାର ଓ ଜିଲା ପ୍ରଶାସନ ବିରୋଧରେ ବିସ୍ଫୋରକ ମନ୍ତବ୍ୟ ଦେବା ପରେ ବିଧାୟକଙ୍କ ନାମକୁ ବାଦ୍ ଦିଆଗଲା କି ବୋଲି ଚର୍ଚ୍ଚା ହେଉଛି।

ପ୍ରଥମ ପୃଷ୍ଠାରୁ...

## କମ୍ପାନୀ କବଳରେ...

ଖର୍ଚ୍ଚ ପାଇଁ ସେ ବ୍ୟାଙ୍କରୁ ୨୦୨୦ରେ ସାଢ଼େ ୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଅନୁସୂଚିତ ଜାତି ପାଇଁ ରିହାତି ୫୦ ପ୍ରତିଶତ ଥିବାବେଳେ ସାଧାରଣ ବର୍ଗହେତୁ ୪୦ ପ୍ରତିଶତ ରିହାତି ମିଳିଲା। ତେବେ ଚିଆଁରୁ ବିକ୍ରି ପର୍ଯ୍ୟନ୍ତ କମ୍ପାନୀ ଅଧୀନରେ ରହିବାକୁ ପଡୁଛି। ଚୁକ୍ତି ମୁତାବକ କୁକୁଡ଼ା ପାଳନ ବ୍ୟତୀତ ବିକ୍ରି ସୁବିଧା ନାହିଁ। ପ୍ରଥମ ବର୍ଷ ପାଳନ ସମୟରେ ଅଭିଜ୍ଞତା ନ ଥିବାରୁ କେତେକ ଚିଆଁ ମରିଥିଲେ। ଏଥିରେ କମ୍ପାନୀ ପକ୍ଷରୁ ଅଧିକ କ୍ଷତି ଭରଣା ହୋଇଥିଲା। ଲାଭ ନ ହେବାରୁ ସେ କୁକୁଡ଼ା ପାଳନ କେନ୍ଦ୍ରକୁ ବନ୍ଦ କରିଦେଇଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଚିଆଁ ଉତ୍ପାଦନ ଓ ଦାନା ବ୍ୟବସ୍ଥା ହେଲେ ଯୁବୋଦ୍ୟୋଗୀ କୁକୁଡ଼ା ଚାଷରେ ସଫଳ ହେବେ ବୋଲି ସାମନ୍ତରାୟ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାରେ ଅଣ୍ଡା ଓ କୁକୁଡ଼ା ମାଂସ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଚିଆଁ ଉତ୍ପାଦନ କେନ୍ଦ୍ର ୧୧ ବର୍ଷ ପୂର୍ବେ ଖୋଲାଯାଇଥିଲା। ଏହି ପ୍ରକଳ୍ପରେ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ କୁକୁଡ଼ା ଚାଷୀଙ୍କୁ ଟଙ୍କାଟିଏ ଲାଭ ମିଳୁନାହିଁ। ଉକ୍ତ କେନ୍ଦ୍ରରେ ଥରେ ମାତ୍ର ଚିଆଁ ଉତ୍ପାଦନ ହେବାପରେ ତାହା ବନ୍ଦ ହୋଇରହିଛି। ବଜାରରେ କୁକୁଡ଼ା ମାଂସ ଚାହିଦା ଦ୍ରୁତଗତିରେ ବଢୁଥିବାବେଳେ ଚାଷୀ ତା’ର ଫାଇଦା ପାଉନାହିଁ। ଏ ସମ୍ପର୍କରେ ସିଡିଭିଓ (ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ) ଦୀପ୍ତିମୟୀ ମହାପାତ୍ରଙ୍କୁ ପଚାରିବାରେ କୁକୁଡ଼ା ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ରିହାତି ଯୋଜନା କରାଯାଇଛି। ଯୋଜନାରେ ସାମିଲ ହୋଇ ଚାଷୀ ଏହାର ଫାଇଦା ନେଇପାରିବ। ବାହାର ଓ ରାଜ୍ୟ ମଧ୍ୟରେ ଥିବା କମ୍ପାନୀ ସହ ଚାଷୀ ଚୁକ୍ତିବଦ୍ଧ ହେଉଥିବାରୁ ଆଇନଗତ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ନେଇହେବ ନାହିଁ। ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ମଧ୍ୟରେ ଥିବା ଚିଆଁ ଉତ୍ପାଦନ କେନ୍ଦ୍ରକୁ ସଚଳ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ପରୀକ୍ଷାମୂଳକ ଭାବେ କେତେଗୋଟି ଅଣ୍ଡାରୁ ଚିଆଁ ଉତ୍ପାଦନ କରାଯାଇଥିଲା। ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କର୍ମଚାରୀ ନିଯୁକ୍ତି ସହ ଅନ୍ୟ କେତେକ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଏନ୍‌ସିପି ଅଧ୍ୟକ୍ଷ...

୧୯୬୦ ମେ’ ୧ରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଥିଲା। ବିଭିନ୍ନ ପଦପଦବୀରେ ରହି ମହାରାଷ୍ଟ୍ର ଓ ଭାରତର ସେବାରେ ସେ ଅନବରତ ଭାବେ ୬୩ ବର୍ଷ ବିତାଇଦେଇଛନ୍ତି। ରାଜ୍ୟ ସଭାରେ ତାଙ୍କ ସଦସ୍ୟତା ଆଉ ୩ ବର୍ଷ ବାକି ଅଛି। ଏହି ଅବଧି ମଧ୍ୟରେ ସେ ରାଜ୍ୟ ତଥା ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଉଠାଇ ଚାଲିଥିବେ। ଏତେ ଦିନର ସାଧାରଣ ଜୀବନ ପରେ ସେ ଏନ୍‌ସିପି ଅଧ୍ୟକ୍ଷ ପଦରେ ରହିବାକୁ ଚାହୁଁ ନାହାନ୍ତି। କିନ୍ତୁ ଦଳ ପାଇଁ କାମ କରୁଥିବେ। ନୂଆ ଏନ୍‌ସିପି ଅଧ୍ୟକ୍ଷ ନିର୍ବାଚନ ଲାଗି ଏକ କମିଟି ଗଠନ କରାଯାଉ। ଉକ୍ତ କମିଟିରେ ପ୍ରଫୁଲ୍ଲ ପଟେଲ, ସୁନୀଲ ଟାଟକ୍‌ରେ, କେ.କେ. ଶର୍ମା, ପି.ସି. ଚାକୋ, ଅଜିତ ପାୱାର, ସୁପ୍ରିୟା ସୁଲେ, ଛଗନ ଭୁଜବଲ, ଦିଲୀପ ୱାଲ୍‌ସେ ପାଟିଲ, ଅନିଲ ଦେଶମୁଖ, ରାଜେଶ ଟୋପେ, ଜିତେନ୍ଦ୍ର ଅୱ୍ହଦ, ହାସନ ମୁଶ୍ରିଫ୍, ଧନଞ୍ଜୟ ମୁଣ୍ଡେ ଏବଂ ଜୟଦେବ ଗାଇକ୍‌ୱାଡ୍ ରହିବେ ବୋଲି ପାୱାର ସ୍ପଷ୍ଟ କରିଛନ୍ତି। ଏକ୍ସ–ଅଫିସିଓ ମେମ୍ବର ଭାବେ ଜାତୀୟତାବାଦୀ ମହିଳା କଂଗ୍ରେସ ଅଧ୍ୟକ୍ଷା ଫଉଜିଆ ଖାନ୍, ଜାତୀୟତାବାଦୀ ଯୁବ କଂଗ୍ରେସ ଅଧ୍ୟକ୍ଷ ଧୀରଜ ଶର୍ମା, ଜାତୀୟତାବାଦୀ ଛାତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଦୁହାନ୍‌ଙ୍କୁ ରଖାଯାଇଛି। ମୁଁ ଆପଣମାନଙ୍କ ସହ ଅଛି, କିନ୍ତୁ ଏନ୍‌ସିପି ଅଧ୍ୟକ୍ଷ ରୂପେ ନୁହେଁ ବୋଲି ଆବେଗଭରା କଣ୍ଠରେ ଦଳୀୟ କର୍ମୀମାନଙ୍କୁ ପାୱାର କହିଥିଲେ। ତାଙ୍କ ନିକଟରେ ସ୍ତ୍ରୀ ପ୍ରତିଭା ପାୱାର ବସିଥିଲେ।

୮୨ ବର୍ଷୀୟ ପାୱାରଙ୍କୁ ଏନ୍‌ସିପି ନେତାମାନେ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ନିବେଦନ କରିଛନ୍ତି। ମହାରାଷ୍ଟ୍ର ଏନ୍‌ସିପି ସଭାପତି ଜୟନ୍ତ ପାଟିଲ ଓ ନେତା ଜିତେନ୍ଦ୍ର ଅୱ୍ହଦ ପାୱାରଙ୍କ ନିଷ୍ପତ୍ତିରେ ଭାଙ୍ଗିପଡ଼ିଥିବାବେଳେ ଏମ୍‌ପି ପ୍ରଫୁଲ୍ଲ ପଟେଲ ପୁନଃ ବିଚାର ପାଇଁ ଅନୁରୋଧ କରିଛନ୍ତି। ପ୍ରଫୁଲ୍ଲ କହିଛନ୍ତି, ପାୱାର ଇସ୍ତଫା ଘୋଷଣା କରିବା ପୂର୍ବରୁ କାହାକୁ ବିଶ୍ୱାସକୁ ନେଇନାହାନ୍ତି।

## ଶିମିଳିପାଳରେ କଳା...

ମୃତ ବାଘ ଦେହରେ ଥିବା କ୍ଷତଚିହ୍ନରୁ ଦୁଇ ବାଘ ମଧ୍ୟରେ ଲଢ଼େଇ ହେବା ଯୋଗୁ ଏହାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ମୃତ ବାଘର ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ପରେ ବାଘ ମୃତଦେହ ବ୍ୟବଚ୍ଛେଦ କରାଯାଇ ପୋଡ଼ି ଦିଆଯାଇଛି।

ଅନ୍ୟପକ୍ଷରେ ରବିବାର ରାତିରେ ଦକ୍ଷିଣ ଡିଭିଜନର କର୍ମଚାରୀମାନେ ନଅଁଣା ରେଞ୍ଜ ଧୁଡୁରୁଚମ୍ପା ଅଞ୍ଚଳରେ ଏକ ଦନ୍ତାହାତୀର ମୃତଦେହ ପଡ଼ିଥିବା ନେଇ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟଙ୍କୁ ଜଣାଇଥିଲେ। ଶିକାରୀମାନେ ହାତୀର ଦାନ୍ତ କାଟି ନେଇଥିବା ଜଣାଇବା ପରେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା। କର୍ମଚାରୀଙ୍କ ପକ୍ଷରୁ ତଦନ୍ତ କରାଯିବା ପରେ ହାତୀ ମୃତ୍ୟୁର ସତ୍ୟତା ଜଣାପଡିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

## ଆମେରିକାରେ ଫେକ୍...

(ମାରାଥନ୍ ଡିଜିଟାଲ ହୋଲ୍ଡିଙ୍ଗସ୍) ଦେଖାଉଛି। ଏହାକୁ ଆମେରିକାରେ ପ୍ରସ୍ତୁତ କରାଯାଇଥିବା ବେଳେ ଏବେ ହଂକଂରୁ ପରିଚାଳନା କରାଯାଉଛି। ଏହି ୱେବ୍‌ସାଇଟରେ ନିବେଶ ଦ୍ୱାରା ଅତିରିକ୍ତ ଆୟର ଲୋଭ ଦେଖାଇ ଦେଶବ୍ୟାପୀ ୩ ହଜାର ୭୦୦ ଲୋକ ଠକେଇର ଶିକାର ହୋଇଥିବା ଇଓଡବ୍ଲ୍ୟୁ ସନ୍ଦେହ କରୁଛି। ଗତ ୩ରୁ ୪ ମାସ ମଧ୍ୟରେ ଉକ୍ତ ୱେବ୍‌ସାଇଟ୍ ଦ୍ୱାରା ଲିଙ୍କ୍ ହୋଇଥିବା ୧୧ ବ୍ୟାଙ୍କ୍ ଆକାଉଣ୍ଟ ଜରିଆରେ ୩୯.୧୧ କୋଟି ଟଙ୍କା କାରବାର ହୋଇଛି। ଆକାଉଣ୍ଟରେ ବଳକା ଥିବା ୧୧.୯୧ କୋଟି ଟଙ୍କାକୁ ଇଓଡବ୍ଲ୍ୟୁ ପକ୍ଷରୁ ଫ୍ରିଜ୍ କରାଯାଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଉକ୍ତ ୱେବ୍‌ସାଇଟ୍‌କୁ ଆମେରିକାରେ ପ୍ରସ୍ତୁତ କରାଯାଇଛି। ମାତ୍ର ଏହା ଏବେ ହଂକଂରୁ ପରିଚାଳିତ ହେଉଛି। ୱେବ୍‌ସାଇଟ୍ ଦ୍ୱାରା ଅଧିକ ଲାଭ ଦେବାର ଲୋଭ ଦେଖାଇ ଲୋକଙ୍କୁ ଫସାଯାଇଥାଏ। ଏପରିକି ଏଥିପାଇଁ ବିଭିନ୍ନ ଟାସ୍କ ଦିଆଯାଇଥାଏ। ୧ ହଜାର ଟଙ୍କା ଜମା କଲେ କିଛି ନ କରି ୧୫୦ ଟଙ୍କାର କମିଶନ ଦେଇଥାଏ। ଏଥିସହ ୟୁଟ୍ୟୁବ ଭିଡିଓକୁ ଲାଇକ୍, ଏହାକୁ ସ୍କ୍ରିନଶଟ୍ ନେଇ ଟେଲିଗ୍ରାମ ଚାଟ୍‌ରେ ଶେୟାର କରିବା ଆଦି ଟାସ୍କ ଦିଆଯାଇଥାଏ। ପ୍ରତି ଟାସ୍କରେ ଅତି କମ୍‌ରେ ୟୁପିଆଇ ଦ୍ୱାରା ୧ ହଜାର ଲେଖାଏ ଜମା କରିବାକୁ କୁହାଯାଇଥାଏ। ପରେ ବିଭିନ୍ନ ପର୍ଯ୍ୟାୟରେ କମିଶନ ଦିଆଯାଇଥାଏ। ତେବେ ଏହି ୱେବ୍‌ସାଇଟ ଦ୍ୱାରା ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ବହୁତ ସେଲ୍ କମ୍ପାନୀ ଦ୍ୱାରା ପରିଚାଳନା କରାଯାଉଛି। ସେହିପରି ୱେବ୍‌ସାଇଟରୁ ଲିଙ୍କ୍ ଥିବା ଏକାଧିକ ଆକାଉଣ୍ଟରୁ ଏଚ୍‌ଡିଏଫ୍‌ସିର ୩ଟି ବ୍ୟାଙ୍କ୍ ଆକାଉଣ୍ଟକୁ ୮୫ ଲକ୍ଷ ଟଙ୍କା ଟ୍ରାଞ୍ଜାକସନ ହୋଇଛି। ଏହି ଟଙ୍କାରୁ ୪୧.୨୬ ଲକ୍ଷ ଦୁବାଇରୁ ଉଠାଯାଇଛି। ତେଣୁ ଏହି ଫେକ୍ ୱେବ୍‌ସାଇଟର ମାଷ୍ଟରମାଇଣ୍ଡ ଦୁବାଇରେ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ସମ୍ପୃକ୍ତ ମାଷ୍ଟରମାଇଣ୍ଡଙ୍କୁ ଧରିବା ଇଓଡବ୍ଲ୍ୟୁ ପାଇଁ କାଠିକର ପାଠ ହୋଇଛି।

### ଠକେଇରେ ନ ପଡ଼ିବାକୁ ଇଓଡବ୍ଲ୍ୟୁର ପରାମର୍ଶ

ସାଇବର ଠକମାନେ ଟଙ୍କା ନିବେଶ ଦ୍ୱାରା ଅଧିକ ଲାଭ ଦେବାର ପ୍ରତିଶ୍ରୁତି ଦେଇ ଏଭଳି ଠକେଇ କରୁଛନ୍ତି। ତେଣୁ ସେମାନଙ୍କ ଜାଲରେ ନ ପଡ଼ିବାକୁ ଜନସାଧାରଣଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅତିରିକ୍ତ ଆୟ ଲୋଭ ଦେବା ପାଇଁ ଆସୁଥିବା ହ୍ୱାଟ୍‌ସଆପ୍ ମେସେଜକୁ ଉତ୍ତର ଦିଅନ୍ତୁ ନାହିଁ। ଏହି ହ୍ୱାଟ୍‌ସଆପ୍ ମେସେଜ୍ ସାଧାରଣତଃ ବିଦେଶୀ ନମ୍ବରରୁ ଆସୁଥାଏ। ଏପରିକି ସେମାନେ ସିଧା କଲ୍ ଦ୍ୱାରା କଥା ନ ହୋଇ ଟେଲିଗ୍ରାମ ଓ ହ୍ୱାଟ୍‌ସଆପ୍ ଚାଟ୍ ଦ୍ୱାରା ଫସାଇଥାନ୍ତି। ଏଭଳି ୱେବ୍‌ସାଇଟ ପ୍ରଥମେ କିଛି ଟଙ୍କା କମିଶନ ଦେଇ ବିଶ୍ୱାସ ସୃଷ୍ଟି କରିଥାନ୍ତି। ତେବେ ୨ରୁ ୩ ମାସ ମଧ୍ୟରେ ଉଠାଇବାକୁ ଥିବା ଟଙ୍କା ବ୍ଲକ ହୋଇଯାଇଥାଏ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

## ଖରାଛୁଟି ପାଠପଢ଼ା...

ବାଲେଶ୍ୱର ୧୮୦୦-୩୪୫-୬୮୧୦, ବରଗଡ଼ ୧୮୦୦-୩୪୫-୬୮୦୭, ଭଦ୍ରକ ୧୮୦୦-୩୪୫-୬୮୧୧, ବଲାଙ୍ଗୀର ୧୮୦୦-୩୪୫-୬୩୫୦, ବୌଦ୍ଧ ୧୮୦୦-୩୪୫-୩୧୪୪, କଟକ ୧୮୦୦-୩୪୫-୯୫୩୪, ଦେବଗଡ଼ ୧୮୦୦-୩୪୫- ୬୮୦୬, ଢେଙ୍କାନାଳ ୧୮୦୦-୩୪୫-୭୫୨୨, ଗଜପତି ୧୮୦୦-୩୪୫-୨୩୮୭, ଗଞ୍ଜାମ ୧୮୦୦-୩୪୫-୨୩୮୬ ଏବଂ ୧୮୦୦-୩୪୫-୨୩୮୫ ନମ୍ବର ଜାରି ହୋଇଛି। ଜଗତ୍‌ସିଂହପୁର ୧୮୦୦-୩୪୫-୯୫୩୨, ଯାଜପୁର ୧୮୦୦-୩୪୫-୯୫୩୩, ଝାରସୁଗୁଡ଼ା ୧୮୦୦-୩୪୫-୬୮୨୦, କଳାହାଣ୍ଡି ୧୮୦୦-୩୪୫- ୭୯୮୨, କନ୍ଧମାଳ ୧୮୦୦-୩୪୫-୩୧୩୩, କେନ୍ଦ୍ରାପଡ଼ା ୧୮୦୦-୩୪୫-୯୫୩୧, କେନ୍ଦୁଝର ୧୮୦୦-୩୪୫-୮୨୮୫, ଖୋର୍ଦ୍ଧା ୧୮୦୦-୩୪୫-୭୬୬୨, କୋରାପୁଟ ୧୮୦୦- ୩୪୫-୧୭୦୭, ମାଲକାନଗିରି ୧୮୦୦-୩୪୫-୧୭୦୩, ମୟୂରଭଞ୍ଜ ୧୮୦୦-୩୪୫- ୭୫୬୩ ଏବଂ ୧୮୦୦-୩୪୫-୭୫୬୨ ନମ୍ବର ରହିଛି। ସେହିପରି ନବରଙ୍ଗପୁର ୧୮୦୦-୩୪୫-୧୭୧୦, ନୟାଗଡ଼ ୧୮୦୦-୩୪୫-୭୬୬୩, ନୂଆପଡ଼ା ୧୮୦୦-୩୪୫-୭୯୮୧, ପୁରୀ ୧୮୦୦-୩୪୫-୭୬୬୧, ରାୟଗଡ଼ା ୧୮୦୦-୩୪୫-୧୭୦୯, ସମ୍ବଲପୁର ୧୮୦୦-୩୪୫-୬୮୨୧, ସୁବର୍ଣ୍ଣପୁର ୧୮୦୦-୩୪୫- ୬୩୪୮, ସୁନ୍ଦରଗଡ଼ ଜିଲା ଲାଗି ୧୮୦୦-୩୪୫-୭୪୭୯ ଏବଂ ୧୮୦୦-୩୪୫-୭୪୮୦ ନମ୍ବର ଜାରି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଶୁଭଚନ୍ଦ୍ର ଯୋଗୁ କାମଗୁଡ଼ିକ ସୁବିଧାରେ ଓ ସୁରୁଖୁରୁରେ ହୋଇଯିବ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ**
ବନ୍ଧୁମାନଙ୍କ ସହ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଭୁଲ୍ ବୁଝାମଣା ଯୋଗୁ ସାଧାରଣ ଘଟଣାକୁ ଦୁର୍ଘଟଣା ମନେକରିବେ ଓ ଚିନ୍ତିତ ରହିବେ।

**ମିଥୁନ**
ପାରିବାରିକଶାନ୍ତି ଏବଂ କାର୍ଯ୍ୟସିଦ୍ଧି ସକାଶେ ଚନ୍ଦ୍ରଙ୍କ କେନ୍ଦ୍ରସଂସ୍ଥାନ ସାହାଯ୍ୟ କରିବ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବେ। ମନୋରଞ୍ଜନ ପ୍ରୀତିପ୍ରଦ ହେବ ଓ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କଳା, ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ**
କର୍ମକ୍ଷେତ୍ରରେ ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ କୌଣସି ନୂତନ କର୍ମାରମ୍ଭର ଯୋଜନା ମଧ୍ୟ କରିବେ। ଗୃହୋପଯୋଗୀ ଜମିଜମା ସମ୍ପର୍କିତ କଥାରେ ଅଗ୍ରଗତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବାର ସୁଯୋଗ ପ୍ରାପ୍ତି ହେବ।

**ସିଂହ**
ଅନ୍ୟ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ବୁଝିବ। ପାରିବାରିକ ସ୍ତରରେ କିଛି ନା କିଛି ଅସୁବିଧା ସୃଷ୍ଟି ହୋଇପାରେ। ଉତ୍ତରା–ଫାଲଗୁନୀ ନକ୍ଷତ୍ରର ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ, ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆଜି ହିଁ ସମାଧାନ ହୋଇଯିବ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଭଲ ଓ ମନ୍ଦ ମଧ୍ୟରେ ପାରିବାରିକ ସଦ୍ଭାବ ପ୍ରାୟତଃ ଅକ୍ଷୁଣ୍ଣ ରହିବ।

**ତୁଳା**
ଆଜି ବିଭିନ୍ନ ପ୍ରକାର କାମ ହାତକୁ ନେଇ ବିଶ୍ରାମହୀନ କାମ କରିବେ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ସରକାରୀ ସ୍ତରରେ କୌଣସି ଖବର ପାଇ ବହୁତ ଖୁସି ହୋଇଯିବେ। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**
କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯିବ। ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅନୁରାଧା ନକ୍ଷତ୍ର ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଅନ୍ୟମନସ୍କତା କିମ୍ବା ଅସାବଧାନ ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ।

**ଧନୁ**
ସ୍ଥଗିତକାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଅଫିସିଆଲି କାମରେ ଟେନ୍‌ସନ୍ କିଛି ମାତ୍ରାରେ ବଢ଼ିଯିବ। ବିଭିନ୍ନ ପ୍ରକାରର ସମସ୍ୟା ରହିଥିବା କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ଉପୁଜିପାରେ। ସାମାଜିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**ମକର**
ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନତୁବା କୌଣସି ଜିନିଷ ହଜିଯାଇପାରେ। କ୍ରନିକ୍ ରୋଗରେ ପୀଡ଼ା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃ ସମ୍ପର୍କ ହାନି ଘଟିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପରକ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ**
ପରିସ୍ଥିତିକୁ ସାମ୍ନା କରିବାରେ ଅଧୈର୍ଯ୍ୟ ହେବା ସହ ଅଯଥା ଗୁଡ଼ାଏ କଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅବଶ୍ୟ ସଭା ସମିତି, ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ**
ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭୁଲ୍ ବୁଝାମଣା ଜନିତ ମତଭେଦ କାରଣରୁ ସାଧାରଣ କଥାରେ ବେଶି ବିବ୍ରତ ଅନୁଭବ କରିବେ।

ଆଜି ବୈଶାଖ ଶୁକ୍ଳ ତ୍ରୟୋଦଶୀ ବୁଧବାର, ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ। ରାଶିନକ୍ଷତ୍ର–ହସ୍ତା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୦ମି. ଗତେ ଘ.୦୭.୦୨ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

झारखण्ड सरकार
GOVERNMENT OF JHARKHAND

# झारखण्ड के इतिहास में पहली बार शिक्षा क्रांति में जुड़ा नया आयाम

# 80 उत्कृष्ट विद्यालय का हुआ शुभारंभ

**प्रवेश प्रारंभ**

325 प्रखण्ड स्तरीय आदर्श विद्यालय | 4,091 ग्राम पंचायत स्तरीय आदर्श विद्यालय

- अत्याधुनिक आधारभूत संरचना
- डिजिटल स्मार्ट क्लास
- CBSE मान्यता प्राप्त अंग्रेजी माध्यम स्कूल
- सूचना प्रौद्योगिकी का मजबूत ढांचा
- विज्ञान एवं भाषा लैब्स
- राष्ट्रीय स्तर का खेल प्रशिक्षण






हेमन्त सोरेन
मुख्यमंत्री, झारखण्ड

PR-296376 (IPRD) 2023-24

सूचना एवं जनसंपर्क विभाग, झारखण्ड सरकार

ଯେଉଁମାନେ ଶାସନକ୍ଷମତାର ଅଧିକାରୀ- ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି- ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। **-ଶ୍ରୀମା**

# କଳା ପାଇଁ ବିପତ୍ତି

କଶ୍ମୀର ପଣ୍ଡିତମାନଙ୍କ ନିର୍ଯାତନା ଏବଂ ସେମାନଙ୍କ ସଂଘର୍ଷକୁ ନେଇ କଶ୍ମୀର ଫାଇଲ୍ସ ସିନେମା ପ୍ରସ୍ତୁତ ହୋଇଥିଲା ବୋଲି କୁହାଯାଉଛି। ବିବେକ ଅଗ୍ନିହୋତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ସିନେମା ଅତ୍ୟନ୍ତ ବିବାଦୀୟ ହୋଇଯାଇଥିଲା। ସମାଲୋଚକଙ୍କ ଅନୁସାରେ ଏହି ସିନେମା ଜନମତକୁ ପ୍ରଭାବିତ କରିବାର ମନ୍ଦ ଉଦ୍ଦେଶ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଫିଲ୍ମର ଉଷ୍ମତା ନ ଥମୁଣୁ ଏବେ 'ଦି କେରଲା ଷ୍ଟୋରି' ସିନେମା ପୁଣି ଗୋଟିଏ ଝଡ଼ ସୃଷ୍ଟି କରିଛି। ବିପୁଲ ଅମୃତଲାଲ ଶାହାଙ୍କ ପ୍ରଯୋଜିତ ଏବଂ ସୁଦିପ୍ତୋ ସେନଙ୍କ ନିର୍ଦ୍ଦେଶିତ ଉକ୍ତ ସିନେମା ମେ ୫ ରେ ପରଦାକୁ ଆସିବାକୁ ଅଛି। କିନ୍ତୁ ଏପ୍ରିଲ ୨୬ରେ ଦି କେରଲା ଷ୍ଟୋରିର ଟ୍ରେଲର ରିଲିଜ ହେବା ପରେ ଏହା ଉପରେ ନିଷେଧାଦେଶ ଜାରି କରିବାକୁ କଂଗ୍ରେସ, ସିପିଏମ୍ ଭଳି ରାଜନୈତିକ ଦଳଗୁଡ଼ିକ ଦାବି କରିଛନ୍ତି। ଏଥିରେ ମୁସଲମାନମାନଙ୍କୁ ନ୍ୟୂନ୍ କରି ଦେଖାଯାଇଥିବା ଅଭିଯୋଗ କରାଯାଇଛି। ସିନେମାରେ ଦର୍ଶାଯାଇଛି ଯେ, କେରଳରୁ '୩୨,୦୦୦' ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅଙ୍କୁ ଧର୍ମାନ୍ତରିତ କରି ଇସ୍‌ଲାମିକ ଷ୍ଟେଟ (ଆଇଏସ୍‌ଆଇଏସ୍) ଦଖଲରେ ଥିବା ଅଞ୍ଚଳକୁ ପଠାଇ ଇରାକ ଓ ସିରିଆରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ କରାଯାଇଛି। ଏହିସବୁ ତଥ୍ୟର ସତ୍ୟାସତ୍ୟକୁ ନେଇ ପ୍ରଶ୍ନ ଉଠିଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଦି କେରଲା ଷ୍ଟୋରି ଫିଲ୍ମକୁ ସଂଘ ପରିବାରର ପ୍ରୋପାଗଣ୍ଡା ବୋଲି କହିଛନ୍ତି। ସେ ଏହାକୁ ମୁସଲମାନ ବିରୋଧୀ ଓ ସାମ୍ପ୍ରଦାୟିକ ଧ୍ରୁବୀକରଣର ଆଖ୍ୟା ଦେଇଛନ୍ତି। କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ ସାଂସଦ ଶଶୀ ଥରୁର କହିଛନ୍ତି ଯେ, ଦି କେରଲା ଷ୍ଟୋରି ତୁମ ଷ୍ଟୋରି ହୋଇଥିବ, ଏହା ଆମ କେରଳର କାହାଣୀ ନୁହେଁ। ଉକ୍ତ ଫିଲ୍ମକୁ ନେଇ କେରଳରେ ତୀବ୍ର ପ୍ରତିବାଦ ଦେଖାଦେଇଥିବାବେଳେ ଏହାକୁ କଶ୍ମୀର ଫାଇଲ୍ସ ସହ ତୁଳନା କରାଯାଇଛି। ନବେ ଦଶକର ପ୍ରାରମ୍ଭରେ କଶ୍ମୀର ପଣ୍ଡିତମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ବିସ୍ଥାପନ ଘଟଣାର ୩ ଦଶନ୍ଧି ପରେ ଫିଲ୍ମ ମାଧ୍ୟମରେ ଉପସ୍ଥାପନ ସଂଖ୍ୟାଲଘୁଙ୍କ ପ୍ରତି ଘୃଣା ଭାବ ସୃଷ୍ଟି କରାଯିବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ଉଠିଥିଲେ ମଧ୍ୟ ଶେଷରେ ତାହା ରିଲିଜ ହୋଇଥିଲା। ଏପରିକି ଭାଜପାର ଅନେକ ନେତା ବ୍ୟକ୍ତିଗତ ସ୍ତରରେ ସ୍ୱତନ୍ତ୍ର ସ୍କ୍ରିନିଂର ଆୟୋଜନ କରି ତାହାର ପ୍ରଚାରକ ପାଲଟିଥିଲେ।

ଦି କେରଲା ଷ୍ଟୋରି ରିଲିଜ ହେବାକୁ ଆଉ ଦୁଇ ଦିନ ବାକି ଅଛି। ତେବେ ଉକ୍ତ ଫିଲ୍ମ ଉପରେ ପ୍ରତିବନ୍ଧକ ଜାରି କରିବା ଲାଗି ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନର ତୁରନ୍ତ ଶୁଣାଣି କରିବାକୁ କୋର୍ଟ ମନା କରିଦେଇଛନ୍ତି। କଂଗ୍ରେସର ପୂର୍ବତନ ନେତା ତଥା ବରିଷ୍ଠ ଆଡଭୋକେଟ କପିଲ ସିବଲ ଏବଂ ଆଡଭୋକେଟ ନିଜାମ ପାଶା ସୁପ୍ରିମକୋର୍ଟରେ ଦି କେରଲା ଷ୍ଟୋରି ଉପରେ ପ୍ରତିବନ୍ଧକ ଲଗାଇବାକୁ ଅନୁରୋଧ କରି ଏହି ଚଳଚ୍ଚିତ୍ର ଘୃଣାର ବକ୍ତବ୍ୟକୁ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ଆଣିଥିଲେ। ଏହା ଉପରେ କୋର୍ଟ ଉଭୟ ଓକିଲଙ୍କୁ କହିଛନ୍ତି ଯେ ଫିଲ୍ମ ସାର୍ଟିଫିକେଟ ପ୍ରକ୍ରିୟା ଦେଇ ଗତି କରିଛି। ଆମେ ଏହାକୁ ଘୃଣା ଭାଷଣର ଏକ ଅଂଶ ଭାବରେ ବିବେଚନା କରିପାରିବୁ ନାହିଁ। ଏଣୁ କଶ୍ମୀର ଫାଇଲ୍ସ ଭଳି ଦି କେରଲା ଷ୍ଟୋରି ରିଲିଜ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଉକ୍ତ ଫିଲ୍ମ ଉପରେ ରାଜନୈତିକ ପ୍ରତିକ୍ରିୟାଗୁଡ଼ିକ ସରକାରଙ୍କ ସଂଖ୍ୟାଲଘୁ କୈନ୍ଦ୍ରିକ ନକାରାତ୍ମକ ମନୋଭାବକୁ ପ୍ରକାଶ କରୁଥିବା ଜଣାପଡୁଛି। ଦେଶର ଅଭ୍ୟନ୍ତରୀଣ ସୁଧାର ଉପରେ ମନ ନ ଲଗାଇ ସଂଖ୍ୟାଲଘୁଙ୍କ ବିରୋଧରେ ମତ ସୃଷ୍ଟି କରିବା ଭାଜପାର ଏକ ନୀତି ହୋଇଯାଇଥିବା ଭଳି ମନେହେଉଛି। ନାଗରିକ ସଂଶୋଧନ ଆଇନ(ସିଏଏ)ଠାରୁ ଆରମ୍ଭ କରି ତଲାକ, ହିଜାବ ଓ ନମାଜ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବିଭାଜନକାରୀ ରାଜନୀତି ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ , ସିଏଏ ଲାଗୁ କରିବାରେ ସରକାର ବିଫଳ ହୋଇଥିଲେ ମଧ୍ୟ ସେ ସମୟରେ ଦେଶବ୍ୟାପୀ ପ୍ରତିବାଦରୁ କିଛି ଶିକ୍ଷା ଲାଭ କରିଥିବା ଭଳି ମନେହେଉନାହିଁ। ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ହୋଇଥିବା ଭାରତରେ ଏବେ ବେରୋଜଗାର ଅଧିକ ଥିବାବେଳେ ଆର୍ଥିକ ସଂସ୍କାର ବଦଳରେ ନାଗରିକ ପୃଥକୀକରଣ ଚିନ୍ତାଧାରା କ୍ଷତି ପହଞ୍ଚାଉଛି। ବିବିଧତା ଓ ଅଖଣ୍ଡତାର ମନ୍ତ୍ରକୁ ପାଥେୟ କରୁଥିବା ଭାରତ ଯଦି ତା'ର ନାଗରିକମାନଙ୍କୁ ସମାନ ଭାବେ ଦେଖି ନ ପାରିବ, ତେବେ ଗଣତନ୍ତ୍ରର ଅଧୋଗତି ହେବାର ଆଶଙ୍କା ଉପୁଜିବ। ବହୁ ସମୟରେ ଦେଶର ଏଭଳି ଚିନ୍ତାଧାରା ଓ କାର୍ଯ୍ୟକଳାପ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ସ୍ୱର ଉଠିବା ଲକ୍ଷ୍ୟ କରାଯାଉଛି। ଏପରିକି ଭାରତ ଦ୍ୱାରା ଆୟୋଜିତ ୨୦୨୨ ଗୋଆ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ପ୍ରଦର୍ଶିତ ହୋଇଥିବା କଶ୍ମୀର ଫାଇଲ୍ସକୁ ତୀବ୍ର ଭାଷାରେ ନିନ୍ଦାକରି ଜୁରିର ଚେୟାରପର୍ସନ ତଥା ଇସ୍ରାଏଲର ଚଳଚ୍ଚିତ୍ର ନିର୍ମାତା ନଦାଭ ଲାପିଡ୍ ତାହାକୁ ଅଶ୍ଳୀଳ ଓ ପ୍ରଚାରଧର୍ମୀ ସିନେମା ବୋଲି କହିଥିଲେ। ଏହିମତ ସହ ଜୁରି ଏକମତ ହୋଇଥିଲେ। କୌତୂହଳର ବିଷୟ, ସେହି ଜୁରିର କେବଳ ମାତ୍ର ଜଣେ ଭାରତୀୟ ସିନେମା ନିର୍ଦ୍ଦେଶକ ସୁଦିପ୍ତୋ ସେନ୍ ଏହି ସମାଲୋଚନାକୁ ଲାପିଡ୍‌ଙ୍କର ବ୍ୟକ୍ତିଗତ ମତ ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ, ସେହି ସୁଦିପ୍ତୋ ସେନ ଏବକାର ବିବାଦୀୟ ଦି କେରଲା ଷ୍ଟୋରିର ନିର୍ଦ୍ଦେଶକ। ହିନ୍ଦୀ ସିନେମା ଜଗତକୁ ନିଜର ପ୍ରଚାର ପ୍ରସାର ପାଇଁ କାମରେ ଲଗାଇବା ମୋଦି ସରକାରଙ୍କର ଏକ ଅଘୋଷିତ କୌଶଳ ହୋଇଗଲାଣି। ନିକଟରେ ମୋଦିଙ୍କର ୧୦୦ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବଲିଉଡ୍‌ର ବହୁ କଳାକାର ଯୋଗଦେଇଥିଲେ। କେବଳ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ନିମନ୍ତ୍ରଣ ସତ୍ତ୍ୱେ ସେ ଯୋଗଦେଇ ନ ଥିବା କୁହାଯାଉଛି।

ସାଧାରଣରେ ଦେଖାଯାଇଥାଏ, ଏକଛତ୍ରବାଦୀ ନେତାମାନେ କଳା, ସଂସ୍କୃତି, ଶିକ୍ଷା ଓ ଗଣମାଧ୍ୟମକୁ ଆୟତ୍ତ କରି ତା' ମାଧ୍ୟମରେ ଏକଛତ୍ରବାଦ ଚିନ୍ତାଧାରାର ମଞ୍ଜି ଲୋକଙ୍କ ମନରେ ପୋତିଥାନ୍ତି। ଭାରତରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ହିନ୍ଦୀ ଚଳଚ୍ଚିତ୍ର ମାଧ୍ୟମରେ ତାହାର ସିଦ୍ଧାନ୍ତ ଓ ଉଦ୍ଦେଶ୍ୟକୁ ଆଗେଇନେବାର ଚେଷ୍ଟା ଚଳାଇଛି। ଏହିଭଳି ପ୍ରୟାସ ନା ଯେ କେବଳ ଗଣତନ୍ତ୍ର ପାଇଁ ବିପଜ୍ଜନକ, କଳାଜଗତ ଲାଗି ମଧ୍ୟ ଏକ ବିପତ୍ତିର ସଙ୍କେତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 5 |
| | | 1 | | | | | | |
| | | | 1 | | 8 | | | 9 |
| | 2 | | | 8 | 6 | | | |
| 6 | | | | 4 | | | 9 | 1 |
| | 4 | | | | | 7 | | |
| 4 | 9 | | 3 | | 7 | | | |
| | | 6 | | | | | | |
| | 3 | | 9 | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 1 | 7 | 3 | 8 | 6 | 9 | 4 |
| 4 | 7 | 8 | 5 | 9 | 6 | 1 | 3 | 2 |
| 6 | 3 | 9 | 2 | 1 | 4 | 5 | 8 | 7 |
| 5 | 1 | 4 | 3 | 2 | 9 | 8 | 7 | 6 |
| 3 | 8 | 7 | 4 | 6 | 1 | 9 | 2 | 5 |
| 9 | 2 | 6 | 8 | 5 | 7 | 3 | 4 | 1 |
| 1 | 6 | 2 | 9 | 4 | 3 | 7 | 5 | 8 |
| 8 | 9 | 5 | 6 | 7 | 2 | 4 | 1 | 3 |
| 7 | 4 | 3 | 1 | 8 | 5 | 2 | 6 | 9 |

ଗତ ସଂସ୍କରଣର ଉତ୍ତର

# କୃତ୍ରିମ ବୁଦ୍ଧିର ଆତଙ୍କ ଅଯୌକ୍ତିକ



ସହଦେବ ସାହୁ

ଲୋକେ କହୁଛନ୍ତି କୃତ୍ରିମ ବୁଦ୍ଧି (କୃବୁ) (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ) ମଣିଷକୁ ଖତମ କରିଦେବ। କୃବୁ ଗବେଷଣାରେ ଲାଗିଥିବା କେତେକ ବୈଜ୍ଞାନିକ ବି ଏ ଆଶଙ୍କା କରୁଛନ୍ତି। ୧୯୫୦ ଦଶକରେ ଏ ପଦ ବା ଶବ୍ଦର ସୃଷ୍ଟି, ସେତେବେଳେ କମ୍ପ୍ୟୁଟରର ଜନ୍ମ ହେଉଥିଲା। ତା'ର କରାମତି ଏତେ ବଢ଼ିଯିବ ଯେ ମଣିଷ ସମାଜକୁ ସମ୍ପୂର୍ଣ୍ଣ ଧ୍ୱଂସ ନ କଲେ ବି ପ୍ରଭୂତ କ୍ଷତି କରିବ ବୋଲି ସେମାନେ କହୁଛନ୍ତି। କେମିତି ଘଟିବ ପଚାରିଲେ ସେମାନେ କହୁଛନ୍ତି, ପ୍ରଥମେ ଏହା ମଣିଷକୁ ପଙ୍ଗୁ (ପାରାଲିସିସ୍ ଭୋଗିଲା ଭଳି) କରିଦେବ। ଏତେଶୀଘ୍ର ବିକାଶ ଘଟିବ ଯେ ସୁଁ କରି ଆମ ପାଖ ଦେଇ ଚାଲିଯିବ, କ'ଣ ଘଟୁଛି ଆମେ ଜାଣିପାରିବା ନାହିଁ। ଏବେ ଏବେ ଜିପିଟି-୪ (GPT-4) ଭଳି ମଡେଲ୍ ଆସିଲା ପରେ ଲୋକେ ଡରିଗଲେଣି, କୃବୁ ଉପରେ ରୋକ୍ ଲଗାହେଉ ବୋଲି କେତେକ ବୈଜ୍ଞାନିକ ବି ଦାବି କଲେଣି। କେତେକ କହୁଛନ୍ତି କୃବୁ ମଣିଷ ସଭ୍ୟତାକୁ ଧ୍ୱଂସ କରିଦେବ।

କୃବୁ ନୂଆ ଟେକ (ଟେକ୍ନୋଲୋଜି) ନୁହେଁ। ଏ ସାମାଜିକ ସହାବସ୍ଥାନର ଏକ ଅଭାବନୀୟ ରୂପ। ଚାଟ୍-ଜିପିଟି-୪ ଆମ ଆଦେଶ ଅନୁଯାୟୀ ବାକ୍ୟ ଲେଖିପାରେ, ଅନ୍‌ଲାଇନ୍ ଛବି ବି ଆଣିପାରେ। ଉଭୟ କ୍ଷେତ୍ରରେ ଆଗରୁ ମଣିଷ ଏ ଲେଖା ଓ ଏ ଛବି ତିଆରି କରିସାରିଛି ଓ ଇଣ୍ଟରନେଟ୍‌ରେ ଛାଡ଼ିଛି, ଯାହାକୁ ଜିପିଟି-୪ ସଫ୍ଟୱେର୍ ଖୋଜି ବାହାରକରୁଛି ଓ କାମରେ ଲଗାଉଛି। ଯାହା ଇଣ୍ଟରନେଟ୍‌ରେ ନ ଥିବ ତାହା କୃବୁ ଆଣିପାରିବନାହିଁ (ଯେମିତି ସାଇବାବା ବିଷୟରେ ସମାଲୋଚକମାନେ କହୁଥିଲେ, ଯାହା ଦୁନିଆରେ ନାହିଁ କି ପଦାର୍ଥ ବିଦ୍ୟା ଦ୍ୱାରା ସମ୍ଭବ ନୁହେଁ ତାହା ତାଙ୍କ ହାତମୁଠାରୁ ବାହାରିବ ନାହିଁ)। ଯେଉଁ ପ୍ରୋଗ୍ରାମର୍ ମସ୍ତିଷ୍କରେ ଏ ନୂଆ ସଫ୍ଟୱେର୍ ବାହାରିଛି ସେ ଖୋଜାଖୋଜି କରି ସଜାଇବା କାମ କେମିତି ହେବ ତା'ର ଗାଣିତିକ ସୂତ୍ର ତିଆରି କରିଛି, ଏ ଏକ ନୂଆ ମସ୍ତିଷ୍କର କାମ ନୁହେଁ। ସାଧାରଣ ମଣିଷକୁ ଖୋଜିବାକୁ ଯାହା ସମୟ ନିଅନ୍ତା ତାହା ଏହି ସଫ୍ଟୱେର୍ ଆଖିପିଛୁଳାକେ କରିପକାଉଛି। ତା' ପୁଣି ମନଲୋଭା ଆକାରରେ!

ଏ ଏକ ନୂଆ ଟେକ୍(ଟେକ୍ନୋଲୋଜି) ନୁହେଁ କି କାହାରି ସାହାଯ୍ୟ ନ ନେଇ କାମ କରିପାରୁଥିବା ଜିନିଷ ନୁହେଁ। ଏଭଳି ଭାବିଲେ କୃବୁ ରହସ୍ୟମୟ ଲାଗିବ ନାହିଁ। ୯୦୦୦ ବା ତଦ୍ରୂପ କମାଣ୍ଡର ଡାଟା ମିଳିମିଶି କୃବୁ କାମ କରେ। ମିଳିମିଶି କାମ ନ କଲେ ଅଦ୍ଭୁତ ଫଳ ବାହାରିବ, ତେଣୁ ବିପଦପୂର୍ଣ୍ଣ ପରିସ୍ଥିତି ଆଣିପାରେ। କିନ୍ତୁ ଆମେ ସହଜରେ କହିପକାଉ- ନୂଆ ବ୍ୟବସ୍ଥାରେ ବୁଦ୍ଧି ଅଛି। ଏଥିରେ ନୂତନ ଅବସ୍ଥା ସହିତ ଖାପ ଖୁଆଇବାର ସାମର୍ଥ୍ୟ ଅଛି ଓ ଅନିଶ୍ଚିତତା ଅଛି। ପ୍ରକାଣ୍ଡକାୟ ପାଠ ଭିତରେ କେତେଗୁଡ଼ିଏ ଶବ୍ଦ କିପରି ଯୋଡ଼ି ହୋଇପାରେ ଓ ଆମ ମନକୁ ପାଉଥିବା ଅଥଚ ଆମେ ସହଜରେ ବା କମ୍ ସମୟରେ ଭାବିପାରୁ ନ ଥିବା ଶବ୍ଦସମୂହ ଦର୍ଶାଇପାରେ। ତାହା ଆମକୁ ଅଜବ ଲାଗେ, ଆମେ ଏକ ଅଶରୀରୀ ସୂତ୍ରରୁ କଥାଟା ଆସିଛି ବୋଲି ଭାବିନେଉ। ଗ୍ରନ୍ଥ ଆକାରର ପ୍ରକାଣ୍ଡ ତାଲିକାକରଣ, ଯେଉଁଥିରେ ବ୍ୟାକରଣଗତ ଓ ବାକ୍ୟ ଗଠନଗତ ସଂଯୋଜନା ସୁନ୍ଦର ଭାବେ ପ୍ରକାଶ ପାଏ, ଆମକୁ ଆଶ୍ଚର୍ଯ୍ୟ କରେ, ଆମେ ତାକୁ ମଣିଷ ବୁଦ୍ଧିର ବାହାରେ ବୋଲି ଭାବିନେଉ। କିନ୍ତୁ ପ୍ରକୃତରେ ତା' ମଣିଷ ବୁଦ୍ଧିରୁ ଜନ୍ମ ନେଇଛି। ରଚୟିତା ବା ପ୍ରାବନ୍ଧିକର ଶୈଳୀ ଏମିତି ଦେଖାଏ ଯେ ତା' ଆମକୁ ଅଜବ ଲାଗେ। ତୁମେ ଯେତେବେଳେ କେତେଗୁଡ଼ିଏ ଶବ୍ଦକୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜେଇ କମ୍ପ୍ୟୁଟରରେ ପୂରାଅ ଓ କମ୍ପ୍ୟୁଟରଠାରୁ ଉତ୍ତର ଚାହଁ, କୃବୁ କମ୍ପ୍ୟୁଟରରେ ଥିବା କୋଟି କୋଟି ମଡେଲ ଭିତରୁ ଖୋଜି ବାହାରକରେ- ପ୍ରତିଥର ଖୋଜିବା ବେଳେ ନୂଆ ନୂଆ ଉତ୍ତର ଆସେ- ଯେଉଁ କାମଟା ଜଣେ ମଣିଷକୁ ସପ୍ତାହ ସପ୍ତାହ କି ବର୍ଷ ବର୍ଷ ଲାଗିପାରେ। ପୁଣି ପ୍ରତିଥର ନୂଆ କହିବ, ରିପିଟ୍ କରିବନି – ତା' ଜୀବନ୍ତ ଲାଗେ। ତୁମେ ଯେତେବେଳେ ନୂଆ ଛବିଟିଏ ଏକ କୃବୁ ସହ ମିଶାଅ ତୁମକୁ ପୁଞ୍ଜାଏ ସମଭାବର ବିକଳ୍ପ ମିଳିପାରେ, ଯହିଁରୁ ତୁମେ ପସନ୍ଦ ଅନୁଯାୟୀ ବାଛିପାର। ତୁମେ ଯଦି ଆଇନ ଛାତ୍ର ହୋଇଥିବ ତ ଗୋଟିଏ ଭଲ ପ୍ରବନ୍ଧ ବାଛିପାର। ତୁମ ପ୍ରଫେସର ତୁମର ଅରିଜିନାଲିଟି ଦେଖି ଭଲ ମାର୍କ ଦେଇପାରେ – ଅର୍ଥାତ୍ ତୁମେ ଠକିପାର। ରିପିଟ୍ ହେଉ ନ ଥିବାରୁ ତୁମ ପ୍ରଫେସରଙ୍କୁ ନୂଆ ବା ଅରିଜିନାଲ୍ ଲାଗିପାରେ। ଏଥିରେ ତୁମର ମୁଣ୍ଡ ଖର୍ଚ୍ଚ ଖୁବ୍‌କମ୍।



ଡାକ୍ତର ପାଖରେ ଥିବା ଲୋକ ତୁମ ପାଇଁ କି ଔଷଧ ଦେବ ଭାବିପାରୁନାହିଁ, କିନ୍ତୁ କମ୍ପ୍ୟୁଟର କହିଦେବ। ଦେଖୁଥିବା ମଣିଷଟା କମ୍ପ୍ୟୁଟରର ଚାକର ହୋଇଯିବ। ଅନ୍ଧାରକଣା ପାଇଁ ରଙ୍ଗ ବାଛିବା କଷ୍ଟକର, କିନ୍ତୁ କୃବୁ ବାଛିଦେବ। ବରପାଲିର ବୁଣାକାରକୁ ନୂଆ ଡିଜାଇନ୍ ଦର୍ଶାଇପାରିବ। ଆମ ଓଡ଼ିଆର ଅନୁବାଦ ଗୁଗଲ୍ କରୁଛି କିପରି ଭାବିଛନ୍ତି କି? ଓଡ଼ିଆ ଭାଷାରେ ଲେଖା ହୋଇଥିବା ପୁସ୍ତକ ଓ ପତ୍ରିକା ସହ ସେଗୁଡ଼ିକର ଯାହାକିଛି ଇଂଲିଶ୍ ଅନୁବାଦ ଇଣ୍ଟରନେଟ୍‌ରେ ଅଛି ସେଗୁଡିକୁ କୃବୁ ଖୋଜି ଖୋଜି କେଉଁ ଓଡ଼ିଆ ଶବ୍ଦର କି ଇଂଲିଶ୍ ଶବ୍ଦ ହୋଇଛି ତାହା ଆଖିପିଛୁଳାକେ ଖୋଜି ପକାଉଛି ଓ ତହିଁରୁ ଯାହା ଯଥା ବୋଲି ଭାବୁଛି/ମନେକରୁଛି ତାକୁ ବସାଇ ଦେଉଛି। ଏବେ ତୁମେ ଫେସ୍‌ବୁକ୍‌ରେ ତୁମକୁ ଶୁଭେଚ୍ଛା ଜଣାଉଥିବା ଇଂଲିଶ୍ ମେସେଜ୍‌କୁ ଇଂଲିଶ୍‌ରେ ଦେଖ ଅଥବା ଇଂଲିଶ୍‌ରେ ପାଇଥିବା ଶୁଭେଚ୍ଛାକୁ ଓଡ଼ିଆରେ ଅନୁଦାଦ କରିବାକୁ ଗୁଗଲ୍‌କୁ କୁହ, ତାହା ଯେପରି ବାହାରିବ ତହିଁରେ ଯେଉଁ ଭୁଲ୍ ଥିବ ତାହା ଇଣ୍ଟରନେଟ୍‌ରେ ଓଡ଼ିଆ ଅନୁବାଦ ସଂଖ୍ୟା ଉପରେ ନିର୍ଭର କରେ। କମ୍‌ସଂଖ୍ୟକ ଅନୁବାଦ ଥିଲେ ଫେସ୍‌ବୁକ୍, ଟୁଇଟର ବା ଲିଙ୍କ୍‌ଡ ଇନ୍ ବା ଆଉ ଯେତେ ସୋସିଆଲ୍ ମିଡିଆ ଅଛି ସବୁଥିରେ ପ୍ରମାଦପୂର୍ଣ୍ଣ ଅନୁବାଦ ବାହାରିବ। ଭିନ୍ନ ଭିନ୍ନ ସୂତ୍ରରୁ ଖୋଜି ଗୁଗଲ୍ ଶବ୍ଦ ବାଛେ, ଯଦି ବାଛିବାର ଭଣ୍ଡାର କମ୍ ତେବେ ପୂର୍ଣ୍ଣତା ପ୍ରାପ୍ତି ହେବନାହିଁ।

ଏ ପ୍ରକାରର ସମ୍ଭାବ୍ୟ ଓଲଟପାଲଟ ସତ୍ତ୍ୱେ ଆମେ ଏ ଯାଏ ବୁଝି ନାହୁଁ ଏ ନୂଆ କୃବୁ ଟେକ୍ନୋଲଜି କୁଆଡେ ନେବ। ସେଥିଲାଗି ଆମ ଭିତରୁ ଅନେକ ଚାହୁଁଛନ୍ତି କୃବୁ କାମରେ ରୋକ ଲଗାଯାଉ। ଧାରଣା ଯେ ରୋକ ଲଗାଯାଇଥିବା ସମୟରେ କିଛି ନୀତି ନିର୍ଦ୍ଧାରଣ କରିହେବ। ରୋକ ସମୟ କେତେ ଦୀର୍ଘ ହେବ। ଏଥିରେ ସବୁ ବୈଜ୍ଞାନିକ ସମ୍ମତ ନୁହନ୍ତି। ଏ ସବୁ ଚେଷ୍ଟା ନିରର୍ଥକ। କମ୍ପ୍ୟୁଟର ଆମକୁ ମାନିପୁଲେଟ୍ କରୁ ତା ଆମେ ଚାହୁଁ ନାହୁଁ। ଖରାପ କୃବୁ ବାୟାସ୍‌ରେ କାମ ନ କରୁ, ଏ ବାୟାସ୍ ତ ପ୍ରୋଗ୍ରାମର୍‌ର ମାନସିକ ସ୍ଥିତିରୁ ଆସିଥାଏ। ନିରପେକ୍ଷ ପ୍ରୋଗ୍ରାମର୍ ବା ସାଧୁପ୍ରତିମ ପ୍ରୋଗ୍ରାମର୍ ପାଇବା ଅସମ୍ଭବ। ଦ୍ୱିତୀୟ କଥା ସେଫ୍ଟି ବା ନିରାପତ୍ତା – ତୃତୀୟ ହେଉଛି ନ୍ୟାୟପୂର୍ଣ୍ଣ (ଫେଆର୍‌ନେସ୍) ସଫ୍ଟୱେୟାର୍। ଲାଭ ମନୋବୃତ୍ତି ବା କମ୍ପାନୀମାଲିକର ଠକିବା ମନୋବୃତ୍ତି କୃବୁକୁ ଭୁଲ ବାଟରେ ନେଇପାରେ। କୃବୁରେ ଚାଳିତ ରୋବଟ୍‌କୁ ଜଣେ ମାନିଆକ୍ କଣ୍ଟ୍ରୋଲ କରିପାରେ, ଆତତାୟୀ ହାତରେ ବା ତାଲିବାନ ହାତରେ କୃବୁ ପରିଚାଳିତ ରୋବଟ୍ ପଡ଼ିପାରେ – ଯେପରି ପରମାଣୁ ଅସ୍ତ୍ର। ଚାଟ୍ ଗୋଟିଏ ବ୍ୟୁରୋକ୍ରାଟ୍ ଭଳି କାମ କରିବ – ଫର୍ମାଲ୍। ଯାହା ଶିଖିଥିବ ତା କରିବ, କମ୍ପ୍ୟୁଟର ଭିତରୁ ବାହାରକୁ ଡେଇଁ ପଡିବ ନାହିଁ, ତେଣୁ ସାମନାରେ ଥିବା ମଣିଷକୁ ଧରି ପକାଇବାର ବା ବିଶ୍ୱସାରା ମାଡିଯିବାର ଭୟ ନାହିଁ। ମଣିଷ ଯନ୍ତ୍ରକୁ ଅଫ୍ କରିଦେଲେ ସବୁ ବନ୍ଦ ହୋଇଯିବ – ଏ କଥା ଆମେ କମ୍ପ୍ୟୁଟର ବାହାରିବା ଦିନଠାରୁ ଜାଣିଛୁ।

sahadevas@yahoo.com

# ସମୁଦ୍ର ମାଡ଼ିଆସିବ



ନରେନ୍ଦ୍ର ସେଠୀ

'ବାଇଶି ପାହାଚେ ଖେଳିବ ମୀନ' ଏକଥା ମାଳିକାରେ ଲେଖା ଅଛି। ଅର୍ଥାତ୍ ଶ୍ରୀମନ୍ଦିର ଭିତର ଯାଏ ସମୁଦ୍ର ପାଣି ମାଡ଼ି ଆସିବ ବୋଲି ମାଳିକାରେ ବର୍ଣ୍ଣନା ଅଛି। ଏହା ଏକ ଭବିଷ୍ୟତ ବାଣୀ ହୋଇପାରେ। ପାଞ୍ଚଶହ ବର୍ଷ ପୂର୍ବରୁ ଏପରି ଭବିଷ୍ୟତ ବାଣୀ କରିଥିବା ଓ ସେହି ଯୁଗପୁରୁଷମାନେ କେତେ ସତ କହିଛନ୍ତି ତାହାକୁ ବିଜ୍ଞାନର ନିକିତିରେ ତଉଲି ଦେଖିବାର ବେଳ ଆସିଛି। ଏହି ବାଣୀ ଅନୁସାରେ ସମୁଦ୍ର ପାଣି ଦିନେ ମାଡ଼ି ଆସିବ ଓ ଉପକୂଳବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହୋଇଯିବ ଏହା କେତେଦୂର ସତ୍ୟ ଆସନ୍ତୁ ତର୍ଜମା କରିବା। ସମୁଦ୍ରରେ ପାଣିର ସ୍ତର ବଢ଼ିଲେ ଏହା କୂଳ ଲଙ୍ଘନ କରିବ, ତା'ମାନେ ସମୁଦ୍ରରେ ବର୍ତ୍ତମାନ ଗଚ୍ଛିତ ପାଣିର ମାତ୍ରା ବଢ଼ିଲେ ହିଁ ଏହା କୂଳ ଲଙ୍ଘନ କରିବ। ସମୁଦ୍ରରେ ଥିବା ଜଳର ସ୍ତର ସେତିକିବେଳେ ବଢ଼ିବ ଯେତେବେଳେ ଗ୍ଲେସିୟରରେ ଥିବା ବରଫଗୁଡ଼ିକ ତରଳିବ। ଅର୍ଥାତ୍ ଗ୍ଲେସିୟର ତରଳିବା ହିଁ ଉପକୂଳବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବାର ମୁଖ୍ୟ କାରଣ। ତେବେ ଗ୍ଲେସିୟର ତରଳିବାର ମୁଖ୍ୟ କାରଣ ହେଲା ବିଶ୍ୱ ତାପମାତ୍ରାରେ ବୃଦ୍ଧି ପାଇବା ବା ପୃଥିବୀ ଉତ୍ତପ୍ତ ହେବା। ପୃଥିବୀ ଇତିହାସରେ ସମୟ ସହିତ ଏହା ଅନେକ ଥର ଉତ୍ତପ୍ତ ଓ ଶୀତଳ ହେବାର ଦେଖାଦେଇଛି। ନିଜ ଅକ୍ଷ ଚାରିପଟେ ବୁଲିବା ବେଳେ ସାମାନ୍ୟ ବ୍ୟତିକ୍ରମ ଯୋଗୁ କିମ୍ବା ସୂର୍ଯ୍ୟଠାରୁ ଗ୍ରହଣ କରୁଥିବା ସୌରଶକ୍ତିର ମାତ୍ରାରେ ଅଧିକ ହେଲେ ପୃଥିବୀ ଜଳବାୟୁରେ ସାମାନ୍ୟ ପରିବର୍ତ୍ତନ ହୁଏ। କିନ୍ତୁ ବିଗତ କେତୋଟି ଶତାବ୍ଦୀରେ ଆଉ ଏକ କାରଣ ପୃଥିବୀର ତାପମାତ୍ରା ବଢ଼ିବାରେ ଲାଗିଛି। ତାହା ହେଲା ମାନବ ଜାତିର ଉତ୍‌ଥାନ। ନିଜ ସୁଖ ସୁବିଧା ପାଇଁ ଗଢ଼ି ତୋଳିଥିବା କଳକାରଖାନା ଓ ଜୀବାଶ୍ମ ଜାଳେଣିର ବ୍ୟବହାର ଏହାର ମୁଖ୍ୟ କାରଣ। କଥା ବେଶିଦିନ ତଳର ନୁହଁ। ୨୦୦୦ ରେ ଯେତେବେଳେ ବାଣୀବିହାରରେ ସ୍ନାତକୋତ୍ତର ପଢୁଥିବା ବେଳେ ଭୁବନେଶ୍ୱରର ଜଳବାୟୁ ଅତି ଉପଭୋଗ୍ୟ ଥିଲା। ଅଂଶୁଘାତ କ'ଣ ଲୋକେ ଜାଣି ନ ଥିଲେ। ଖରାବେଳେ ବରମୁଣ୍ଡାରୁ ସାଇକେଲ ଚଳେଇ ବାଣୀବିହାର ଯିବା ଆସିବାରେ କିଛି ଅସୁବିଧା ନ ଥିଲା। କିନ୍ତୁ ଦିନେ ଖରାରେ ବୁଲିଲେ ଲୋକେ ମରିବେ ଏକଥା କେହି କଳ୍ପନା କରି ନ ଥିଲେ। ଗ୍ରୀଷ୍ମଋତୁରେ ଭୁବନେଶ୍ୱରର ତାପମାତ୍ରା ବଢ଼ି ୪୫ ଡିଗ୍ରୀରେ ପହଞ୍ଚିଛି। ଆମେରିକୀୟ ମହାକାଶ ସଂସ୍ଥା ନାଶା ଅନୁଯାୟୀ ବିଶ୍ୱର ତାପମାତ୍ରା ୧୯୦୬ରୁ ୨୦୦୫ ଭିତରେ ୦.୬ ରୁ ୦.୯ ଡିଗ୍ରୀ ସେଣ୍ଟିଗ୍ରେଡ୍ ବଢ଼ିଛି। କିନ୍ତୁ ବିଗତ ପଚାଶ ବର୍ଷ ଭିତରେ ତାପମାତ୍ରାରେ ବୃଦ୍ଧିପାଇବାର ବେଗ ଦୁଇଗୁଣ ବଢ଼ିଛି। ହଠାତ୍ ଏମିତି ଜଳବାୟୁରେ ପରିବର୍ତ୍ତନ ହୋଇ ତାପମାତ୍ରା ବୃଦ୍ଧି ହେବାକୁ ଗ୍ଲୋବାଲ ୱାର୍ମିଂ କୁହାଯାଏ। ଅର୍ଥାତ୍ ବିଶ୍ୱର ତାପମାତ୍ରା ବଢ଼ିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଲା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷକର ବୃଦ୍ଧି। ଏହି ପ୍ରଦୂଷିତ ଗ୍ୟାସ ସୂର୍ଯ୍ୟର ତାପମାତ୍ରାକୁ ଧରି ରଖିବା ସଙ୍ଗେ ସଙ୍ଗେ ପୃଥିବୀ ଉପରୁ ବାହାରି ଯାଉଥିବା ତାପମାତ୍ରାକୁ ମଧ୍ୟ ଶୋଷଣ କରି ନିଜ ଭିତରେ ରଖନ୍ତି ; ଯାହା ଫଳରେ ପୃଥିବୀ ପୃଷ୍ଠର ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି। ଏଇ କିଛି ବର୍ଷ ପୂର୍ବରୁ ଜାପାନରେ ହୋଇଯାଇଥିବା ଜି-



୨୦ ବୈଠକରେ ମୁଖ୍ୟ ବିଷୟ ଗ୍ଲୋବାଲ ୱାର୍ମିଂ ଥିଲା। କେମିତି କାର୍ବନ ଉତ୍ସର୍ଜନକୁ କମ କରାଯାଇପାରିବ ଏଥିପାଇଁ ରାଷ୍ଟ୍ର ମୁଖ୍ୟମାନେ ଆଲୋଚନା କରିଥିଲେ। ଗ୍ଲୋବାଲ ୱାର୍ମିଂ ପାଇଁ ମୁଖ୍ୟତଃ ଫସିଲ ଫୁଏଲର ବ୍ୟବହାର ଓ ଜଙ୍ଗଲ ଅବକ୍ଷୟ ଦାୟୀ। ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବର୍ଷକୁ ୧.୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୁଏ। ଗ୍ଲୋବାଲ ୱାର୍ମିଂ ଯୋଗୁ ମେରୁ ଅଞ୍ଚଳର ବରଫ ତରଳିବାରେ ଲାଗିଛି। ଗ୍ଲେସିୟରରେ ଲକ୍ଷ ଲକ୍ଷ ବର୍ଷ ଧରି ଥିବା ବରଫ ଖଣ୍ଡ ତରଳି ସମୁଦ୍ରରେ ପଶୁଛି। ଫଳରେ ମାଳଦ୍ୱୀପ ପ୍ରଥମ ଦେଶ ଭାବରେ ଜଳମଗ୍ନ ହେବାର ସମ୍ଭାବନା ଅଛି। ଗ୍ଲୋବାଲ ୱାର୍ମିଂ ଏବେ ବିଶ୍ୱର ଅସ୍ତିତ୍ୱ ଉପରେ ପ୍ରଶ୍ନଚିହ୍ନ ଛିଡ଼ା କରିଛି। ଚାଇନା, ଆମେରିକା ଓ ରୁଷ ଭଳି ଶିଳ୍ପସମୃଦ୍ଧ ଦେଶ ବିଶ୍ୱର ସର୍ବାଧିକ କାର୍ବନ ଏମିଶନ କରୁଥିବା ଦେଶ ଭାବରେ ଆଗରେ ଅଛନ୍ତି। ଏହି ସବୁ ଦେଶଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ନିଜ ନିଜର କାର୍ବନ ଏମିଶନ କମ୍ କରିବାକୁ ଆଗେଇ ଆସିବା ଦରକାର। ଦିନକୁ ଦିନ କମି ଯାଉଥିବା ଜଙ୍ଗଲ ମଧ୍ୟ ଏକ ଚିନ୍ତାର ବିଷୟ। ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜନ ରେନ ଫରେଷ୍ଟରେ ନିଆଁ ତଥା ଅନ୍ୟାନ୍ୟ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ ବିଗତ କେଇ ଦଶନ୍ଧି ଭିତରେ ପୃଥିବୀର ତାପମାତ୍ରା ଏକ ଡିଗ୍ରୀ ବଢ଼ିଛି। ଗ୍ଲେସିୟର ବରଫ ତରଳିବାରେ ଲାଗିଛି। ସମୁଦ୍ର ପତନ ବଢୁଛି। ଫଳରେ ମାଳଦ୍ୱୀପ, ମରିସସ, ଭାରତ, ଶ୍ରୀଲଙ୍କା ପ୍ରଭୃତି ଦେଶର ଉପକୂଳ ଅଞ୍ଚଳ ଜଳମଗ୍ନ ହେବାର ଭୟ ସୃଷ୍ଟି ହୋଇଛି। ସେଥିପାଇଁ ବିକାଶଶୀଳ ଦେଶଗୁଡ଼ିକ ନିଜ ନିଜର କାର୍ବନ ଫୁଟ ପ୍ରିଣ୍ଟ କମେଇବାକୁ ପଡ଼ିବ। ୨୦୫୦ ସୁଦ୍ଧା ତିରିଶ କୋଟି ଲୋକ ସମୁଦ୍ର ଜଳରେ ଭାସିଯିବାର ଆଶଙ୍କା ପ୍ରକାଶ କରିଛନ୍ତି ଆସିଆନ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଜାତିସଂଘର ମହାସଚିବ ଆଣ୍ଟୋନିୟୋ ଗୁଟେରସ। ଚାଇନା, ଭାରତ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ଦେଶ ସମୁଦ୍ର ପତନ ବଢ଼ିବାରୁ ଅଧିକ ବିପଦର ସମ୍ମୁଖୀନ ହେବାର ଭୟ ରହିଛି। ନିକଟରେ ନେଚର କମ୍ୟୁନିକେଶନରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବିଶ୍ୱର ତାପମାତ୍ରା ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ୧.୫ ଡିଗ୍ରୀ ବଢ଼ି ଯାଇପାରେ। ଏହାର ମୁକାବିଲା କରିବା ପାଇଁ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନକୁ ଶତକଡ଼ା ୪୫ ଭାଗ କମେଇବାକୁ ପଡ଼ିବ। ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ଖାଦ୍ୟ ରୂପେ ବ୍ୟବହାର କରି ଅମ୍ଳଜାନ ଦେଉଥିବା ଏକମାତ୍ର ଗଛ ଉପରେ ସବୁ ନିର୍ଭର କରେ। ଆମକୁ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବାକୁ ହେବ। ବ୍ୟାଟେରି ଚାଳିତ କାର ଓ ମୋଟର ସାଇକେଲର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ନ ହେଲେ ଭବିଷ୍ୟତ ପିଢ଼ି ଚରମ ବିପଦର ସମ୍ମୁଖୀନ ହେବ ଏଥିରେ ସନ୍ଦେହ ନାହିଁ। 'ବାଇଶି ପାହାଚେ ଖେଳିବ ମୀନ' ଏକଥା ମାଳିକାର ଭବିଷ୍ୟତବାଣୀ ହୋଇପାରେ। ଅର୍ଥାତ୍ ଶ୍ରୀମନ୍ଦିର ଭିତର ଯାଏ ସମୁଦ୍ର ପାଣି ମାଡ଼ି ଆସିବ ବୋଲି ମାଳିକାରେ ବର୍ଣ୍ଣନା ଅଛି। କିନ୍ତୁ ଗ୍ଲୋବାଲ ୱାର୍ମିଂ ଭଳି ପରିପ୍ରେକ୍ଷୀରେ ଏହା ଯେ ଏକ ନିରାଟ ସତ କଥା ତାହା ଗ୍ରହଣ କରିବାର ସମୟ ଆସି ପହଞ୍ଚିଛି।

ମୋ:୭୦୦୪୦୬୮୧୧୦

## ଏଇ ଭାରତରେ

ବିହାରର ସମସ୍ତିପୁରରେ ଭାଇ ଏବଂ ଭଉଣୀ ମଧ୍ୟରେ ଥିବା ନିବିଡ଼ ସ୍ନେହର ଏହା ଏକ ଉଦାହରଣ ପାଲଟିଛି। ସାତ ଫେରା ନେବା ପରେ ମଧ୍ୟ ଭଉଣୀ ଶାଶୁ ଘରକୁ ଯିବାକୁ ମନା କରିଦେଇଛନ୍ତି। ଏହି ଘଟଣା ସମସ୍ତିପୁର ଜିଲାର ମୁଫାସିଲ ପୋଲିସ ଷ୍ଟେଶନ ଅଞ୍ଚଳର ବେଝାଡିହ ଲାଗୁନିଆରେ ଘଟିଛି। ବିବାହ ପରେ କନ୍ୟାଙ୍କୁ ବିଦାୟ ଦିଆଯାଇଥିଲା। ଅଳ୍ପ ଦୂର ଯିବା ପରେ ସେ ତାଙ୍କ ସାନ ଭାଇଙ୍କ ସହ ଫୋନରେ କଥାବାର୍ତ୍ତା କରିବାକୁ ଜିଦ୍ ଧରିଥିଲେ। କିନ୍ତୁ ବର ତାଙ୍କୁ ଫୋନରେ କଥାବାର୍ତ୍ତା ହେବାକୁ ଅନୁମତି ଦେଇ ନ ଥିଲେ। ଫଳରେ କନ୍ୟା ବରଙ୍କ ସହ ଯିବାକୁ ମନା କରିଥିଲେ। କୁହାଯାଉଛି ଯେ, ସମସ୍ତିପୁର ଜିଲାର ଅଙ୍ଗର ଘାଟ ପୋଲିସ ଷ୍ଟେଶନ ଅଞ୍ଚଳରୁ ବିବାହ ଶୋଭାଯାତ୍ରା ଶୁକ୍ରବାର ବେଝାଡିହର ଲାଗୁନିଆ ଗ୍ରାମକୁ ଆସିଥିଲା। ବିବାହ ପରେ ଝିଅ ବିଦା କରାଯାଇଥିଲା। କିନ୍ତୁ କନ୍ୟା ଘରଠାରୁ ୩ କିଲୋମିଟର ଯିବା ପରେ ସେ ଗୁରୁତର ଅସୁସ୍ଥ ଥିବା ତାଙ୍କ ସାନ ଭାଇଙ୍କ ସହିତ ଫୋନରେ କଥା ହେବାକୁ ଜିଦ୍ ଧରିଥିଲେ। ମାତ୍ର ବର ଅନୁମତି ନ ଦେବାରୁ ସେ ହୋହଲ୍ଲା କରି କାନ୍ଦିବା ଆରମ୍ଭ କରି ଦେଇଥିଲେ। ଏହା ଦେଖି ସ୍ଥାନୀୟ ଗ୍ରାମବାସୀ ସେଠାରେ ଜମିଥିଲା। ଲୋକମାନେ ବହୁ ବୁଝାଇବା ପରେ ମଧ୍ୟ କନ୍ୟା ତାଙ୍କ ଶାଶୁ ଘରକୁ ଯିବାକୁ ମନା କରିଦେଇଥିଲେ। ପରେ କନ୍ୟା ଶାଶୁ ଘରକୁ ଯିବାକୁ ପ୍ରସ୍ତୁତ ନ ଥିବା ଜାଣି ମାତାପିତା ତାଙ୍କୁ ସାଙ୍ଗରେ ନେଇ ଘରକୁ ଫେରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୩ ମେ ୧୯୯୮

- ଚିତ୍ରୋତ୍ପଳା ନଦୀରେ ଏକ ନୌକା ଭାରସାମ୍ୟ ହରାଇ ବୁଡ଼ିଯିବା ଫଳରେ ୧୯ ଜଣଙ୍କ ମୃତ୍ୟୁ ଆଶଙ୍କା।
- ଉତ୍ତରପ୍ରଦେଶର କୁଶୀନଗର ଜିଲାରେ ବିଷାକ୍ତ ମଦ ପିଇ ୬୦ ମୃତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜବାହରଲାଲ ନେହେରୁଙ୍କ ଘନିଷ୍ଠ ସହଯୋଗୀ ପୁରୁଷୋତ୍ତମ କାକୋଦୋରଙ୍କ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାମାନେ ଖେଳକୁଦ ପ୍ରତି ଆଗ୍ରହୀ ହୁଅନ୍ତୁ

ମହାଶୟ,

ଭାରତରେ ପିଲାମାନେ କମ ସମୟ ଖେଳକୁଦ କରନ୍ତି। ଏକ ସର୍ବେକ୍ଷଣ ଅନୁସାରେ ଭାରତୀୟ ପିଲାମାନେ ସପ୍ତାହରେ ମାତ୍ର ୮୬ ମିନିଟ ଖେଳକୁଦ ଓ ବ୍ୟାୟାମରେ କଟାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ ଅନୁସାରେ ପିଲାମାନେ ସପ୍ତାହକୁ ୪୨୦ ମିନିଟ୍ ବା ତା'ଠାରୁ ଅଧିକ ସମୟ ଖେଳକୁଦ କରିବା ଦରକାର। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁସାରେ ଯୁବଗୋଷ୍ଠୀ ମଧ୍ୟରୁ ମାତ୍ର ୨୦ ପ୍ରତିଶତ ସପ୍ତାହରେ ୧୫୦ ମିନିଟ୍‌ରୁ ୩୮୦ ମିନିଟ୍ ପର୍ଯ୍ୟନ୍ତ ଖେଳକୁଦ କରିଥାଆନ୍ତି। ଅନ୍ୟମାନେ ମାତ୍ର ୧୦୧ ମିନିଟ୍ ଖେଳକୁଦ କରିଥାନ୍ତି। ପାଠପଢ଼ାରେ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଅନ୍‌ଲାଇନରେ ସମୟ କଟାଇବା ଏହାର ମୁଖ୍ୟ କାରଣ। ଖେଳକୁଦ ବା ବ୍ୟାୟାମ ଶାରୀରିକ ଦକ୍ଷତା ବଢ଼ାଇବା ସହ ଭାବ ପ୍ରବଣତା ଦକ୍ଷତା ବୃଦ୍ଧି ବଢ଼ାଇବା ଓ ଏହାଦ୍ୱାରା ଜୀବନର ମୂଲ୍ୟ ବୁଝିବା ସହଜ ହୋଇଥାଏ। ଏହା ମଧ୍ୟ ପିଲାମାନଙ୍କ ପାଠପଢ଼ାରେ ଉନ୍ନତି ଆଣେ। ଏଣୁ ପିତାମାତା ଓ ଅଭିଭାବକମାନେ ପିଲାମାନଙ୍କୁ ଅଧିକ ସମୟ ଖେଳକୁଦ ଓ ବ୍ୟାୟାମ କରିବା ପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର
ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ
କଲ ମହା ମରୁ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ମେ, ୨୦୨୩

**ଉଦ୍ଧାର ୨ ଶାରୀ ନନ୍ଦନକାନନକୁ ଆସିଲେ**

ବାରଙ୍ଗ,(ଡି.ଏନ୍.ଏ.): ପୁରୀ ଡିଭିଜନ ନିମାପଡ଼ା ଅଞ୍ଚଳରୁ ଉଦ୍ଧାର ୨ ଶାରୀଙ୍କୁ ମଙ୍ଗଳବାର ରାତିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି। ଶାରୀ ୨ଟିଙ୍କୁ ଜଣେ ବ୍ୟକ୍ତି ନିଜ ଘରେ ରଖି ଲାଳନପାଳନ କରୁଥିଲେ। ବିଶେଷସୂତ୍ରରୁ ଖବରପାଇ ବନ ବିଭାଗ କର୍ମଚାରୀ ୨ଟି ଶାରୀଙ୍କୁ ଉଦ୍ଧାର କରିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ଶାରୀ ୨ଟିଙ୍କୁ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବନ୍ୟପ୍ରାଣୀ ଚିକିତ୍ସାଳୟ କ୍ୱାରେଣ୍ଟାଇନ ପୃଥକୀକରଣ ଏନ୍‌କ୍ଲୋଜରରେ ରଖିଛନ୍ତି। ଏହି ୨ ଶାରୀଙ୍କ ବୟସ ପାଖାପାଖି ୫ ମାସ ହେବ ଓ ସେମାନଙ୍କର ଲିଙ୍ଗ ଚିହ୍ନଟ ହୋଇନାହିଁ। ଏହି ଶାରୀ ୨ଟି ନନ୍ଦନକାନନକୁ ଆସିବା ପରେ ସେମାନଙ୍କ ସଂଖ୍ୟା ୭କୁ ବୃଦ୍ଧି ପାଇଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୩ ଉଦ୍‌ଘାଟନ, ଏକାମ୍ର ହାଟ, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- ସାପ୍ତାହିକ ଖବରକାଗଜ ଚିରସଂଧାନ ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ମହାସଂଗ୍ରାମର ମହାନାୟକ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।
- ଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ଚାଖି ଖୁଣ୍ଟିଆ', ଭଞ୍ଜକଳା ମଣ୍ଡପ, ରାତି ୭ଟା।

ବାଲିଅନ୍ତା
- ୧୨ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା ଓ ଗୀତାଯଜ୍ଞ, ପାରିବାସୁଦେଇପୁର ନୃସିଂହନାଥ ମନ୍ଦିର ନିକଟ, ସକାଳ ୮ଟା।
- ୨୨ତମ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର କଳସ ଯାତ୍ରା, ଗଡ଼ ନହରକଣ୍ଟା, ଶ୍ରୀ ରୁଦ୍ରେଶ୍ୱର ମହାଦେବ ମନ୍ଦିର, ସକାଳ ୮ଟା।
- ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ବିଗ୍ରହ ପ୍ରତିଷ୍ଠା, ଦୁଦୁରାବସ୍ତ ମହାବୀର ମନ୍ଦିର, ପୂର୍ବାହ୍ନ ୧୦ଟା।
- ଭାଗବତ ମେଳଣ, ବଇଁଚୁଆ ଭେଲୁରୀ ହାଟ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ବାଦୀ ପାଲା ପରିବେଷଣ, ବଙ୍ଗୁଆରୀ ଗ୍ରାମର ମା' ଜାଗୁଳାଇ ପୀଠ ଓ ଜଗନ୍ନାଥପୁର ଗ୍ରାମର ସ୍କୁଲ ନିକଟ, ରାତି ୭ଟା।

କଟକ ସଦର
- କିରଣ ଜ୍ୟୋତି ସଙ୍ଗୀତ ପରିଷଦ ଆନୁକୂଲ୍ୟରେ ଭକ୍ତଙ୍କୁ ଜଗନ୍ନାଥଙ୍କ ଟଙ୍କତୋରାଣି ବଣ୍ଟନ, ତ୍ରୈଲୋକ୍ୟ ଭବନ, ପୂର୍ବାହ୍ନ ୧୧ଟା।

ବଡ଼ମ୍ବା
- ୪ ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ, ଶଙ୍ଖାମେରୀ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ସପ୍ତେଶ୍ୱର ଦେବଙ୍କ ପୀଠ, ସକାଳ ୭ଟା।

# ମହିଳାଙ୍କୁ ୫.୫ କୋଟି ଠକେଇ

ଭୁବନେଶ୍ୱର,୨।୫(ବ୍ୟୁରୋ)

ଜଣେ ମହିଳାଙ୍କଠାରୁ ୫.୫ କୋଟି ଟଙ୍କା ଠକିନେବା ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରାଜଧାନୀର ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ 'ଲୁମେକ୍ସ ରିସୋର୍ସେସ୍ ପ୍ରାଇଭେଟ୍ ଲିଃ'ର ନିର୍ଦ୍ଦେଶକ ରାଜୀବ ଲୋଚନ ଦାସ। ସୋମବାର ଅଭିଯୁକ୍ତ ରାଜୀବଙ୍କୁ ଗିରଫ କରାଯାଇ ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ରାଜୀବଙ୍କ ସ୍ତ୍ରୀ ସୋନିଆ ତ୍ରିପାଠୀ ଓ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ଇଓଡବ୍ଲ୍ୟୁ ତଦନ୍ତରୁ ଜାଣିବାକୁ ପାଇଛି। ଇଓଡବ୍ଲ୍ୟୁ ରାଜୀବଙ୍କଠାରୁ ଚୁକ୍ତିନାମା,



ରାଜୀବଲୋଚନ ଦାସ ଓ ସୋନିଆ ତ୍ରିପାଠୀ

ଇ-ମେଲ୍ ଡକ୍ୟୁମେଣ୍ଟ ଆଦି ଜବତ କରି ତଦନ୍ତ ଜାରି ରଖିଛି। ରାଜୀବଙ୍କ ନାମରେ ଭୁବନେଶ୍ୱରର ଏକାଧିକ ଥାନାରେ ଠକେଇ ମାମଲା ରହିଛି।

ସୂଚନା ଅନୁଯାୟୀ, ୨୦୧୯ରେ ନିଶାରାଣୀ ମହାପାତ୍ରଙ୍କଠାରୁ ରାଜୀବ ଓ ଅନ୍ୟମାନେ ନକଲି ଦସ୍ତାବିଜ୍ ଦେଇ ୫.୫ କୋଟି ଟଙ୍କା ଋଣ ନେଇଥିଲେ।

**ବ୍ୟବସାୟୀଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ**
- ସ୍ତ୍ରୀଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି
- କୋର୍ଟଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ କରିଥିଲା ଇନ୍‌ଫୋସିଟି ଥାନା
- ମାମଲାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତ ଭାର ନେଇଥିଲା ଇଓଡବ୍ଲ୍ୟୁ

ଏଥିପାଇଁ ପ୍ରତି ମାସରେ ସେମାନେ ତାଙ୍କୁ ସୁଧ ଟଙ୍କା ଦେବା ପାଇଁ ଚୁକ୍ତିନାମା ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ଟଙ୍କା ଦିଆଯାଇ ନ ଥିଲା। ଏନେଇ ନିଶାରାଣୀ ଇନ୍‌ଫୋସିଟି ଥାନାରେ ଏତଲା ଦେଇଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରି ବିଳମ୍ବ କରିଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶରେ ୨୦୨୧ ନଭେମ୍ବର ୧୪ରେ ପୋଲିସ ଏନେଇ ମାମଲା ରୁଜୁ କରିଥିଲା। ପରେ ଏହି ଠକେଇର ଗୁରୁତ୍ୱକୁ ଦେଖି ଇଓଡବ୍ଲ୍ୟୁ ମାର୍ଚ୍ଚ ୨୩ରେ ଏକ ମାମଲା (ନଂ.୧୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ରାଜୀବ ଓ ତାଙ୍କ ସ୍ତ୍ରୀ ସୋନିଆ ଜମି ଦେବାକୁ କହି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ନେଇ ପୂର୍ବରୁ ୨୦୨୧ରେ ଏୟାରଫିଲ୍ଡ ଥାନାରେ ମାମଲା ରହିଛି। ରାଜୀବ ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ମାଧ୍ୟମରେ ଚାପ ପକାଇ ପୋଲିସ ଗିରଫଦାରିରୁ ବର୍ତ୍ତିଯାଉଥିଲେ ବୋଲି କୁହାଯାଉଛି। ଇଓଡବ୍ଲ୍ୟୁ ରାଜୀବଙ୍କୁ ଗିରଫ କରିବା ପରେ ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯୋଜନା କରୁଛି।



ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଭୁବନେଶ୍ୱର ସୂଚନା ଭବନରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀକୁ ଏଡିଜି (ଅପରେଶନ) ଅମିତାଭ ଠାକୁର ଉଦ୍‌ଘାଟନ କରିବା ପରେ ବୁଲି ଦେଖୁଛନ୍ତି।

## ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ

ଭୁବନେଶ୍ୱର,୨।୫(ବ୍ୟୁରୋ)

ପ୍ରେସ ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ସୂଚନା ଭବନରେ ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ପ୍ରଦର୍ଶନୀକୁ ଏଡିଜି (ଅପରେଶନ) ଅମିତାଭ ଠାକୁର ଉଦଘାଟନ କରିଥିଲେ। ଏଥିରେ କଳା, ସଂସ୍କୃତି, ଆଦିବାସୀ, ରଥଯାତ୍ରା, ୱାଇଲ୍ଡଲାଇଫ୍ ଭଳି ବିଷୟଭିତ୍ତିକ ଫଟୋ ସ୍ଥାନ ପାଇଛି। ସଂଘ ପକ୍ଷରୁ ନବୀନ ଦାସ, ମନୋରଞ୍ଜନ ମିଶ୍ର, ବିଶ୍ୱନାଥ ସ୍ୱାଇଁ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ କନ୍‌ଷ୍ଟେବଲ ମୃତ

ଖୋର୍ଦ୍ଧା ଅଫିସ,୨।୫

୫୭ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ମେଡିକାଲ ଛକରେ ବସ୍ ଧକ୍କାରେ ଜଣେ କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତ୍‌ସିଂହପୁରର ବିଶ୍ୱମ୍ବର ମନ୍ତ୍ରୀ(୪୭)। ସେ ଖୋର୍ଦ୍ଧା ରିଜର୍ଭ ପୋଲିସରେ କାର୍ଯ୍ୟରତ ଥିଲେ। ସୋମବାର ଅପରାହ୍ନ ସାଢେ ୪ଟାରେ ବିଶ୍ୱମ୍ବର ବାଇକ୍‌ରେ ଆରଓକୁ ଯାଉଥିଲେ। ଏହି ସମୟରେ ନୟାଗଡ଼ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବସ ଘଟଣାସ୍ଥଳରୁ ପଳାଇଥିବା ବେଳେ ବିଶ୍ୱମ୍ବରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୋଜନାର ସୁଫଳ ମିଳିବା ଭଳି ନିୟମ କର: ମନ୍ତ୍ରୀ

ଭୁବନେଶ୍ୱର, ୨।୫(ବ୍ୟୁରୋ)

୫-ଟି ଉପକ୍ରମରେ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦ୍ୱାରା ରାଜ୍ୟର ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ହେଇପାରିବ। ଏହା ସହିତ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକମାନଙ୍କ ରୋଜଗାର ଏବଂ ଆୟବୃଦ୍ଧି କରାଯାଇପାରିଛି ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଫ୍ଲାଗସିପ୍ ଯୋଜନା ଓ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ମଙ୍ଗଳବାର କୃଷି ଭବନଠାରେ ମନ୍ତ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ବର୍ଷଗୁଡ଼ିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ବଜେଟ୍‌ରେ ବ୍ୟୟବରାଦ ବୃଦ୍ଧି କରାଯାଇ ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଯୋଜନାର ସୁଫଳ ସିଧାସଳଖ ହିତାଧିକାରୀ ଯେପରି ପାଇବେ ସେଥିଲାଗି ମୋ ସରକାର କାର୍ଯ୍ୟକ୍ରମକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ଉପରେ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଣୀସମ୍ପଦର ଯତ୍ନ ଓ ସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ ପ୍ରାଣୀଧନ ନିରୀକ୍ଷକଙ୍କ ଦକ୍ଷତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେମାନଙ୍କ ଦକ୍ଷତା ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଛି। ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# 'ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ନେବେ'

ପୁରୀ ଅଫିସ,୨।୫

ଶ୍ରୀମନ୍ଦିର ନୂତନ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୦୭ ବ୍ୟାଚର ଆଇଏଏସ୍ ରଞ୍ଜନ କୁମାର ଦାସ। ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ବୀରବିକ୍ରମ ଯାଦବଙ୍କଠାରୁ ବିଧିବଦ୍ଧ ଭାବେ ନୂତନ ପ୍ରଶାସକ ଦାସ ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ, ଶ୍ରୀମନ୍ଦିର ନୀତି ପ୍ରଶାସକ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। କିଭଳି ମହାପ୍ରଭୁଙ୍କ ସବୁ କାର୍ଯ୍ୟ ସୁରୁଖୁରୁରେ ହେବ ସେ ନେଇ ପ୍ରାର୍ଥନା କରିଥିଲେ। ଏ ନେଇ ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି,



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ସେ ଅତି ନିକଟରୁ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ କରି ଭାଗ୍ୟବାନ ମନେ କରୁଛି। ତେବେ ଆଗକୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଏକ ବଡ଼ ଆହ୍ୱାନ ରହିଛି। ମହାପ୍ରଭୁଙ୍କ ଆଶୀର୍ବାଦରେ ଚଳିତ ବର୍ଷର ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ସେ ଆଶା ରଖିଛନ୍ତି। ସେବାୟତ, ପ୍ରଶାସନିକ ଅଧିକାରୀ, ଭକ୍ତଙ୍କ ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟ ହେବ। ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ବଡ଼ ଚାଲେଞ୍ଜ। କାର୍ଯ୍ୟର ଅଗ୍ରଗତି ଚାଲିଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ହେବ। ସମସ୍ତଙ୍କ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ ହେବ ବୋଲି ଦାସ କହିଛନ୍ତି। ସେହିପରି ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ନେବେ ବୋଲି ସେ କହିଛନ୍ତି। ଅନ୍ୟାନ୍ୟ କାର୍ଯ୍ୟ ନେଇ ସେ ସମୀକ୍ଷା କରିବେ। ସେହିପରି ସବୁ ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଶେଷ କରିବା ପାଇଁ ସେ ଉଦ୍ୟମ କରିବେ। ଶ୍ରଦ୍ଧାଳୁ ଯେଭଳି ଦର୍ଶନ ସହ ପୁରୀରୁ ଏକ ସୁଖଦ ଅନୁଭୂତି ନେଇ ଫେରିବା ତାହା ସମସ୍ତଙ୍କ ମୂଳ ଲକ୍ଷ୍ୟ ରହିବ। ଏଥିସହ ସେବାୟତଙ୍କ ପିଲାଙ୍କ ପାଇଁ ହେଉଥିବା ଗୁରୁକୁଳ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହେଉଥିବା ସମସ୍ତ ପ୍ରକଳ୍ପ ନେଇ ସେ ଖୁବ୍‌ଶୀଘ୍ର ବୈଠକ କରିବେ ବୋଲି ନୂତନ ଭାବେ ଦାୟିତ୍ୱ ନେଇଥିବା ମୁଖ୍ୟ ପ୍ରଶାସକ ଦାସ ସୂଚନା ଦେଇଛନ୍ତି।

**ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ**

## ୫ରେ ବର୍ଷର ପ୍ରଥମ 'ଉପଛାୟା' ଚନ୍ଦ୍ରଗ୍ରହଣ

**ଓଡ଼ିଶାରେ ଖାଲି ଆଖିରେ ଦୃଶ୍ୟମାନ ହେବନାହିଁ**

ଭୁବନେଶ୍ୱର, ୨।୫ (ବ୍ୟୁରୋ): ମେ ୫ରେ ବର୍ଷର ପ୍ରଥମ 'ଉପଛାୟା' ଚନ୍ଦ୍ରଗ୍ରହଣ ସଂଘଟିତ ହେବ। ଏହା ଭାରତୀୟ ସମୟ ରାତି ୮.୪୪ରେ ଆରମ୍ଭ ହେବ, ଯେତେବେଳେ ଚନ୍ଦ୍ର ଉପଛାୟାରେ ପ୍ରବେଶ କରିବ। ପରେ ରାତି ୧୦.୫୨ରେ ଚନ୍ଦ୍ର ଉପଛାୟାରେ ସମ୍ପୂର୍ଣ୍ଣ (ସର୍ବାଧିକ ୧୦୦%) ପ୍ରବେଶ କରିବ। ସେହିପରି ମେ' ୬ ତାରିଖ ରାତି ୧ଟା ୧ରେ ଚନ୍ଦ୍ର ଉପଛାୟାରୁ ପୂରା ବାହାରିଯିବ। ଏହି ଚନ୍ଦ୍ରଗ୍ରହଣ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକା, ପ୍ରଶାନ୍ତ ମହାସାଗର, ଭାରତ ମହାସାଗର ଏବଂ ଆଣ୍ଟାର୍କଟିକାର କିଛି ଅଞ୍ଚଳରେ ସଂଘଟିତ ହେବ। ଭାରତରେ ତଥା ଓଡ଼ିଶାରେ ଏହି ଉପଛାୟା ଚନ୍ଦ୍ରଗ୍ରହଣ ଆରମ୍ଭରୁ ଶେଷ ଯାଏ ଘଟୁଥିଲେ ବି ଏହା ଖାଲି ଆଖିରେ ଦୃଶ୍ୟମାନ ହେବନାହିଁ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ଚନ୍ଦ୍ରଗ୍ରହଣ ସମୟରେ 'ଚନ୍ଦ୍ର ଓ ସୂର୍ଯ୍ୟ' ମଝିରେ ପୃଥିବୀ ଏକ ସରଳରେଖାରେ ରହିଥାଏ ଏବଂ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼ିଥାଏ। ବିଜ୍ଞାନର ବ୍ୟାଖ୍ୟାନରେ ଚନ୍ଦ୍ର ଉପଛାୟାରେ ପ୍ରବେଶ କରିବା ସହ ଗ୍ରହଣ ଆରମ୍ଭ ହୁଏ ଓ ଏଥିରୁ ପୂରା ବାହାରିଗଲେ ଗ୍ରହଣ ଶେଷ ହୋଇଥାଏ। ଅନେକ ସମୟରେ ଚନ୍ଦ୍ର ଛାୟା ଭିତରେ ପ୍ରବେଶ ନ କରି କେବଳ ଉପଛାୟାରେ ପ୍ରବେଶ କରି ସେଥିରୁ ବାହାରିଯାଇଥାଏ। ଯେହେତୁ ଚନ୍ଦ୍ର ଉପଛାୟାରେ ଥିବା ସମୟରେ ଖାଲି ଆଖିରେ ଦେଖିହୁଏ ନାହିଁ, ସେଥିପାଇଁ ଆମ ଶାସ୍ତ୍ରରେ ଏହାକୁ ଗ୍ରହଣ ରୂପେ ଗଣନା କରାଯାଏ ନାହିଁ।





ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଙ୍ଗଳବାର ପୁରୀ ବେଳାଭୂମିରେ ବାଲୁକାକଳା ମାଧ୍ୟମରେ ଭାରତୀୟ କ୍ରିକେଟ ଟିମ୍‌କୁ ଶୁଭେଚ୍ଛା ଜଣାଉଛନ୍ତି।





ଶ୍ରମିକ ଦିବସ ଅବସରରେ ସୋମବାର ଏଆଇଟିୟୁସି ସଂଲଗ୍ନ ଇଷ୍ଟକୋଷ୍ଟ ରେଲ୍‌ୱେ ପୋର୍ଟର୍ସ ୟୁନିୟନ ଏବଂ ରାଜଧାନୀ ଅଟୋଚାଳକ ସଂଘ ପକ୍ଷରୁ ଶ୍ରମିକଙ୍କ ଅଧିକାର ଦାବିରେ ଭୁବନେଶ୍ୱରଠାରେ ବାହାରିଥିବା ମିଳିତ ଶୋଭାଯାତ୍ରା।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବିଜୟ



@ ଲୋକେଶ



@ କୁନ୍‌ମୁନ୍



@ ମଧୁସୂଦନ



@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୮ ବଖରା ଜଳିଗଲା, ମହିଳା ଜୀବନ୍ତ ଦଗ୍ଧ



**ହଇଡ଼ାପାଳ ଗ୍ରାମରେ ଅଗ୍ନିକାଣ୍ଡ**

ଚୌଦ୍ୱାର,୨।୫(ଡି.ଏନ୍.ଏ.)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ କରଞ୍ଜି ପଞ୍ଚାୟତ ଅଧୀନ ହଇଡ଼ାପାଳ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ଉକ୍ତ ଗ୍ରାମର ରଞ୍ଜନ ମହାନ୍ତଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏଥିରେ ରଞ୍ଜନ ଓ ତାଙ୍କ ଭାଇଙ୍କର ପ୍ରାୟ ୮ ବଖରା ଚାଳଘର ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡବେଳେ ଘର ଭିତରୁ ରଞ୍ଜନଙ୍କ ସ୍ତ୍ରୀ ପୁଷ୍ପଲତା ବାହାରି ପାରି ନ ଥିଲେ। ଫଳରେ ନିଆଁରେ ପୋଡ଼ି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ସ୍ଥାନୀୟ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ବିଦ୍ୟୁତ୍ ମୋଟର ଚୋରି କରି ଗିରଫ

ନିମାପଡ଼ା,(ଡି.ଏନ୍.ଏ)- ବିଦ୍ୟୁତ୍ ମୋଟର ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ନୁଆକରି ଗ୍ରାମର ହେମନ୍ତ ସାହୁ ଓରଫ ପିଣ୍ଟୁ(୨୧)। ଏନେଇ ପୋଲିସ ୧୩୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ତାଙ୍କ ପାଖରୁ ଚୋରି ମୋଟର ଜବତ କରିଛି। ମୋଟରର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ଗ୍ରାମର ଦେବାଶିଷ ନାୟକଙ୍କ କୁକୁଡ଼ା ଫାର୍ମରୁ ଗତ ୨୯ ତାରିଖରେ ବିଦ୍ୟୁତ୍ ମୋଟର ଚୋରି ହୋଇଥିବା ସେ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ତଦନ୍ତକାରୀ ଅଫିସର ଏଏସ୍ଆଇ ସବିତା ରାଣୀ ମାର୍ଥା ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲେ। ନିମାପଡ଼ା ଥାନା ଅଞ୍ଚଳରୁ ବହୁ ଫାର୍ମା ଓ ଜମିବାଡ଼ିରୁ ବିଭିନ୍ନ ସମୟରେ ବହୁ ବିଦ୍ୟୁତ୍ ମୋଟର ଚୋରି ହେଉଥିବା ଅଭିଯୋଗ ହେଉଛି।




୨।୫।୨୦୨୩

| | |
|---|---|
| ୫,୮୨,୧୦୨ ଟଙ୍କା | |
| ସୁନା | ୧.୫୦୦ ଗ୍ରାମ୍ |
| ରୁପା | ୩୦୭ ଗ୍ରାମ୍ |

# ୧୨୮ କେନ୍ଦ୍ରରେ ଶୃଙ୍ଖଳାରେ ଭୋଟ ଶେଷ

## ୧୧ନଂ. ଜିଲା ପରିଷଦ ଉପନିର୍ବାଚନ

ଗୋପ,୨।୫(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ ମଙ୍ଗଳବାର ହୋଇଯାଇଛି। ବ୍ଲକର ୯ଟି ପଞ୍ଚାୟତର ଭୋଟରମାନେ ଏହି ଜିଲା ପରିଷଦ ଉପନିର୍ବାଚନରେ ସେମାନଙ୍କ ମତ ସାବ୍ୟସ୍ତ କରିଥିବାବେଳେ ୧୨୮ଟି ବୁଥ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାରେ ଭୋଟ ଶେଷ ହୋଇଛି। ଏହି ଉପନିର୍ବାଚନ ଭୋଟ ଗଣତି ଆସନ୍ତା ୪ ତାରିଖ ଦିନ ବ୍ଲକ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣତି କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରକାଶ ଯେ, ୧୧ ନମ୍ବର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଅକାଳ ବିୟୋଗ ପରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ମେ ୨ରେ ଭୋଟ ଗ୍ରହଣ କରାଯିବ ବୋଲି ଘୋଷଣା କରାଯାଇଥିଲା। ସେହି ନିର୍ଦ୍ଦେଶ ଅନୁସାରେ ବ୍ଲକ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ସୋମବାର ୧୨୮ଟି ବୁଥ କେନ୍ଦ୍ରକୁ ପୁଲିଂ ପାର୍ଟି ଯାଇଥିଲେ। ମଙ୍ଗଳବାର ସକାଳ ୭ ରେ ଭୋଟ ଆରମ୍ଭ ହୋଇଥିବା ବେଳେ ବ୍ଲକ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଉପରେ ନଜର ରଖାଯାଇଥିଲା। ସମସ୍ତ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଭୋଟରମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଶେଷ ପ୍ରଚେଷ୍ଟା ଚଳାଇଥିଲେ। ମଧ୍ୟାହ୍ନ ଗୋଟାଏରେ ଭୋଟ ଗ୍ରହଣ ଶେଷ ହେବା ପରେ ୧୨୮ଟି ପୁଲିଂ ପାର୍ଟି ଗୋପ ବ୍ଲକରେ ଆସି ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିଲା। ଏହି ଜିଲା ପରିଷଦ ଉପନିର୍ବାଚନରେ ବ୍ଲକର ୯ଟି ପଞ୍ଚାୟତରେ ଥିବା ୩୬ହଜାର ୨୩୩ଜଣ ଭୋଟର ମଧ୍ୟରୁ ୨୩,୯୪୫ ଭୋଟ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଏହି ଭୋଟ ହାର ୬୮%.୦୮ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଏହି ୯ଟି ପଞ୍ଚାୟତ ମଧ୍ୟରୁ ଗଣେଶ୍ୱରପୁର ପଞ୍ଚାୟତରେ ୪,୯୩୪ ଜଣ, ଅଣ୍ଡରା-ଇଚ୍ଛାପୁରରେ ୨୮୧୫, ରାହାଙ୍ଗୋରଡାରେ ୨୧୩୮, ଡଭାରରେ ୨୦୦୭, ନୁଆଖୋଲମରାରେ ୨୦୨୭, ଇତିଭୂଆଁରେ ୧୯୧୫, ବନ୍ତଳିଗ୍ରାମରେ ୩୪୨୪, କୁଆଁପଡାରେ ୩୧୬୬, ଗଡଭିଙ୍ଗୁରାରେ ୧୫୧୯ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ ବୋଲି ବ୍ଲକ ପଞ୍ଚାୟତ ଅଧିକାରିଣୀ ଜୟଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଆସନ୍ତା ୪ ତାରିଖରେ ଭୋଟ ଗଣତି ଥିବାରୁ ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ଉପ ନିର୍ବାଚନର ୯ଟି ପଞ୍ଚାୟତର ମତ ସାବ୍ୟସ୍ତ କରିଥିବା ଭୋଟରଙ୍କ ଭୋଟ ବାକ୍ସଗୁଡ଼ିକୁ ବ୍ଲକ ପରିସରରେ ଥିବା ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଗୋପ ତହସିଲଦାର ଏସ୍.କେ ସାର୍ଗି, ଶରତ କୁମାର ପରିଡ଼ା ଏବଂ ବ୍ଲକ ନିର୍ବାଚନ ଅଧିକାରୀ ଦୀପ୍ତିରାଣୀ ଦାସଙ୍କ ଉପସ୍ଥିତିରେ ଏହି ଭୋଟ ବାକ୍ସଗୁଡ଼ିକୁ ରଖାଯାଇଛି। ଷ୍ଟ୍ରଙ୍ଗରୁମକୁ ବ୍ଲକ ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ସହିତ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଛି।


ଭୋଟ ସରିବା ପରେ କଡା ସୁରକ୍ଷା ବ୍ୟବସ୍ଥାରେ ଭୋଟ ବାକ୍ସକୁ ଷ୍ଟ୍ରଙ୍ଗ ରୁମ୍‌କୁ ନିଆଯାଉଛି ।

## ଭୋଟ ବାକ୍ସରେ କପଡ଼ା ନ ଥିବାରୁ ବିଡିଓଙ୍କୁ ଘେରିଲା ଭାଜପା


ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଭାଜପା କର୍ମୀମାନେ ଘେରାଉ କରିଛନ୍ତି ।

ଗୋପ,୨।୫(ଡି.ଏନ୍.ଏ.)

ଗୋପ ବ୍ଲକର ୧୧ନଂ. ଜିଲା ପରିଷଦ ଜୋନର ମଙ୍ଗଳବାର ଉପନିର୍ବାଚନ ହୋଇ ଭୋଟ ବାକ୍ସଗୁଡ଼ିକ ବ୍ଲକ ପରିସର ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ହେଲେ ଭୋଟ ବାକ୍ସରେ କପଡା ନ ଥିବାରୁ ଅପରାହ୍ନରେ ଷ୍ଟ୍ରଙ୍ଗ ରୁମ ନିକଟରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଭାଜପା ଦଳର କେତେଜଣ କର୍ମୀ ଘେରିଥିଲେ। ପ୍ରକାଶ ଯେ, ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଭୋଟ ଗ୍ରହଣ ଶେଷ ହେବା ପରେ ଗଣେଶ୍ୱରପୁର ପଞ୍ଚାୟତର ୨୩ ୱାଡର ପୁଲିଂ ପାର୍ଟି ଭୋଟ ବାକ୍ସ ବ୍ଲକକୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଣିଥିଲେ। ମାତ୍ର ଏହି ବୁଥର ଭୋଟ ବାକ୍ସରେ କପଡା ନ ଥିବାରୁ କୌଣସି ଅସତ୍ ଉପାୟ ଅବଲମ୍ବନ କରାଯାଇଥିବା ନେଇ ଭାଜପା କର୍ମୀମାନେ ଅଭିଯୋଗ ଆଣିବା ସହିତ ବିଡିଓଙ୍କୁ ଘେରିଥିଲେ। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଏସ୍.କେ.ସାର୍ଗି, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ଓ ବିଡିଓ ଦାସ ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହିତ ଆଲୋଚନା କରିଥିଲେ। ଏହି ବୁଥରେ କେତେଜଣ ଭୋଟର, କେତୋଟି ବାଲଟ ପେପର ଯାଇଥିଲା, କେତେ ଭୋଟ ପଡ଼ିଛି ସବୁ ଠିକ ଥିବା ଜଣାପଡିଥିଲା। ଆଉ ମଧ୍ୟ ପ୍ରିଜାଇଡିଂ ଅଧିକାରୀ ସମସ୍ତ କାର୍ଯ୍ୟ ଠିକ ଭାବରେ କରିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଦାୟିତ୍ୱରେ ରହିଥିବା ଅଧିକାରୀ ଏହି ପୁଲିଂ ପାର୍ଟିକୁ କପଡା ଦେଇ ନ ଥିବା ଜଣାପଡିଥିଲା। ସମସ୍ତଙ୍କ ସମ୍ମୁଖରେ ଏହି ଭୋଟ ବାକ୍ସକୁ ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିଲା।

## ହୋଟେଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୀ ଅଫିସ,୨।୫

ବଳିଆପଣ୍ଡା ଥାନା ଅନ୍ତର୍ଗତ ଜଗବନ୍ଧୁ ବଳିଆପଣ୍ଡାସ୍ଥିତ ଏକ ହୋଟେଲ ରୁମରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଭଦ୍ରକ ଜିଲା ଗୁଜୀ ଦରଡ଼ା ଗ୍ରାମର ଜଗବନ୍ଧୁ ମଲ୍ଲିକ(୨୦)। ଏ ନେଇ ପୋଲିସ କେସ ନମ୍ବର ୧୦/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଜଗବନ୍ଧୁ ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ୨ ବର୍ଷ ହେବ ରୁମ୍ ବଏ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ବିଳମ୍ବିତ ରାତିରେ ଖାଇବା ପରେ ରୁମ୍ ନମ୍ବର ୧୦୧ରେ ଜଗବନ୍ଧୁ ଶୋଇବାକୁ ଯାଇଥିଲେ। ସକାଳେ ଜଗବନ୍ଧୁ ଉଠିବାକୁ ବିଳମ୍ବ କରିବାରୁ ହୋଟେଲର ମ୍ୟାନେଜର ରବି ଶର୍ମା ରୁମ୍‌ର କବାଟ ବାଡେଇଥିଲେ। ହେଲେ ଜଗବନ୍ଧୁ ରୁମ୍ କବାଟ ଖୋଲି ନଥିଲେ। ତେଣୁ ମ୍ୟାନେଜର ରୁମ୍ ପଛପଟେ ଥିବା କାଚ ଝରକା ଖୋଲିବା ବେଳେ ଜଗବନ୍ଧୁ ଫ୍ୟାନରେ ଗାମୁଛା ଲଗେଇ ଝୁଲି ପଡିଥିବାର ଦେଖିଥିଲେ। ଖବରପାଇ ବଳିଆପଣ୍ଡା ଥାନା ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ତାଳଦା ଉପନିର୍ବାଚନ: ୨୯୦୨ଙ୍କ ମତ ସାବ୍ୟସ୍ତ

ଅସ୍ତରଙ୍ଗ,୨।୫(ଡି.ଏନ୍.ଏ.)

ତାଳଦା ଉପନିର୍ବାଚନ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶାନ୍ତିଶୃଙ୍ଖଳା ସହ ମଙ୍ଗଳବାର ସରିଛି। ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ତାଳଦାର ୧୬ ୱାର୍ଡର ସମୁଦାୟ ୪୦୦୨ ଭୋଟରଙ୍କ ମଧ୍ୟରୁ ୧୪୭୦ ଜଣ ମହିଳା, ୧୪୩୨ ଜଣ ପୁରୁଷ ଏପରି ମୋଟ ୨୯୦୨ ଭୋଟର ମତଦାନ କରିଥିଲେ। ମତଦାନର ହାର ଥିଲା ୭୨.୪୪ ଶତକଡା। ନିର୍ବାଚନ ଅଧିକାରୀ ତଥା ଅସ୍ତରଙ୍ଗ ବ୍ଲକ ବିଡିଓ ଡ. ବେବିତା ମଞ୍ଜରୀ ନାୟକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ହୋଇଥିଲା। ସୁରକ୍ଷା ବ୍ୟବସ୍ଥା ପାଇଁ ୧ ପ୍ଲାଟୁନ ଫୋର୍ସ, ଜଣେ ଡିଏସ୍‌ପି, ୨ ଇନ୍ସପେକ୍ଟର, ୨ ସବ୍‌ଇନ୍ସପେକ୍ଟର, ୪ ଏଏସ୍ଆଇ ମୁତୟନ ଥିଲେ। କୌଣସି ବୁଥରେ ଗଣ୍ଡଗୋଳ ହୋଇ ନ ଥିବା ଥାନା ଅଧିକାରୀ ପଞ୍ଚାନନ ପରିଡ଼ା କହିଛନ୍ତି। ବିଜେଡି ସମିତି ସଭ୍ୟ ଗିରିଧାରୀ ସେଠୀଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡି ସମର୍ଥନରେ ସ୍ୱର୍ଗତ ସେଠୀଙ୍କ ପୁଅ ଅମିୟ ସେଠୀ ପ୍ରାର୍ଥୀ ହୋଇଥିବାବେଳେ ସୁକାନ୍ତ ସେଠୀ ମିଳିତ ମଞ୍ଚ ପକ୍ଷରୁ ପ୍ରାର୍ଥୀ ହୋଇଥିଲେ।

## ତୁମ୍ବରେ ଅଖ ସଂଯୋଗ ପାଇଁ ପନ୍ଧାରୀ ଗାଡ଼ ନିର୍ମାଣ

ପୁରୀ ଅଫିସ,୨।୫

ରଥଯାତ୍ରା ନିମନ୍ତେ ରଥଖଳାରେ ରଥନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥଖଳାର ତିନିରଥର ସମସ୍ତ ୪୨ଟି ତୁମ୍ବର ନିର୍ମାଣ କାର୍ଯ୍ୟ ଶେଷ ହୋଇ ୧୬ ଯୋଡା ଲେଖାଏଁ ଅର୍ଥାତ ୩୨ଟି ବିନ୍ଧ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଅପରପକ୍ଷେ ତିନିରଥର ତୁମ୍ବଗୁଡିକରେ ଅରକଣ୍ଟା ବସିବା ପାଇଁ ଅଗରବିନ୍ଧ କରାଯିବା ସହ ଅର ସଂଯୋଗ ପାଇଁ ହୋଇଥିବା ବିନ୍ଧଗୁଡିକର ସଂଶୋଧନ କାର୍ଯ୍ୟ ଜାରି ରହିଛି। ମୁଗୁର, ନିହଣର ଠକଠକ୍ ଶବ୍ଦରେ ରଥଖଳା ଗୁଞ୍ଜରିତ ହେଉଥିବା ବେଳେ ସମର୍ପଣ ମନୋଭାବ ନେଇ ରଥନିର୍ମାଣକାରୀ ସେବାୟତମାନେ ତିନିରଥ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ରଥଖଳାରେ ତୁମ୍ବଗୁଡିକରେ ଅରକଣ୍ଟା ବସିବା ପାଇଁ ଅଗରବିନ୍ଧ କରାଯିବା ସହ ଅର ସଂଯୋଗ ପାଇଁ ହୋଇଥିବା ବିନ୍ଧଗୁଡିକର ସଂଶୋଧନ କାର୍ଯ୍ୟ ଜାରି ରହିଛି। ସେପଟେ ତୁମ୍ବରେ ଅଖ ସଂଯୋଗ ପାଇଁ କାମ ଜାରି ରହିଥିବା ବେଳେ ଆଗକୁ ପର୍ଯ୍ୟାୟକ୍ରମେ କାମ କରାଯାଇ ଭଉଁରୀ ଡିଥିରେ ପ୍ରତ୍ୟେକ ରଥ ପାଇଁ ଦୁଇଟି ଚକ ସହ ଅଖ ସଂଯୋଗ କରାଯିବ। ତିନିରଥର ମହାରଣାମାନେ ମାପ ପ୍ରକାରେ ତୁମ୍ବ ବିନ୍ଧଗୁଡିକୁ ନିହଣ ଦ୍ୱାରା ସାଇଜ କାର୍ଯ୍ୟ ଜାରି ରଖିଛନ୍ତି। ଯେପରି ତୁମ୍ବ ବିନ୍ଧଗୁଡିକରେ ସାଲ ହୋଇଥିବା ଅର ପଟା ଠିକରେ ସଂଯୋଗ ହୋଇପାରିବ। ଏତଦ୍‌ବ୍ୟତୀତ ମଙ୍ଗଳବାର ତୁମ୍ବଗୁଡିକରେ ଅଖ ସଂଯୋଗ ପାଇଁ ପନ୍ଧାରୀ ଗାଡ଼ ନିର୍ମାଣ କାର୍ଯ୍ୟ ତିନିରଥର ମହାରଣାମାନେ ଜାରି ରଖିଛନ୍ତି। ଅପରପକ୍ଷେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ତିନିରଥର ଓଝା ବା କମାର ସେବକମାନେ ତିନିରଥର ଚକ ପାଇଁ ଆବଶ୍ୟକ ଅର କଣ୍ଟା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏତଦବ୍ୟତୀତ ତିନିରଥର ୪୨ଟି ତୁମ୍ବ ପାଇଁ ପନ୍ଧାରୀ ବଳା ନିର୍ମାଣ ଜାରି ରଖିଛନ୍ତି। ରଥନିର୍ମାଣ କାର୍ଯ୍ୟ ନବମ ଦିନରେ ୧୩୮ ଜଣ ନିୟୋଜିତ ରହିଥିଲେ।


**ODISHA ADARSHA VIDYALAYA SANGATHAN**
N-1/9, Nayapalli, PO: Sainik School, Bhubaneswar-751005
email: oavsbbsr.od@gov.in

**Notice for Computer Based Test (CBT)**
**No. 3753 Date: 01.05.2023**

**No.n-35:**Pursuant to the Advt. No. 01/2023 of OAVS, the Computer Based Test (CBT) for recruitment of Principals and Teachers in OAVs shall be held from 16th May 2023 to 19th May 2023 at different centers in the State.

1. The list of centers with cities and schedule of examination along with the link to download their e-admit cards will be available in the OAVS website (oav.edu.in). The SMS will also be sent in the registered mobile number of the candidates.
2. Facilitation Counters will be opened on 15.05.2023 from 10 AM to 2 PM in the office of the concerned District Education Officers to resolve the issues in downloading of e-admit cards.
3. After completion of CBT, the link for uploading the objections on the CBT questions will be available in the OAVS website for a specific period only, so as to enable the candidates to file their objections.

For detailed information and updates, the candidates are advised to visit the OAVS website (oav.edu.in) regularly.

**Sd./-State Project Director**
OIPR-27029/11/0003/2324

**GOVT. OF ODISHA**
**"e"- PROCUREMENT NOTICE**
**Bid Identification No. S.E. PKL(R&B)- 05/2023-24**
E-mail address- eepwd.pkl@rediffmail.com
No.B-144: **TENDER CALL NOTICE**

| | | |
|---|---|---|
| 1. Name of the work | : | Building work |
| 2. Numbers of work | : | 1 (One) |
| 3. Estimated cost | : | Rs.95.00 (Approx) |
| 4. Period of completion | : | 4 (Four) calendar months |
| 5. Date & Time of availability of bid document in the portal | : | From 11.00 A.M of dt.03.05.2023 to 05.00 P.M of dt.17.05.2023 |
| 6. Last Date/ Time for receipt of bids in the portal | : | 05.00 P.M of dt.17.05.2023 |
| 7. Date of opening of Bid | : | 11.30 A.M of dt.18.05.2023 |
| 8. Name and address of the Officer Inviting Bid | : | Superintending Engineer, Panikoili (R&B) Division, Panikoili. |

Further details can be seen from the e-procurement portal https://tendersodisha.gov.in.
**Sd./- Superintending Engineer**
**Panikoili (R&B) Division**
OIPR-34067/11/0006/2324

**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
ଦୁର୍ଗାପାଲୀ, ସମ୍ବଲପୁର – ୭୬୮୦୦୬
ପତ୍ର ସଂଖ୍ୟା: ୩୨୯୭ ତାରିଖ: ୨୮।୦୪।୨୦୨୩
**ପୋଖରୀ/ବନ୍ଧ/କଟା ନିଲାମ ନୋଟିସ**
No. C-214: ଏତଦ୍ୱାରା ସର୍ବସାଧାରଣ/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୦୨ ପୋଖରୀ/ବନ୍ଧ/କଟାଗୁଡ଼ିକର ଟେଣ୍ଡର ଅବଧି ପ୍ରଥମ ବର୍ଷ (ଟେଣ୍ଡର କାର୍ଯ୍ୟାଦେଶ ପାଇବାଠାରୁ ଜୁନ୍, ୨୦୨୪), ଦ୍ୱିତୀୟ ବର୍ଷ (ଜୁଲାଇ ୨୦୨୪ରୁ ଜୁନ୍, ୨୦୨୫), ତୃତୀୟ ବର୍ଷ (ଜୁଲାଇ, ୨୦୨୫ରୁ ଜୁନ୍, ୨୦୨୬), ଚତୁର୍ଥ ବର୍ଷ (ଜୁଲାଇ ୨୦୨୬ରୁ ଜୁନ୍, ୨୦୨୭) ଏବଂ ପଞ୍ଚମ ବର୍ଷ (ଜୁଲାଇ ୨୦୨୭ରୁ ଜୁନ୍, ୨୦୨୮) (ପାଞ୍ଚ ବର୍ଷ ଅବଧି) ମାଛ ଚାଷ ନିମନ୍ତେ ତା୦୧।୦୫।୨୦୨୩ରୁ ତା୧୧।୦୫।୨୦୨୩ରିଖ ଅପରାହ୍ନ ଘ.୯.୩୦ମି. ସୁଦ୍ଧା ଟେଣ୍ଡର ଦରଖାସ୍ତ କେବଳ ଡାକ, କୋରିୟର ଏବଂ ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା୧୨।୦୫।୨୦୨୩ରିଖ ଅପରାହ୍ନ ଘ.୯.୩୦ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ଫର୍ମ ଖୋଲାଯିବ। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ **(www.smcsambalpur.nic.in)**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ, ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।
ସ୍ୱା./– ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0012/2324

**WATCO**
**OFFICE OF THE GENERAL MANAGER**
**WATCO DIVISION-I, VANIVIHAR SQUARE**
No.C-206: BHUBANESWAR, ODISHA, PIN-751022
Phone/Fax:0674-2542821/e-mail:gmdivonewatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
GMWATCO-I/06/2023-24, Dt.29.04.2023
No.7364, Date:29.04.2023

01. Name of the work :- Provision for Shifting of Water Supply & Sewerage disposal utilities including construction of 300user Septic Tank for construction of Road widening and community Infrastructure area adjacent to ISBT, Baramunda, Bhubaneswar
02. Estimated cost : Rs.31.52 Lakh
03. Period of completion : 45 Days
04. Date & time of availability of bid document in the portal : From 11.00 AM of Dt.03.05.2023 to 5.00 PM of 11.05.2023
05. Last date / time of receipt of bids in the portal : 5.00 PM of 11.05.2023.
06. Last date & time of seeking clarification :5.00 PM of 06.05.2023.
07. Date & Time of Opening of bids : At 12.30 PM of 12.05.2023
08. Name and address of the Officer Inviting Bid :- General Manager WATCO Division-I, BBSR

**Name & Address of Officer Inviting Bid : The General Manager, WATCO Division-I, BBSR, Odisha**
Further details can be seen from the e-Procurement portal https://www.tendersodisha.gov.in.
**Sd./-General Manager**
**WATCO Division-I, BBSR**
OIPR-13083/11/0004/2324

**GOVERNMENT OF ODISHA** No.A-87:
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, ADDITIONAL SPILLWAY DIVISION, BURLA**
PHONE NO.: 0663-2430080 E-mail- eeasdhirakud@gmail.com or seadditionalspillway@gmail.com
**'e' Procurement Notice No. ASD- 04 /2023-24 (Online)**

| | | | |
|---|---|---|---|
| 1. | Name of Work | : | Survey and Investigation of River Mahanadi from D/S of Hirakud Dam to D/S of Sambalpur Town of Additional Spillway Project at Hirakud Dam. |
| 2. | Nos. of work | : | 01 (One) No. |
| 3. | Amount Put to Tender | : | Rs. 20.30 Lakhs approximately. |
| 4. | Period of Completion | : | As per D.T.C.N.60 Days |
| 5 | EMD | : | Rs.20,400/- |
| 6. | Date and Time of availability of Bid Document in the Portal | : | Dt: 03.05.2023 at 11.00 AM to Dt: 15.05.2023 up to 5.00 PM. |
| 7. | Last Date / Time for receipt of Bids in the Portal | : | Dt: 15.05.2023 up to 5.00 PM. |
| 8. | Date of opening of Bid | : | Dt: 16.05.2023 at 11.00 AM. |
| 9. | Last date & time of seeking tender clarification | : | Dt: 09.05.2023 up to 04.00 PM. |
| 10. | Name and Address of the Officer Inviting Bid | | Superintending Engineer, Additional Spillway Division, Burla At/PO-Burla - 768017, Dist-Sambalpur Email:eeasdhirakud@gmail.com/ seadditionalspillway@gmail.com |

Further detail can be seen from the e-Procurement portal www.tendersodisha.gov.in.
**Sd./- Superintending Engineer**
**Additional Spillway Division, Burla**
OIPR-32414/11/0004/2324

**OMC** | ODISHA NEW OPPORTUNITIES
Mining Happiness
**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
**REQUEST FOR PROPOSAL FOR SELECTION OF MINE OPERATOR FOR GANDHAMARDAN IRON ORE MINE (BLOCK-A & PUTULPANI QUARRY OF BLOCK-B) IN THE DISTRICT OF KEONJHAR, ODISHA**
(RfP No. 179/OMC/P&T/2023 dated 02.05.2023)

**No.CAD-423:**Odisha Mining Corporation Limited (OMC) invites bids from experienced Mine Operators for "Hiring of plant and machineries for excavation/raising from Iron Ore body by required drilling and blasting, transportation of ROM to crushing and/ or screening plant to be installed by the Mine Operator, crushing and/ or screening of ROM to obtain finished product of specific size of CLO and specific size of fines, transport of finished product to specified yards after necessary weighment, cleaning of quarry faces, excavation and disposal of sub-grade, overburden/ incidental waste and associated rejects/ spoils/ spurious materials to the specified yards at **Gandhamardan Iron Ore Mine(Block-A & Putulpani Quarry of Block-B)"**
Peak Rated Capacity: **12,00,000 MT**
Period of Contract: **1+1 Years**
Last Date of on-line Submission of Bid: Up to 04:00 PM on dtd. **23.05.2023**
Last Date of Physical Submission of Original Documents related to Bid: - Up to 04:00 PM on **dtd.24.05.2023**
Bid Document Cost: INR 1,18,000/- (Rupees One Lakh Eighteen Thousand) only including GST @18%.
The executive summary of the Bidding Process as well as the Bidding Documents have been uploaded on the portal of the MSTC Ltd. (www.mstcecommerce.com/eprochome/omc) and on the website of Odisha Mining Corporation Limited (http://www.omcltd.in). The Documents can be downloaded from the above sites from **dtd. 03.05.2023.**
Any further communications, corrigendum/addendum, etc. will be uploaded on the website of MSTC and OMC. OMC reserves the right to reject any or all bids/proposals without assigning any reasons whatsoever.
Nodal officer for this bidding process: Rajesh Mishra, General Manager (Mining), OMC Email: rajeshmishra@odishamining.in, Phone: +91 674 2377437, +91 8763545981, Contact Person: Jnana Ranjan Jena, Sr. Manager (Mining), OMC, Phone: +91- 9437554356
Mine Office Contact: 6372213647/8114395181/8144504470.
**Sd./- Dtd.02.05.2023**
OIPR-30005/11/0018/2324 **General Manager (Mining), OMC**

**THE ODISHA AGRO INDUSTRIES CORPORATION LIMITED**
(A Government of Odisha Undertaking)
95, Satya Nagar, Bhubaneswar - 751007
**Notice No. 2322** **Date: 01.05.2023**
**DETAIL REQUEST FOR PROPOSAL (RFP) NOTICE**
No. CAD-406: Sealed quotation in conformity with technical specification, term & conditions in bid documents are invited from registered architects/architectural firms for the works "Providing Comprehensive Architectural Services to Odisha Agro Industries Corporation Ltd. (OAIC). For details please visit our website **odishaagro.nic.in**. The detail tender documents will be available in the office of undersigned from **Dt.03.05.2023 to Dt.17.05.2023 upto 4.00 P.M.** on payment of Rs.10,000/- + GST @ 18% per set or else the documents can also be downloaded from our website and the documents should be enclosed with a DD for Rs.11800/- in favour of M.D.,OAIC Ltd., from any Nationalized Bank payable at Bhubaneswar. The last date of submission of quotation document is Dt.18.05.2023 upto 5.00 P.M. The undersigned reserves the right to accept/reject any/all application(s) without assigning any reasons thereof.
**Sd./- Managing Director**
OIPR-01047/11/0007/2324

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674-2340573, Tel Fax - 2340096
E-mail-mdossctd456@gmail.com
**NIT No.OSSC/Mktg (Hort)- 07/2023**
**Short e-Tender Call Notice**
**No.CAD-399:**OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on itemwise rate contract basis for Procurement of Certified seed Potato for Kharif-2023 in double cover system through online mode only for the works below.

| | |
|---|---|
| Name of the Work | Purchase of Certified seed Potato for Kharif-2023 |
| No. of Work | One |
| Availability of bid documents in portal | 15 hours on 02.05.2023 to 17 hours of 11.05.2023 |
| Last date of receipt of tender in portal | 17 hours of 11.05.2023 |
| Date and time of opening of bid | 11 hours 12.05.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.
**Sd./- (B.K. Nayak)**
**Managing Director, OSSC Ltd.**
OIPR-01106/11/0005/2324

**DISTRICT DISASTER MANAGEMENT AUTHORITY (DDMA), KHORDHA**
**Advt. No. 6058** **Date: 02.05.2023**
No. F-42: The Expression of Interest (EOI) are invited from the interested registered Non-Government Organizations (NGOs) who will be engaged for preparation of 314 Nos. of Village Disaster Management Plans (VDMP) in the different Blocks of Khordha district for the year 2023-24. The details of eligibility criteria, Term of Reference (TOR), selection procedure of NGOs & other documents are uploaded in the District NIC website **(https://Khordha.nic.in)** for necessary information. The interested NGOs may apply to the Additional District Magistrate-cum-Chairman of NGO Selection Committee, Khordha, Odisha by 15th May 2023 (till 5 P.M.) through Speed Post/Registered Post only & same will be opened on 16th May 2023 at 11 A.M. in the Office Chamber of ADM, Collectorate, Khordha. Any modification, alternation and date of extension, if so required will be intimated through the above District NIC website only. The authority reserved the right to cancel any or the entire proposal of Expression of Interest without assigning any reason thereof.
**Sd./- Additional District Magistrate**
**Chairperson NGO Selection Committee, Khordha**
OIPR-24351/11/0006/2324

## ସଂକ୍ଷେପରେ

### ବରମୁଣ୍ଡା ବସ୍ ଟର୍ମିନାଲ ପ୍ରସ୍ଥାନ ପଥରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୨।୫(ବ୍ୟୁରୋ): ବରମୁଣ୍ଡା ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ଜୋରଦାର୍ ଭାବେ ଆଗେଇ ଚାଲିଛି। ବସ୍‌ଷ୍ଟାଣ୍ଡର ପ୍ରସ୍ଥାନ ପଥରେ ଜବରଦଖଲ ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧକ ହେଉଥିବାରୁ ବିଡିଏ ପକ୍ଷରୁ ଲଗାତର ଭାବେ ଏଠାରେ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ସୋମବାର ଏଠାରୁ ଜବରଦଖଲ ଉଚ୍ଛେଦ କରାଯିବା ସହିତ ୪୫୦ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ପ୍ରସ୍ଥାନ ଜାଗାରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଘର କରି ରହୁଥିଲେ। ଉଚ୍ଛେଦରେ ୨୫ ଟିଣ ଓ ଆଜବେଷ୍ଟସ ଘର, ୧୧ଟି ଶୌଚାଳୟ, ୨୦୦ ଫୁଟର ପାଚେରି, ୬ ବଖରା ଛାତଘର, ଗୋଟିଏ ଦୋକାନ, ୩ଟି ଆଜବେଷ୍ଟସ ଦୋକାନ ଭଙ୍ଗାଯାଇଥିଲା। ପ୍ରାୟ ୪୫୦ ଡିସିମିଲର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଶ୍ୱେତ କୁମାର ଦାଶ, ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏର ସହକାରୀ ନିର୍ଦ୍ଦେଶକ ଅମିୟ ଦାସ, ଭରତପୁର ଥାନା ଆଇଆଇସି ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରଦ୍ଧାଞ୍ଜଳିଙ୍କୁ ବ୍ୟକ୍ତିଗତ ହାଜର ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲା**

■ ପିଟଶନ୍ ଖାରଜ, ମେ’ ୮ରେ ହାଜର ହେବେ

ଭୁବନେଶ୍ୱର,୨।୫(ବ୍ୟୁରୋ)

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଗିରଫ ହୋଇଥିବା ଅର୍ଚ୍ଚନା ନାଗଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ମଙ୍ଗଳବାର ଅଦାଲତି ଝଟ୍‌କା ଲାଗିଛି। ଶ୍ରଦ୍ଧାଞ୍ଜଳିଙ୍କ ବିନା ତାଙ୍କ ଓକିଲ ହାଜର ହେବା ପାଇଁ (୨୦୫ ସିଆର୍‌ପିସି)ରେ ଦାଖଲ ହୋଇଥିବା ପିଟିଶନ୍‌କୁ ଭୁବନେଶ୍ୱର ସିବିଆଇ (୧) କୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ଆସନ୍ତା ମେ ୮ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଶ୍ରଦ୍ଧାଞ୍ଜଳିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶ ଫଳରେ ଶ୍ରଦ୍ଧାଞ୍ଜଳିଙ୍କ ଚିନ୍ତା ବଢ଼ିଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅର୍ଚ୍ଚନା, ତାଙ୍କ


ଶ୍ରଦ୍ଧାଞ୍ଜଳି ବେହେରା

ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବିଜନେସ୍ ପାର୍ଟନର୍ ଖଗେଶ୍ୱର ପାତ୍ର ଦୀର୍ଘଦିନ ହେବ ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଦିନ କାଟୁଛନ୍ତି। ନୟାପଲ୍ଲୀ ଥାନା ମାମଲାରେ ଅର୍ଚ୍ଚନାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିବା ବେଳେ ଖଣ୍ଡଗିରି ଥାନା ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଜାମିନ ମିଳିନାହିଁ। ଇଡି ମାମଲାରେ ଅର୍ଚ୍ଚନାଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ଶୁଣାଣି ତାରିଖ ଆଗାମୀ ଜୁନ ୨୬ରେ ରହିଛି। ସେହିପରି ଜଗବନ୍ଧୁଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ଶୁଣାଣି ବାକି ଅଛି। ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳିଙ୍କ ଦ୍ୱାରା ଅର୍ଚ୍ଚନା ବ୍ଲାକ୍‌ମେଲ କରୁଥିବା ନେଇ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ଫସାଇବାକୁ ବାଧ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ପୋଲିସ ଅର୍ଚ୍ଚନା ଓ ପରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ପରେ ବେଆଇନ ଅର୍ଥ କାରବାର ନେଇ ଇଡି ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଓ ଜଗବନ୍ଧୁଙ୍କୁ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା। ହେଲେ ଶ୍ରଦ୍ଧାଞ୍ଜଳିଙ୍କୁ ପୋଲିସ କିମ୍ବା ଇଡି ଗିରଫ ନ କରିଥିବାରୁ ଅର୍ଚ୍ଚନା ବିଭିନ୍ନ ସମୟରେ ପ୍ରଶ୍ନ ଉଠାଉଛନ୍ତି।



ମହିଳା କୁସ୍ତିବିତ୍‌ଙ୍କୁ ଯୌନ ଶୋଷଣ ଅଭିଯୋଗ ପ୍ରତିବାଦରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସଦସ୍ୟା।

## ୫-ଟି ସଚିବଙ୍କୁ ଭେଟି ସମସ୍ୟା ଜଣାଇଲେ ବିଧାୟକ

**ବାଲିପାଟଣା,୨।୫(ଡି.ଏନ୍.ଏ.):** ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ସୋମବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଭେଟି ଜୟଦେବ ନିର୍ବାଚନମଣ୍ଡଳୀର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ନେଇ ଦାବି ଉପସ୍ଥାପନ କରିଛନ୍ତି। ବିଧାୟକଙ୍କ ସୂଚନା ଅନୁସାରେ ବାଲିଅନ୍ତା ବ୍ଲକ ବଇଁଚୁଆସ୍ଥିତ କୁଶଭଦ୍ରା ନଦୀରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ ତ୍ୱରାନ୍ୱିତ କରିବା, ବାଲିପାଟଣା ବ୍ଲକ କୃଷ୍ଣପୁରରେ ହାଇଲେବୁଲ ବ୍ରିଜ ନିର୍ମାଣ, ଭାପୁର ଗ୍ରାମରୁ ଡ୍ରେନ ନିର୍ମାଣ, ଧନୁଆ ନଦୀଶଯ୍ୟା ଖନନ ଏବଂ ଉଭୟ ପାର୍ଶ୍ୱ ଆଡ଼ିବନ୍ଧ ସମ୍ପ୍ରସାରଣ କାର୍ଯ୍ୟ କରାଯିବା, ଟଙ୍କପାଣି ବ୍ରିଜଠାରୁ ଜୟଦେବ ପୀଠକୁ ମୋ ବସ୍ ଚଳାଚଳ, ଜୟଦେବ ପୀଠ ଓ ଶିଶୁଅନନ୍ତ ପୀଠର ବିକାଶ କାର୍ଯ୍ୟ ଆଦି ଦାବି ରହିଥିଲା। ୫-ଟି ସଚିବ ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଫଟୋ ସାମ୍ବାଦିକଙ୍କ ବନ୍ଧୁମିଳନ


କାର୍ଯ୍ୟକ୍ରମରେ ଅତିଥି ଏବଂ ଫଟୋ ସାମ୍ବାଦିକମାନେ।

ଭୁବନେଶ୍ୱର, ୨।୫(ବ୍ୟୁରୋ)

ଶ୍ରମିକ ଦିବସ ଅବସରରେ ସୋମବାର ସୁରତରଙ୍ଗ ଆନୁକୂଲ୍ୟରେ ଭୁବନେଶ୍ୱର ଫଟୋ ସାମ୍ବାଦିକ ପରିବାରର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ସୁରତରଙ୍ଗର ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ଶର୍ମା, ଉପସଭାପତି କଣ୍ଠଶିଳ୍ପୀ ବିଭୁକିଶୋର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶ୍ରମିକ ଦିବସ ଉପରେ ଆଲୋକପାତ କରିବା ସହିତ ସାମ୍ବାଦିକତା ଭଳି ବ୍ୟସ୍ତବହୁଳ କର୍ମରୁ ସମୟ ବାହାର କରି ଏଭଳି କାର୍ଯ୍ୟକ୍ରମ କରିଥିବାରୁ ଫଟୋ ସାମ୍ବାଦିକଙ୍କୁ ପ୍ରଶଂସା କରିଥିଲେ। ଫଟୋ ସାମ୍ବାଦିକ ପୀୟୁଷ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନୋରଞ୍ଜନ ମିଶ୍ର, ବିଶ୍ୱନାଥ ସ୍ୱାଇଁ, ବସନ୍ତ ପରିଡ଼ା, ଦୀପକ କୁମାର ମହାପାତ୍ର, ଚନ୍ଦ୍ରଶେଖର ସାହୁ, ନବୀନ କୁମାର ଦାସ, ସନ୍ତୋଷ ପଣ୍ଡା, ବିଶ୍ୱରଞ୍ଜନ ମିଶ୍ର, ମନୋଜ ସ୍ୱାଇଁ, ମୌସୁମ ନନ୍ଦ, ବିଭୂତି ସାହୁ, ବୁଲୁ ସାହୁ, ଧ୍ରୁବ ମିଶ୍ର, ଅରବିନ୍ଦ ମହାପାତ୍ର, ପ୍ରକାଶ କୁମାର ସାହୁପ୍ରମୁଖ ବହୁ ଫଟୋ ସାମ୍ବାଦିକ ନିଜ ପରିବାର ସହିତ ଯୋଗଦେଇଥିଲେ। ସୁରତରଙ୍ଗର ସହସମ୍ପାଦକ ଅଜିତ ସେଠୀ ଧନ୍ୟବାଦ ଦେଇଥିବାବେଳେ ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଦ୍ୟପ ଚାଳକଙ୍କ ଗିରଫଦାରି ନିଶ୍ଚିତ କରିବେ ଡିଜିପି

ଭୁବନେଶ୍ୱର,୨।୫(ବ୍ୟୁରୋ)

ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ରାଜ୍ୟ ସରକାର ମଦ୍ୟପାନ କିମ୍ବା ଡ୍ରଗ୍ସ ସେବନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ଦାୟିତ୍ୱ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲଙ୍କୁ ଦେଇଛନ୍ତି। ପରିବହନ ଓ ବାଣିଜ୍ୟ ସଚିବ ଉଷା ପାଢ଼ୀ ଡିଜିପି ବଂଶଲଙ୍କ ନିକଟକୁ ପଠାଇଥିବା ଏକ ପତ୍ରରେ କହିଛନ୍ତି, ରାଜ୍ୟରେ ଘଟୁଥିବା ଦୁର୍ଘଟଣାଗୁଡ଼ିକ ପାଇଁ ମଦ୍ୟପାନ ପୂର୍ବକ ଗାଡ଼ି ଚାଳନା ଅନେକାଂଶରେ ଦାୟୀ। ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ଏବଂ ପୋଲିସଠାରୁ ପ୍ରାପ୍ତ ରିପୋର୍ଟ ଅନୁସାରେ ଏପ୍ରିଲ ପ୍ରଥମ ସପ୍ତାହରେ ଜିରୋ ଫାଟାଲିଟି (ମୃତ୍ୟୁଶୂନ୍ୟ) ୱିକ୍ ପାଳନ ବେଳେ ଲୋକେ ମଦ ପିଇ ଗାଡ଼ି ଚଳାଉଥିବା ନେଇ ୧,୨୫୭ଟି ମାମଲା ରୁଜୁ ହୋଇଥିଲା। ପୋଲିସ ମଧ୍ୟ ଏଭଳି ୧୩୩ ନିଶାସକ୍ତ ଚାଳକଙ୍କୁ ଧରିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରାଯାଇ ନ ଥିବା ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ଉଷା ପାଢ଼ୀ ଆହୁରି କହିଛନ୍ତି, ସଡ଼କ ସୁରକ୍ଷା ସମ୍ପର୍କିତ ସୁପ୍ରିମକୋର୍ଟ କମିଟି ମଦ୍ୟପ ଚାଳକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛି। ଏମ୍‌ଭି ଆକ୍ଟ, ୧୯୮୮ ଅନୁସାରେ ପ୍ରଥମ ଥର ଅପରାଧ ପାଇଁ ମଧ୍ୟ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ଏପରି କି ସେମାନଙ୍କ ଲାଇସେନ୍ସ ଅନ୍ୟୂନ ୩ ମାସ ପାଇଁ ରଦ୍ଦ କରିବାକୁ ମଧ୍ୟ କମିଟି ପକ୍ଷରୁ କୁହାଯାଇଛି। ମଦ୍ୟପାନ କରି ଯାନବାହନ ଚଳାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲାଗି ଥାନା ଏବଂ ଆର୍‌ଟିଓଗୁଡ଼ିକୁ ପର୍ଯ୍ୟାପ୍ତ ସଂଖ୍ୟକ ବ୍ରେଥ୍ ଆନାଲାଇଜର ଦିଆଯାଇଛି। ତେଣୁ ମଦ୍ୟପାନ ପୂର୍ବକ ଗାଡ଼ି ଚାଳନା ମାମଲାକୁ ଜଟିଳ ନ କରି ଚାଳକମାନଙ୍କୁ ଗିରଫ କରିବା ଲାଗି ରାଜ୍ୟର ଥାନାଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସଚିବ ସୂଚନା ଦେଇଛନ୍ତି।

## ଏଡିଏମ୍‌ଙ୍କ ଗାଡ଼ିକୁ ଧକ୍କା ଦେଲା ମୋ ବସ୍

ଭୁବନେଶ୍ୱର,୨।୫(ବ୍ୟୁରୋ)

 କଟକର ଅତିରିକ୍ତ ଜିଲାପାଳ (ଏଡିଏମ୍) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଗାଡ଼ିକୁ ମୋ ବସ୍ ଧକ୍କା ଦେଇଛି। ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱର ରାଜଭବନ ଛକରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଏଡିଏମ୍‌ଙ୍କ ଗାଡ଼ି (ନଂ. ଓଡି୦୫ଏଡବ୍ଲ୍ୟୁ୨୧୨୧)ର ପଛପଟ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଏଡିଏମ୍ ମିଶ୍ରଙ୍କ ମୁଣ୍ଡ ସାମାନ୍ୟ ଫାଟିଯାଇଛି। ତେବେ ଡ୍ରାଇଭରଙ୍କ କୌଣସି କ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ମୋ ବସ୍‌ରେ ଥିବା ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି। ତେବେ ଏହି ଦୁର୍ଘଟଣା ନେଇ ଏଡିଏମ୍‌ଙ୍କ ପକ୍ଷରୁ କୌଣସି ଏତଲା ଦିଆଯାଇ ନ ଥିବା ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ଏଡିଏମ୍ ମିଶ୍ର ନିଜ କାର୍ ଯୋଗେ କଟକରୁ



ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ଯାଉଥିଲେ। ତାଙ୍କ ଡ୍ରାଇଭର ଗାଡ଼ି ଚଳାଉଥିବା ବେଳେ ସେ ବସିଥିଲେ। ୟୁନିଟ-୬ ପଟୁ ଏଡିଏମ୍‌ଙ୍କ ଗାଡ଼ି ଆସୁଥିଲା। ଏହି ସମୟରେ ଭୁବନେଶ୍ୱର ରେଳଷ୍ଟେଶନରୁ ସମ୍ ହସ୍ପିଟାଲ ଯାଉଥିବା ରୁଟ ନଂ ୨୩ର ମୋ ବସ୍ ଏଜି ଛକରୁ ଯାଉଥିଲା। ଏଡିଏମ୍‌ଙ୍କ ଗାଡ଼ି ରାଜଭବନ ଗୋଲେଇ ବୁଲି ଏୟାରପୋର୍ଟ ଆଡ଼େ ଯାଉଥିବାବେଳେ ମୋ ବସ୍ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଏଡିଏମ୍‌ଙ୍କ ଗାଡ଼ି ୩ ଘେରା ବୁଲିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।



## ODISHA ADARSHA VIDYALAYA SANGATHAN

N-1/9, Nayapalli, PO: Sainik School, Bhubaneswar-751005
email: oavsbbsr.od@gov.in

### Notice for Computer Based Test (CBT)
No. 3753 Date: 01.05.2023

**No.n-35:** Pursuant to the Advt. No. 01/2023 of OAVS, the Computer Based Test (CBT) for recruitment of Principals and Teachers in OAVs shall be held from 16th May 2023 to 19th May 2023 at different centers in the State.

1. The list of centers with cities and schedule of examination along with the link to download their e-admit cards will be available in the OAVS website (oav.edu.in). The SMS will also be sent in the registered mobile number of the candidates.
2. Facilitation Counters will be opened on 15.05.2023 from 10 AM to 2 PM in the office of the concerned District Education Officers to resolve the issues in downloading of e-admit cards.
3. After completion of CBT, the link for uploading the objections on the CBT questions will be available in the OAVS website for a specific period only, so as to enable the candidates to file their objections.

For detailed information and updates, the candidates are advised to visit the OAVS website (oav.edu.in) regularly.

**Sd./-State Project Director**
OIPR-27029/11/0003/2324

## GOVT. OF ODISHA
### "e"- PROCUREMENT NOTICE
Bid Identification No. S.E. PKL(R&B)- 05/2023-24
E-mail address- eepwd.pkl@rediffmail.com

No.B-144: **TENDER CALL NOTICE**

| | | |
|---|---|---|
| 1. | Name of the work | Building work |
| 2. | Number of work | 1 (One) |
| 3. | Estimated cost | Rs.95.00 (Approx) |
| 4. | Period of completion | 4 (Four) calendar months |
| 5. | Date & Time of availability of bid document in the portal | From 11.00 A.M of dt.03.05.2023 to 05.00 P.M of dt.17.05.2023 |
| 6. | Last Date/ Time for receipt of bids in the portal | 05.00 P.M of dt.17.05.2023 |
| 7. | Date of opening of Bid | 11.30 A.M of dt.18.05.2023 |
| 8. | Name and address of the Officer Inviting Bid | Superintending Engineer, Panikoili (R&B) Division, Panikoili. |

Further details can be seen from the e-procurement portal https://tendersodisha.gov.in.

**Sd./- Superintending Engineer**
**Panikoili (R&B) Division**
OIPR-34067/11/0006/2324

## ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
ଦୁର୍ଗାପାଲ୍ଲୀ, ସମ୍ବଲପୁର – ୭୬୮୦୦୬

ପତ୍ର ସଂଖ୍ୟା: ୩୨୯୭ ତାରିଖ: ୨୮।୦୪।୨୦୨୩

### ପୋଖରୀ/ବନ୍ଧ/କଟା ନିଲାମ ନୋଟିସ

No. C-214: ଏତଦ୍ୱାରା ସର୍ବସାଧାରଣ/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୦୨ ପୋଖରୀ/ବନ୍ଧ/କଟାଗୁଡ଼ିକର ଟେଣ୍ଡର ଅବଧି ପ୍ରଥମ ବର୍ଷ (ଟେଣ୍ଡର କାର୍ଯ୍ୟାଦେଶ ପାଇବାଠାରୁ ଜୁନ୍, ୨୦୨୪), ଦ୍ୱିତୀୟ ବର୍ଷ (ଜୁଲାଇ ୨୦୨୪ରୁ ଜୁନ୍, ୨୦୨୫), ତୃତୀୟ ବର୍ଷ (ଜୁଲାଇ, ୨୦୨୫ରୁ ଜୁନ୍, ୨୦୨୬), ଚତୁର୍ଥ ବର୍ଷ (ଜୁଲାଇ ୨୦୨୬ରୁ ଜୁନ୍, ୨୦୨୭) ଏବଂ ପଞ୍ଚମ ବର୍ଷ (ଜୁଲାଇ ୨୦୨୭ରୁ ଜୁନ୍, ୨୦୨୮) (ପାଞ୍ଚ ବର୍ଷ ଅବଧି) ମାଛ ଚାଷ ନିମନ୍ତେ ତା୦୧।୦୫।୨୦୨୩ରୁ ତା୧୧।୦୫।୨୦୨୩ରିଖ ଅପରାହ୍ନ ଘ୯.୩୦ମି. ସୁଦ୍ଧା ଟେଣ୍ଡର ଦରଖାସ୍ତ କେବଳ ଡାକ, କୋରିୟର ଏବଂ ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା୧୨।୦୫।୨୦୨୩ରିଖ ଅପରାହ୍ନ ଘ.୯.୩୦ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ଫର୍ମ ଖୋଲାଯିବ। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ **(www.smcsambalpur.nic.in)**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ, ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।

ସ୍ୱା./– ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0012/2324

## WATCO
### OFFICE OF THE GENERAL MANAGER
### WATCO DIVISION-I, VANIVIHAR SQUARE
No.C-206: BHUBANESWAR, ODISHA, PIN-751022
Phone/Fax:0674-2542821/e-mail:gmdivonewatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
GMWATCO-I/06/2023-24, Dt.29.04.2023
No.7364, Date:29.04.2023

01. Name of the work :- Provision for Shifting of Water Supply & Sewerage disposal utilities including construction of 300user Septic Tank for construction of Road widening and community Infrastructure area adjacent to ISBT, Baramunda, Bhubaneswar
02. Estimated cost : Rs.31.52 Lakh
03. Period of completion : 45 Days
04. Date & time of availability of bid document in the portal : From 11.00 AM of Dt.03.05.2023 to 5.00 PM of 11.05.2023
05. Last date / time of receipt of bids in the portal : 5.00 PM of 11.05.2023.
06. Last date & time of seeking clarification :5.00 PM of 06.05.2023.
07. Date & Time of Opening of bids : At 12.30 PM of 12.05.2023
08. Name and address of the Officer Inviting Bid :- General Manager WATCO Division-I, BBSR

**Name & Address of Officer Inviting Bid : The General Manager, WATCO Division-I, BBSR, Odisha**

Further details can be seen from the e-Procurement portal https://www.tendersodisha.gov.in.

**Sd./-General Manager**
**WATCO Division-I, BBSR**
OIPR-13083/11/0004/2324

## GOVERNMENT OF ODISHA
No.A-87:
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, ADDITIONAL SPILLWAY DIVISION, BURLA
PHONE NO.: 0663-2430080 E-mail- eeasdhirakud@gmail.com or seadditionalspillway@gmail.com

**'e' Procurement Notice No. ASD- 04 /2023-24 (Online)**

| | | | |
|---|---|---|---|
| 1. | Name of Work | : | Survey and Investigation of River Mahanadi from D/S of Hirakud Dam to D/S of Sambalpur Town of Additional Spillway Project at Hirakud Dam. |
| 2. | Nos. of work | : | 01 (One) No. |
| 3. | Amount Put to Tender | : | Rs. 20.30 Lakhs approximately. |
| 4. | Period of Completion | | As per D.T.C.N.60 Days |
| 5 | EMD | | Rs.20,400/- |
| 6. | Date and Time of availability of Bid Document in the Portal | : | Dt: 03.05.2023 at 11.00 AM to Dt: 15.05.2023 up to 5.00 PM. |
| 7. | Last Date / Time for receipt of Bids in the Portal | : | Dt: 15.05.2023 up to 5.00 PM. |
| 8. | Date of opening of Bid | : | Dt: 16.05.2023 at 11.00 AM. |
| 9. | Last date & time of seeking tender clarification | : | Dt: 09.05.2023 up to 04.00 PM. |
| 10. | Name and Address of the Officer Inviting Bid | | Superintending Engineer, Additional Spillway Division, Burla At/PO-Burla - 768017, Dist-Sambalpur Email:eeasdhirakud@gmail.com/ seadditionalspillway@gmail.com |

Further detail can be seen from the e-Procurement portal www.tendersodisha.gov.in.

**Sd./- Superintending Engineer**
**Additional Spillway Division, Burla**
OIPR-32414/11/0004/2324

## OMC | ODISHA NEW OPPORTUNITIES
Mining Happiness

## ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

**REQUEST FOR PROPOSAL FOR SELECTION OF MINE OPERATOR FOR GANDHAMARDAN IRON ORE MINE (BLOCK-A & PUTULPANI QUARRY OF BLOCK-B) IN THE DISTRICT OF KEONJHAR, ODISHA**
**(RfP No. 179/OMC/P&T/2023 dated 02.05.2023)**

**No.CAD-423:** Odisha Mining Corporation Limited (OMC) invites bids from experienced Mine Operators for "Hiring of plant and machineries for excavation/raising from Iron Ore body by required drilling and blasting, transportation of ROM to crushing and/ or screening plant to be installed by the Mine Operator, crushing and/ or screening of ROM to obtain finished product of specific size of CLO and specific size of fines, transport of finished product to specified yards after necessary weighment, cleaning of quarry faces, excavation and disposal of sub-grade, overburden/ incidental waste and associated rejects/ spoils/ spurious materials to the specified yards at **Gandhamardan Iron Ore Mine(Block-A & Putulpani Quarry of Block-B)**"

Peak Rated Capacity: **12,00,000 MT**
Period of Contract: **1+1 Years**
Last Date of on-line Submission of Bid: Up to 04:00 PM on dtd. **23.05.2023**
Last Date of Physical Submission of Original Documents related to Bid: Up to 04:00 PM on **dtd.24.05.2023**
Bid Document Cost: INR 1,18,000/- (Rupees One Lakh Eighteen Thousand) only including GST @18%.

The executive summary of the Bidding Process as well as the Bidding Documents have been uploaded on the portal of the MSTC Ltd. (www.mstcecommerce.com/eprochome/omc) and on the website of Odisha Mining Corporation Limited (http://www.omcltd.in). The Documents can be downloaded from the above sites from **dtd. 03.05.2023.**

Any further communications, corrigendum/addendum, etc. will be uploaded on the website of MSTC and OMC. OMC reserves the right to reject any or all bids/proposals without assigning any reasons whatsoever.

Nodal officer for this bidding process: Rajesh Mishra, General Manager (Mining), OMC Email: rajeshmishra@odishamining.in, Phone: +91 674 2377437, +91 8763545981, Contact Person: Jnana Ranjan Jena, Sr. Manager (Mining), OMC, Phone: +91- 9437554356
Mine Office Contact: 6372213647/8114395181/8144504470.

**Sd./- Dtd.02.05.2023**
OIPR-30005/11/0018/2324 **General Manager (Mining), OMC**

## THE ODISHA AGRO INDUSTRIES CORPORATION LIMITED
(A Government of Odisha Undertaking)
95, Satya Nagar, Bhubaneswar - 751007

Notice No. 2322 Date: 01.05.2023

### DETAIL REQUEST FOR PROPOSAL (RFP) NOTICE

No. CAD-406: Sealed quotation in conformity with technical specification, term & conditions in bid documents are invited from registered architects/architectural firms for the works "Providing Comprehensive Architectural Services to Odisha Agro Industries Corporation Ltd. (OAIC). For details please visit our website **odishaagro.nic.in.** The detail tender documents will be available in the office of undersigned from **Dt.03.05.2023 to Dt.17.05.2023 upto 4.00 P.M.** on payment of Rs.10,000/- + GST @ 18% per set or else the documents can also be downloaded from our website and the documents should be enclosed with a DD for Rs.11800/- in favour of M.D.,OAIC Ltd., from any Nationalized Bank payable at Bhubaneswar. The last date of submission of quotation document is Dt.18.05.2023 upto 5.00 P.M. The undersigned reserves the right to accept/reject any/all application(s) without assigning any reasons thereof.

**Sd./- Managing Director**
OIPR-01047/11/0007/2324

## ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674-2340573, Tel Fax - 2340096
E-mail-mdossc ltd456@gmail.com

**NIT No.OSSC/Mktg (Hort)- 07/2023**

### Short e-Tender Call Notice

**No.CAD-399:** OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on itemwise rate contract basis for Procurement of Certified seed Potato for Kharif-2023 in double cover system through online mode only for the works below.

| | |
|---|---|
| Name of the Work | Purchase of Certified seed Potato for Kharif-2023 |
| No. of Work | One |
| Availability of bid documents in portal | 15 hours on 02.05.2023 to 17 hours of 11.05.2023 |
| Last date of receipt of tender in portal | 17 hours of 11.05.2023 |
| Date and time of opening of bid | 11 hours 12.05.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

**Sd./- (B.K. Nayak)**
**Managing Director, OSSC Ltd.**
OIPR-01106/11/0005/2324

## DISTRICT DISASTER MANAGEMENT AUTHORITY (DDMA), KHORDHA

**Advt. No. 6058** **Date: 02.05.2023**

No. F-42: The Expression of Interest (EOI) are invited from the interested registered Non-Government Organizations (NGOs) who will be engaged for preparation of 314 Nos. of Village Disaster Management Plans (VDMP) in the different Blocks of Khordha district for the year 2023-24. The details of eligibility criteria, Term of Reference (TOR), selection procedure of NGOs & other documents are uploaded in the District NIC website **(https://Khordha.nic.in)** for necessary information. The interested NGOs may apply to the Additional District Magistrate-cum-Chairman of NGO Selection Committee, Khordha, Odisha by 15th May 2023 (till 5 P.M.) through Speed Post/Registered Post only & same will be opened on 16th May 2023 at 11 A.M. in the Office Chamber of ADM, Collectorate, Khordha. Any modification, alternation and date of extension, if so required will be intimated through the above District NIC website only. The authority reserved the right to cancel any or the entire proposal of Expression of Interest without assigning any reason thereof.

**Sd./- Additional District Magistrate**
**Chairperson NGO Selection Committee, Khordha**
OIPR-24351/11/0006/2324

## କାଞ୍ଜିଆ ହ୍ରଦରେ ମକଡ୍ରିଲ୍

ବାରଙ୍ଗ,(ଡି.ଏନ୍.ଏ.): ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବହୁ ପ୍ରତୀକ୍ଷିତ ରୋପ୍‌ୱେ କାମ ସରିଛି। ପର୍ଯ୍ୟଟକ ପରିଭ୍ରମଣ ସମୟରେ ଉପୁଜିବାକୁ ଥିବା ଅସୁବିଧା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ସୋମବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ନନ୍ଦନକାନନ, ଦାମୋଦର ରୋପ୍‌ୱେ ଆଣ୍ଡ ଇନ୍‌ଫ୍ରା ଲିମିଟେଡ(ଡ୍ରିଲ) ଓ ଏନ୍‌ଡିଆର୍‌ଏଫ୍‌ର ମିଳିତ ସହଭାଗିତାରେ କାଞ୍ଜିଆ ହ୍ରଦରେ ଏହି ମକ୍‌ଡ୍ରିଲ ହୋଇଥିଲା। ଏଥିରେ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାହିନୀର ସେକେଣ୍ଡ ଇନ କମାଣ୍ଡ ବର୍ଦ୍ଧମାନ ମିଶ୍ର, ଧନଞ୍ଜୟ କୁମାର, ଡ୍ରିଲର ପ୍ରକଳ୍ପ ଜେନେରାଲ ମ୍ୟାନେଜର ଏମ୍. କେ ବେଗ, ପନାଲାଲ, ନନ୍ଦନକାନନ ଏସିଏଫ୍ ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ବାରଙ୍ଗ,୨।୫(ଡି.ଏନ୍.ଏ.): ଏକ୍ସାଇଜ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ସୋମବାର ଅବକାରୀ ବିଭାଗର ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ତ୍ରିଶୂଳିଆ ଛକ ପାଖରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଙ୍କୀ ଥାନା ଅଧୀନ ପାଥପୁର ଗ୍ରାମର ଦିବାକର ବିଶ୍ୱାଳ ଓ ଶ୍ରୀଧର ସ୍ୱାଇଁ। ଅବକାରୀ ବିଭାଗ ସେମାନଙ୍କ ପାଖରୁ ୧୦୦ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ରୋଶନ୍ ଇସୁ ହାସଦା କହିଛନ୍ତି। ଖବରପାଇ ଅବକାରୀ ବିଭାଗ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ଇନ୍ସପେକ୍ଟର ଇସୁ ହାସ୍‌ଦାଙ୍କ ନେତୃତ୍ୱରେ ଏକ ୧୪ଜଣିଆ ଟିମ୍ ତ୍ରିଶୂଳିଆ ଛକରେ ଜଗି ରହିଥିଲା। ସେହି ସମୟରେ ବାଙ୍କୀ ପଟରୁ କଟକ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ (ଓଆର୍‌୦୨-ସିଜି-୩୮୯୧)କୁ ଅବକାରୀ ବିଭାଗ ଅଟକାଇ ଥିଲା। କାର୍‌କୁ ଯାଞ୍ଚ କରିବାରୁ ସେଥିରୁ ୪ବସ୍ତା ଗଞ୍ଜେଇ ମିଳିଥିଲା। ଏଥିସହ ଘଟଣାସ୍ଥଳରୁ କାର୍ ଚାଳକ ଦିବାକର ଓ ତାଙ୍କ ସହଯୋଗୀ ଶ୍ରୀଧରଙ୍କୁ ଅବକାରୀ ଟିମ୍ ଗିରଫ କରିଥିଲା। ଏହି ଚୋରା ଚାଲାଣ ଫୁଲବାଣୀରୁ କୋଲକାତା ଯାଉଥିବା ପଚରାଉଚରାବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଛି।

## ୮ ସପ୍ତାହରେ ୭ଲକ୍ଷ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

### ମୁକୁଳା ଡ୍ରେନରେ ପଡ଼ି ରିକ୍ସାଚାଳକଙ୍କ ମୃତ୍ୟୁ ଘଟଣା

ପୁରୀ ଅଫିସ,୨।୫: କୁମ୍ଭାରପଡା ଥାନା ଅନ୍ତର୍ଗତ ମାର୍କେଟ ଛକ ନିକଟ ଏକ ମୁକୁଳା ଡ୍ରେନରେ ପଡ଼ି ଜଣେ ରିକ୍ସା ଚାଳକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟ ଶାସନ ସଚିବଙ୍କୁ ୮ ସପ୍ତାହ ମଧ୍ୟରେ ୭ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପରିବାରକୁ ପ୍ରଶାସନ ୪ ଲକ୍ଷ ଟଙ୍କା ପ୍ରଦାନ କରି ଚୁପ୍ ହୋଇ ବସି ରହିଛି। କାହିଁକି ୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବନି, ୭ ସପ୍ତାହ ମଧ୍ୟରେ ତା'ର ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଏଚ୍‌ଆର୍‌ସି। ଏହାସହ ୮ ସପ୍ତାହ ମଧ୍ୟରେ ୭ଲକ୍ଷ ଟଙ୍କା ପ୍ରଦାନ କରିବାର ପ୍ରମାଣପତ୍ର ପ୍ରଦାନ କରିବା ନେଇ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଏଚ୍‌ଆର୍‌ସି। ସୂଚନାନୁଯାୟୀ, ଚନ୍ଦନପୁର ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମର ନିଧି ଭୋଇ (୪୧) ରିକ୍ସା ଟାଣି ପରିବାର ପ୍ରତିପୋଷଣ କରନ୍ତି। ଗତ ବର୍ଷ ମେ ୧୮ ତାରିଖରେ ସେ ମାର୍କେଟଛକସ୍ଥିତ ଏକ ମୁକୁଳା ଡ୍ରେନରେ ପଡି ମୃତ୍ୟୁବରଣ କରିଥିଲେ। ଏ ନେଇ କୁମ୍ଭାରପଡା ପୋଲିସ ନଂ.୭/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏ ସମ୍ପର୍କରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇ ମୃତକଙ୍କୁ କ୍ଷତିପୂରଣ ପ୍ରଦାନ ସହ ଉକ୍ତ ସଂସ୍ଥା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଥିଲେ। ପୁରୀ ମ୍ୟୁନିସିପାଲିଟି ସହିତ ସ୍ୱାକ୍ଷରିତ ଚୁକ୍ତିନାମା ଅନୁଯାୟୀ ଗ୍ରାଣ୍ଡ ରୋଡରେ ଥିବା ଡ୍ରେନ୍ ସଫେଇ କାର୍ଯ୍ୟଏକ ଏଜେନ୍ସି ଦ୍ୱାରା କରାଯାଇଥିଲା। ଉକ୍ତ ଚୁକ୍ତିନାମା ଅନୁଯାୟୀ, ଡ୍ରେନ୍ ସଫା କରିବା ପରେ ଏଜେନ୍ସିକୁ ସ୍ଲାବଗୁଡ଼ିକୁ ପକାଇବାକୁ ସ୍ଥିର ହୋଇଥିଲା। ଗୋଟିଏ ସ୍ଲାବ ଏଜେନ୍ସିର ଅବହେଳା ଯୋଗୁ ପଡି ନଥିଲା। ଯଦ୍ୱାରା ଜଣଙ୍କ ଜୀବନ ଗଲା।

# ମାନ୍ୟତା ହରାଇଲା ଉତ୍କଳ ବିଶ୍ୱବିଦ୍ୟାଳୟ

**ପୂରଣ ହେଲାନି 'ଏ++' ଆଶା**

- ନାକ୍ ପକ୍ଷରୁ ମିଳିଲା 'ଏ' ଗ୍ରେଡ୍, କଟିଲା 'ଏ+'
- କର୍ତ୍ତୃପକ୍ଷ ନିରାଶ, ଛାତ୍ରୀଛାତ୍ର ଓ ଶିକ୍ଷାବିତ୍‌ଙ୍କ ଉଦ୍‌ବେଗ

ଭୁବନେଶ୍ୱର,୨।୫(ବ୍ୟୁରୋ)



ରାଜ୍ୟର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ୨୦୧୬ରେ ରାଷ୍ଟ୍ରୀୟ ମୂଲ୍ୟାୟନ ଓ ଅନୁମୋଦନ ପରିଷଦ (ନାକ୍) ପକ୍ଷରୁ 'ଏ+' ଗ୍ରେଡ୍ ପାଇଥିଲା। ଦୀର୍ଘ ୬ବର୍ଷ ପରେ ସମ୍ପ୍ରତି ନାକ୍ ଟିମ୍ ଏହି ବିଶ୍ୱବିଦ୍ୟାଳୟ ଅନୁଧ୍ୟାନରେ ଆସିଥିଲେ। ବିଶ୍ୱବିଦ୍ୟାଳୟରେ ଏଥର ଭିତ୍ତିଭୂମି କ୍ଷେତ୍ରରେ ଅନେକ ସୁଧାର ଆସିଥିବାରୁ କର୍ତ୍ତୃପକ୍ଷ ନାକ୍ 'ଏ++' ଗ୍ରେଡ ପାଇଁ ଆଶା ରଖିଥିଲେ। ମାତ୍ର ନାକ୍ ରିପୋର୍ଟ ମିଳିବା ପରେ ସବୁ ଆଶା ମଉଳିଯାଇଛି। 'ଏ++' ଗ୍ରେଡ୍ ମିଳିବା ପରିବର୍ତ୍ତେ 'ଏ+' ମାନ୍ୟତା ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ହରାଇ ବସିଛି। ୩.୧୬ ସ୍କୋର ସହ ଉତ୍କଳ ବିଶ୍ୱବିଦ୍ୟାଳୟକୁ 'ଏ' ଗ୍ରେଡ୍ ମିଳିଛି। ପୂର୍ବାପେକ୍ଷା ଭିତ୍ତିଭୂମିର ଉନ୍ନତୀକରଣ ସତ୍ତ୍ୱେ ନାକ୍ ମାନ୍ୟତା ଖସିବା ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଶିକ୍ଷାବିତ୍ ଏବଂ କର୍ତ୍ତୃପକ୍ଷଙ୍କୁ ଚକିତ ଓ ନିରାଶ କରିଛି।

ଶିକ୍ଷାବିତ୍‌ଙ୍କ ମତରେ ରିସର୍ଚ୍ଚ ସ୍କଲାର ନ ବାହାରିବା, ଅନ୍ତର୍ଜାତୀୟ ସ୍ତରର ଗବେଷଣା ନ ହେବା, ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ପ୍ରଭାବିତ ହେବା, ନାକ୍ ଗ୍ରେଡ୍ ହ୍ରାସର କାରଣ ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ଏଥର ଗ୍ରେଡ୍ ଖସିବା ନେଇ କର୍ତ୍ତୃପକ୍ଷଙ୍କୁ ଛାତ୍ରୀଛାତ୍ର ଦାୟୀ କରିଛନ୍ତି। ଭିତ୍ତିଭୂମି ଥିବା ସତ୍ତ୍ୱେ ଏହା କାର୍ଯ୍ୟକାରୀ ହେଉନାହିଁ। ଗବେଷଣା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ପଛରେ ପଡ଼ିଛି। ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଓ ପ୍ରଫେସର ନାହାନ୍ତି ବୋଲି ବିଦ୍ୟାର୍ଥୀମାନେ ଅଭିଯୋଗ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଉପଦେଷ୍ଟା ତନ୍ମୟ ସ୍ୱାଇଁ କହିଛନ୍ତି, ରିପୋର୍ଟରେ ତ୍ରୁଟି ଥିବା କର୍ତ୍ତୃପକ୍ଷ ଅନୁଭବ କରୁଛନ୍ତି। ନାକ୍ ନିୟମ ଅନୁସାରେ ୧୫ଦିନ ଭିତରେ ପୁଣି ଆବେଦନ କରାଯାଇପାରିବ। ଅନ୍ୟପଟେ କୁଳପତି ସବିତା ଆଚାର୍ଯ୍ୟ କହିଛନ୍ତି, ନାକ୍ ଗ୍ରେଡ୍ ସର୍ବୋଚ୍ଚ ନୁହେଁ। ପୂର୍ବରୁ ଗ୍ରେଡେସନ ପ୍ରକ୍ରିୟା ବର୍ତ୍ତମାନର ଗ୍ରେଡେସନ୍ ପ୍ରକ୍ରିୟା ମଧ୍ୟରେ ଅନ୍ତର ରହିଛି। ତେଣୁ ଏହି ବ୍ୟତିକ୍ରମ ଦେଖାଦେଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ କେବେ ପଛେଇ ନାହିଁ।

ସୂଚନାନୁସାରେ, ଗତ ମାସ ୧୯ତାରିଖରେ ନାକ୍ ଟିମ୍ ତିନିଦିନିଆ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ପ୍ରଫେସର ଆର୍. ଏମ୍. ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ନାକ୍ ଟିମ୍‌ରେ ପ୍ରଫେସର ଦେବାଶିଷ ଭଟ୍ଟାଚାର୍ଯ୍ୟ ସଦସ୍ୟ ସଂଯୋଜକ ରହିଥିବାବେଳେ ପ୍ରଫେସର ଜଗତ ଭୂଷଣ ନଡ୍ଡା, ପ୍ରଫେସର ସଞ୍ଜୟ କୁମାର ଏବଂ ପ୍ରଫେସର ରେଣୁ ଭରଦ୍ୱାଜ ସଦସ୍ୟ ରହିଥିଲେ। ତିନିଦିନ ଧରି ସେମାନେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟ କନଭୋକେଶନ ହଲ୍‌ରେ ଆୟୋଜିତ ଆଲୋଚନାରେ ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ଅନୁଭୂତି ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ସେହିପରି ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ମଧ୍ୟ ଏହି ଟିମ୍ ଆଲୋଚନା କରିଥିଲା। ବିଶ୍ୱବିଦ୍ୟାଳୟକୁ ଗ୍ରେଡ୍ ଦେବାରେ ଏହି ସମସ୍ତ ମତାମତକୁ ଟିମ୍ ବିଚାରକୁ ନେଇଥିଲା। ୩ ଦିନ ମଧ୍ୟରେ ନାକ୍ ଟିମ୍ ଏକାଡେମିକ, ଆଡ୍‌ମିନିଷ୍ଟ୍ରେଶନ, ଭିତ୍ତିଭୂମି ବ୍ୟବସ୍ଥା ଯାଞ୍ଚ କରିବା ସହ ବିଭାଗଗୁଡ଼ିକରେ ପାଠପଢ଼ା କିଭଳି ହେଉଛି, କେତେଜଣ ଗବେଷଣା କରୁଛନ୍ତି, ନୂଆ ଗବେଷଣାଗତ ଭିତ୍ତିଭୂମି, ବିଭାଗଗୁଡ଼ିକର ଭିତ୍ତିଭୂମି ଉନ୍ନତୀକରଣ ବିଷୟ ତଦାରଖ କରିଥିଲେ। ଏହାବ୍ୟତୀତ କୁଳପତି, କୁଳସଚିବ, ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ, ବିତ୍ତ ନିୟନ୍ତ୍ରକ, ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ଉନ୍ନତୀକରଣ ଲାଗି କେଉଁ ସବୁ ଖସଡ଼ା ପ୍ରସ୍ତୁତ ହୋଇଛି ଓ ଆଗାମୀ ଦିନରେ ଆଉ କ'ଣ ସବୁ ଯୋଜନା କରାଯିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। 'ଏ+' ମାନ୍ୟତା ପାଇସାରିଥିବା ଏହି ବିଶ୍ୱବିଦ୍ୟାଳୟ 'ଏ++' ମାନ୍ୟତା ଦୌଡ଼ରେ ରହିଥିଲା। ଏଥିପାଇଁ ଶ୍ରେଣୀଗୃହଠାରୁ ଆରମ୍ଭ କରି ଉଦ୍ୟାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରି ନାକ୍ ଟିମ୍ ଆଗରେ ଉପସ୍ଥାପନ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ଡିଜିଟାଲ ପ୍ଲାଟଫର୍ମ ପ୍ରସ୍ତୁତି, କ୍ୟାମ୍ପସକୁ ସ୍ୱଚ୍ଛ ଓ ସବୁଜ କରିବା ଦିଗରେ ମଧ୍ୟ ଧ୍ୟାନ ଦିଆଯାଇଥିଲା। ମାତ୍ର ଶିକ୍ଷା, ଗବେଷଣା, କ୍ୟାମ୍ପସ ବାତାବରଣ କିପରି ଶୃଙ୍ଖଳିତ ରହିବ ସେଥିପାଇଁ ନିଆଯାଇଥିବା ପଦକ୍ଷେପ 'ଏ++' ଗ୍ରେଡ୍ ପାଇବା ପାଇଁ ଯଥେଷ୍ଟ ନ ଥିଲା ବୋଲି କୁହାଯାଉଛି। ଫଳରେ ବିଶ୍ୱବିଦ୍ୟାଳୟ ନାକ 'ଏ+' ଗ୍ରେଡରୁ 'ଏ'କୁ ଖସିଆସିଛି। ସୂଚନାଥାଉ କି, ୨୦୧୬ରେ ୩.୫୩ ସ୍କୋର ସହ ଉତ୍କଳ ବିଶ୍ୱବିଦ୍ୟାଳୟ ଏ+ ମାନ୍ୟତା ପାଇଥିଲା।

# ବିପୁଳ ପରିମାଣର କଫ୍ ସିରଫ ଜବତ

- ୨ ଗିରଫ, ଏମ୍‌ଏସ୍ ଫାର୍ମା କେୟାର ମାଲିକଙ୍କୁ ଖୋଜା
- ନୟାଗଡ଼ ଚାଲାଣ ବେଳେ ଚଢ଼ଉ

ଭୁବନେଶ୍ୱର,୨।୫ (ବ୍ୟୁରୋ)



ଭରତପୁର ଥାନା ପୋଲିସ ସୋମବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରି ବିପୁଳ ପରିମାଣର କଫ ସିରଫ ଜବତ କରିଛି। ଏଥିସହ ଏହାକୁ ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଚକେଇସିଆଣି ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ଟାଉନ ଥାନା ଅଞ୍ଚଳର ଦିଲୀପ ବରାଡ଼ (୨୦) ଓ ନୂଆଗାଁ ଥାନା ଅଞ୍ଚଳର ଆଶିଷ କୁମାର ସାହୁ (୨୪)। ପୋଲିସ ଚଢ଼ାଉ ବେଳେ ଚାଲାଣ ବ୍ୟବହୃତ ଅଟୋ ସହ ୧୦ କାର୍ଟୁନ୍‌ରେ ଥିବା ୨୪୦୦ ବୋତଲ ଏସକଫ୍ କଫ ସିରଫ, ୫ ନିଶା ଟାବ୍‌ଲେଟ (ଆଲ୍‌ପ୍ରାଜୋଲମ୍), ୨ଟି ମୋବାଇଲ ଜବତ ହୋଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ବେଳେ ଏହି କାରବାର ନେଇ ଅଧିକ ସୂଚନା ମିଳିଛି। ଏହି କଫସିରଫ ଚାଲାଣ କରିବାରେ ମୁଖ୍ୟ ହେଉଛନ୍ତି ପ୍ରବୀଣ କୁମାର ଦାସ। ପ୍ରବୀଣ ଏମ୍/ଏସ୍ ଫାର୍ମା କେୟାରର ମାଲିକ। ପ୍ରବୀଣଙ୍କ ନୟାଗଡ଼ ବସ୍‌ଷ୍ଟାଣ୍ଡରେ ଏକ ମେଡିସିନ୍ ଷ୍ଟୋର ରହିଥିବା ବେଳେ ଚକେଇସିଆଣିରେ ତାଙ୍କର ଏକ କାଉଣ୍ଟର ରହିଛି। ତେବେ ସେ ଏହି କଫସିରଫକୁ ଆଣି ଏଥିରେ ନିଶା ଟାବ୍‌ଲେଟ୍‌କୁ ମିଶାଇ ବେଆଇନ ଭାବେ ଅଧିକ ମୂଲ୍ୟରେ ବିକ୍ରି କରୁଥିଲେ। ଏପରିକି ଓଡ଼ିଶାର ବିଭିନ୍ନ ସ୍ଥାନରୁ ତାଙ୍କ ଏଜେଣ୍ଟ ଦ୍ୱାରା ଚାଲାଣ କରୁଥିଲେ। ତେବେ ସୋମବାର ସକାଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଅଟୋ ଦ୍ୱାରା କଫ ସିରଫ ଚାଲାଣ ଆସିଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି କଫସିରଫ ନୟାଗଡ଼ ଦଶପଲାକୁ ଚାଲାଣ ହୋଇଥାନ୍ତା। ପୋଲିସ ଟିମ୍ ଚଢ଼ଉ କରି ଉଭୟଙ୍କୁ କାବୁ କରିଥିଲା। ତେବେ ଏଥିରେ ମାଷ୍ଟର ମାଇଣ୍ଡ ପ୍ରବୀଣଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିବା ବେଳେ ସେ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଡ୍ରଗସ୍ କଣ୍ଟ୍ରୋଲରଙ୍କ ପକ୍ଷରୁ ଜବତ କଫସିରଫରୁ ନମୁନା ସଂଗ୍ରହ କରି ଲ୍ୟାବକୁ ପଠାଯାଇଛି। ମୁଖ୍ୟ ଅଭିଯୁକ୍ତ ପ୍ରବୀଣଙ୍କ ଲାଇସେନ୍ସ ବାତିଲ କରିବାକୁ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମଙ୍ଗଳବାର କେନ୍ଦ୍ର ରେଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜୋର୍ଦ୍ଦସଙ୍କୁ ଭାଜପା ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଉଛି।




ରୋଟାରି କ୍ଲବ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ରୋଟାରି କଳିଙ୍ଗ ସମ୍ମାନ ଉତ୍ସବରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱ।

## ତୃପ୍ତି, ପ୍ରଭାତ, ସାବରମତିଙ୍କୁ ରୋଟାରି କଳିଙ୍ଗ ସମ୍ମାନ

ଭୁବନେଶ୍ୱର,୨।୫(ବ୍ୟୁରୋ)

ରୋଟାରି କ୍ଲବ, ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ରୋଟାରି କଳିଙ୍ଗ ସମ୍ମାନ-୨୦୨୩ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗ ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରଭୁଦତ୍ତ ସୁବୁଦ୍ଧି ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ସାବରମତି, ଡ. ପ୍ରଭାତ କୁମାର ଦାଶ, ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ ରୋଟାରି କଳିଙ୍ଗ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଛି। ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର କଳିଙ୍ଗର ଅଧ୍ୟକ୍ଷ ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ସହ-ଅଧ୍ୟକ୍ଷ ଶର୍ମିଷ୍ଠା ମହାନ୍ତି, ସଭାପତି ମଣିନ୍ଦ୍ର କୁମାର ପାଣିଗ୍ରାହୀ ଓ ସମ୍ପାଦକ ତ୍ରିଲୋକ ରଞ୍ଜନ ଦାଶ ଏହି ପୁରସ୍କାର ପ୍ରଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଡ. ପଟ୍ଟନାୟକ କହିଛନ୍ତି, ଯେଉଁମାନେ ସବୁବେଳେ ପ୍ରେରଣାର ଉତ୍ସ ହୋଇରହିଛନ୍ତି ଓ ରହିବେ ସେମାନଙ୍କୁ ଆମେ ରୋଟାରି କଳିଙ୍ଗ ସମ୍ମାନରେ ସମ୍ମାନିତ କରୁଛୁ। ଚଳିତବର୍ଷ ୩ଜଣଙ୍କୁ ରୋଟାରି କଳିଙ୍ଗ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ହେଉଛି ଏବଂ ଆଗକୁ ମଧ୍ୟ ଜାରି ରହିବ। ରୋଟାରି କ୍ଲବ ଅଫ ଭୁବନେଶ୍ୱର କଳିଙ୍ଗ ପ୍ରତିଷ୍ଠା ହେବା ପରଠାରୁ ସାଧାରଣ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ଉନ୍ନତି, ମା' ଓ ଶିଶୁ ସୁରକ୍ଷା ଆଦି ଦିଗରେ ଅନେକ କାର୍ଯ୍ୟକ୍ରମ କରିଆସୁଛି ବୋଲି ସେ ସୂଚନା ଦେଇଥିଲେ। ସଭାପତି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଭାରତୀୟ କଳା ଓ ସୌନ୍ଦର୍ଯ୍ୟକୁ ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟରେ 'ପଞ୍ଚଶ୍ରୀ' ଦ୍ୱାରା ଫ୍ୟାଶନ ଶୋ' ଆୟୋଜନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସିମ୍ଫନି ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଲିଙ୍ଗିପୁର କେନାଲ ପାର୍ଶ୍ୱ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା,୨।୫(ଡି.ଏନ୍.ଏ.)

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅଧୀନ ୫ ନଂ. ୱାର୍ଡର ମଞ୍ଚେଶ୍ୱର ଗ୍ରାମଠାରୁ ଗ୍ରାମବିହାର ପର୍ଯ୍ୟନ୍ତ ୧୧୦୦ ମିଟର କଂକ୍ରିଟ୍ ରାସ୍ତା ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟ ଅତିଥି ରୂପେ ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ରୂପେ ମେୟର ସୁଲୋଚନା ଦାସ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉପଲକ୍ଷେ ସ୍ଥାନୀୟ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ମଞ୍ଚେଶ୍ୱର ଗ୍ରାମ ଛକ ଲିଙ୍ଗିପୁର କେନାଲ କୂଳରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦୀର୍ଘଦିନ ଧରି ଏହି ରାସ୍ତାଟି ଅବହେଳିତ ଅବସ୍ଥାରେ ଥିଲା। ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ବିଏମ୍‌ସି ପକ୍ଷରୁ ତ୍ୱରିତ ରାସ୍ତାଟିକୁ ସମ୍ପୂର୍ଣ୍ଣ କରାଯିବ ବୋଲି ବିଧାୟକ କହିଥିଲେ। ଏହି ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ୫ଟି ଗ୍ରାମର ଲୋକଙ୍କ ଆର୍ଥିକ ସମୃଦ୍ଧି ହେବ ବୋଲି ମେୟର ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ନିର୍ମଳ ରାଉତ, ଚୈତନ୍ୟ ଦାସ ଓ ଆଦିକନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନୁପଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ୧୩ରେ ଜିଲା ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨।୫ (ବ୍ୟୁରୋ)

ଖୋର୍ଦ୍ଧା ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱରର ଅଧ୍ୟକ୍ଷ ନିଶିଥ୍ ନିଶାଙ୍କଙ୍କ ନିର୍ଦ୍ଦେଶମତେ ମେ' ୧୩ ତାରିଖରେ ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ସାଲିସ୍ ରଫାଯୋଗ୍ୟ ଫୌଜଦାରି ମାମଲା, ଗାଡ଼ିମୋଟର ଦୁର୍ଘଟଣାଜନିତ ମାମଲା, ଶ୍ରମ ଓ ନିଯୁକ୍ତି, ବ୍ୟାଙ୍କଗ୍ରୁପ୍, ଦେୱାନୀ, ପାରିବାରିକ ବୈବାହିକ ମାମଲା, ଖାଉଟି, ବୀମା, ଡାକ, ଟେଲିଫୋନ୍ ଅନାଦାୟ ମାମଲା, ଚେକ୍ ବାଉନ୍ସ, ମନି ରିକଭରି ମାମଲା, ବିଦ୍ୟୁତ, ପାନୀୟଜଳ, ଜମି ଅଧିଗ୍ରହଣ, ରାଜସ୍ୱ, ପେନ୍‌ସନ୍ ଓ ବିଭିନ୍ନ ଜନଉପଯୋଗୀ ମାମଲା ଆଗତ କରାଯାଇ ଫଇସଲା କରାଯିବ। ଅଦାଲତଗୁଡ଼ିକରେ ବିଚାରାଧୀନ ଥିବା ମାମଲାରେ ଆପୋସ ବୁଝାମଣା ଜରିଆରେ ଫଇସଲା କରି ମକଦ୍ଦମାର ଅନ୍ତ ଘଟାଇବାକୁ ଚାହୁଁଥିବା, ମକଦ୍ଦମା ନ ଥାଇ ମଧ୍ୟ ଲାଗିରହିଥିବା ବିବାଦର ସମାଧାନ ପାଇଁ ଜନସାଧାରଣ ଏହାର ସଦୁପଯୋଗ କରିପାରିବେ। ଏଥିପାଇଁ ଅଦାଲତ ପରିସରରେ ଥିବା ଆଇନ୍ ସେବା ବିଭାଗଙ୍କ ନିକଟକୁ ଯାଇ ନିର୍ଦ୍ଧାରିତ ଆବେଦନ ଫର୍ମରେ ଦରଖାସ୍ତ କରିବେ। ପ୍ରାଧିକରଣଙ୍କ କର୍ତ୍ତୃପକ୍ଷ ଉକ୍ତ ବିବାଦର ସମାଧାନ ପାଇଁ ଉଭୟପକ୍ଷଙ୍କୁ ଡକାଇ ଆପୋସ ସମାଧାନ ଜରିଆରେ ବିବାଦର ସମାଧାନ କରିବେ। ନଚେତ୍ ପୁନଶ୍ଚ ବୁଝାମଣା କରି ବିବାଦର ସ୍ଥାୟୀ ସମାଧାନ ଲୋକ ଅଦାଲତ ଜରିଆରେ କରାଯିବ ବୋଲି ସଚିବ ସୌଦାମିନୀ ସିଂ ସୂଚନା ଦେଇଛନ୍ତି।

## ମେ ୭ରେ 'ଧୋକା'ର ୱାର୍ଲଡ ଟିଭି ପ୍ରିମିୟର ଶୋ'



ଭୁବନେଶ୍ୱର,୨।୫:

ରାଜ୍ୟର ପ୍ରମୁଖ ମନୋରଞ୍ଜନଧର୍ମୀ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକ ଦ୍ୱାରା ପ୍ରସ୍ତୁତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଧୋକା'ର ୱାର୍ଲଡ ଟିଭି ପ୍ରିମିୟର ଶୋ' ଚଳିତ ମାସ ୭ ତାରିଖ ସନ୍ଧ୍ୟା ୬ଟା ୩୦ରେ ପ୍ରସାରଣ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜୀ ସାର୍ଥକ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ତାରକା ହୋଟେଲରେ ଉକ୍ତ ଚଳଚ୍ଚିତ୍ରର ଅଡିଓ ଓ ପୋଷ୍ଟର ରିଲିଜ ହୋଇଯାଇଛି। ଏହି ଅବସରରେ ଜୀ ସାର୍ଥକ ଫିଲ୍ମର କାର୍ଯ୍ୟନିର୍ବାହୀ ପ୍ରଯୋଜକ ତନ୍ମୟ ମିଶ୍ର, ମାର୍କେଟିଂ ହେଡ୍ ବିଶ୍ୱରଞ୍ଜନ, ନିର୍ଦ୍ଦେଶକ ତ୍ରିପତି ସାହୁ, ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ, ସଂଳାପକାର ଡ.ରଜନୀ ରଞ୍ଜନଙ୍କ ସମେତ ଚଳଚ୍ଚିତ୍ରର ନାୟକ ଭୂମିକାରେ ଥିବା ଅଭିନେତା ଶୁଭାଶିଷ ଶର୍ମା, ଅଭିନେତ୍ରୀ କୁକିଜ୍ ସ୍ୱାଇଁ ଏବଂ ବରିଷ୍ଠ ଅଭିନେତା ପୃଥୀରାଜ ନାୟକ, ଅଭିନେତ୍ରୀ ଅଭୀପ୍ସା ଭଞ୍ଜ, ଜଗନ୍ନାଥ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଓ ଗୀତିକାର ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏସ୍‌ପିପି ପ୍ରଡକସନ୍ସ ବ୍ୟାନରରେ ନିର୍ମାଣ ହୋଇଥିବା ଚଳଚ୍ଚିତ୍ର ଧୋକା (ଦ ଗେମ୍ ଅଫ୍ ଲଭ୍)ର ସଂଳାପ ଡ. ରଜନୀ ରଞ୍ଜନ ଲେଖିଥିବା ବେଳେ ପ୍ରଯୋଜନା କ୍ଷୀରୋଦ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ତ୍ରିପତି ସାହୁ ଦେଇଛନ୍ତି। ସେହିଭଳି ଉକ୍ତ ଚଳଚ୍ଚିତ୍ରର ସମସ୍ତ ଗୀତ ଡ. ନିର୍ମଳ ନାୟକ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ସେ ସବୁକୁ ସ୍ୱରରେ ସଜାଇଛନ୍ତି। କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଅମ୍ରିତା, ବିଷ୍ଣୁ ଏବଂ ଜିତୁ ପ୍ରମୁଖ ଉକ୍ତ ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି। ଜୀ ସାର୍ଥକ ଫିଲ୍ମସର କାର୍ଯ୍ୟନିର୍ବାହୀ ପ୍ରଯୋଜକ ତନ୍ମୟ ମିଶ୍ର କହିଥିଲେ, ନାୟକ ନିଜ ପିଲା ଦିନର ସାଙ୍ଗକୁ ସମସ୍ତ ଅସୁବିଧାରୁ ବଞ୍ଚେଇବାକୁ ଯାଇ ନିଜେ ଜେଲରେ ପହଞ୍ଚିଛି। ସମୟ କ୍ରମେ ସେ ଜେଲରୁ ବାହାରି ସହରର ବଡ଼ ପ୍ରତିଷ୍ଠାନର ମାଲିକଙ୍କ ଝିଅକୁ ଭଲ ପାଉଛି। ଏଭଳି କିଛି ଘଟଣା କାହାଣୀରେ ନୂଆ ମୋଡ଼ ଆଣୁଛି। ବିଶେଷକରି ନିଜର ପିଲାଦିନ ସାଙ୍ଗକୁ ଛାଡ଼ି ବଡ଼ ଘର ଝିଅକୁ ଭଲ ପାଉଥିବା ନାୟକର ଏଭଳି ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇବା ସହ କାହାଣୀରେ ଅନେକ ନୂତନତ୍ୱ ଆସୁଛି ବୋଲି ସେ ମତପ୍ରକାଶ କରିଛନ୍ତି।

## ବିଏମ୍‌ସିର 'ୱାର୍ଡରେ ଦିନେ' ଅଭିଯାନ ଆରମ୍ଭ

**ଗୋଷ୍ଠୀ ସହଭାଗିତାରେ ହେବ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଭୁବନେଶ୍ୱର**

ଭୁବନେଶ୍ୱର, ୨।୫ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମରେ ବାସ କରୁଥିବା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବିଏମ୍‌ସି ପକ୍ଷରୁ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ୱାର୍ଡ ନଂ ୬୭ର ଏକାମ୍ର ମହାବିଦ୍ୟାଳୟ ସମ୍ମୁଖ ମିନି ପାର୍କଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ନାଗରିକଙ୍କୁ ସହର ପ୍ରଗତିର ଅଂଶୀଦାର ବୋଲି କହିଥିଲେ। ଗତ ବର୍ଷକ ମଧ୍ୟରେ ୱାର୍ଡ ନଂ ୬୭ରେ ବିଭିନ୍ନ ରାସ୍ତା, ପୋଖରୀ ଏବଂ ଡ୍ରେନ କାମ ବିଭିନ୍ନ ସ୍ଥାନରେ ହୋଇଥିବା ମେୟର ଦର୍ଶାଇଥିଲେ। ଏହିପରି ସମସ୍ତ ୱାର୍ଡରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନାଗରିକଙ୍କ ପାଖକୁ ଯାଇ ସେମାନଙ୍କ ବିକାଶ ଚିନ୍ତାଧାରାକୁ ବୁଝି ବିଏମ୍‌ସିର ରଣନୀତି ପ୍ରସ୍ତୁତ କରିବ।



ବୈଠକରେ ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନେ।

ଏହାଦ୍ୱାରା ଗୋଷ୍ଠୀ ଭାଗିଦାରିତା ବଢିବ ଏବଂ କରାଯାଉଥିବା କାମଗୁଡିକରେ ନାଗରିକଙ୍କ ମାଲିକାନା ବଢିବ ବୋଲି ମେୟର କହିଥିଲେ। ଗୋଟିଏ ବର୍ଷ ମଧ୍ୟରେ ଯେତିକି କାମ ହାତକୁ ନେଇହେବ, ସେହି ଅନୁଯାୟୀ ୱାର୍ଡ ବଜେଟ ସାଙ୍ଗକୁ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଫୁଟ୍‌ବଲ ପଡ଼ିଆ, ସୁନ୍ଦରପଦା ହାଟ ଆଦିର ବିକାଶ, ରେଳଷ୍ଟେଶନଠାରୁ ମନ୍ଦିର ମଧ୍ୟରେ ବସ୍ ଚଳାଚଳ, ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ ଇତ୍ୟାଦି ପ୍ରସ୍ତାବ ସ୍ୱାଗତଯୋଗ୍ୟ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଏବଂ ବର୍ଜ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦେବାପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଥିଲା। ବର୍ଜ୍ୟ ପୃଥକୀକରଣକୁ ମାନିବା, ସହରର ସ୍ୱଚ୍ଛତା ପାଇଁ ନିଜର ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ନାଗରିକମାନେ ନିଜର ଅଭିଯୋଗ ଦେବା ପାଇଁ ସ୍ୱତନ୍ତ୍ର ନମ୍ବର ଏବଂ ସଫା ଆପ୍ ପ୍ରଚଳନ କରିବା, ସମସ୍ତଙ୍କ ସହଯୋଗରେ ସହରର ବାସୋପଯୋଗିତା ମାନକ ବୃଦ୍ଧି ପାଇବା ଉପରେ ଆଲୋଚନା କରାଯାଇଥିଲା।

'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଲୋକେ ୱାର୍ଡରେ ହେଉଥିବା ଉନ୍ନୟନମୂଳକ କାମ, ୱାର୍ଡର ପରିମଳ ଓ ସ୍ୱଚ୍ଛତା ସ୍ଥିତି, ବିଏମ୍‌ସି ନେଉଥିବା ପଦକ୍ଷେପଗୁଡିକରେ ସ୍ଥାନୀୟ ଲୋକଙ୍କ ସହଭାଗିତା, ୱାର୍ଡରେ ଥିବା ଅନ୍ୟ ଯେ କୌଣସି ସମସ୍ୟା ଓ ତା'ର ସମାଧାନ ଆଦି ବାବଦରେ ଅବଗତ ହୋଇପାରିବେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ମଧୁସ୍ମିତା ପ୍ରଧାନ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁରଥ କୁମାର ସାହୁ, ଦୈତାରି ବେହେରା ଏବଂ ସାନିଟେଶନ ଟିମ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩ ବଖରା ଜଳିଗଲା

ନିରାକାରପୁର,୨।୫(ଡି.ଏନ୍.ଏ.): ଟାଙ୍ଗୀ ତହସିଲ ଅନ୍ତର୍ଗତ କମାଗୁରୁ ମହାନ୍ତିସାହିରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ରଙ୍କନାଥ ମାଝିଙ୍କ ୩ ବଖରା ଘର ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଖାଦ୍ୟସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସ୍ଥାନୀୟ ଆର୍‌ଆଇଙ୍କ ରିପୋର୍ଟ ଅନୁଯାୟୀ ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ମିଳିବ ବୋଲି ତହସିଲଦାର ଜନ୍ମେଜୟ ସାହୁ କହିଛନ୍ତି।

### ଜିଲା ରୋଟାରି ଗଭର୍ଣ୍ଣରଙ୍କ ଜଟଣୀ କ୍ଲବ ପରିଦର୍ଶନ

ଜଟଣୀ,୨।୫(ଡି.ଏନ୍.ଏ.) : ଖୋର୍ଦ୍ଧା ଜିଲା ରୋଟାରି ଗଭର୍ଣ୍ଣର ପ୍ରଭୁଦତ୍ତ ସୁବୁଦ୍ଧି ସୋମବାର ଜଟଣୀସ୍ଥିତ ରୋଟାରି କ୍ଲବ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସଭା ଆୟୋଜିତ ହୋଇଥିଲା। ରୋଟାରି କ୍ଲବର ସମ୍ପାଦକ ପ୍ରସାଦ ଜଗଦେବ ବାର୍ଷିକ ବିବରଣୀ, ଆଦିନାରାୟଣ ଖଣ୍ଡୁଆଳ ସଭା ପରିଚାଳନା କରିଥିଲେ। ରୋଟାରିଆନ ଆସିଷ୍ଟାଣ୍ଟ ଗଭର୍ଣ୍ଣର ନୀରଦ କୁମାର ଝା ଏବଂ ରୋଟାରିୟନ ସାକ୍ଷସିଂହ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସମାଜ ପ୍ରତି ରୋଟାରିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସୁନୀଲ ଅଗ୍ରୱାଲ, ରାଧାମୋହନ ପଟ୍ଟନାୟକ, ରାଶିକଲାଲ ପଟେଲ, କେ.କେ. ପଟ୍ଟନାୟକ, ଭି.ଷ୍ଟାପର୍ଡ, କୃଷ୍ଣମୁରାରୀ ଅଗ୍ରୱାଲ, ବି.ପି. ମହାନ୍ତି, ସଞ୍ଜୟ ଅଗ୍ରୱାଲ, ଶିବରତନ ଯୋଶୀ, କେ.ବେନୁଗୋପାଳ, ନିଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଡା.ପି. କେ. ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବ୍ରିଗେଡିୟର ନବ କିଶୋରଙ୍କ ପରଲୋକ

ଭୁବନେଶ୍ୱର, ୨।୫(ବ୍ୟୁରୋ): ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ବିଶିଷ୍ଟ ଡାକ୍ତର ନବ କିଶୋର ସୁନ୍ଦରାୟଙ୍କ ଫୁସ୍‌ଫୁସ୍ ଜନିତ ରୋଗରେ ଗତ ଶନିବାର ସନ୍ଧ୍ୟାରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ପ୍ରତିରକ୍ଷା ବିଭାଗରେ କ୍ୟାପଟେନ୍ ଭାବେ ଯୋଗଦାନ କରି ବ୍ରିଗେଡିୟର ପଦବୀକୁ ଉନ୍ନିତ ହୋଇଥିଲେ। ସେ ନିଷ୍ଠାପର ଭାବେ ଦେଶର ସେବା କରି



୨୦୧୦ ମସିହାରେ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ରାଜଧାନୀର ଏକ ଘରୋଇ ମେଡିକାଲରେ ମେଡିସିନ ବିଭାଗରେ ପ୍ରଫେସର ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ଦେହାନ୍ତ ପରେ ପରିବାର ବର୍ଗ ଶେଷ ଦର୍ଶନ କରିଛନ୍ତି।

### ପରିଚାଳନା କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୨।୫(ଡି.ଏନ୍.ଏ.): ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତିଭାବେ ମଙ୍ଗଳବାର ଡ.ସତ୍ୟନାରାୟଣ ରଥ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ କଲେଜରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରଥ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ କଲେଜର ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ।

# ପ୍ରତିଶ୍ରୁତି ପରେ ବି ତାଲିକାରୁ ବାଦ୍

**ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ**

- କ୍ରିୟାନୁଷ୍ଠାନ କମିଟି ଗଠିତ
- ଆନ୍ଦୋଳନ ପାଇଁ ନିଷ୍ପତ୍ତି

ବେଗୁନିଆ,୨।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ମାନ୍ୟତା ପ୍ରଦାନ ପାଇଁ ବିଧାନସଭା ଗୃହ କମିଟି ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ମିଳେଇ ଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଏପ୍ରିଲରେ ପ୍ରକାଶିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଲିକାରେ ବେଗୁନିଆ ପିଏଚ୍‌ସି ସ୍ଥାନ ପାଇପାରିନାହିଁ। ଫଳରେ ସରକାରଙ୍କ ଉନ୍ନତ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ଏଠାରେ ବାଟବଣା ହୋଇଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତିବାଦରେ ଗତ ରବିବାର ସଦର ମହକୁମାସ୍ଥିତ ମା' ଦୁର୍ଗାଙ୍କ ପୀଠ ପରିସରରେ ଏକ ବୈଠକ ହୋଇଯାଇଛି। ଏହି ଅବସରରେ ନୂତନ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ସିଏଚ୍‌ସି ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟମାନେ ଯୋଗଦେଇଥିଲେ।



ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ପ୍ରକାଶ ଯେ, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ୨୦୦୯ ମସିହାରୁ ଦାବି ହୋଇଆସୁଛି। ୨୦୧୫ ମେ' ୧୦ରେ ବେଗୁନିଆ ଗସ୍ତରେ ଆସି ବିଧାନସଭା ଗୃହ କମିଟି ବ୍ଲକର ସ୍ୱାସ୍ଥ୍ୟସେବା ସ୍ଥିତିକୁ ଅନୁଧ୍ୟାନ କରିବା ପରେ ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ପ୍ରତିଶ୍ରୁତିକୁ ୮ବର୍ଷ ବିତିଛି। ଦାବି ପୂରଣ ହେବା ପରିବର୍ତ୍ତେ ତାଲିକାରୁ ବାଦ୍ ପଡିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥ ବେଗୁନିଆ ସଦର ଦେଇ ଯାଇଛି। ରାଜପଥରେ ଦୈନିକ ଦୁର୍ଘଟଣା ଘଟୁଛି। ଏଠାରେ ରୋଗୀ ଉନ୍ନତ ସେବା ନ ପାଇ ହଇରାଣ ହେଉଛନ୍ତି। ବେଗୁନିଆ ସଦର ମହକୁମାରେ ରେଲୱେ ଷ୍ଟେଶନ, ବ୍ଲକ, ତହସିଲ ସମେତ ଥାନା, ସାପ୍ତାହିକ ହାଟ, ବଜାର ଆଦି ରହିଛି। ବେଗୁନିଆ ବ୍ଲକର ୨୧ ପଞ୍ଚାୟତ ଏବଂ ବୋଲଗଡ଼ ବ୍ଲକର ୭ ପଞ୍ଚାୟତର ଜନସାଧାରଣ ଏଠାକୁ ବିଭିନ୍ନ କାର୍ଯ୍ୟ ନେଇ ଦୈନିକ ଆସୁଛନ୍ତି। ଏସବୁ ଦୃଷ୍ଟିରୁ ଏଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅନେକ ଗୁରୁତ୍ୱ ବହନ କରୁଛି। ଏଠାକୁ ପ୍ରସବ ପାଇଁ ଆସୁଥିବା ମହିଳାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଫଳରେ ରାସ୍ତାରେ ରୋଗୀ ପ୍ରସବଜନିତ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଡ୍‌ମିଶନ ରୋଗୀଙ୍କୁ ମାଗଣାରେ ରନ୍ଧାଖାଦ୍ୟ ଯୋଗାଇଦେବା ନିୟମ ରହିଛି। ହେଲେ ଶୁଖିଲା ଖାଦ୍ୟପଦାର୍ଥ ଯୋଗାଇଦେଇ ମିଥ୍ୟା ବିଲ୍ ମଞ୍ଜୁର କରାଯାଉଛି। ରନ୍ଧାଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଏଠାରେ ରୋଷେୟା ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କୁହନ୍ତି, ବ୍ଲକରେ ସ୍ୱାସ୍ଥ୍ୟସେବା ସରକାରଙ୍କ ନିର୍ଦ୍ଦେଶନାରେ ଯୋଗାଇ ଦିଆଯାଉଛି। ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସିରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ଆଦେଶନାମା ଆସିନାହିଁ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଯାଁଳା,୨।୫(ଡି.ଏନ୍.ଏ.)

ଇନ୍‌ଫୋସିଭ୍ୟାଲି ଥାନା ୧୬ନଂ. ଜାତୀୟ ରାଜପଥ ଭୁଆସୁଣୀ ଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଗମ୍ଭାରିଡିହି ଗ୍ରାମର ରାଜକିଶୋର ମଲ୍ଲିକ (୫୨)। ଅନ୍ୟପଟେ ପୋଲିସ ଟ୍ରକ୍ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ସୋମବାର ସକାଳେ ରାଜକିଶୋର ବାଇକ୍‌ରେ ଭୁବନେଶ୍ୱରରୁ ଗ୍ରାମକୁ ଫେରୁଥିବା ବେଳେ ଭୁଆସୁଣୀ ଛକ ନିକଟରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।



**ବୋଲଗଡ଼:** ବିଶ୍ୱ ଶ୍ରମିକ ଦିବସରେ ଚମ୍ପାଇଲୋ–ସାନବାଡ଼ ଗ୍ରାମରେ ଓଡ଼ିଶା ସିନେ ଶ୍ରମିକ ସଂଘ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# 'ଶ୍ରମିକଙ୍କ ବିନା ପ୍ରଗତି ଅସମ୍ଭବ'

ବୋଲଗଡ଼,୨।୫(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ପିତୁକୁଳି ପଞ୍ଚାୟତ ଅଧୀନ ଚମ୍ପାଇଲୋ–ସାନବାଡ଼ ଗ୍ରାମରେ ଓଡ଼ିଶା ସିନେ ଶ୍ରମିକ ସଂଘ ଆନୁକୂଲ୍ୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମା' ବୀଣାକେଶ୍ୱରୀ ନୃତ୍ୟ ମଞ୍ଜରୀ ମଙ୍ଗଳପୁର(ପିପିଲି)ର କଳାକାରଙ୍କ ଦ୍ୱାରା ଘୋଡ଼ାନାଚ ସହିତ ଲୋକନୃତ୍ୟ ଗୁରୁ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ତାଳତୁମ୍ବ ନାରାୟଣୀପଡ଼ାର କୁନିଝିଅଙ୍କ ଦ୍ୱାରା ସୁଶ୍ରୀ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ମାର୍ଗଦର୍ଶନରେ ଭଜନ ନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ସାମାଜିକ କର୍ମୀ ପ୍ରମୋଦ କୁମାର ପ୍ରତାପସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇ ବିଶ୍ୱ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରି ଶ୍ରମିକଙ୍କ ବିନା ପ୍ରଗତି ଅସମ୍ଭବ ବୋଲି କହିଥିଲେ। ଶିକ୍ଷାବିତ୍ ମନୋଜ କୁମାର ଗୁମାନ୍‌ସିଂହ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶ୍ରମିକ କଲ୍ୟାଣର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କବି ଦିଲୀପ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ କଳାକାର ଓ ନୃତ୍ୟଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିନେ ଶ୍ରମିକ ସଂଘ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମେଘ ମହ୍ଲାରର ସମ୍ପାଦିକା ଆରତି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓମ୍ ପ୍ରକାଶ ମହାଦେବ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଏବଂ ଅନ୍ୟମାନେ।

## ଧରାପଡ଼ିଲେ ୫ ବ୍ରାଉନ୍‌ସୁଗାର ବେପାରୀ

**୧୫ ଗ୍ରାମ ବ୍ରାଉନ୍‌ସୁଗାର, ନମ୍ବରବିହୀନ ୨ ବାଇକ୍ ଜବତ**

ଖୋର୍ଦ୍ଧା ଅଫିସ,୨।୫

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ସ୍ୱଳ୍ପ ସମୟରେ ଅଧିକ ରୋଜଗାର ଆଶାରେ ବହୁ ଯୁବକ ଏଥିରେ ସାମିଲ ହେଉଥିବା ନଜିର ରହିଛି। ତେବେ ଅପରାଧୀମାନେ ପୋଲିସକୁ ଚକ୍‌ମା ଦେବା ଲାଗି ନମ୍ବର ବିହୀନ ବାଇକ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ବାଘମାରୀ ପୋଲିସ ମା'ମହିଷାଶୁଣୀ ମନ୍ଦିର ନିକଟରେ ଚଢ଼ାଉ କରି ୫ ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଡ଼ାଡିଅ ଗ୍ରାମର ପ୍ରସନ୍ନ ସେଠୀ ଓରଫ ଗନ୍ଧିଆ(୩୫), କମଳ ମଙ୍ଗରାଜ ଓରଫ ପପୁ (୨୮), ପବିତ୍ର ଜେନା ଓରଫ ଡିବା (୩୨), ବାଘମାରୀ ଗ୍ରାମର ସୌଭାଗ୍ୟ ରଞ୍ଜନ ପଣ୍ଡା ଓରଫ କାହ୍ନା (୨୧) ଏବଂ କଣ୍ଟାମଲିମ ଅଞ୍ଚଳର ଅଜୟ ସାମନ୍ତରାୟ ଓରଫ ରାବେଣା (୨୬)। ଏମାନଙ୍କ ଠାରୁ ୧୩.୯୫ ଗ୍ରାମ୍ ବ୍ରାଉନ୍‌ସୁଗାର ଏବଂ ଦୁଇଟି ନମ୍ବରବିହୀନ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୦ହଜାର ୯୫୦ ଟଙ୍କା ହେବ। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ (ନଂ.୭୨/୨୩) ରୁଜୁ କରାଯାଇ ଉପରୋକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ମନ୍ଦିର ନିକଟରେ ଥିବା ଏକ ଆଜ୍‌ବେଷ୍ଟସ ଘରେ ବ୍ରାଉନ୍‌ସୁଗାର ବେପାର ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ବାଘମାରୀ ଥାନା ଅଧିକାରୀ ପ୍ରଜ୍ଞାରିତମ୍ବରା କରଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଗାୟତ୍ରୀ ଗୋଛାୟତ ଏକ ଟିମ୍ ସହ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିବା ସହ ବ୍ରାଉନ୍‌ସୁଗାର, ବାଇକ୍‌ଜବତ କରିଥିଲେ।

## ବ୍ୟାଙ୍କରୁ ଲୁଟ୍ ଘଟଣା : ୨ ଗିରଫ

ଖୋର୍ଦ୍ଧା ଅଫିସ,୨।୫

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମ ଗ୍ରାମରେ ଥିବା ବ୍ୟାଙ୍କ ଅଫ୍ ବରୋଦାରୁ ଗତ ୧୧ ତାରିଖ ବିଳମ୍ବିତ ରାତିରେ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଶାଣିଆ ଗ୍ରାମର ଦିପୁନା ନାଟୁଆ ଏବଂ ଗୋଡିର ପଦ୍ମଲୋଚନ ନାୟକ ଓରଫ ଗୁକେଇ। ଅନ୍ୟ ଏକ ଲୁଟ୍ ଘଟଣାରେ ଅଭିଯୁକ୍ତଦ୍ୱୟଙ୍କ ମଧ୍ୟ ସମ୍ପୃକ୍ତି ରହିଛି। ଗତ ୩୧ ମାର୍ଚ୍ଚରେ ଗୁଡୁମ ରାସ୍ତାରେ ଥିବା ଜାଗୁଲେଇ ମନ୍ଦିର ନିକଟରୁ ଜଣେ ଘରୋଇ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟି ନେଇଥିବା ବ୍ୟାଗ, ଆଇକାର୍ଡ ସେମାନଙ୍କଠାରୁ ଜବତ ହୋଇଛି। ସେହିଭଳି ଇନ୍‌ଫୋସିଭ୍ୟାଲି ଥାନା ଅଞ୍ଚଳରୁ ମଧ୍ୟ ଜଣଙ୍କୁ ଛୁରାମାଡ଼ କରି ଡକାୟତି କରିଥିବା ଥାନା ଅଧିକାରୀ ବିଦିତା ନାୟକ ସୂଚନା ଦେଇଛନ୍ତି।

## ଜନଶୁଣାଣି ଶିବିରରେ ୪୦ ଅଭିଯୋଗ



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୨।୫(ଡି.ଏନ୍.ଏ.)

ପୁରୀ ଜିଲା ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ୍ ୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପିରିଜିପୁର ସରପଞ୍ଚ ମଳୟ ଜେନା, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ ପ୍ରମୁଖ ନିଜ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟପକ୍ଷେ ସିଆଣ୍ଡି ପଞ୍ଚାୟତର ଜିତେନ୍ଦ୍ର ବିଶ୍ୱାଳଙ୍କ କିଛିଦିନ ପୂର୍ବେ ଗୁହାଳ ଘର ପୋଡ଼ିବା ସହିତ ଦୁଇଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଥିଲେ। ଏଯାବତ୍ ତାଙ୍କୁ ସରକାରୀ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଥିଲା। ସେହିପରି ମିଥ୍ୟା ମକଦ୍ଦମାରେ ଫସି ନିର୍ଦ୍ଦୋଷରେ ଖଲାସ ହୋଇଥିବା ଗୃହରକ୍ଷୀ ସୁରଜ ବେହେରାଙ୍କୁ ପୁନର୍ବାର ଅରଖକୁଦା ସାମୁଦ୍ରିକ ଥାନାରେ ନିଯୁକ୍ତି ଦେବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଅତିରିକ୍ତ ଜିଲାପାଳ ବିଭିନ୍ନ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁରୀ ଡିଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ରଶ୍ମିରେଖା ଦାସ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ମନୋଜ ନାୟକ, ତହସିଲଦାର ଶରତ ଚନ୍ଦ୍ର ଗିରି, ଆଇଆଇସି ଶରତ ନାୟକ, ସିଡିପିଓ ମନୋରମା ଦେବୀ, ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ବିଇଓ ମଙ୍ଗୁଳି ଚରଣ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଗିରିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କୁବେର ଜେନା, ବିନୋଦ ବିହାରୀ ପୁହାଣ, କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ମନୋଜ ସ୍ୱାଇଁ, ବିପିନ ବିହାରୀ ମଙ୍ଗରାଜ, ତତ୍ତ୍ୱଦର୍ଶୀ ସେଠୀ, କାଶିମ୍ ମହମ୍ମଦ, ଆଲୋକ ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଜାତିଆଣ ଆକ୍ଷେପ ସହ ବିବାହ ପ୍ରସେସନ ଅଟକାଇ ୬ ଗିରଫ

ଖୋର୍ଦ୍ଧାଅଫିସ,୨।୫

ଆଦର୍ଶ ଥାନା ଅନ୍ତର୍ଗତ ମୁକ୍ତାପୁର ଗ୍ରାମରେ ଜାତିଆଣ ଆକ୍ଷେପ କରି ବିବାହ ପ୍ରସେସନ ଅଟକାଇବା ଘଟଣାରେ ମଙ୍ଗଳବାର ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୁକ୍ତାପୁର ଅଞ୍ଚଳର ରବି ସାହୁ, ଅଖିଳ କୁମାର ଷଡ଼ଙ୍ଗୀ ଓରଫ ଅଖି, ଦିଲୀପ ରଞ୍ଜନ ଦାସ ଓରଫ ମୁନା, ପ୍ରମୋଦ ଦାସ ଓରଫ ବାବନ, ମୃଷା ବରାଳ ଓ କୃପାସିନ୍ଧୁ ସ୍ୱାଇଁ। ସୂଚନା ମୁତାବକ, ଗତ ୨୯ତାରିଖରେ ମୁକ୍ତାପୁର ଦଳିତ ସାହିରେ ଜଣଙ୍କ ଝିଅର ବାହାଘର ଥିଲା। ପ୍ରସେସନ ହେଉଥିବା ବେଳେ ଗ୍ରାମର କଂସାରୀ ସାହି ଏବଂ କାଚେରା ସାହିର କେତେଜଣ ଲୋକ ବିରୋଧ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୬୬/୨୩) ରୁଜକରି ତଦନ୍ତ ଚଳାଇଥିଲା।

# ବୀମା ରାଶି ୧୦ଲକ୍ଷ ଟଙ୍କା କରାଯାଉ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଖୋର୍ଦ୍ଧା ଅଫିସ,୨।୫

ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଓଡ଼ିଶା ସାମ୍ବାଦିକ ୟୁନିୟନର ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ମେ' ୧ ଶ୍ରମିକ ଦିବସକୁ ପ୍ରତିବାଦ ଦିବସଭାବେ ପାଳନ କରାଯାଇଛି। ଜିଲା ସଭାପତି ତପନ କୁମାର ନାୟକଙ୍କ ନେତୃତ୍ୱରେ ଏକାଧିକ ଖବରଦାତା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ସହକାରୀ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଖବରଦାତାଙ୍କ ପ୍ରତି ସରକାରଙ୍କ ଅବହେଳାକୁ ନେଇ ସମାଲୋଚନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖବରଦାତାଙ୍କ ସୁରକ୍ଷା ଆଇନ୍ ପ୍ରଣୟନ, ସ୍ୱାସ୍ଥ୍ୟ ବୀମାରାଶି



୨ ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ଅତି କମ୍‌ରେ ମାସିକ ୧୫ ହଜାର ଟଙ୍କା ପେନ୍‌ସନ ପ୍ରଦାନ ସହିତ ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ ଲାଗି ଦାବି ଉଲ୍ଲେଖ ରହିଛି। ଏହି ପ୍ରତିବାଦ ଓ ଶୋଭାଯାତ୍ରାରେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ଜିଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଉପସଭାପତି ସୟଦ ଅନସର ଅଲ୍ଲୀ, ସନତ ପଟ୍ଟନାୟକ, ଜୟନ୍ତ ରାୟ, ରବୀନ୍ଦ୍ର ମିଶ୍ର, ପ୍ରଭାତ ମହାନ୍ତି, ଅଜିତ ମିଶ୍ର, ସଂଗ୍ରାମ ହୋତା, ଶୁଭଲକ୍ଷ୍ମୀ ସାମନ୍ତରା, ଇକବାଲ୍ ଅହମ୍ମଦ, ଶିବ ଚରଣ ସିଂ, ଅୟସ ମହାନ୍ତି, ସନ୍ଦୀପ ବର୍ମନ, ଇନ୍ଦ୍ରଜିତ ପଟ୍ଟନାୟକ, ଅଶ୍ୱିନୀ ମହାନ୍ତି, ତ୍ରିଲୋଚନ ବାଘସିଂହ, ଚନ୍ଦନ ସୁନ୍ଦରାୟ, ରାଜେଶ ମହାନ୍ତି, ଜିତେନ୍ଦ୍ର ଭଞ୍ଜ, ସୁଶାନ୍ତ ବଳିୟାରସିଂହ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପ୍ରକାଶ ପଟ୍ଟନାୟକ, ଶ୍ରୀକାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# 'ପରିବାର ଗଢ଼େ ପିଲାଙ୍କ ଭବିଷ୍ୟତ'

ଖୋର୍ଦ୍ଧା ଅଫିସ,୨।୫

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୧ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା କୃଷି ଗବେଷଣା କେନ୍ଦ୍ରର ଉପଦେଷ୍ଟା ପ୍ରଫେସର ବିଭୂତି ଭୂଷଣ ଦାଶ ଯୋଗଦେଇ କହିଥିଲେ, ଭାରତୀୟ ଶିକ୍ଷାପଦ୍ଧତି ଗୁରୁକୁଳ ଆଧାରିତ ରହିଥିଲା। ପ୍ରାଚୀନ ସଂସ୍କୃତି ଆଧାରିତ ଶିକ୍ଷା ପଦ୍ଧତିକୁ ଛାଡି ଏବେ ପାଶ୍ଚାତ୍ୟ ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଆଜିର ଯୁବପିଢ଼ି ଭାରତୀୟ ସଂସ୍କୃତିଠାରୁ ଦୂରେଇବାରେ ଲାଗିଛନ୍ତି। ଘରେ ଆଧ୍ୟାତ୍ମିକତାର ବାତାବରଣ ରହୁ। ପରିବାରରେ ଏକାଠି ପୂଜାପାଠ, ଧ୍ୟାନ କଲେ ସମ୍ପର୍କ ସୁଦୃଢ଼ ହେବ। ପିଲାଙ୍କୁ ଜଣେ ଉତ୍ତମ ମଣିଷ ହେବାକୁ ଶିକ୍ଷା ଦିଅନ୍ତୁ। ଅନ୍ୟର ସେବା ଲାଗି ପ୍ରେରଣା ଦିଅନ୍ତୁ। ଆଗାମୀ ଭବିଷ୍ୟତ ଲାଗି ପିଲାଙ୍କୁ ଏବେଠୁ ଗଠନ କରନ୍ତୁ। ପରିବାର ହେଉଛି ଏହାର ପ୍ରକୃଷ୍ଟ ମାଧ୍ୟମ। ପରିବାର ଏକ ମନ୍ଦିର ସଦୃଶ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଯୁଗ୍ମ ସଚିବ ସୁଭାଷ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବୈଷୟିକ ତଥା ଗୁରୁକୁଳ ଶିକ୍ଷାପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସହ ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସଫଳ ହେବାକୁ ହେଲେ ସ୍ୱପ୍ନ ଦେଖ। ସାକାର ନ ହେବା ପର୍ଯ୍ୟନ୍ତ ନିରନ୍ତର ପ୍ରୟାସ କର। କଠିନ ପରିଶ୍ରମ କଲେ ସଫଳତା ଶୀର୍ଷରେ ପହଞ୍ଚିପାରିବ। ଗୁରୁଜନଙ୍କ ଆଶୀର୍ବାଦ, ପ୍ରେରଣା ହିଁ ଆଗକୁ ବଢିବାକୁ ସାହସ ଦେଇଥାଏ। ଗୁରୁ କିମ୍ବା ପିତାମାତାଠାରୁ ବିମୁଖ ହେଲେ କେବେ ବି କାର୍ଯ୍ୟରେ ସିଦ୍ଧି ପାଇପାରିବେ ନାହିଁ। ତେଣୁ ଗୁରୁବନ୍ଦନା ଏବଂ ଗୁରୁଜନଙ୍କୁ ସର୍ବଦା ଭକ୍ତି କର। ସେହିପରି ସଭାପତିତ୍ୱ ଭାଷଣରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଅଜିତ ପଟ୍ଟନାୟକ ଶିଶୁ ବିଦ୍ୟାମନ୍ଦିର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଜାହ୍ନବୀ' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ୍ କୁଳମଣି ମିଶ୍ର, ଘୁମୁରା ନୃତ୍ୟ ଗୁରୁ ଶ୍ରୀଚୈତନ୍ୟ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗିରିଜା ମହାପାତ୍ର ବାର୍ଷିକ ବିବରଣୀ ପାଠ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ସଙ୍ଖାଳି ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ଏକକ, ଦଳଗତ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ନାଟକ 'ଯୌତୁକ' ସ୍ୱଚ୍ଛ ଭାରତ, ଓ ଘୁମୁରା ନାଚ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶତାଧିକ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ମେ , ୨୦୨୩



**ମଶାରି ଭିତରେ ନାଗ, ପରିବାର ଲୋକେ ଭୟଭୀତ**

ପିପିଲି,(ଡି.ଏନ୍.ଏ.)- ପୁରୀ ଜିଲା ପିପିଲି ଖଣ୍ଡି ମଙ୍ଗଳପୁର ଗାଁର ଜଣେ ବ୍ୟକ୍ତିଙ୍କ ଶୋଇବା ଘରେ ଲାଗିଥିବା ମଶାରି ଭିତରେ ଏକ ନାଗ ସାପ ରହିଥିବା ଜଣାପଡ଼ିଛି। ସାପକୁ ଦେଖି ପରିବାର ଲୋକ ଭୟଭୀତ ହୋଇପଡ଼ିଥିଲେ। ସୋମବାର ରାତିରେ ପରିବାର ଲୋକେ ମଶାରି ଟାଣି ଦେଇ ରାତ୍ରି ଭୋଜନ କରିବାକୁ ଯାଇଥିଲେ। ଖାଇ ସାରି ଶୋଇବାକୁ ଆସିଲା ବେଳେ ଦେଖିଲେଯେ ମଶାରି ଭିତରେ ଏକ ନାଗ ସାପ ରହିଛି। ମଶାରିଟି ଚାରିପଟରୁ ବନ୍ଦ ଥିବା ଯୋଗୁ ସାପଟି ବାହାରକୁ ଯାଇ ନ ପାରି ତାରି ଭିତରେ ରହିଥିଲା। ପରେ ପରିବାର ଲୋକେ ସ୍ନେକ ହେଲ୍ପଲାଇନକୁ ଫୋନ କରିବାର ହେଲ୍ପଲାଇନର ଜଣେ ସଦସ୍ୟ ଆସି ନାଗ ସାପଟିକୁ ଉଦ୍ଧାର କରି ଜଙ୍ଗଲ ମଧ୍ୟରେ ଛାଡ଼ିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଦାଦାବଟି ମାଗି ୨ ଭାଇ ଗିରଫ

ଡେଲାଙ୍ଗ,୨।୫(ଡି.ଏନ୍.ଏ.)- ଦାଦାବଟି ମାଗିବା ଅଭିଯୋଗରେ ଡେଲାଙ୍ଗ ପୋଲିସ ୨ ଭାଇଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ ରାମଚନ୍ଦ୍ରପୁର ଗ୍ରାମର ଶକ୍ତି ପ୍ରସାଦ ସିଂ(୪୦) ଓ ତ୍ରିଶୂଳ ସିଂ(୪୧)। ପୋଲିସ ସେମାନଙ୍କ ପାଖରୁ ନକ୍ସା, ଛୁରି, ୬ଶହ ଟଙ୍କା, ଏକ ଲୁହା ରଡ଼, ଏକ କିପ୍ୟାଡ ମୋବାଇଲ ଓ ଏକ ବାଇକ୍ ଜବତ କରିଛି। ସୂଚନା ମୁତାବକ, ୨ ଭାଇ ଡେଲାଙ୍ଗ ହାଟ ବଜାରସ୍ଥିତ ରାମଚନ୍ଦ୍ରପୁର ସନ୍ନିକଟ ରାସ୍ତା କଡ଼ରେ ଦିନ ଦ୍ୱିପ୍ରହରେ ବାଟୋଇଙ୍କୁ ଦାଦାବଟି ମାଗୁଥିଲେ। ଖବରପାଇ ପୋଲିସ ପାଟ୍ରୋଲିଂ ଗାଡ଼ି ସହିତ ସେଠାରେ ପହଞ୍ଚି ଦୁହିଁଙ୍କୁ କାବୁ କରିଥିଲା। ସେଥିରେ ଏଏସ୍ଆଇ ରବୀନ୍ଦ୍ରନାଥ ବେହେରା, ସିପାହୀ ଜିତେନ୍ଦ୍ର ସ୍ୱାଇଁ, ହୋମଗାର୍ଡ ପ୍ଲାଟୁନ କମାଣ୍ଡ ପ୍ରମୋଦ ସେଠୀ ଓ ପବିତ୍ର ବେହେରା ପ୍ରମୁଖ ସାମିଲ ଥିଲେ।

### ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ

ସାକ୍ଷୀଗୋପାଳ,୨।୫(ସ୍ୱ.ପ୍ର./ଡି.ଏନ୍.ଏ.) ସତ୍ୟବାଦୀ ଥାନା ଅଧୀନ ସାରଙ୍ଗଯୋଡ଼ି ହରିଜନ ସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଗ୍ରାମର ରବୀନ୍ଦ୍ର ବେହେରାଙ୍କ ସ୍ତ୍ରୀ ସୁଲୋଚନା ବେହେରା ରୋଷେଇ କରୁଥିବାବେଳେ ରନ୍ଧା ଚୁଲିରୁ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡରେ ରବୀନ୍ଦ୍ର ବେହେରା, ଜୟକୃଷ୍ଣ ବେହେରା ଓ କମଳାକାନ୍ତ ବେହେରାଙ୍କ ୩ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡି ଯାଇଛି। ଖବରପାଇ ସତ୍ୟବାଦୀ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବାରେ ରାସ୍ତା କଡ଼ରେ ଥିବା ଏକ ବିରାଟ ଚାକୁଣ୍ଡା ଗଛ ଅନ୍ତରାୟ ସୃଷ୍ଟି କରିଥିଲା। ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଲୋକେ ନିଆଁକୁ ଆୟତ୍ତ କରିନେଇଥିଲେ। ସ୍ଥାନୀୟ ସରପଞ୍ଚ ସେଠାରେ ପହଞ୍ଚି ଉକ୍ତ ପରିବାର ଲୋକଙ୍କ ସହ ଆଲୋଚନା କରି ବିଭିନ୍ନ ସହଯୋଗ ପାଇଁ ବ୍ୟବସ୍ଥା କରିଥିଲେ। ସତ୍ୟବାଦୀ ତହସିଲଦାରଙ୍କ ପକ୍ଷରୁ ଘଟଣା ସମ୍ବନ୍ଧରେ ସବିଶେଷ ରିପୋର୍ଟ ଗ୍ରହଣ କରାଯାଇଥିବା ଜଣାପଡିଛି। ପୋଡ଼ି ଯାଇଥିବା ଆସବାବପତ୍ରର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସହଯୋଗ ପାଇଁ ସ୍ଥାନୀୟ ପ୍ରଶାସନକୁ ଜୟକୃଷ୍ଣ ଅନୁରୋଧ କରିଛନ୍ତି।

### ଶହୀଦ ଦେବାଶିଷଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟ ସରିଲା

ସାକ୍ଷୀଗୋପାଳ,୨।୫(ସ୍ୱ.ପ୍ର./ଡି.ଏନ୍.ଏ.)- ଶହୀଦ ଯବାନ ଦେବାଶିଷ ବିଶ୍ୱାଳଙ୍କ ଆତ୍ମାର ଶାନ୍ତି ନିମନ୍ତେ ମଙ୍ଗଳବାର ଅନ୍ତ୍ୟେଷ୍ଟି କାର୍ଯ୍ୟ ସରିଛି। ତ୍ରୟୋଦଶୀ ଦିବସ ଅବସରରେ ସଂକୀର୍ତ୍ତନମଣ୍ଡଳୀ ହରିନାମ କୀର୍ତ୍ତନ ସହ ଭାଗବତ ଆଲୋଚନା ହୋଇଥିଲା। ସେହିପରି ଭୁବନେଶ୍ୱର ସେଭ୍ ଆର୍ଥ ମିଶନ କର୍ମକର୍ତ୍ତା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଅପରାହ୍ନରେ ତାଙ୍କ ଘରେ ପହଞ୍ଚି ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମିଶନର ଓଡ଼ିଶା ମୁଖ୍ୟ ବସନ୍ତ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତା ଦେବାଶିଷଙ୍କ ମା'- ବାପାଙ୍କୁ ସାକ୍ଷାତ୍ କରି ୨୭ ହଜାର ୨୦୧ ଟଙ୍କା ପ୍ରଦାନ କରିଥିଲେ। ସେଠାରେ କର୍ମକର୍ତ୍ତା ଦେବାଶିଷ ଅମର ରହେ ସ୍ଲୋଗାନ ମଧ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ପରିଡ଼ା, ବିଜୟ ପ୍ରଧାନ, ସତ୍ୟନାରାୟଣ ମହାରଣା, ଯଯାତି କେଶରୀ ରାୟ, ଶୁଭକାନ୍ତ ପରିଡ଼ା, ସଞ୍ଜୟ ପ୍ରଧାନ, ଦୁର୍ଯ୍ୟୋଧନ ମହାରଣା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ସୁନୀଲ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କ ନେତୃତ୍ୱରେ ସାଥୀମାନେ ଖଣ୍ଡାୟତ ସାହିରେ ଶହୀଦଙ୍କ ଉଦ୍ଦେଶ୍ୟରେ ଦେଶାତ୍ମବୋଧ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୋମେଶ୍ୱରପୁର ଡୁଗୁରେଇଙ୍କ ନିକଟରେ ଡୁଗୁରେଇ ଯୁବକ ସଂଘ ପକ୍ଷରୁ ଦୀପ ଦାନ କରିଥିଲେ।

# ଉଚ୍ଛେଦ ଦୋକାନୀଙ୍କୁ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦୋକାନୀଙ୍କ ବିକ୍ଷୋଭ

ପୁରୀ ଅଫିସ,୨।୫

ପୁରୀ ବଡ଼ଦାଣ୍ଡ ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଉଚ୍ଛେଦ କରାଯାଇଥିବା ଦୋକାନୀମାନଙ୍କୁ ଉକ୍ତ କମ୍ପ୍ଲେକ୍ସରେ ଥଇଥାନ କରିବା, ଦୋକାନ ଆବଣ୍ଟନରେ ଦୁର୍ନୀତିର ତଦନ୍ତ ଏବଂ ସାମନୁପାତିକ ଭିତ୍ତିରେ ପ୍ରକଳ୍ପରେ କ୍ଷତିଗ୍ରସ୍ତଙ୍କ ପାଇଁ ଦୋକାନ ବଣ୍ଟନ କରିବା ପାଇଁ ଉଚ୍ଛେଦ ଦୋକାନୀ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଆଇନଜୀବୀ ଶରତ କୁମାର ରାୟଗୁରୁଙ୍କ ନେତୃତ୍ୱରେ ଶତାଧିକ ଦୋକାନୀ ସୁଭାଷ ବୋଷ ଛକରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ।

ଆଇନଜୀବୀ ରାୟଗୁରୁ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସହରରେ ମନ୍ଦିର ନିକଟ, ବଡ଼ଦାଣ୍ଡ, ବଗଲା ଧର୍ମଶାଳା, ଡାକ୍ତରଖାନା ଛକ, ମାଟିଆପଡା ସିଦ୍ଧମହାବୀର, କୁମ୍ଭାରପଡା, ଅଠରନଳା ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ଦୋକାନ କରି ଜୀବିକା ନିର୍ବାହ କରୁଥିବା ଲୋକେ କେତେ ଜନକଲ୍ୟାଣକାରୀ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେଲେ ଓ ଉଚ୍ଛେଦ ଯୋଗୁ ଜୀବିକା ହରାଇଥିଲେ। ମାତ୍ର ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଭେଣ୍ଡିଂ ଜୋନ କରାଯାଇନାହିଁ। ସରକାରଙ୍କ ଦ୍ୱାରା ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଏକ ମାତ୍ର ଭରସା ଥିଲା। ପ୍ରକଳ୍ପରୁ ଉଚ୍ଛେଦ ବେଳେ ପ୍ରଶାସନ ପକ୍ଷରୁ ଥଇଥାନ ପାଇଁ ମୌଖିକ ଭାବେ ପ୍ରତିଶ୍ରୁତି ମଧ ମିଳିଥିଲା। ମୋଚିସାହି, ମାର୍କେଟ ଛକ ଓ ଜେଲ ରୋଡ୍‌ରେ ନୂତନ ଭାବେ ଗଢି ଉଠିଥିବା ମାର୍କେଟ କମ୍ପ୍ଲେକ୍ସରେ ଦୋକାନଗୃହ ଆବଣ୍ଟନ ବେଳେ ଉଚ୍ଛେଦ ଓ କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ଜିଲା ପ୍ରଶାସନ ଭୁଲିଯାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ମୋଚି ସାହିର ମହୋଦଧି ମାର୍କେଟ ଓ ମାର୍କେଟ ଛକରେ ପୂର୍ବରୁ ଦୋକାନ କରିଥିବା ଦୋକାନୀଙ୍କ ପାଇଁ ଦୋକାନ ଗୃହ ସଂରକ୍ଷିତ କରି ଅନ୍ୟ ସମସ୍ତ ବଳକା ଦୋକାନ ଗୃହକୁ ପ୍ରକଳ୍ପ ଆଧାରରେ ସମାନୁପାତିକ ଭାବେ କ୍ଷତିଗ୍ରସ୍ତ ଓ ଉଚ୍ଛେଦ ଦୋକାନୀମାନଙ୍କୁ ଲଟେରି ମାଧ୍ୟମରେ ଆବଣ୍ଟନ କରିବା। ମାଟିଆପଡା ରେଳ ଓଭରବ୍ରିଜରେ ଉଚ୍ଛେଦ ୩୦୩ଦୋକାନୀ, ବଗଲା ନିକଟରେ ୧୬ ଦୋକାନୀ, ଡାକ୍ତରଖାନା ଛକରେ ୨୫, ଅଠରନଳା ଓ କୁମ୍ଭାରପଡାରେ ୬୦ଦୋକାନ, ମନ୍ଦିର ଚତୁଃପାର୍ଶ୍ୱ ଦୋକାନୀଙ୍କୁ ପ୍ରତିଶ୍ରୁତି ମତେ ଦୋକାନ ଗୃହ ସିଧାସଳଖ କେବଳ ଦୋକାନୀଙ୍କ ନାମରେ ଆବଣ୍ଟନ କରିବା। ଦୋକାନ ଗୃହ ଆବଣ୍ଟନ ତାଲିକାରେ ଦୁର୍ନୀତି ହୋଇଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ କରି ପୁନରାୟ ନୂଆ କରି କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦୋକାନ ଦିଆଯାଉ ଏବଂ ପ୍ରଶାସନ ଓ କ୍ଷତିଗ୍ରସ୍ତ ଦୋକାନୀମାନଙ୍କ ମଝିରେ ମହନ୍ତ କିମ୍ବା ଭଡାରେ ଦୋକାନ ଦେଉଥିବା ମାଲିକଙ୍କ ନାମକୁ ବାଦ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ପ୍ରଶାସନ ପଦକ୍ଷେପ ନ ନେଲେ ଆସନ୍ତା ଦିନରେ ସମସ୍ତ ଦୋକାନୀ ପରିବାର ନେଇ ଅନିର୍ଦ୍ଧିଷ୍ଟକାଳ ଧାରଣାରେ ବସିବେ ବୋଲି ରାୟଗୁରୁ ସୂଚନା ଦେଇଛନ୍ତି। ବିକ୍ଷୋଭରେ ବିଜୟ ଦାସ, ମନୋରଞ୍ଜନ ମହାରଣା, ଯୋଗେନ୍ଦ୍ର ପଣ୍ଡା, ମନୋରଞ୍ଜନ ସାହୁ, ପ୍ରଶାନ୍ତ ମହାନ୍ତି, ନୀଳକଣ୍ଠ ପଣ୍ଡା, ପ୍ରଶାନ୍ତ ବିଶୋଇ, ଲକ୍ଷ୍ମୀଧର ମାଝି, ରଘୁନାଥ ପାଇକରାୟ, ଆଦିତ୍ୟ ଜେନା ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ସଂଘ ପକ୍ଷରୁ ଦାବିପତ୍ର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ମାଧ୍ୟମରେ ଜିଲାପାଳଙ୍କୁ ପ୍ରଦାନ କରଯାଇଥିଲା।



ଥଇଥାନ ଦାବି ନେଇ ଉଚ୍ଛେଦ ଓ କ୍ଷତିଗ୍ରସ୍ତ ଦୋକାନୀ ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## ୬ ମୋବାଇଲ, ବାଇକ୍ ଜବତ: ଲୁଟେରା ଗିରଫ

ପିପିଲି,୨।୫(ଡି.ଏନ୍.ଏ./ସ୍ୱ.ପ୍ର.)

ଗତ କିଛି ଦିନ ତଳେ ମୋବାଇଲ ଚୋରି କରି ଫେରାର ଥିବା ଲୁଟେରା ପୋଲିସ ହାତରେ ଧରା ପଡିଛନ୍ତି। ତାଙ୍କଠାରୁ ପୋଲିସ ୬ଟି ଚୋରି ମୋବାଇଲ ସହ ଲୁଟରେ ବ୍ୟବହୃତ ହେଉଥିବା ଏକ ଚୋରି ମୋଟର ସାଇକେଲ (ହୋଣ୍ଡା ସାଇନ) ଜବତ କରିଛି। ନହଳାପଡା ଗ୍ରାମର ନୃସିଂହ ପ୍ରଧାନଙ୍କ ଅଭିଯୋଗ ଅନୁସାରେ ସେ ସିଫା ନିକଟରେ ଛିଡା ହୋଇ କଥା ହେଉଥିବା ବେଳେ ଜଣେ ଅଜଣା ଯୁବକ ମୋଟର ସାଇକେଲରେ ଆସି ତାଙ୍କ ମୋବାଇଲଟିକୁ ଝାମ୍ପି ନେଇଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପିପିଲି ଥାନା କେସ ନଂ ୧୯୦ /୨୩ ରେ ଉତ୍ତରା ଫାଣ୍ଡି ଅଧିକାରୀ ସୌମ୍ୟ ରଞ୍ଜନ ଜେନା ତନାଘନା କରି ମୋବାଇଲ ଟ୍ରାକିଂରୁ ପିପିଲିର ଜଣେ ଯୁବକ ଚୋରି କରିଥିବା ଜଣାପଡ଼ିଥିଲା। ମଙ୍ଗଳବାର ପୋଲିସ ଟିମ୍ ପୂର୍ବାତୋଟା ସାହିରେ ଚଢାଉ କରି ସୌମ୍ୟରଞ୍ଜନଙ୍କୁ ଗିରଫ କରି ଚୋରି ୬ଟି ମୋବାଇଲ ଓ ଏକ ଚୋରି ବାଇକ୍ ଜବତ କରିଛନ୍ତି। ଅଭିଯୁକ୍ତ ସହ ଆଉ କାହାର ସମ୍ପୃକ୍ତି ଅଛି ସେନେଇ ପଚରାଉଚରା ଚାଲିଛି ବୋଲି ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ପ୍ରକାଶ କରିଛନ୍ତି।



ଭାରତୀୟ କୃଷି ସଂଘର ସଭାପତିଙ୍କ ଗିରଫ ଦାବିରେ ଏସ୍‌ୟୁସିଆଇ (ସି) ପକ୍ଷରୁ ମଙ୍ଗଳବାର ସାକ୍ଷୀଗୋପାଳରେ ପଥପ୍ରାନ୍ତ ପ୍ରତିବାଦ ସଭା କରାଯାଇଛି।

# ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ ଦିବ୍ୟାଙ୍ଗଙ୍କ ସୁଗମ ଦର୍ଶନ ଦାବି

ପୁରୀ ଅଫିସ,୨।୫

ଚଳିତବର୍ଷ ରଥଯାତ୍ରାରେ ଶ୍ରୀ ଗୁଣ୍ଡିଚା ମନ୍ଦିରଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ ଶ୍ରୀବିଗ୍ରହଙ୍କ ସୁଗମ ଦର୍ଶନ ବ୍ୟବସ୍ଥା କରାଇବା ପାଇଁ ଜିଲା ଦିବ୍ୟାଙ୍ଗ ମହମଞ୍ଚ ତରଫରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମହାମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି କି, ବିଗତ ବର୍ଷ ଦର୍ଶନ ବ୍ୟବସ୍ଥାରେ ପ୍ରଶାସନିକ ଅଧିକାରୀ, ପୋଲିସ, ସେବାୟତମାନଙ୍କ ମଧ୍ୟରେ ଠିକ୍ ତାଳମେଳ ଅଭାବରୁ ଏହି ଦର୍ଶନ ବ୍ୟବସ୍ଥାରେ ବାରମ୍ବାର ବାଧା ଉପୁଜି ଥିଲା। କେତେବେଳେ ପୋଲିସ ଅଟକାଉଥିଲା ତ କେତେ ବେଳେ ସେବାୟତ। ଏପରିକି ସେବାୟତମାନେ ଅନେକ ସମୟରେ ଏହି କାର୍ଯ୍ୟରେ ନିୟୋଜିତ ସ୍ୱେଚ୍ଛାସେବୀ ଓ ଦିବ୍ୟାଙ୍ଗମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ। ସେହିପରି ପ୍ରଶାସନ ତରଫରୁ ଯେଉଁଠୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ନେବାର ବ୍ୟବସ୍ଥା କରାଯାଇଥିଲା, ସେଠାକୁ ପହଞ୍ଚି ଏ ସେବା ନେବା କାଠିକର ହେଉଥିଲା। ଦର୍ଶନ ପାଇଁ ପ୍ରତୀକ୍ଷାରତ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମଧ କିଛି ବ୍ୟବସ୍ଥା ନଥିଲା। ଏହି ବର୍ଷ ରଥଯାତ୍ରା ପାଇଁ ଦୁଇଟି ପ୍ରସ୍ତୁତି ବୈଠକ ବସିଥିଲେ ମଧ କୌଣସି ଗୋଟିଏ ବୈଠକରେ ଦିବ୍ୟାଙ୍ଗମାନଙ୍କ ପାଇଁ କି ବ୍ୟବସ୍ଥା ହେଉଛି, ସେ ସମ୍ପର୍କରେ ଆଲୋଚନା ହୋଇ ନ ଥିବା ଦୁଃଖର ବିଷୟ ବୋଲି ମହାସଂଘ ଉପାଧ୍ୟକ୍ଷ ରତ୍ନାକର ବେହେରା ଓ ସମ୍ପାଦିକା ଗଜଲକ୍ଷ୍ମୀ ରାୟ କହିଛନ୍ତି। ସୂଚନାଯୋଗ୍ୟ, ବିଗତ ବର୍ଷ ହୁଇଲ ଚେୟାର ସହାୟତାରେ ନାକ ଚଣା ଦ୍ୱାର ଦେଇ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ଜିଲା ପ୍ରଶାସନ ତରଫରୁ ଗୁଣ୍ଡିଚା ମନ୍ଦିରଠାରେ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ତେବେ ଚଳିତ ବର୍ଷ ଦିବ୍ୟାଙ୍ଗ ଓ ବରିଷ୍ଠମାନେ ଯେପରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉ ବୋଲି ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ମହାମଞ୍ଚର ପ୍ରଶାନ୍ତ ନାୟକ, ପଦ୍ମିନୀ ପୂଜାପଣ୍ଡା, ଅଭୟ ବାରିକ, କମଳ କୁମାର ସାହୁ, ପ୍ରତାପ ସାହୁ, ଚିତ୍ତରଞ୍ଜନ ସାହୁ , ଏସ୍ ବାନି ରେଡ୍ଡି, ରଶ୍ମିତା ପରିଡ଼ା, ଅମ୍ରିତା ପଟ୍ଟନାୟକ,ସତ୍ୟନାରାୟଣ ସାହୁ, ଶ୍ୟାମସୁନ୍ଦର ବରାଳ, ଅର୍ଜୁନ ସାହୁ ପ୍ରଭୃତି ଉପସ୍ଥିତ ଥିଲେ। ମହାମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।


ବିଭିନ୍ନ ଦାବି ଜଣାଇବା ପ୍ରସଙ୍ଗ ନେଇ ଦିବ୍ୟାଙ୍ଗ ମହା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ଆସିଛନ୍ତି ।

## ଜିଲାପାଳ, ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମୀକ୍ଷା

ପୁରୀ ଅଫିସ,୨।୫

ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ଶ୍ରୀମନ୍ଦିରର ପୂର୍ବତନ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଶ୍ରୀମନ୍ଦିର ଚାରିପାଖର କାର୍ଯ୍ୟ ବୁଲି ଦେଖିବା ସହ ରଥ ଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟ ପରଖିବା ଓ ସେବକମାନଙ୍କ ସହ ରଥ ନିର୍ମାଣ ଏବଂ ସେମାନଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ମୁଖ୍ୟତଃ ରଥ ନିର୍ମାଣରେ ନିୟୋଜିତ ଥିବା ସେବକମାନଙ୍କ ରଥ ନିର୍ମାଣରେ ଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଯେଉଁଠାରେ ରଥ ଠିଆ ହେବ ସେ ସ୍ଥାନ ତିଆରି ହୋଇଥିଲେ ମଧ ଅସମତୁଲ ରହିଥିବା ହେତୁ ରଥ ନିର୍ମାଣ ସମୟରେ ଅସୁବିଧା ଦେଖାଦେବେ ବୋଲି ସେବକମାନେ ଉଭୟଙ୍କୁ ଜଣାଇଥିଲେ। ତେବେ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ କହିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ସରିବ। ଖରାକୁ ଦେଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଥିଲେ, ରଥ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମୟରେ ସେବକମାନଙ୍କ ସହ କଥା ହୋଇଛୁ। ମହାପ୍ରଭୁଙ୍କ କୃପାରୁ ରଥ ନିର୍ଦ୍ଧାରିତ ସମୟରେ ଶେଷ ହେବ। ତେବେ ରଥ ଠିଆ ହେବା ସ୍ଥାନକୁ ନେଇ ଯେଉଁ ସମସ୍ୟା ଦେଖା ଦେଇଛି ତାହା ସମାଧାନ କରାଯିବ ।

## ମହିଳାଙ୍କ ବେକରୁ ସୁନା ଚେନ୍ ଚୋରି

ନିମାପଡ଼ା,୨।୫(ଡି.ଏନ୍.ଏ)

ନିମାପଡ଼ା ଥାନା ମହାବୀର କଲୋନୀର ସୁନିତା ଜେନାଙ୍କ ବେକରୁ ୨ ଦୁର୍ବୃତ୍ତ ସୁନା ଚେନ୍ ଛିଡି ନେଇଥିବା ସେ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୧୩୧/୨୩ରେ ଏକ ମାମଲା ରୁଜୁ କରି ଅଭିଯୋଗର ତଦନ୍ତ ଚଳାଇଛି। ସୁନିତା କଲୋନିରେ ଥିବା ମନ୍ଦିରରୁ ଘରକୁ ଫେରୁଥିଲେ। କଲୋନିର ଏକ ଗଳି ରାସ୍ତାରେ ବାଇକ୍‌ରେ ପଛପଟୁ ୨ ଦୁର୍ବୃତ୍ତ ପିଛା କରି ତାଙ୍କ ପାଖରେ ପହଞ୍ଚି ବେକରୁ ଏକ ସୁନା ଚେନ୍ ଛିଡି ନେଇଥିଲେ।

# ଆଦୃତ ଶିଶୁସଦନରୁ ଅନ୍ତେବାସୀଙ୍କ ଝୁଲନ୍ତା ମୃତଦେହ ଜବତ

## ସୁସାଇଡ୍ ନୋଟ୍ ଜବତ

ପୁରୀ ଅଫିସ,୨।୫

ପୁରୀ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବାଲିଗୁଆଳିଠାରେ ଥିବା ଆଦୃତ ଶିଶୁ ସଦନ ପରିସରରୁ ଜଣେ ଅନ୍ତେବାସୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ମଙ୍ଗଳବାର ଜବତ କରିଛି। ସେ ହେଲେ ପୁରୀ ଜିଲାର ଶାଶ୍ୱତ ରଞ୍ଜନ ମିଶ୍ର। ଏନେଇ ପୋଲିସ ନଂ. ୪/୨୩ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ମାଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ଶାଶ୍ୱତଙ୍କ ସହ ଆଉ ଜଣେ ଭାଇ ସ୍ୱରିତ୍ ରଞ୍ଜନ ଜୁଭେନାଇଲ ମାମଲାରେ ଆଦୃତ ଶିଶୁ ସଦନରେ ରହୁଥିଲେ। ତେବେ ଗୋଟିଏ ରୁମରେ ୬ଜଣ ରହୁଥିଲେ। ମଙ୍ଗଳବାର ଭୋରରୁ ରୁମ୍‌ରେ ଥିବା ଅନ୍ୟ ଅନ୍ତେବାସୀମାନେ ଉଠିବା ବେଳେ ଥାକ ଥାକ ହୋଇ ଥିବା ଉପର ବେଡ଼ରେ ଶାଶ୍ୱତ ବେକରେ ଗାମୁଛା ଲଗାଇ ଝୁଲିପଡ଼ିଥିବା ଦେଖିଥିଲେ। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ଶାଶ୍ୱତଙ୍କ ନିକଟରୁ ଏକ ସୁଇସାଇଡ ନୋଟ୍ ଜବତ ହୋଇଛି। ମୃତ ଶାଶ୍ୱତଙ୍କ ଭାଇ ସ୍ୱରିତ୍‌ଙ୍କ କହିବା ଅନୁଯାୟୀ, ସୋମବାର ଆଦୃତ ଶିଶୁ ସଦନରେ ଶାଶ୍ୱତ ଜଣେ ସହପାଠୀଙ୍କ ଟାବଲେଟ ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ନିଜ ରୁମ୍‌କୁ ଡକାଇ ଶାଶ୍ୱତଙ୍କୁ ପାଟି କରିଥିଲେ। ଟାବ୍‌ଲେଟ୍ ଭାଙ୍ଗିଥିବାରୁ ଘରୁ ଆଣି ଟଙ୍କା ଦେଇ ତିଆରି କରିବ। ନ ହେଲେ ତମ ନାରେ ଅଭିଯୋଗ ହେବ ବୋଲି କହିଥିଲେ। ଟ୍ୟାବ ଭାଙ୍ଗିବା ଘଟଣାକୁ ସେ ସ୍ୱୀକାର କରିଥିଲେ ଗାଳି କରିବା କଥାକୁ ଆଦୃତ ଶିଶୁ ସଦନର ସୁପରିଣ୍ଟେଣ୍ଡେଣ୍ଟ କାମେଶ୍ୱର ସ୍ୱାଇଁ ଖଣ୍ଡନ କରିଛନ୍ତି। ଶାଶ୍ୱତ ଏକ ବର୍ଷ ଧରି ଏହି କେନ୍ଦ୍ରରେ ରହିଆସିଛନ୍ତି। ସେ ଜଣେ ଭଲ ଛାତ୍ର ବୋଲି ଅନ୍ତେବାସୀମାନେ କହିଛନ୍ତି। ସୋମବାର ରାତିରେ ତାଙ୍କ ସ୍ୱଭାବ ଠିକ୍ ରହିଥିଲା।

## ଗୋସମ୍ପଦ ସୁରକ୍ଷା ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ ଅଫିସ,୨।୫

ସ୍ଥାନୀୟ ଏକ ହୋଟେଲ ପରିସରରେ ସୋମବାର ରାଷ୍ଟ୍ରୀୟ ମୃତ୍ତିକା ସଂରକ୍ଷଣରେ ଗୋବର ଖତର ପ୍ରୟୋଗ ସହିତ ଗୋସମ୍ପଦ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋମାତା ସେବା ଫୋରମ, ସୁରଭି ଗୋଧାମ ଚାରିଟେବୁଲ ଟ୍ରଷ୍ଟ, ଗୋବିନ୍ଦ ଗୋଧାମ ଗୋଶାଳା ତରଫରୁ ମିଳିତ ପ୍ରୟାସରେ ଆଲୋଚିତ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୩୫୦ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରୀୟ କର୍ମଶାଳାରେ ମୁଖ୍ୟବକ୍ତା ରୂପେ ଗୁଜରାଟ ଅହମଦାବାଦର ବଂଶିଗିର ଗୋଶାଳାର ଗୋପାଳ ଭାଇ ସୁତରୀୟା, ମହାରାଷ୍ଟ୍ର ନାଗପୁର ନିବାସୀ ତଥା ଭାରତ ସରକାରଙ୍କ ପ୍ରାଣୀ କଲ୍ୟାଣ ବୋର୍ଡର ସଦସ୍ୟ ସୁନୀଲ ମାନସିଂହକା ଯୋଗଦେଇ ମୃତ୍ତିକାରେ ଗୋବର, ଖତ କିଭଳି ପ୍ରୟୋଗ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ଗୋସେବା ଫୋରମର ମୁଖ୍ୟ ବିଜୟ ଚାରିଟେବଲ ଚାଷୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋବିନ୍ଦ ଗୋଧାମ ଗୋଶାଳାର ମୁଖ୍ୟ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ଜୀ ମହାରାଜ ପରିଚାଳନା କରିଥିଲେ।

# ଶ୍ରମିକ ହେଉଛନ୍ତି ନିର୍ମାଣ, ପ୍ରଗତିର ବିଶ୍ୱକର୍ମା

ପୁରୀ ଅଫିସ,୨।୫

ଶ୍ରମିକ ଦେଶର ନିର୍ମାଣ ଓ ପ୍ରଗତିର ଜଣେ ଜଣେ ବିଶ୍ୱକର୍ମା। ସେମାନଙ୍କ ସାମାଜିକ ସୁରକ୍ଷା ଓ ସହାୟତା ପ୍ରତି ସରକାର ବଦ୍ଧପରିକର ବୋଲି ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ସଂସ୍କୃତି ଭବନରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ଅବସରରେ କହିଛନ୍ତି। କାର୍ଯ୍ୟକ୍ରମରେ ଶ୍ରମିକଙ୍କ ପାଇଁ ଉପଲବ୍ଧ ସମସ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଡିଭିଜିଓନାଲ ଲେବର କମିଶନର ଶିବ ଶଙ୍କର ମିଶ୍ର ସାମିଲ ଥିଲେ। ଜିଲା ଶ୍ରମ ଅଧିକାରୀ ଦିଲୀପ ପାଣି ୨୦୨୨-୨୩ ବର୍ଷରେ ୧୭୯୧ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୮୬,୨୬,୪୦୦ ଟଙ୍କା, ୧୬୪୧ଜଣଙ୍କୁ ବିବାହ ସହାୟତା ପାଇଁ ୭,୯୭,୭୫,୦୦୦ ଟଙ୍କା, ୨୫୫ଜଣଙ୍କୁ ମୃତ୍ୟୁକାଳୀନ ସହାୟତା କ୍ଷେତ୍ରରେ ୪,୭୮,୦୦,୦୦୦ ଟଙ୍କା ସହାୟତା ଦିଆଯାଇଛି। ଅଣ ସଂଗଠିତ କ୍ଷେତ୍ରରେ ୧୩ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଭାବେ ୧୩,୦୦,୦୦୦ ଟଙ୍କା ଦିଆଯାଇଛି। ୨୦୨୩-୨୪ ବର୍ଷର ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସହାୟତା ଭାବେ ୧,୮୧,୮୨,୦୦୦ ଟଙ୍କା ଦିଆଯାଇଛି ବୋଲି ସେ କହିଥିଲେ। ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ।



ପୁରୀ ସଂସ୍କୃତି ଭବନରେ ଶ୍ରମିକ ଦିବସ ଅବସରରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ସହାୟତା ପ୍ରଦାନ କରାଯାଇଥିବା ଶ୍ରମିକମାନେ ।

# ୮ ସପ୍ତାହରେ ୭ଲକ୍ଷ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

## ମୁକୁଳା ଡ୍ରେନରେ ପଡ଼ି ରିକ୍ସା ଚାଳକଙ୍କ ମୃତ୍ୟୁ ଘଟଣା

ପୁରୀ ଅଫିସ,୨।୫

କୁମ୍ଭାରପଡା ଥାନା ଅନ୍ତର୍ଗତ ମାର୍କେଟ ଛକ ନିକଟ ଏକ ମୁକୁଳା ଡ୍ରେନରେ ପଡ଼ି ଜଣେ ରିକ୍ସା ଚାଳକଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ୮ ସପ୍ତାହ ମଧ୍ୟରେ ୭ଲକ୍ଷ ଟଙ୍କା ପ୍ରଦାନ କରିବାର ପ୍ରମାଣପତ୍ର ଦେବା ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପରିବାରକୁ ପ୍ରଶାସନ ୪ ଲକ୍ଷ ଟଙ୍କା ପ୍ରଦାନ କରି ଚୁପ୍ ହୋଇ ବସି ରହିଛି। କାହିଁକି ୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବନି, ୭ ସପ୍ତାହ ମଧ୍ୟରେ ତା'ର ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଏଚ୍‌ଆର୍‌ସି। ଏହାସହ ୮ ସପ୍ତାହ ମଧ୍ୟରେ ୭ଲକ୍ଷ ଟଙ୍କା ପ୍ରଦାନ କରିବାର ପ୍ରମାଣପତ୍ର ପ୍ରଦାନ କରିବା ନେଇ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏନଏଚ୍‌ଆର୍‌ସି। ମିଳିଥିବା ସୂଚନାନୁଯାୟୀ, ଚନ୍ଦନପୁର ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମର ନିଧି ଭୋଇ (୪୧) ରିକ୍ସା ଟାଣି ପରିବାର ପ୍ରତିପୋଷଣ କରନ୍ତି। ଗତ ବର୍ଷ ମେ ୧୮ ତାରିଖରେ ସେ ମାର୍କେଟଛକସ୍ଥିତ ଏକ ମୁକୁଳା ଡ୍ରେନରେ ପଡି ମୃତ୍ୟୁବରଣ କରିଥିଲେ। ଏ ନେଇ କୁମ୍ଭାରପଡା ପୋଲିସ ନଂ.୭/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏ ସମ୍ପର୍କରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ମୃତକଙ୍କୁ କ୍ଷତିପୂରଣ ପ୍ରଦାନ ସହ ଉକ୍ତ ସଂସ୍ଥା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଥିଲେ। ପୁରୀ ମ୍ୟୁନିସିପାଲିଟି ସହିତ ସ୍ୱାକ୍ଷରିତ ଚୁକ୍ତିନାମା ଅନୁଯାୟୀ ଗ୍ରାଣ୍ଡ ରୋଡରେ ଥିବା ଡ୍ରେନ୍ ସଫେଇ କାର୍ଯ୍ୟ ଜାଗୃତି କଲ୍ୟାଣ ସଂଗଠନ ନାମକ ଏଜେନ୍ସି ଦ୍ୱାରା କରାଯାଇଥିଲା। ଉକ୍ତ ଚୁକ୍ତିନାମା ଅନୁଯାୟୀ, ଡ୍ରେନ୍ ସଫା କରିବା ପରେ ଏଜେନ୍ସିକୁ ସ୍ଲାବଗୁଡ଼ିକୁ ପକାଇବାକୁ ସ୍ଥିର ହୋଇଥିଲା। ବାଟା ଶୋ'ରୁମ ସମ୍ମୁଖରେ ଥିବା ଗୋଟିଏ ସ୍ଲାବ ଉକ୍ତ ଏଜେନ୍ସିର ଅବହେଳା ଯୋଗୁ ପଡି ନଥିଲା। ଯଦ୍ୱାରା ଜଣେ ନିରୀହଙ୍କ ଜୀବନ ଚାଲିଗଲା। କିନ୍ତୁ ଜାଗୃତି କଲ୍ୟାଣ ସଂଗଠନ ଅବହେଳା ଅଭିଯୋଗକୁ ଅସ୍ୱୀକାର କରିଛି। ଏହାପରେ ଉକ୍ତ ଏଜେନ୍ସି ଦାଖଲ କରିଥିବା ବ୍ୟାଖ୍ୟାକୁ ଗ୍ରହଣ କରାଯାଇ ନ ଥିଲା ଏବଂ ସ୍ୱାକ୍ଷରିତ ଚୁକ୍ତିରେ ଦର୍ଶାଯାଇଥିବା ଡ୍ରେନ୍ ସଫେଇକୁ କଡାକଡି ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୀ ପୌରପାଳିକା ମୃତ ନିଧି ଭୋଇଙ୍କୁ ଅତିରିକ୍ତ ସହାୟତା ମଞ୍ଜୁର ପାଇଁ ଜିଲା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁସାରେ, ମୃତ ନିଧିଙ୍କ ସମ୍ପର୍କୀୟଙ୍କ ସପକ୍ଷରେ ୪,୦୦,୦୦୦ ଟଙ୍କା ମୂଲ୍ୟର ଏକ ଅତିରିକ୍ତ ଦେୟ ମଞ୍ଜୁର କରାଯାଇଛି। ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ବିଭାଗ ଅଣ୍ଡର ସେକ୍ରେଟେରୀ କାରଣ ଦର୍ଶାଅ ନୋଟିସର ପ୍ରତ୍ୟୁତ୍ତର ଦେଇଛନ୍ତି। ସେ ସମ୍ପୃକ୍ତ ସଂସ୍ଥା ଜାଗୃତିର ଅବହେଳା ଯୋଗୁ ରିକ୍ସା ଚାଳକଙ୍କ ମୃତ୍ୟୁ ହୋଇଥିବା ପ୍ରକାଶ କରିଥିଲେ। ଆଗକୁ ଏହି ସମସ୍ୟା ଯେପରି ପୁନାରବୃତ୍ତି ନ ହେବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ସୂଚନା ମିଳିଛି। ମୃତକଙ୍କ ସମ୍ପର୍କୀୟଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପଡିବ। ମୃତ ବ୍ୟକ୍ତିଙ୍କ ପରବର୍ତ୍ତୀ ସମ୍ପର୍କୀୟଙ୍କୁ ଦେୟ ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ବଳକା ବାଲାନ୍ସ ରାଶି ମୃତକଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ମୁଖ୍ୟ ଶାସନ ସଚିବ ୮ ସପ୍ତାହ ମଧ୍ୟରେ ୭ ଲକ୍ଷ ଟଙ୍କା ପ୍ରଦାନର ଅନୁପାଳନ ରିପୋର୍ଟ ଏବଂ ପ୍ରମାଣ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରେମ ବ୍ୟାପାରକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

କଟକ ସଦର,(ଡି.ଏନ୍.ଏ.): କିଶନ ନଗର ଥାନା ଅନ୍ତର୍ଗତ ବାଲିଶୁକ୍ରି ଗ୍ରାମରେ ପ୍ରେମ ବ୍ୟାପାରକୁ ନେଇ ମଙ୍ଗଳବାର ସକାଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଜଣେ ଯୁବକ ଉକ୍ତ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରିଥିଲେ। ପରେ ସମ୍ପୃକ୍ତ ଯୁବତୀଙ୍କ ଆପତ୍ତିଜନକ ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ଗୋଟିଏ ଗୋଷ୍ଠୀର ଯୁବକମାନେ ସମ୍ପୃକ୍ତ ଯୁବକଙ୍କୁ ମାଡ ମାରିଥିଲେ। ଏ ସମ୍ପର୍କରେ ଯୁବକ ଜଣଙ୍କ ଗ୍ରାମରେ ଜଣାଇବା ପରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ପରେ ସ୍ଥାନୀୟ ଅଞ୍ଚଳର ମୁରବିମାନେ ହସ୍ତକ୍ଷେପ କରିବାରୁ ଉଭୟ ପକ୍ଷ ଥାନାରେ ଅଣ୍ଡର ଟେକିଂ ଲେଖି ଗ୍ରାମରେ ଘଟଣାର ସମାଧାନ କରିବା ପାଇଁ ସମୟ ନେଇଛନ୍ତି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।

## ସଂକ୍ଷେପରେ

### ସାହିତ୍ୟିକ ସହଦେବ ସାହୁ ପାଇବେ ପ୍ରଜ୍ଞାରତ୍ନ ସମ୍ମାନ

କଟକ ଅଫିସ,୨।୫: ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ସହଦେବ ସାହୁ ମର୍ଯ୍ୟାଦାଜନକ 'ପ୍ରଜ୍ଞାରତ୍ନ' ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆଗାମୀ ୪ ତାରିଖରେ କଟକ ସାରଳା ଭବନରେ ସାହୁଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ଓ ସିଦ୍ଧି ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ତାଙ୍କୁ ରୌପ୍ୟ ନିର୍ମିତ ସରସ୍ୱତୀଙ୍କ ମୂର୍ତ୍ତି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ସଂସଦ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ମଙ୍ଗଳବାର ସୂଚନା ଦିଆଯାଇଛି।

### କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

ଖୁଣ୍ଟୁଣୀ,୨।୫(ଡି.ଏନ୍.ଏ.): ଓରନ୍ଦା ପଞ୍ଚାୟତ କପୁରସିଂ ଗ୍ରାମର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପୀତବାସ ବେଉରା(୭୮)ଙ୍କ ପରଲୋକ ହୋଇଯାଇଛି। ଗତ ଡିସେମ୍ବର ୪ରେ ସେ ଖୁଣ୍ଟୁଣୀରୁ ବ୍ୟାଙ୍କ କାମ ସାରି ପୁତୁରା ସହିତ ଘରକୁ ଫେରୁଥିବାବେଳେ ୫୫ନଂ. ଜାତୀୟ ରାଜପଥର ଧବଳେଶ୍ୱର ପଲିଟେକ୍ନିକ୍ ସମ୍ମୁଖରେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବିଭିନ୍ନ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଇ ଶେଷରେ ଘରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ଭୋର ସମୟରେ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ସ୍ଥାନୀୟ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କପୁରସିଂ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତୁରା ଅମିୟ ବେଉରା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବେଉରା ଜଣେ ଉଚ୍ଚ କୋଟୀର କ୍ରୀଡା ଶିକ୍ଷକ ଭାବେ ସମଗ୍ର ଜିଲାରେ ପ୍ରତିଷ୍ଠିତ ଥିଲେ। ବାଲିସ୍ଥିତ ଶାନ୍ତି ଦୂତ ଶାସ୍ତ୍ରୀଜୀ ବିଦ୍ୟାପୀଠରୁ ସେ ଅବସର ଗ୍ରହଣ କରିଥିଲେ।

### ଡା. ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧବାର୍ଷିକୀ

କଟକ ଅଫିସ,୨।୫: ଓଡ଼ିଶାର ପ୍ରଥମ ଅଙ୍ଗଦାନକାରୀ ତଥା ଶତାୟୁ ଡାକ୍ତର ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଏସ୍‌ସିବି ମେଡିକାଲର ଆନାଟୋମି ବିଭାଗ ସଂଗ୍ରହାଳୟଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଭାରତ ଶରୀର ଅଙ୍ଗଦାନ ସମିତିର ଅଧ୍ୟକ୍ଷ ତଥା ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଆନାଟୋମି ବିଭାଗର ସହକାରୀ ପ୍ରଫେସର ଡା. ଧର୍ମନିରଞ୍ଜନ ମିଶ୍ର, ଯାଜପୁର ଜିଲା ସଂସ୍କୃତି ପରିଷଦର ସଦସ୍ୟ ତଥା ଗ୍ରନ୍ଥକାର ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ଅଭିମନ୍ୟୁ ଦାସ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ସମ୍ପାଦକ ମାନସ ପଟ୍ଟନାୟକ, ସୁରଶ୍ରୀ ସରୋଜିନୀ ଦାସ, ସୁଖଲତା ଦାସ, ବେଦଶ୍ରୀ ମମତା ଦାସ, ଅମ୍ବିକା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜୟଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ମିହିର ପ୍ରତାପ ଦାସ ଧନ୍ୟବାଦ ଦେଇଥିଲେ।

### ଆହତ ହରିଣ ଉଦ୍ଧାର

ନିଆଳି,୨।୫(ଡି.ଏନ୍.ଏ.): ନିଆଳି ଥାନା ଅନ୍ତର୍ଗତ ନୂଆବେଡେଣ୍ଡା ଗ୍ରାମରୁ ସୋମବାର ଏକ ଆହତ ହରିଣକୁ ଉଦ୍ଧାର କରାଯାଇଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ଗ୍ରାମ ନୂଆସାତଙ୍ଗ ଗ୍ରାମ ଆଡକୁ ଯାଉଥିବାବେଳେ କୁକୁରମାନେ ତାଙ୍କୁ କାମୁଡି ଆହତ କରିଥିଲେ। ଫଳରେ ଗ୍ରାମର ମାନସ ଦାସ, କାଳନ୍ଦୀ ବେହେରା, ରମେଶ ଦାସ, କୈଳାସ ବେହେରା ପ୍ରମୁଖ କୁକୁର କବଳରୁ ହରିଣକୁ ଉଦ୍ଧାର କରିଥିଲେ। ପରେ ନିଆଳି ବନ କର୍ମଚାରୀ ଉକ୍ତ ହରିଣକୁ ନେଇ ସ୍ଥାନୀୟ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ଚିକିତ୍ସା କରିଥିଲେ। ଏହାପରେ ହରିଣକୁ ଚନ୍ଦକା ଜଙ୍ଗଲରେ ଛାଡି ଦିଆଯାଇଥିଲା।

# ରେଳଧାରଣାରୁ ମୃତଦେହ ଜବତ, ହତ୍ୟା ଅଭିଯୋଗ

ମଙ୍ଗୁଳି–ଜଗତପୁର/ଚୌଦ୍ୱାର, ୨।୫(ଡି.ଏନ୍.ଏ.)


ଉତ୍ୟକ୍ତ ଲୋକଙ୍କୁ ଥାନା ଅଧିକାରୀ ବୁଝାଶୁଝା କରୁଛନ୍ତି।

କଟକ ଜିଲା ମଙ୍ଗୁଳି ଷ୍ଟେଶନ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହକୁ କଟକ ଜିଆର୍‌ପି ମଙ୍ଗଳବାର ଜବତ କରିଛି। ମୃତକ ହେଲେ ଚୌଦ୍ୱାର ଥାନା ଅଧୀନ ବାଣୀପଦା ପଞ୍ଚାୟତ ବାଲିଚତୁରୀ ହନୁମାନ ସାହିର ତାପସ ସାହୁ(୨୮)। ଏ ନେଇ ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅପରପକ୍ଷରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର କେତେଜଣ ଯୁବକ ତାପସଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗି ଦେଇଥିବା ତାଙ୍କ ମାଆ ଭାରତୀ ରାଉତ ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

ମିଳିଥିବା ସୂଚନା ମୁତାବକ, ରବିବାର ଗ୍ରାମରେ ଯାତ୍ରା ପରିବେଷଣ ହେଉଥିଲା। ସେଠାରେ ସାଇକେଲ ଷ୍ଟାଣ୍ଡକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଯାତ୍ରା କମିଟି ପକ୍ଷରୁ ପୋଲିସକୁ ଡକାଯାଇ ଘଟଣାର ସମାଧାନ ପରେ ପରିସ୍ଥିତି ଶାନ୍ତ ହୋଇଥିଲା। କିନ୍ତୁ ଗୋଟିଏ ଗୋଷ୍ଠୀର ଯୁବକମାନେ ପୋଲିସର ସମାଧାନରେ ସନ୍ତୁଷ୍ଟ ନ ହୋଇ ହନୁମାନସାହିର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ସାହି ଭିତରେ କାହିଁକି ଗାଳିଗୁଲଜ କରୁଛ ଯାତ୍ରା କଥା ଯାଅ ସେଠାରେ ପାଟି କରିବ ବୋଲି ତାପସ ସେମାନଙ୍କୁ କହିବାରୁ ସେମାନେ ସେଠାରୁ ଚାଲି ଯାଇଥିଲେ। କିଛି ସମୟ ପରେ ୧୫/୨୦ଜଣ ଯୁବକ ପୁନଶ୍ଚ ହନୁମାନ ସାହିକୁ ଆସି ତାପସଙ୍କୁ ଖୋଜାଖୋଜି କରିବା ସହ ତାଙ୍କ ଘରକୁ ଢେଲାପଥର ମାଡ଼ କରିଥିଲେ। ତାପସଙ୍କ ସାନଭାଇ ପ୍ରତିରୋଧ କରିବାରୁ ସେମାନେ ତାଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଏ ସମ୍ପର୍କରେ ତାପସଙ୍କ ମାଆ ଟିପିଏମ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ ଚୌଦ୍ୱାର ଥାନାରେ ଏକ ମାମଲା(ନଂ.୨୦୮/୨୩) ରୁଜୁ ହୋଇଥିଲା। ତାପସ ଗାଁରେ ରହିଲେ କାଳେ କଳିଝଗଡା ବଢିବ ଏବଂ ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତାପସଙ୍କୁ ଜଗତପୁର ଖଇରାସ୍ଥିତ ତାଙ୍କ ମାମୁ ଘରକୁ ପରିବାର ଲୋକେ ପଠାଇ ଦେଇଥିଲେ। ସୋମବାର ସକାଳେ ତାପସ ମାମୁ ଘରୁ କାମ କରିବା ପାଇଁ ମଙ୍ଗୁଳି ଆସି ଆଉ ଫେରି ନ ଥିଲେ। ପରିବାର ଲୋକେ ତାପସଙ୍କୁ ଫୋନ କରିଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନଥିଲେ। ଫଳରେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ପରେ ତାପସଙ୍କ ମୃତଦେହ ମଙ୍ଗୁଳି ଷ୍ଟେଶନ ନିକଟ ରେଳଧାରଣାରେ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଆମ୍ବୁଲାନ୍ସରେ ଗ୍ରାମକୁ ନିଆଯାଉଥିଲା। ଅପରାହ୍ନ ପ୍ରାୟ ୩ଟାରେ ସମିତିସଭ୍ୟ ସୁରେନ୍ଦ୍ର ସାମଲଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଜନସାଧାରଣ ଗାଁମୁଣ୍ଡରେ ଆମ୍ବୁଲାନ୍ସକୁ ଅଟକାଇ ରାସ୍ତାରୋକୋ କରିଥିଲେ। ତାପସଙ୍କ ହତ୍ୟାକାରୀଙ୍କୁ ପୋଲିସ ଗିରଫ ନ କରିବା ପର୍ଯ୍ୟନ୍ତ ମୃତଦେହ ଗ୍ରାମ ମଧ୍ୟକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ। ଖବରପାଇ ଜୋନ୍–୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ଯେପର୍ଯ୍ୟନ୍ତ ଅଭିଯୁକ୍ତମାନେ ଗିରଫ ନ ହେଇଛନ୍ତି ସେ ପର୍ଯ୍ୟନ୍ତ ସୁରକ୍ଷା ଦୃଷ୍ଟିରୁ ଗ୍ରାମରେ ପୋଲିସ ମୁତୟନ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପରେ ତାପସଙ୍କ ମୃତଦେହକୁ ଗ୍ରାମର ଶତାଧିକ ଲୋକ ଶୋଭାଯାତ୍ରାରେ ନେଇ ଗ୍ରାମ ଶ୍ମଶାନରେ ସତ୍କାର କରିଥିଲେ।

### ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

# ଦରମା ନ ପାଇ ଠିକା କର୍ମଚାରୀଙ୍କ ଧାରଣା

ଚୌଦ୍ୱାର,୨।୫(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକାରେ କାର୍ଯ୍ୟରତ ୩୦ ଜଣ ଠିକା କର୍ମଚାରୀ ୩ ମାସ ହେବ ଦରମା ନ ପାଇବାରୁ ମଙ୍ଗଳବାର ସକାଳ ୭ଟାରୁ ପୌର କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଓ ଏମ୍‌ପିଙ୍କ ପ୍ରତିନିଧି ପହଞ୍ଚି ବୁଝାଶୁଝା କରିବା ପରେ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳର ଏକ ଠିକା ସଂସ୍ଥା ଦ୍ୱାରା ଏହି କର୍ମଚାରୀମାନଙ୍କୁ ଚୌଦ୍ୱାର ପୌରପାଳିକାର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସହଭାଗିତାରେ ଚାଲୁଥିବା ଉକ୍ତ ସଂସ୍ଥାର ପ୍ରୋପ୍ରାଇଟରଙ୍କ ମୃତ୍ୟୁ ପରେ କର୍ମଚାରୀମାନଙ୍କୁ ଦରମା ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଥିଲା। ଆସନ୍ତା ୨ଦିନ ଭିତରେ କର୍ମଚାରୀମାନଙ୍କୁ ଦରମା ପ୍ରଦାନର ବ୍ୟବସ୍ଥା କରିବାକୁ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ କର୍ମଚାରୀମାନେ ଧାରଣାରୁ ହଟିଥିଲେ।

# ୭ରେ ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ

କଟକ ଅଫିସ,୨।୫

ନିତ୍ୟାନନ୍ଦ ସ୍ୱାଇଁ ପାଇବେ ଜେମା-ସାମନ୍ତ ସୃଜନୀ ପୁରସ୍କାର



ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଚଳିତବର୍ଷର ଜେମା–ସାମନ୍ତ ସୃଜନୀ ପୁରସ୍କାର ବିଶିଷ୍ଟ ବିଜ୍ଞାନ ଲେଖକ ତଥା ଶିଶୁସାହିତ୍ୟ ସ୍ରଷ୍ଟା ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ପ୍ରଦାନ କରାଯିବ। ଆଗାମୀ ୭ରେ ଉତ୍କଳ ସାହିତ୍ୟ ସମାଜ ପରିସରରେ ହେବାକୁ ଥିବା ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସରେ ଡା.ସ୍ୱାଇଁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ତାଙ୍କୁ ନଗଦ ୫୦ ହଜାର ଟଙ୍କା, ତାମ୍ରପତ୍ର, ଅନୁଷ୍ଠାନର ପ୍ରତୀକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବ। ଏଥିସହ ଡା. ନିରଞ୍ଜନ ତ୍ରିପାଠୀ, ଚିତ୍ତରଞ୍ଜନ ରଣସିଂହ, ଡ. ନିତ୍ୟାନନ୍ଦ ନାୟକଙ୍କୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସମ୍ମାନ ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଓ ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।


କଟକ ବାଲିଯାତ୍ରା ଉପର ପଡିଆରେ ସା ପରିଚୟ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।

# କେନ୍ଦ୍ର ସରକାରୀ କର୍ମଚାରୀ ମହାସଂଘ ପକ୍ଷରୁ ବିକ୍ଷୋଭ

କଟକ ଅଫିସ, ୨।୫

ଡାକ ବିଭାଗ କର୍ତ୍ତୃପକ୍ଷ ଗତ ଏପ୍ରିଲ ୨୬ରେ ଅନୁଷ୍ଠିତ କୃଷକ ଆନ୍ଦୋଳନ ପାଇଁ ଆର୍ଥିକ ସହାୟତା ପ୍ରଦାନ ଅଭିଯୋଗରେ ଡାକ ବିଭାଗର ମହାସଂଘ ଏନ୍‌ଏଫ୍‌ପିଇ (ନ୍ୟାଶନାଲ ଫେଡେରେଶନ ଅଫ୍ ପୋଷ୍ଟାଲ ଏମ୍ପ୍ଲଇଜ୍) ଓ ଏଆଇପିଇୟୁ (ଅଲ୍ ଇଣ୍ଡିଆ ପୋଷ୍ଟାଲ ଏମ୍ପ୍ଲଇଜ ୟୁନିୟନ) ଗ୍ରୁପ–ସି'ର ମାନ୍ୟତା ପ୍ରତ୍ୟାହାର କରିନେଇଛନ୍ତି। ଏହାକୁ ବିରୋଧ କରି କେନ୍ଦ୍ର ସରକାରୀ କର୍ମଚାରୀ ମହାସଂଘ ପକ୍ଷରୁ ବକ୍ସିବଜାରସ୍ଥିତ ପ୍ରଧାନ ଡାକଘର (ଜିପିଓ) ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ରାଜ୍ୟ ସଭାପତି ରବୀନ୍ଦ୍ର ନାଥ ଧଳ କହିଛନ୍ତି, ଡାକ ବିଭାଗର ବହୁ ପୁରାତନ ସଂଗଠନ ଏନ୍‌ଏଫ୍‌ପିଇ ଏବଂ ଏଆଇପିଇୟୁ ଗ୍ରୁପ–ସି। ଉକ୍ତ ଦୁଇ ସଙ୍ଗଠନର ମାନ୍ୟତା ପ୍ରତ୍ୟାହାର ବିରୋଧରେ ମହାସଂଘ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କଳା ଦିବସ ଭାବେ ଘୋଷିତ କରାଯାଇଛି। କୃଷକ ଆନ୍ଦୋଳନ ପାଇଁ ଏନ୍‌ଏଫ୍‌ପିଇ କେବେ ଆର୍ଥିକ ସହାୟତା ଦେଇ ନାହିଁ। ଫେଡେରେଶନର ମାନ୍ୟତା ପ୍ରତ୍ୟାହାର କରିବା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ। ତେଣୁ ଅବିଳମ୍ବେ ମାନ୍ୟତା ପ୍ରତ୍ୟାହାର ଉଠାଇବାକୁ ସେ ଦାବି କରିଥିଲେ। ଏନ୍‌ଏଫ୍‌ପିଇ ଏବଂ ଏଆଇପିଇୟୁ ଗ୍ରୁପ–ସି'କୁ ମାନ୍ୟତା ପ୍ରଦାନ ନ କଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ। କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ କରିବାକୁ ବାଧ୍ୟ ହେବେ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଧଳ ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭରେ ଅମରେନ୍ଦ୍ର ମହାନ୍ତି, କିଶୋର ଜେନା, ଆର୍.ଏନ୍. ମଲ୍ଲିକ, ଅଭୟ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାୟ, ଅଭୟ କୁମାର ଦାସ, ଏମ୍.ଜି. ବାରିକ, ଦେବଦତ୍ତ ଦାସ, ନିର୍ମଳ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ବାପା ଆଣିଲେ ହତ୍ୟା ଅଭିଯୋଗ

ଫୁଲନଖରା,୨।୫(ଡି.ଏନ୍.ଏ.)

### ମହିଳାଙ୍କ ମୃତଦେହ ଜବତ
■ସ୍ୱାମୀ ଗିରଫ

କଟକ ସଦର ଥାନା ଅନ୍ତର୍ଗତ ଖୋଲର ଗ୍ରାମର ଏକ ଘରୁ ସୁଜାତା ପଲେଇ ନାମ୍ନୀ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଯୌତୁକ ଯୋଗୁ ଶାଶୁଘର ଲୋକେ ତାଙ୍କୁ ମାରିଦେଇଥିବା ସୁଜାତାଙ୍କ ବାପା ବାଲିଅନ୍ତା ଥାନା ଅନ୍ତର୍ଗତ ବିଷରପୁର ଗ୍ରାମର ପଞ୍ଚାନନ ପଲେଇ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୨୩୭/୨୩) ରୁଜୁକରିବା ସହ ମହିଳାଙ୍କ ସ୍ୱାମୀ ସରୋଜ କୁମାର ଦାସଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ସୁଜାତା ୨୦୨୧ ମେ' ୨୪ ତାରିଖରେ ସରୋଜଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ସୁଜାତାଙ୍କୁ ଯୌତୁକ ଆଣିବା ପାଇଁ ଶାଶୁଘର ଲୋକ ବାଧ୍ୟ କରିବା ସହ ଗାଳିଗୁଲଜ କରୁଥିଲେ। ରବିବାର ରାତିରେ ଶାଶୁଘର ଲୋକେ ଖାଇସାରି ଶୋଇଥିଲେ। ସୁଜାତା ନିଜ ଶୋଇବା ଘର ଭିତର ପଟୁ କବାଟ ଦେଇଥିଲେ। ସୋମବାର ସକାଳେ ଶାଶୁଘର ଲୋକେ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ଫଳରେ କବାଟ ଭଙ୍ଗାଯିବାରୁ ସୁଜାତାଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ମୃତଦେହକୁ ତଳକୁ ଓହ୍ଲାଇ ପଞ୍ଚାନନଙ୍କୁ ଖବର ଦେଇଥିଲେ। ପଞ୍ଚାନନ ଘଟଣାସ୍ଥଳରେ ପହଞ୍ଚି ସୁଜାତାଙ୍କ ମୃତଦେହ ଘରର ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଅଧିକ କିଛି ଜଣାପଡିବ ବୋଲି ଥାନାଧିକାରୀ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି।

# ସିଏମ୍‌ସିର ଅଭିଯୋଗ ସମାଧାନ ସଭା


ଅଭିଯୋଗ ସମାଧାନ ସଭାରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

କଟକ ଅଫିସ, ୨।୫

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ଅଭିଯୋଗ ସମାଧାନ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଅଧ୍ୟକ୍ଷତା କରି ମୋଟ ୧୯ଟି ଅଭିଯୋଗର ସମାଧାନ କରିଥିଲେ। ଏହି ସଭାରେ ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ଅଜୟ ମହାନ୍ତି, ସଞ୍ଜୀବିତା ରାୟ, ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ୫୨.୨୭ ଲକ୍ଷ ଠକେଇ, ୨ ଗିରଫ

କଟକ ଅଫିସ,୨।୫

### ମହଙ୍ଗା ହେଲା ମେଡିକାଲ ପାଠ୍ୟକ୍ରମରେ ନାମଲେଖା ବ୍ୟାକୁଳତା

ପିଲାଙ୍କ ଯୋଗ୍ୟତା ନ ଥିଲେ ବି ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାର ବ୍ୟାକୁଳତା ଜଣେ ମହିଳାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଯେଉଁଥିପାଇଁ ମହିଳା ଜଣକ ୫୨ ଲକ୍ଷ ୨୭ ହଜାର ଟଙ୍କା ଠକାମିର ଶିକାର ହୋଇଛନ୍ତି। ମହାନଦୀ ବିହାର ଅଞ୍ଚଳର ଜଣେ ମହିଳାଙ୍କଠାରୁ ଏପରି ଠକେଇ କରିଥିବା ୨ ଜଣଙ୍କୁ ଚାଉଳିଆଗଞ୍ଜ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହାନଦୀ ବିହାରର ହେମନ୍ତ କୁମାର ଜେନା ଓ ଜଗତ୍‌ସିଂହପୁର ଜିଲା ନୂଆଗାଁ ଭଟଣା ଅଞ୍ଚଳର ବିକାଶ କୁମାର ଜେନା। ଏନେଇ ମହାନଦୀ ବିହାରର ପୂର୍ଣ୍ଣିମା ନନ୍ଦ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୮/୨୩) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ପୂର୍ଣ୍ଣିମାଙ୍କ ଝିଅ ୨୦୨୨ ନେଟ୍ ପ୍ରବେଶିକା ପରୀକ୍ଷାରେ ୨୫୫ ନମ୍ବର ରଖିଥିଲେ। ପରିବାର ପକ୍ଷରୁ ବାଙ୍ଗାଲୋରଠାରେ ଥିବା ଏକ ମେଡିକାଲ କଲେଜରେ ଝିଅକୁ ଡାକ୍ତରୀ ପାଠ ପଢ଼ାଇବା ନିମନ୍ତେ ଚେଷ୍ଟା କରାଯାଉଥିଲା। ଏହି ସମୟରେ ତାଙ୍କ ପଡ଼ୋଶୀ ହେମନ୍ତ କୁମାର ଜେନା ତାଙ୍କୁ ନାମଲେଖା ନିମନ୍ତେ ନିଶ୍ଚିତ କରାଇଲେ। ଓଜେଇଇ ନାମ ଲେଖା ଷ୍ଟାଫ୍‌ଙ୍କ ସହିତ ହେମନ୍ତଙ୍କର ସମ୍ପର୍କ ଅଛି, ସେ ନିଶ୍ଚିତ ଭାବେ ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜ କିମ୍ବା ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ନାମ ଲେଖାଇ ଦେଇପାରିବେ ବୋଲି କହିଥିଲେ। ସେ ଓ ଅନ୍ୟତମ ଅଭିଯୁକ୍ତ ବିକାଶ ସହ ମିଶି ବିଶ୍ୱାସ କରିହେଉଥିବା ଭଳି ନକଲି କାଗଜପତ୍ର ପ୍ରସ୍ତୁତ କରିଥିଲ। ଅଭିଯୋଗକାରିଣୀଙ୍କ ଝିଅ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ସେହି କାଗଜପତ୍ର ଦେଖାଇ ହେମନ୍ତ ୫୨ ଲକ୍ଷ ୨୭ ହଜାର ଟଙ୍କା ଠକି ନେଇଥିଲେ। ହେଲେ ନାମ ଲେଖା ନେଇ ମହିଳାଙ୍କ ମନରେ ସନ୍ଦେହ ଉପୁଜିବାରୁ ସେ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ଉଭୟ ଅଭିଯୁକ୍ତ ଟଙ୍କା ଫେରାଇବାକୁ ମନା କରିବା ସହ ଧମକ ଦେଇଥିଲେ। ପରେ ମହିଳା ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଅତିରିକ୍ତ ଜିଲାପାଳଙ୍କ ଗାଡ଼ିକୁ ଧକ୍କା ଦେଲା ମୋ ବସ୍

ଭୁବନେଶ୍ୱର,୨।୫(ବ୍ୟୁରୋ)

### ରାଜଭବନ ସାମ୍ନାରେ ଦୁର୍ଘଟଣା
■ମୋ ବସ୍ ଡ୍ରାଇଭରଙ୍କ ଭୁଲ ଗାଡ଼ିଚାଳନା ଅଭିଯୋଗ

କଟକର ଅତିରିକ୍ତ ଜିଲାପାଳ (ଏଡିଏମ୍) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଗାଡ଼ିକୁ ମୋ ବସ୍ ଧକ୍କା ଦେଇଛି। ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱର ରାଜଭବନ ଛକରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଏଡିଏମ୍‌ଙ୍କ ଗାଡ଼ି (ନଂ. ଓଡି୦୫ଏଡବ୍ଲ୍ୟୁ୨୧୨୧)ର ପଛପଟ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଏଡିଏମ୍ ମିଶ୍ରଙ୍କ ମୁଣ୍ଡ ସାମାନ୍ୟ ଫାଟିଯାଇଛି। ତେବେ ଡ୍ରାଇଭରଙ୍କର କୌଣସି କ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ମୋ ବସ୍‌ରେ ଥିବା ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି। ତେବେ ଏହି ଦୁର୍ଘଟଣା ନେଇ ଏଡିଏମ୍‌ଙ୍କ ପକ୍ଷରୁ କୌଣସି ଏତଲା ଦିଆଯାଇ ନ ଥିବା ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ଏଡିଏମ୍ ମିଶ୍ର ନିଜ କାର୍ ଯୋଗେ କଟକରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ଯାଉଥିଲେ। ତାଙ୍କ ଡ୍ରାଇଭର ଗାଡ଼ି ଚଲାଉଥିବା ବେଳେ ସେ ବସିଥିଲେ। ୟୁନିଟ–୬ ପଟୁ ଏଡିଏମ୍‌ଙ୍କ ଗାଡ଼ି ଆସୁଥିଲା। ଏହି ସମୟରେ ଭୁବନେଶ୍ୱର ରେଳଷ୍ଟେଶନରୁ ସମ୍ ହସ୍ପିଟାଲ ଯାଉଥିବା ରୁଟ ନଂ ୨୩ର ମୋ ବସ୍ ଏଜି ଛକରୁ ଯାଉଥିଲା। ଏଡିଏମ୍‌ଙ୍କ ଗାଡ଼ି ରାଜଭବନ ଗୋଲେଇ ବୁଲି ଏୟାରପୋର୍ଟ ଆଡ଼େ ଯାଉଥିବାବେଳେ ମୋ ବସ୍ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଏଡିଏମ୍‌ଙ୍କ ଗାଡ଼ି ୩ ଘେରା ବୁଲିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ତେବେ ଏହି ଦୁର୍ଘଟଣା ପରେ ଏଡିଏମ୍‌ଙ୍କ କାର୍ ସେଠାରେ ଅଟକି ରହିଥିଲା। ସେପଟେ ମୋ ବସ୍ ମଧ୍ୟ କିଛି ଦୂରରେ ଅଟକି ରହିଥିଲା। ମୋ ବସ୍ ଡ୍ରାଇଭର ଏବଂ ଏଡିଏମ୍‌ଙ୍କ ଡ୍ରାଇଭର ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ପରେ ଏଡିଏମ୍ ମିଶ୍ର ପ୍ରାଥମିକ ଚିକିତ୍ସା କରି ଆଉ ଏକ ଗାଡ଼ିରେ ଏୟାରପୋର୍ଟ ଯାଇ ଜରୁରୀ କାମରେ ଦିଲ୍ଲୀ ଚାଲିଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ମୋ ବସ୍ ଡ୍ରାଇଭରଙ୍କ ଭୁଲ ଗାଡ଼ି ଚାଳନା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି। ପୂର୍ବରୁ ମୋ ବସ୍ ଦ୍ୱାରା ଏକାଧିକ ଦୁର୍ଘଟଣା ଘଟିଥିବା ବେଳେ ଏଭଳି ଘଟଣା ପରେ ଚର୍ଚ୍ଚା ଜୋର ଧରିଛି।

# 'ଶିକ୍ଷା ମାଧ୍ୟମରେ ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ହୁଏ'



ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ଅଫିସ, ୨।୫

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ସ୍ଥାନୀୟ ନେତାଜୀ ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ଉତ୍ତମ ଶିକ୍ଷା ମାଧ୍ୟମରେ ହୋଇଥାଏ। ଏଣୁ ଓଡ଼ିଶାରେ ଉନ୍ନତ ମାନର ଶିକ୍ଷାର ପ୍ରସାର ଦ୍ରୁତ ଗତିରେ ହୋଇଛି। ସେହିପରି ସମ୍ମାନିତ ଅତିଥି ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ପିଲାଙ୍କ ଚରିତ୍ର ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସତ୍ୟକାମ ମିଶ୍ର କହିଥିଲେ, ଶିଶୁମାନଙ୍କ ସାମଗ୍ରିକ ବିକାଶ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ। ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ଜୟ ଭାରତ ସ୍ପାଇସେସ୍‌ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସଭାପତି ନନ୍ଦିତା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ପ୍ରଦୀପ୍ତ କୁମାର ଜେନା ଅତିଥି ପରିଚୟ, ସମ୍ପାଦକ ଲଳିତେନ୍ଦୁ କାନୁନ୍‌ଗୋ ସ୍ୱାଗତ ଭାଷଣ, ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ଅନ୍ୱେଷା' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ, ସଦସ୍ୟା ଲକ୍ଷ୍ମୀପ୍ରିୟା ଦାସ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

# ଟେବୁଲ ଟପ୍ପରକୁ ହରାଇଲା ଦିଲ୍ଲୀ

**ଅହମଦାବାଦ,୨।୫**

ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍‌ର ୪୪ତମ ମ୍ୟାଚ୍‌ରେ ଅମନ ହକିମ୍ ଖାନ୍‌ଙ୍କ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ବୋଲିଂ ବଳରେ ଟେବୁଲ ଟପର ଗୁଜରାଟ ଟାଇଟନ୍ସକୁ ୫ ରନରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୩୦ ରନ୍ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଜବାବରେ ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୨୫ ରନ୍ କରିଥିଲା। ଶାମି ନିଜ ୪ ଓଭର ସ୍ପେଲରେ ୧୧ ରନ୍ ଦେଇ ୪ ଉଇକେଟ ନେବାରୁ ଦିଲ୍ଲୀ ୨୩ ରନ୍‌ରେ ୫ ଉଇକେଟ ହରାଇଥିଲା। ଷଷ୍ଠ ଉଇକେଟରେ ୫୦ ରନ୍ ଯୋଡିଥିଲେ ଅକ୍ଷର ପଟେଲ(୨୭) ଓ ଅମନ ହକିମ୍ ଖାନ(୫୧)। ସପ୍ତମ ଉଇକେଟରେ ରିପଲ ପଟେଲ ଅମନଙ୍କ ସହିତ ଯୋଗ ଦେଇ ୫୩ ରନ୍ ଯୋଡି ଦିଲ୍ଲୀକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ପ୍ରଥମ ଆଇପିଏଲ ଅର୍ଦ୍ଧଶତକ ହାସଲ କରିଥିବା ଅମନଙ୍କ ଇନିଂସରେ ୩ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଅନ୍ୟ ପକ୍ଷରେ ରିପଲ ପଟେଲ ୧୩ ବଲ୍ ଖେଳି ୨ ଚୌକା ଓ ୧ ଛକା ସହିତ ୨୩ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ଶାମି ୪, ମୋହିତ ଶର୍ମା ଦୁଇଟି ଓ ରଶିଦ୍ ଖାନ ଗୋଟିଏ ଉଇକେଟ ନେଇଥିଲେ। ୧୩୧ ରନ୍ ଲକ୍ଷ୍ୟରେ ଖେଳିଥିବା ଗୁଜରାଟ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ୩୨ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ ଅଭିନବ ମନୋହର (୨୬) ଓ ହାର୍ଦ୍ଦିକ ପାଣ୍ଡ୍ୟା (୫୯*) ପଞ୍ଚମ ଉଇକେଟରେ ୬୩ ରନ୍ ଯୋଡିଥିଲେ। ୧୮ ତମ ଓଭରରେ ଖଲିଲ ଅହମଦ ଏହି ଯୋଡି ଭାଙ୍ଗିଥିଲେ। ଶେଷ ୨ ଓଭରରେ ୩୪ ରନ୍ ଆବଶ୍ୟକ ଥିବା ବେଳେ ୧୯ ତମ ଓଭରରୁ ହ୍ୟାଟ୍ରିକ୍ ଛକା ସହିତ ୨୧ ରନ୍ କରିଥିଲେ ରାହୁଲ ଟେୱାଟିଆ। ଅନ୍ତିମ ଓଭରରେ ୧୩ ରନ୍ ଆବଶ୍ୟକ ଥିବା ବେଳେ ଇଶାନ୍ତ ଶର୍ମା ବୋଲିଂ କରିଥିବା ଓଭରରୁ ମାତ୍ର ୬ ରନ୍ ଆସିଥିଲା। କ୍ୟାପିଟାଲ୍ସ ପକ୍ଷରୁ ଇଶାନ୍ତ ଶର୍ମା ଓ ଖଲିଲ ଅହମଦ ଦୁଇଟି ଲେଖାଏ ଓ କୁଲଦୀପ ଯାଦବ ଓ ଆନରିଚ୍ ନର୍ଜେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମହମ୍ମଦ ଶାମି।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୩୦/୮ (ଅମନ ହକିମ୍ ଖାନ୍-୫୧, ଅକ୍ଷର ପଟେଲ-୨୭, ରିପଲ୍ ପଟେଲ-୨୩, ମହମ୍ମଦ ଶାମି-୪/୧୧, ମୋହିତ ଶର୍ମା-୨/୩୩, ରଶିଦ୍ ଖାନ୍-୧/୨୮)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୨୫/୬(ହାର୍ଦ୍ଦିକ ପାଣ୍ଡ୍ୟା-୫୯*, ଅଭିନବ ମନୋହର-୨୬, ରାହୁଲ ଟେୱାଟିଆ-୨୦, ଇଶାନ୍ତ ଶର୍ମା-୨/୨୩, ଖଲିଲ ଅହମଦ-୨/୨୪, କୁଲଦୀପ ଯାଦବ-୧/୧୫।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ଚେନ୍ନାଇ**
ସ୍ଥାନ:ଲକ୍ଷ୍ନୌ,
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ମୁମ୍ବାଇ**
ସ୍ଥାନ:ମୋହାଲି,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଥ୍‌ଲେଟଙ୍କୁ ନ୍ୟାୟ ମିଳିବା ଆବଶ୍ୟକ: ପ୍ରକାଶ

**ନୂଆଦିଲ୍ଲୀ,୨।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲାରେ ଆଥ୍‌ଲେଟଙ୍କ ସମର୍ଥନରେ ବାହାରିଛନ୍ତି ଇଣ୍ଡିଆନ୍ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ)ର ପ୍ରକାଶ କର୍ହାନା। ଆଥ୍‌ଲେଟ୍ସ କମିଶନ ସଦସ୍ୟ ରହିଥିବା କର୍ହାନା କହିଛନ୍ତି, ଅଧିକାର ପାଇଁ ଲଢେଇ କରୁଥିବା ଆଥ୍‌ଲେଟମାନଙ୍କୁ ନ୍ୟାୟ ମିଳିବା ଆବଶ୍ୟକ। ଶଟପୁଟରେ ପୂର୍ବତନ ଜାତୀୟ ରେକର୍ଡର ଅଧିକାରୀ ତଥା ଏସିଆନ୍ ଚାମ୍ପିୟନ ୩୬ ବର୍ଷୀୟ କର୍ହାନା କହିଛନ୍ତି, ଖେଳାଳିଙ୍କୁ ନ୍ୟାୟ ନ ମିଳିଲେ ବ୍ୟବସ୍ଥା ଉପରୁ ସେମାନଙ୍କର ଭରସା ଉଠିଯିବ। ଆଥ୍‌ଲେଟ୍ସ କମିଶନର ସଦସ୍ୟ ଭାବରେ ନୁହେଁ ବରଂ ବ୍ୟକ୍ତିଗତ ଭାବରେ ମୁଁ ଏଭଳି ଅନୁଭବ କରୁଛି ବୋଲି ସେ କହିଛନ୍ତି। ଆଥ୍‌ଲେଟମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଦେଶବାସୀ ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି। ମହିଳା ଆଥ୍‌ଲେଟଙ୍କ ପ୍ରତି ହୋଇଥିବା ଅନ୍ୟାୟର ଏକ ସ୍ୱଚ୍ଛ ତଦନ୍ତ ଆବଶ୍ୟକ ବୋଲି ମଧ୍ୟ ସେ କହିଛନ୍ତି। ଅଭିଯୁକ୍ତ କିମ୍ବା ଅଭିଯୋଗକାରୀ କିଏ ମିଛ କହୁଛନ୍ତି ତାହା ସ୍ପଷ୍ଟ ହେବା ଦରକାର ବୋଲି ମଧ୍ୟ ସେ କହିଛନ୍ତି। ଆରମ୍ଭରୁ ଏଫ୍‌ଆଇଆର ଦାଖଲରେ ଦିଲ୍ଲୀ ପୋଲିସ ବିଳମ୍ବ କରିଥିଲା, ମାତ୍ର ବର୍ତ୍ତମାନ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ସ୍ୱଚ୍ଛତାର ସହ ତଦନ୍ତ ହେବା ଆବଶ୍ୟକ ବୋଲି ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ପ୍ରକାଶ କହିଛନ୍ତି। ତୃତୀୟ ଭାରତୀୟ ଖେଳାଳି ଭାବରେ ୨୦ ମିଟର ଦୂରତ୍ୱ ଅତିକ୍ରମ କରିଥିବା ପ୍ରକାଶ କହିଛନ୍ତି, ମୁଁ ଏକ ନିପଟ ମଫସଲ ଅଞ୍ଚଳରୁ ଆସିଥିଲି। ଏବେ ବି ଗ୍ରାମାଞ୍ଚଳରେ କ୍ରୀଡାକୁ କ୍ୟାରିୟର ଭାବରେ ଗ୍ରହଣ କରିବାକୁ ଅନେକ କ୍ରୀଡାବିତ୍ ପଛଘୁଞ୍ଚା ଦେଇଥାନ୍ତି। ଏପରି ସ୍ଥଳେ ମହିଳା ଆଥ୍‌ଲେଟଙ୍କ ପ୍ରତି ଅନ୍ୟାୟ ହେଲେ ଗ୍ରାମାଞ୍ଚଳରେ ଏହାର ଏକ ଖରାପ ପ୍ରଭାବ ପଡିବ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହା ଦେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ସେ ମତ ରଖିଛନ୍ତି। ୧୦ ଜଣିଆ ଆଥ୍‌ଲେଟ୍ସ କମିଶନ ପକ୍ଷରୁ ଏଯାଏ କୌଣସି ବିଧିବଦ୍ଧ ବୟାନ ଆସି ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ବ୍ରିଜ୍‌ଭୂଷଣଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଜଣେ ନାବାଳିକା ମହିଳା ଆଥ୍‌ଲେଟଙ୍କ ଅଭିଯୋଗ ଅନୁସାରେ ପୋକ୍ସୋ ଆକ୍ଟ ଆଧାରରେ ମାମଲା ରୁଜୁ କରାଯାଇଛି। ଅନ୍ୟ ମାମଲାଟି ଖେଳାଳିଙ୍କ ସମ୍ମାନ ହାନି କାରଣରୁ କରାଯାଇଥିଲା।


ପ୍ରକାଶ କର୍ହାନା

## ୪ ପଦକ ପକ୍କା କଲେ ଭାରତୀୟ ତୀରନ୍ଦାଜ

**ତାଶକେଣ୍ଟ, ୨।୫ (ପି.ଟି.)**



ଭାରତୀୟ ତୀରନ୍ଦାଜମାନେ ଏସିଆ କପ୍ ଷ୍ଟେଜ୍-୨ ବିଶ୍ୱ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ଉତ୍ସାହଜନକ ଆରମ୍ଭ କରିଛନ୍ତି। ମଙ୍ଗଳବାର ରିକର୍ଭ ଓ କମ୍ପାଉଣ୍ଡ ବିଭାଗର ୪ ଟିମ୍ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରି ପଦକ ପକ୍କା କରିଛନ୍ତି। ମୃଣାଳ ଚୌହାନ, ତୁଷାର ଶେଲ୍‌କେ ଓ ଜୟନ୍ତ ତାଲୁକଦାରଙ୍କୁ ନେଇ ଟପ୍ ସିଡ୍ ଭାରତୀୟ ରିକର୍ଭ ଦଳ ସେମିଫାଇନାଲରେ ଆୟୋଜକ ଉଜ୍‌ବେକିସ୍ତାନର ଚେନ୍ ୟାଓ ୟୁଇ, ମିର୍ଜାଲଲ କାରୋରେଭୋ ଓ ଅମିରଖାନ୍ ସାଦିକୋଭ୍‌ଙ୍କୁ ୬-୦ (୫୬-୫୪, ୫୭-୫୪, ୫୬-୫୩)ରେ ହରାଇ ଦେଇଛନ୍ତି। ଏହାପୂର୍ବରୁ ସେମାନେ କିରଗିଜସ୍ତାନ ବିପକ୍ଷରେ ୬-୦ (୫୪-୪୯, ୫୮-୪୮, ୫୩-୪୫)ରେ ବିଜୟ ହାସଲ କରିଥିଲେ। ପୁରୁଷ ରିକର୍ଭ ଦଳ ସ୍ୱର୍ଣ୍ଣ ପଦକ ମୁକାବିଲାରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଚାଇନାକୁ ଶୁକ୍ରବାର ଭେଟିବ। ସଙ୍ଗୀତା, ପ୍ରାଚୀ ସିଂ ଓ ତନିଶା ବର୍ମାଙ୍କୁ ନେଇ ମହିଳା ରିକର୍ଭ ଦଳ ଉଜ୍‌ବେକିସ୍ତାନ ଦଳକୁ ୫-୪ରେ ପରାଜିତ କରିଛନ୍ତି। ଦଳ ଫାଇନାଲରେ ଚାଇନା ସହ ମୁକାବିଲା କରିବ। ବାଏ ପାଇ ସେମିଫାଇନାଲରେ ପ୍ରବେଶ କରିଥିବା ଅଭିଷେକ ବର୍ମା, କୁଶାଲ ଦଲାଲ ଓ ଅମିତ୍‌ଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ ସାଉଦି ଆରବକୁ ୨୩୬-୨୨୧ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ଦଳ ଶୁକ୍ରବାର ସ୍ୱର୍ଣ୍ଣ ପଦକ ପାଇଁ ହଂକଂ ବିପକ୍ଷରେ ଖେଳିବ। ସେହିପରି ପରନୀତ କୌର, ପ୍ରଗତି ରାଗିନି ମାର୍କୁଙ୍କୁ ନେଇ ମହିଳା କମ୍ପାଉଣ୍ଡ ଦଳ କ୍ୱାଲିଫାଇଂ ରାଉଣ୍ଡ ଶୀର୍ଷରେ ରହି ପୂର୍ବରୁ ଫାଇନାଲକୁ ଉନ୍ନୀତ ହୋଇସାରିଛନ୍ତି। ଟାଇଟଲ ମୁକାବିଲାରେ ସେମାନେ ହଂକଂଙ୍କୁ ଭେଟିବେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୧୨ | +୦.୫୩୨ |
| ରାଜସ୍ଥାନ ରୟାଲ୍ସ | ୯ | ୫ | ୪ | ୧୦ | +୦.୮୦୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | +୦.୬୩୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୫ | ୪ | ୧୦ | +୦.୩୨୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୦୩୦ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୪ | ୧୦ | -୦.୪୭୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | -୦.୫୦୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩ | ୬ | ୬ | -୦.୭୬୮ |

## ସ୍ୱାଗତିକା ରଥଙ୍କ ଅବସର

**ଭୁବନେଶ୍ୱର,୨।୫ (ସ୍ପୋର୍ଟ୍ସ ବ୍ୟୁରୋ)**



ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଭାରତର ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳି ସ୍ୱାଗତିକା ରଥ ଅବସର ଘୋଷଣା କରିଛନ୍ତି। ଓଡ଼ିଶା ଓ ରେଲୱେଜ୍ ପକ୍ଷରୁ ଘରୋଇ କ୍ରିକେଟ ଖେଳିଥିବା ସ୍ୱାଗତିକା ଭାରତ ପାଇଁ ଯଥାକ୍ରମେ ଦିନିକିଆ ଓ ଟି୨୦ରେ ୩ ଓ ୨ଟି ମ୍ୟାଚ୍ ଖେଳିଛନ୍ତି। ୨୦୦୭-୦୮ରୁ ୨୦୧୫-୧୬ ଯାଏ ସେ ଓଡ଼ିଶା ଓ ୨୦୧୬-୧୭ରୁ ୨୦୨୨-୨୩ ଯାଏ ରେଲୱେଜ ପାଇଁ ଖେଳିଥିଲେ। ଭଦ୍ରକର ଏହି ଖେଳାଳି ଜଣଙ୍କ ବାଂଲାଦେଶ ବିପକ୍ଷରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୪ ଏପ୍ରିଲ ୨୦୧୩ରେ ଟି୨୦ ଡେବ୍ୟୁ କରିଥିବା ବେଳେ ଏହାର ୪ ଦିନ ପରେ ସମାନ ଦଳ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ୩ ଦିନିକିଆରୁ ସେ ୫୮ ରନ୍ ସ୍କୋର କରିଥିବା ବେଳେ ୩ ଉଇକେଟ ମଧ୍ୟ ନେଇଛନ୍ତି। ଭାରତୀୟ ଦଳରେ ନିୟମିତ ସୁଯୋଗ ମିଳି ନ ଥିବା ବେଳେ ସ୍ୱାଗତିକା ମାତ୍ର ୨୮ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ତାଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

## ସାତ୍ୱିକ-ଚିରାଗଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୨।୫ (ପି.ଟି.):** ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ଟାଇଟଲ ଜିତିବା ପରେ ଭାରତର ଷ୍ଟାର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି, ସଦ୍ୟ ପ୍ରକାଶିତ ବିଡ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ର୍‍ୟାଙ୍କିଙ୍ଗ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଏଚ୍‌ଏସ୍ ପ୍ରଣୟ ପୂର୍ବଭଳି ୯ମ ସ୍ଥାନରେ ରହିଥିବା ବେଳେ କିଡାମ୍ବୀ ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନ୍ ଗୋଟିଏ ଲେଖାଏଁ ସ୍ଥାନ ପଦୋନ୍ନତି ସହ ଯଥାକ୍ରମେ ୨୨ତମ ଓ ୨୩ ତମ ସ୍ଥାନରେ ଅଛନ୍ତି।

# ସମ୍ପୂର୍ଣ୍ଣ ମ୍ୟାଚ୍ ଫି ହରାଇଲେ ଗମ୍ଭୀର, କୋହଲି

**ଲକ୍ଷ୍ନୌ,୨।୫(ପି.ଟି.)**

ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି ଓ ପୂର୍ବତନ ଓପନିଙ୍ଗ ବ୍ୟାଟର ଗୌତମ ଗମ୍ଭୀରଙ୍କ ମଧ୍ୟରେ ଝଗଡା ଏକ ନୂଆ ରୂପ ନେଇଛି। ଆଇପିଏଲ ମ୍ୟାଚ୍ ସମୟରେ ଉଭୟ ଖେଳାଳିଙ୍କ କଜିଆ ପଦାରେ ପଡିଛି। ମ୍ୟାଚ୍ ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ ମ୍ୟାଚ୍ ଫି'ର ୧୦୦ ପ୍ରତିଶତ କଟାଯାଇଛି। ସୋମବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ଲୋ ସ୍କୋରିଂ ମ୍ୟାଚକୁ ୧୮ ରନ୍‌ରେ ଜିତି ନେଇଥିଲା ବିରାଟ କୋହଲିଙ୍କ ଦଳ। ଏହାପରେ ଉଭୟ ଖେଳାଳି ପରସ୍ପର ସହିତ ଯୁକ୍ତି ତର୍କ କରୁଥିବାର ଦେଖିବାକୁ ମିଳିଥିଲା। ଏଭଳି ଅଶୋଭନୀୟ ଆଚରଣ ପାଇଁ ମଙ୍ଗଳବାର ବିସିସିଆଇ ପକ୍ଷରୁ ଉଭୟ ଖେଳାଳିଙ୍କୁ ଦଣ୍ଡିତ କରାଯାଇଛି। ଉଭୟଙ୍କ ମ୍ୟାଚ୍ ଫି'ର ୧୦୦ ପ୍ରତିଶତ ଅର୍ଥ ଫାଇନ୍ ଆକାରରେ କାଟି ଦିଆଯାଇଛି। ଆଇପିଏଲ୍‌ର ଧାରା ୨.୨୧ ଆଧାରରେ ଉଭୟ ଖେଳାଳିଙ୍କ ବୟାନ କ୍ରୀଡା ଭାବନାକୁ ଆଘାତ ପହଞ୍ଚାଇଛି। ମ୍ୟାଚ ସମାପ୍ତ ହେବା ପରେ ଆର୍‌ସିବି ପକ୍ଷରୁ ଜାରି କରାଯାଇଥିବା ଏକ ଭିଡିଓ ନିଆଁରେ ଘିଅ ଢାଳିବା ପରିସ୍ଥିତି ସୃଷ୍ଟି କରିଛି। କୋହଲି ଦଳର ସମସ୍ତ ଖେଳାଳିଙ୍କ ପାଇଁ ଦେଉଥିବା ଭାଷଣରେ ଲକ୍ଷ୍ନୌ ବିପକ୍ଷ ବିଜୟକୁ ମଧୁର ପ୍ରତିଶୋଧ ବୋଲି କହିଥିଲେ। ଗମ୍ଭୀରଙ୍କ ଉଦ୍ଦେଶ୍ୟରେ କୋହଲି କହିଥିଲେ, 'ଯଦି ତୁମେ କିଛି ଜିନିଷ ଦେଉଛ ସମାନ ଜିନିଷ ନେବାକୁ ପ୍ରସ୍ତୁତ ରୁହ, ଯଦି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁ ତେବେ ଦେବାରୁ ବିରତ ରୁହନ୍ତୁ।' ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଏହାର ପୂର୍ବ ମ୍ୟାଚକୁ ଶେଷ ବଲରେ ଜିତିଥିଲା ଲକ୍ଷ୍ନୌ। ଏହା ପରେ ପାଟିରେ ଆଙ୍ଗୁଠି ଦେଇ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦର୍ଶକଙ୍କୁ ନୀରବ ରହିବାକୁ ଇସାରା କରିଥିଲେ ଗମ୍ଭୀର। ସୋମବାର ବିରାଟ କୋହଲି ସମାନ ଢଙ୍ଗରେ ଏକାନା ଷ୍ଟାଡିୟମରେ ଦର୍ଶକଙ୍କୁ ନୀରବ ରହିବାକୁ ଆଙ୍ଗୁଠି ଦେଖାଇଥିଲେ। ଏହା ସହିତ ଲକ୍ଷ୍ନୌ ପେସ୍ ବୋଲର ନବୀନ ଉଲ୍ ହକ୍ ଓ କୋହଲିଙ୍କ ମଧ୍ୟରେ କିଛି ଯୁକ୍ତିତର୍କ ହୋଇଥିଲା। ଏଥିପାଇଁ ନବୀନ ଉଲ୍ ହକଙ୍କ ମ୍ୟାଚ୍ ଫି'ର ୫୦ ପ୍ରତିଶତ କଟାଯାଇଥିଲା। ମ୍ୟାଚ୍ ସମୟରେ ହୋଇଥିବା ଯୁକ୍ତିତର୍କ ଅମ୍ପାୟର ଓ ଅମିତ ମିଶ୍ରଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲା। ଖେଳାଳିମାନେ ହାତ ମିଳାଉଥିବା ବେଳେ କୋହଲି ଓ ଗମ୍ଭୀରଙ୍କ ମଧ୍ୟରେ ଯୁକ୍ତିତର୍କ ବଢିଥିଲା। ଲକ୍ଷ୍ନୌର ଅମିତ ମିଶ୍ର, ଆର୍‌ସିବି ଅଧିନାୟକ ଫାଫ୍ ଡୁ ପ୍ଲେସି ଓ ଲକ୍ଷ୍ନୌ ସହକାରୀ କୋଚ୍ ବିଜୟ ଦହିୟା ଉଭୟ ଖେଳାଳିଙ୍କୁ ଅଲଗା କରିବାକୁ ପ୍ରୟାସ କରିଥିଲେ। ଦିଲ୍ଲୀ ଓ ଭାରତୀୟ ଦଳରେ ଉଭୟ ଟିମ୍ ମେଟ୍ ଭାବରେ ଖେଳି ସାରିଛନ୍ତି। ଏପରିକି ୨୦୧୩ ମସିହାରେ ଉଭୟ ଖେଳାଳିଙ୍କ ମଧ୍ୟରେ ଏକ ଆଇପିଏଲ ମ୍ୟାଚରେ ଯୁକ୍ତିତର୍କ ହୋଇଥିଲା। ଆର୍‌ସିବି କ୍ରିକେଟ ନିର୍ଦ୍ଦେଶକ ମାଇକ୍ ହେସନ ଏହି ଘଟଣା ପାଇଁ ଚିନ୍ନାସ୍ୱାମୀ ମ୍ୟାଚ୍‌କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ଆର୍‌ସିବି ଅଧିନାୟକ ଫାଫ୍ ଡୁ ପ୍ଲେସି କୋହଲିଙ୍କ ଆଗ୍ରେସିଭ୍ ରୂପକୁ ପସନ୍ଦ କରିଛନ୍ତି। ଏହା ବିରାଟଙ୍କ ଶ୍ରେଷ୍ଠ ଭର୍ସନ ଏବଂ କ୍ରିକେଟ ଫ୍ୟାନ ଏହାକୁ ପସନ୍ଦ କରିଥାନ୍ତି ବୋଲି କହିଛନ୍ତି ଫାଫ୍। ପୂର୍ବତନ ଭାରତୀୟ ଅଧିନାୟକ ଅନିଲ କୁମ୍ବଲେ ଏହି ଘଟଣାକୁ ନିନ୍ଦା କରିଛନ୍ତି। କ୍ରିକେଟ ପଡିଆରେ ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଏକ ମ୍ୟାଚ୍ ଶେଷ ହେବା ପରେ ତୁମେ ପ୍ରତିପକ୍ଷ ଦଳକୁ ନୁହେଁ ବରଂ କ୍ରିକେଟକୁ ସମ୍ମାନ ଜଣାଇଥାଅ। ଉଭୟ ଖେଳାଳି ଏହାକୁ ଭୁଲି ଯାଇ ଯେଉଁଭଳି ଆଚରଣ କଲେ ଏହା ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଥିଲେ। ଆଇପିଏଲ୍ ପକ୍ଷରୁ ଟ୍ୱିଟ୍ କରାଯାଇ ୩ ଖେଳାଳିଙ୍କ ଫାଇନ୍ ସମ୍ପର୍କରେ ଘୋଷଣା କରାଯାଇଛି।


ବିରାଟ କୋହଲି ଓ ଗୌତମ ଗମ୍ଭୀର ମୁହାଁମୁହିଁ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ' ୩/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, May 3/2023  ₹ 7.00

ଓଡ଼ିଶା ସରକାର

DSPL-27

# ଭୁବନେଶ୍ୱରରୁ ସିଧାସଳଖ ସିଙ୍ଗାପୁର ଏବଂ ବ୍ୟାଙ୍କକ୍ ସହର ପାଇଁ ବିମାନ ଚଳାଚଳର

## ଅଗ୍ରୀମ ଟିକେଟ ସେବା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା ଶୁଭାରମ୍ଭ

୩ ମେ ୨୦୨୩

| ସେକ୍ଟର | ପ୍ରସ୍ଥାନ | ଆଗମନ |
|---|---|---|
| ଭୁବନେଶ୍ୱର – ସିଙ୍ଗାପୁର | ୦୬:୨୫ | ୧୩:୦୫ |
| ସିଙ୍ଗାପୁର – ଭୁବନେଶ୍ୱର | ୧୪:୧୦ | ୧୫:୫୦ |
| ଭୁବନେଶ୍ୱର – ବ୍ୟାଙ୍କକ୍ | ୧୬:୫୦ | ୨୧:୧୦ |
| ବ୍ୟାଙ୍କକ୍ – ଭୁବନେଶ୍ୱର | ୨୨:୧୦ | ୨୩:୧୫ |

- ଇଣ୍ଡିଗୋ ଏହି ବିମାନ ସେବା ଆସନ୍ତା ୩ ଜୁନ ୨୦୨୩ ରୁ ଆରମ୍ଭ କରିବ ।
- ଏହି ଆନ୍ତର୍ଜାତୀୟ ବିମାନ ସେବା ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପ୍ରାୟୋଜିତ ସେବା ଅଟେ ।
- ଓଡ଼ିଶାବାସୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହି ବିମାନ ସେବା ଯୋଗାଇବା ପାଇଁ ପ୍ରାରମ୍ଭିକ ଭାବରେ ଏହି ଉଭୟ ସ୍ଥାନକୁ ଯିବା ଏବଂ ଆସିବା ପାଇଁ ୧୫୦୦୦/– ଟଙ୍କା ଟିକେଟ ମୂଲ୍ୟ ରଖା ଯାଇଛି ।





ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

OIPR-38001/13/0003/2324

# ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ରର ଜୀବନ



ବିଚିତ୍ର ବିଶ୍ୱାଳ

ଆଧୁନିକ ଗଣତନ୍ତ୍ରର ଅସ୍ତିତ୍ୱର ପ୍ରମାଣ ଓ ପ୍ରତୀକ ହେଉଛି ସ୍ୱାଧୀନ ଓ ମୁକ୍ତ ଗଣମାଧ୍ୟମ। ଯେଉଁ ଦେଶର ଗଣମାଧ୍ୟମ ଯେତେ ମୁକ୍ତ ଓ ସ୍ୱାଧୀନ, ସେ ଦେଶର ଗଣତନ୍ତ୍ର ସେତେ ସମୃଦ୍ଧ। ସେହି ଦୃଷ୍ଟିରୁ ଦେଖିଲେ ଆମ ଦେଶର ଅବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ। ଆମ ଦେଶରେ ଗଣମାଧ୍ୟମର ଅବସ୍ଥାକୁ ଆକଳନ କରିବାକୁ ହେଲେ ଗଣମାଧ୍ୟମ ପାଇଁ ବ୍ୟବହାର କରାଯାଉଥିବା ଦୁଇଟି ପ୍ରତିଶବ୍ଦ ହିଁ ଯଥେଷ୍ଟ। ଗତ କିଛିବର୍ଷ ହେବ ଆମ ଦେଶରେ ଗଣମାଧ୍ୟମକୁ ଗଣିକାମାଧ୍ୟମ ନଚେତ୍ ଗୋଦି ମିଡିଆ ଭାବେ ପରିଭାଷିତ କରାଯାଉଛି। ଅନେକ ଗଣମାଧ୍ୟମ ଅନୁଷ୍ଠାନ ଖବରର ବିଶ୍ଳେଷଣ ନାମରେ ଯାହା ପ୍ରଚାର କରୁଛନ୍ତି ତାହା ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଜ୍ଞାପନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗଣମାଧ୍ୟମଗୁଡ଼ିକ ସଂପ୍ରତି ଭୟଙ୍କର ଭାବରେ ଉଦ୍ଦେଶ୍ୟହରା ହୋଇ କେବଳ ଏକ ଲାଭଜନକ ବ୍ୟବସାୟରେ ସୀମିତ ହୋଇଯାଇଛି। ସାଧାରଣ ଲୋକଙ୍କ ଭରସା ଓ ବିଶ୍ୱାସ ହରେଇ ବସିଛି ଆଜିର ଗଣମାଧ୍ୟମ। ମୁକ୍ତ ମତକୁ ପ୍ରସାର କରିବା ପାଇଁ ଅନେକ ସାମ୍ବାଦିକ ଓ ଅନୁଷ୍ଠାନ ଆଜି ସାମାଜିକ ଗଣମାଧ୍ୟମକୁ ଏକ ବିକଳ୍ପ ଭାବେ ଦେଖୁଛନ୍ତି। ଅପରପକ୍ଷରେ ଗଣମାଧ୍ୟମ ଅନୁଷ୍ଠାନଗୁଡ଼ିକୁ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିବା କ୍ଷମତାକେନ୍ଦ୍ର ସଂପ୍ରତି ସାମାଜିକ ଗଣମାଧ୍ୟମକୁ ବି ନିୟନ୍ତ୍ରଣ କରିବାକୁ ପାଗ ଭିଡୁଛି। ଫଳରେ ଆଜି ଗଣମାଧ୍ୟମର ସ୍ୱାଧୀନତା କେବଳ ଏକ ବିଶୁଦ୍ଧ କଳ୍ପନାରେ ସୀମିତ ହୋଇଗଲାଣି। ଅନ୍ତର୍ଜାତୀୟ ସଂସ୍ଥା 'ରିପୋର୍ଟର୍ସ ୱିଦ୍‌ଆଉଟ୍ ବର୍ଡର' ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ କରାଯାଉଥିବା 'ବିଶ୍ୱ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ-୨୦୨୨'ର ତାଲିକା ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୦। ଏହି ତାଲିକାରେ ଭାରତ ସହିତ ତଳ ଭାଗରେ ଥିବା ଦେଶଗୁଡ଼ିକ ହେଉଛି ଆଫଗାନିସ୍ତାନ, ସାଉଦି ଆରବ, ମ୍ୟାନ୍‌ମାର, ଉତ୍ତର କୋରିଆ ଆଦି, ଯେଉଁଠାରେ ପ୍ରାୟତଃ ଅଶାନ୍ତି ଓ ଗୃହଯୁଦ୍ଧ ଭଳି ପରିସ୍ଥିତି ଲାଗିରହିଛି। ପ୍ରଥମ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ୨୦୦୨ ମସିହାରେ ହୋଇଥିଲା, ଯେଉଁଥିରେ ଭାରତର ସ୍ଥାନ ଥିଲା ୮୦। ଅର୍ଥାତ୍ ଗତ ୨୦ବର୍ଷ ମଧ୍ୟରେ ଆମ ଦେଶରେ ଗଣମାଧ୍ୟମର ସ୍ୱାଧୀନତା ଦ୍ରୁତଗତିରେ ସଙ୍କୁଚିତ ହେବାରେ ଲାଗିଛି। ୨୦୧୪ରେ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତର ସ୍ଥାନ ୧୪୦ ଥିଲାବେଳେ, ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ଏହା ଆହୁରି ଦଶଟି ସ୍ଥାନ ତଳକୁ ଖସିଛି। ୨୦୨୨ର ତଥ୍ୟ ଅନୁସାରେ ଭାରତ ସାମ୍ବାଦିକମାନଙ୍କ ପାଇଁ ଏକ ବିପଜ୍ଜନକ ସ୍ଥାନର ତାଲିକାରେ ରହିଛି। ୟୁନେସ୍କୋର ଅଧ୍ୟୟନ ଅନୁସାରେ ୨୦୧୦ରୁ ୨୦୨୨ ମଧ୍ୟରେ ଭାରତରେ ୪୫ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। 'ଫ୍ରି ସ୍ପିଚ୍ କଲେକ୍ଟିଭ୍'ର ରିପୋର୍ଟ କୁହେ ଯେ, ୨୦୨୦ରେ ଆମ ଦେଶରେ ୬୭ଜଣ ସାମ୍ବାଦିକଙ୍କ ବିରୁଦ୍ଧରେ ମକଦ୍ଦମା କରାଯାଇଛି। ଏହି ସବୁ ତଥ୍ୟ ଆମ ଦେଶରେ ଗଣମାଧ୍ୟମର ଦୟନୀୟ ପରିସ୍ଥିତିକୁ ବୟାନ କରୁଛି। ନିକଟ ଅତୀତରେ ଆମେ ଦେଖିଲେ ଯେ ବିବିସି ପରି ଗଣମାଧ୍ୟମ ଅନୁଷ୍ଠାନ କ୍ଷମତା କେନ୍ଦ୍ରର ଦୁର୍ବଳତାକୁ ପ୍ରକାଶ କରୁଥିବା ଏକ ବୃତ୍ତଚିତ୍ର ପାଇଁ କିପରି ଭାବେ ସରକାରୀ ଚଢ଼ାଉର ଶିକାର ହେଲା। ଏପରି କି ସେହି ବୃତ୍ତଚିତ୍ରକୁ ସାଧାରଣରେ ପ୍ରଦର୍ଶନକୁ ସରକାର ନିଷେଧ କରିଛନ୍ତି। ସେହିପରି ସରକାର ବିରୋଧୀ ମତ ପୋଷଣ କରୁଥିବା ଆମ୍ନେଷ୍ଟି ଇଣ୍ଟରନ୍ୟାସ୍‌ନାଲ ସଂସ୍ଥା ବି ସରକାରୀ ରୋଷର ଶିକାର ହୋଇ ୨୦୨୦ରୁ ବନ୍ଦ ହୋଇଯାଇଛି। ଏସବୁ ଘଟଣା ଗୋଟିଏ କଥା ପ୍ରମାଣ କରୁଛି, ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ସରକାରଙ୍କ ଗୁଣଗାନ କରିବାକୁ ହେବ ନଚେତ୍ ଚଢ଼ାଉକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ ହେବ। ଗଣମାଧ୍ୟମର ସ୍ୱାଧୀନତା ଭାରତରେ ଏକ ପ୍ରହେଳିକାରେ ପରିଣତ ହୋଇଯାଇଛି। ସରକାର ପରୋକ୍ଷରେ କହୁଛନ୍ତି, ତୁମକୁ ସରକାରଙ୍କ ପାଖରେ ଆତ୍ମସମର୍ପଣ କରି ସରକାରଙ୍କ ମୁଖପାତ୍ର ବନିବାକୁ ପଡ଼ିବ। ସରକାରଙ୍କ ଦୋଷ ଦୁର୍ବଳତାକୁ ନିୟମିତ ଭାବେ ପ୍ରକାଶ କରି ତଥା ଲୋକମାନଙ୍କ ପ୍ରସଙ୍ଗକୁ ଉଜାଗର କରି ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଏନ୍.ଡି. ଟିଭି ଅନୁଷ୍ଠାନକୁ ଆଦାନୀ ଗ୍ରୁପ୍ ଅଧିକାର କରିବା ପରେ ଏକଥା ସ୍ପଷ୍ଟ ହୋଇଗଲା ଯେ, ସରକାରଙ୍କୁ ସମାଲୋଚନା ଗ୍ରହଣୀୟ ନୁହେଁ। ଆଦାନୀ ଗ୍ରୁପ୍ ସହିତ କ୍ଷମତାସୀନ ପ୍ରଧାନମନ୍ତ୍ରୀଙ୍କ ସମ୍ବନ୍ଧ ସମ୍ପର୍କରେ କାହାକୁ ଅଛପା ନାହିଁ। ତା'ହେଲେ କ'ଣ ଏକଥା କହିବା ଠିକ୍ ହେବ ଯେ, ସରକାରଙ୍କୁ ସମାଲୋଚନା କରୁଥିବା ଚାନେଲ୍‌କୁ ତିଷ୍ଠିବାକୁ ଦିଆଯିବ ନାହିଁ! ତାକୁ ବରବାଦ୍ କରିଦିଆଯିବ ନ ହେଲେ ଶିଳ୍ପପତିଙ୍କ ଜରିଆରେ କିଣି ନେଇ ମୂକ କରିଦିଆଯିବ। ଏନ୍.ଡି. ଟିଭିର ପୂର୍ବତନ ସମ୍ପାଦକ ରବିଶ୍ କୁମାର ଠିକ୍ ଏଇ କଥା କହି ଚାନେଲ୍ ଛାଡ଼ି ନିଜ ମୁକ୍ତ ମତ ପୋଷଣ କରିବା ପାଇଁ ଏବେ ୟୁ-ଟ୍ୟୁବ୍‌ର ଆଶ୍ରା ନେଇଛନ୍ତି। କେବଳ ଏତିକି ନୁହେଁ, ସରକାର ବିରୋଧୀ ମତ ପୋଷଣ କରୁଥିବା ଅନେକ ସାମ୍ବାଦିକ ଏବେ ଜେଲରେ ଅଛନ୍ତି। ବିଚାର ବିଭାଗର ଯତ୍‌କିଞ୍ଚିତ୍ ପଦକ୍ଷେପ ପାଇଁ ଆମ ଦେଶରେ ସାମ୍ବାଦିକମାନେ କଥା କହିପାରୁଛନ୍ତି ନ ହେଲେ ଗଣମାଧ୍ୟମକୁ କବ୍‌ଜାରେ ରଖିବାକୁ କୌଣସି ରାସ୍ତା ବି ସରକାର ଛାଡୁନାହାନ୍ତି।

ଦ୍ରୁତଗତିରେ ଗଣମାଧ୍ୟମର ସ୍ୱାଧୀନତା ସଙ୍କୁଚିତ ହେବାର କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ ହେଉଛି ଗଣମାଧ୍ୟମର ମାଲିକାନା, ଗଣମାଧ୍ୟମ ସଂସ୍ଥାର ରାଜନୈତିକ ଦଳଗୁଡ଼ିକ ସହିତ ସମ୍ପର୍କ, ଗଣମାଧ୍ୟମ କ୍ଷେତ୍ରରେ ଏକାଧିକାର ଓ ସରକାରଙ୍କ ଚାପ। ସଂପ୍ରତି ଦେଖାଯାଉଛି ଯେ, ଏକାଧିକ ଗଣମାଧ୍ୟମ ସଂସ୍ଥା ଶିଳ୍ପପତିମାନଙ୍କ ନିୟନ୍ତ୍ରଣରେ ଓ ସେହି ଶିଳ୍ପପତିମାନେ ସରକାରୀ ଆଶୀର୍ବାଦ ପାଇଁ ଉହଳ ବିକଳ ହୋଇ ଗଣମାଧ୍ୟମକୁ ଗଣିକାମାଧ୍ୟମରେ ପରିଣତ କରୁଛନ୍ତି। ଆମ ଦେଶର ସିଂହଭାଗ ଗଣମାଧ୍ୟମ ଅନୁଷ୍ଠାନ ଅମ୍ବାନୀ କିମ୍ବା ଆଦାନୀଙ୍କ ଭଳି ଶିଳ୍ପପତିଙ୍କ କବଳରେ ଅଛି, ଯାହାଙ୍କ ଉଦ୍ଦେଶ୍ୟ ଗଣମାଧ୍ୟମକୁ ବ୍ୟବହାର କରି ତଥା ସରକାରଙ୍କ ଚାପ୍‌ଲୁସି କରି ନିଜର ପୁଞ୍ଜିକୁ ବୃଦ୍ଧି କରିବା। ଗଣମାଧ୍ୟମ ସେମାନଙ୍କ ପାଇଁ କେବଳ ଏକ ବ୍ୟବସାୟ। ଏତଦ୍‌ବ୍ୟତୀତ ଗଣମାଧ୍ୟମର ସ୍ୱାଧୀନତା ସରକାରଙ୍କ ପାଇଁ ଆଦୌ ବି ଏକ ପ୍ରସଙ୍ଗ ନୁହେଁ। ଓଲଟି ସରକାର ହିଁ ମୁଖ୍ୟତଃ ଗଣମାଧ୍ୟମର ସ୍ୱାଧୀନତାକୁ ସଙ୍କୁଚିତ କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି।

ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ମୁକ୍ତ ଗଣମାଧ୍ୟମର ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ମୁକ୍ତ ତଥା ସ୍ୱାଧୀନ ନ ରହିଲେ ଗଣତନ୍ତ୍ର ଅଚିରେ ସ୍ୱେଚ୍ଛାଚାରିତାରେ ପରିଣତ ହୋଇଯିବ। ଗଣମାଧ୍ୟମର ସ୍ୱାଧୀନତାର ଅର୍ଥ ଗଣମାଧ୍ୟମ କ୍ଷେତ୍ରରେ ରାଷ୍ଟ୍ରର ଅତି କମ୍ ବା ଆଦୌ ବି ହସ୍ତକ୍ଷେପ ରହିବ ନାହିଁ। କିନ୍ତୁ ଆମ ଦେଶରେ ଠିକ୍ ଏହାର ଓଲଟା ହେଉଛି। ଛପା ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ସଂପ୍ରତି ସରକାର ସାମାଜିକ ଗଣମାଧ୍ୟମ ଓ ଓ.ଟି.ଟି. ପ୍ଲାଟ୍‌ଫର୍ମଗୁଡ଼ିକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ଆଇନ୍ ଆଣିବାକୁ ଯାଉଛନ୍ତି ; ଯାହା ଶେଷ ନିଃଶ୍ୱାସ ମାରୁଥିବା ଗଣମାଧ୍ୟମର କବରରେ ଶେଷ କଣ୍ଟା ପିଟିବା ପରି ହେବ। ଏହା ଭୁଲିଯିବା ଉଚିତ ନୁହେଁ ଯେ, ଗଣମାଧ୍ୟମର ସ୍ୱାଧୀନତା ଦ୍ୱାରା ହିଁ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ନିଶ୍ଚିତ ହୋଇପାରିବ। ନଚେତ୍ ବିକାଶର ଧାରାରୁ ଅନେକ ଦୂରକୁ ସାଧାରଣ ଜନତା ଛିଟିକି ପଡ଼ିବେ। କେବଳ ଗଣମାଧ୍ୟମର ସ୍ୱାଧୀନତା ଦ୍ୱାରା ହିଁ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସନ୍ତୁଳନ ରକ୍ଷା ହୋଇପାରିବ ଓ ଏହା ସମାଜକୁ ଏକ ସକାରାତ୍ମକ ଦିଗରେ ନେବାରେ ସକ୍ଷମ ହେବ। ଆମ ଦେଶର ସମ୍ବିଧାନର ଧାରା ୧୯-୧-ଏ.ରେ ସ୍ୱାଧୀନ ମତପୋଷଣକୁ ମାନ୍ୟତା ଦିଆଯାଇଛି, ଯାହା ଅଧୀନରେ ଗଣମାଧ୍ୟମର ସ୍ୱାଧୀନତା ତଥା ମୁକ୍ତ ମତ ପୋଷଣ ବି ଆସୁଛି। ଜାତିସଂଘ ଘୋଷଣା କରିଥିବା ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍-୨୦୩୦ରେ ସାମ୍ବାଦିକମାନଙ୍କ ସୁରକ୍ଷା ବି ଏକ ଲକ୍ଷ୍ୟ ଅଛି ; ଯେଉଁଥିରେ ଭାରତ ସରକାର ସ୍ୱାକ୍ଷର କରିଛନ୍ତି। କିନ୍ତୁ ଏତେ ସବୁ ପରେ ଆମ ଦେଶରେ ସଂପ୍ରତି ଗଣମାଧ୍ୟମର ସ୍ୱାଧୀନତା ଅତ୍ୟନ୍ତ ସଙ୍କଟଜନକ ସ୍ଥିତିରେ ଅଛି, ଯାହା ଭାରତର ଗଣତନ୍ତ୍ରକୁ ପ୍ରତିଦିନ ଦୁର୍ବଳ କରିଚାଲୁଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
ମୋ-୯୪୩୮୪୬୮୪୭୪

## ଖଣ୍ଡାର ତୀକ୍ଷ୍ଣ ଧାରରେ ପ୍ରେସ୍




### ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

'ଗଣମାଧମ' ଏକ ଶବ୍ଦ ନୁହେଁ, ଏକ କର୍ତ୍ତବ୍ୟ । ଗଣମାଧମ ଗଣତାନ୍ତ୍ରିକ ମୂଳଦୁଆକୁ ମଜଭୁତ କରିଥାଏ। ଏହାର ଭୂମିକା ଅତ୍ୟନ୍ତ ସୁଦୂରପ୍ରସାରୀ ଏବଂ ପ୍ରଭାବଶାଳୀ। ଗଣମାଧମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସକାଶେ ପ୍ରତିବର୍ଷ ମେ' ୩ରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ। ଜାତିସଂଘର ଜନସୂଚନା ବିଭାଗ ୧୯୯୧ରେ 'ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ' ପାଳନ କରିବାକୁ ପ୍ରଥମେ ପ୍ରସ୍ତାବ ଦେଇଥିଲା। ୧୯୯୩ରେ ଏହି ଦିବସ ପାଳନ ପାଇଁ ଅନୁମୋଦନ ମିଳିଥିଲା । ଏହି ଅବସରରେ କଲମ୍ବିଆର ଖବରଦାତା ଗିଲିଏର୍ମୋ କାନୋ ଇସାଜାଙ୍କ ସମ୍ମାନାର୍ଥେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସଂସ୍ଥାକୁ ଗିଲିଏର୍ମୋ କାନୋ ଇସାଜା ପୁରସ୍କାର ପ୍ରଦାନ କରାଯାଇଥାଏ। ୧୭ ଡିସେମ୍ବର ୧୯୮୬ରେ ବୋଗୋଟାସ୍ଥିତ ଖବରକାଗଜ ଏଲ୍ ଏସ୍‌ପେକ୍ଟାଡର କାର୍ଯ୍ୟାଳୟ ସମ୍ମୁଖରେ ନିଶା ବେପାରୀମାନେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ତାଙ୍କୁ ସ୍ମରଣୀୟ କରିବା ଲାଗି ଉପରୋକ୍ତ ପୁରସ୍କାରର ନାମକରଣ କରାଯାଇଛି। କାନୋଙ୍କ ଲେଖା କଲମ୍ବିଆର ଶକ୍ତିଶାଳୀ ଡ୍ରଗ୍ସ ବ୍ୟବସାୟୀ ଗୋଷ୍ଠୀଙ୍କୁ ଅପମାନିତ କରିଥିଲା। ଫଳରେ ସେମାନେ ପ୍ରତିଶୋଧ ନେଇଥିଲେ।

ପ୍ରଗତିଶୀଳ ବିଶ୍ୱର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ତଥା ବୈଜ୍ଞାନିକ ସ୍ଥିତି ସମ୍ପର୍କରେ ଜ୍ଞାନ ପ୍ରସାର ପାଇଁ ଗଣମାଧମ ହିଁ ସର୍ବଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାଏ। ଖବରଦାତାଙ୍କ ନିଷ୍ଠା, ପ୍ରଚେଷ୍ଟା , ନିର୍ଭୀକତା, ନିରପେକ୍ଷତା ଓ ନ୍ୟାୟ ମନୋଭାବ ଦ୍ୱାରା ଗଣମାଧମର ଗୁରୁତ୍ୱ ବୃଦ୍ଧି ପାଇଥାଏ । ହେଲେ ଏହା ଖଣ୍ଡାର ତୀକ୍ଷ୍ଣ ଧାରରେ ପରିଚାଳିତ ହେଉଛି । ସତ୍ୟତାର ପରିବେଷଣ ବେଳେ ହିଂସା, ବର୍ବରୋଚିତକାଣ୍ଡ ଦ୍ୱାରା ଖବରଦାତାଙ୍କୁ ଶିକାର ହେବାକୁ ପଡୁଛି । ଗଣମାଧମ ଓ ଖବରଦାତାଙ୍କ ସୁରକ୍ଷାକୁ ନେଇ ଅନେକ ଆଇନ ପ୍ରଣୟନ ହୋଇଥିଲେ ମଧ ଏହାର ସୁଫଳ ମିଳିପାରୁ ନାହିଁ।

ୟୁନେସ୍କୋ ପ୍ରତିବର୍ଷ ବିଶ୍ୱ ଗଣମାଧମ ସ୍ୱାଧୀନତା ଦିବସ ପାଳନ ପୂର୍ବକ ଗଣମାଧମ ବୃତ୍ତିଧାରୀ, ପ୍ରେସ ସ୍ୱାଧୀନତା ସଂଗଠନ ଏବଂ ଜାତିସଂଘ ଏଜେନ୍ସିଗୁଡ଼ିକୁ ଏକାଠି କରି ବିଶ୍ୱବ୍ୟାପୀ ପ୍ରେସ ସ୍ୱାଧୀନତାର ସ୍ଥିତିକୁ ଅନୁଧ୍ୟାନ କରିବା ଏବଂ ଆହ୍ୱାନର ସମାଧାନ ଉପରେ ଆଲୋଚନା କରିଥାଏ । ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପ୍ରତିବର୍ଷ ଏକ ଥିମ୍ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ ବର୍ଷର ବାର୍ତ୍ତା ହେଉଛି, 'ଶେପିଂ ଏ ଫ୍ୟୁଚର ଅଫ୍ ରାଇଟ୍ସ: ଫ୍ରିଡମ ଅଫ୍ ଏକ୍ସପ୍ରେସନ ଫର୍ ଅଲ୍ ଅଦର ହ୍ୟୁମାନ ରାଇଟ୍ସ (ଅଧିକାରର ଭବିଷ୍ୟତ ଗଠନ: ଅନ୍ୟ ସମସ୍ତ ମାନବ ଅଧିକାର ପାଇଁ ଅଭିବ୍ୟକ୍ତି ସ୍ୱାଧୀନତାର ପରିପ୍ରକାଶ)।

### ଗଣମାଧମକୁ ନିୟନ୍ତ୍ରଣ କରିବାକୁ ସରକାରୀ ଉଦ୍ୟମ ବଢ଼ିଛି



ଭାରତରେ ଏକ ସ୍ୱାଧୀନ ଗଣମାଧମ ପାଇଁ ପରିସ୍ଥିତି ଅନୁକୂଳ ନୁହେଁ। ପୃଥିବୀରେ ପ୍ରତିବର୍ଷ ପ୍ରକାଶ ପାଉଥିବା ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତ ଲଗାତର ଭାବେ ତଳେ ରହୁଛି। ଏଠାରେ ସାମ୍ବାଦିକଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଛି। ବିଶେଷକରି ସରକାରଙ୍କ ପକ୍ଷରୁ ଗଣମାଧମକୁ ନିୟନ୍ତ୍ରଣ କରିବା ଉଦ୍ୟମ ବଢ଼ିଛି। ସରକାରଙ୍କ ଭୁଲ୍ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି, ଭୁଲ୍‌କୁ ପର୍ଦ୍ଦାଫାଶ୍ କରୁଛନ୍ତି ବା ସରକାରଙ୍କ ନୀତି ବିରୋଧରେ ଭିନ୍ନ ମତ ରଖୁଥିବା ଗଣମାଧମ ଉପରେ ଅତ୍ୟାଚାର ହେଉଛି। ସେମାନଙ୍କ ଉପରେ ମିଛ କେସ୍ କରାଯାଉଛି ଏବଂ ତାଙ୍କୁ ଚାପିବାକୁ ଉଦ୍ୟମ ହେଉଛି। କେବଳ ସୋସିଆଲ୍ ମିଡିଆ କାରଣରୁ କେତେକ ଖବର ବା ତଥ୍ୟ ଲୋକଲୋଚନକୁ ଆସୁଛି। ଜାତୀୟ ସ୍ତରରେ ବଡ଼ ମିଡିଆଠାରୁ ନିର୍ଭୀକ ଏବଂ ସତ୍ୟ ଖବର ଲୋକମାନେ ଆଶା କରି ପାରୁ ନାହାନ୍ତି। କେବଳ ସ୍ଥାନୀୟ ଗଣମାଧମ କିଛି ଏହା କରୁଛି।

ଭାଲଚନ୍ଦ୍ର ଷଡ଼ଙ୍ଗୀ, ସ୍ତମ୍ଭକାର

### ପ୍ରେସ୍‌ର କର୍ପୋରେଟାଇଜେଶନ ହେଉଛି



ପ୍ରେସ୍‌ର ସ୍ୱାଧୀନତା ଏବେ ଆପୋସ ବୁଝାମଣାରେ ଚାଲିଛି। ଏହାର କଣ୍ଠରୋଧ ହେବାରେ ଲାଗିଛି, ଯାହାକି ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଏବେ ପ୍ରେସ ବା ଗଣମାଧମର କର୍ପୋରେଟାଇଜେଶନ ହେଉଛି। ସେମାନେ ଗଣମାଧମକୁ ନିଜ ହାତମୁଠାରେ ରଖି ନିଜର ଫାଇଦା ହାସଲ କରୁଛନ୍ତି। ଗଣମାଧମ ମଧ ସତକଥା ଲେଖିବାକୁ ବା କହିବାକୁ ସାହସ କରୁନାହିଁ। କହିଲେ ବିପଦ, ନ କହିଲେ ଠିକ୍ ଅଛି ଏହି ନ୍ୟାୟରେ ଚାଲିଛି। ଫଳରେ ସାଧାରଣ ଲୋକଙ୍କ ସ୍ୱାର୍ଥରେ ବ୍ୟାଘାତ ଘଟୁଛି।

ପ୍ରଣତି ମହାନ୍ତି, ପୂର୍ବତନ ବାର୍ତ୍ତା ସମ୍ପାଦକ,
ଆକାଶବାଣୀ କଟକ

### ସରକାର ଯାହା କହୁଛନ୍ତି ତାହା ପ୍ରକାଶିତ ହେଉଛି



ପ୍ରେସ୍ ସ୍ୱାଧୀନତା କିଛି ନାହିଁ। କାରଣ ସରକାର ଯାହା କହୁଛନ୍ତି, ତାହାହିଁ ଖବରକାଗଜ ଏବଂ ଟେଲିଭିଜନରେ ପ୍ରସାରଣ ହେଉଛି। ସାମ୍ବାଦିକତାର ନୀତି ହେଉଛି ସରକାରଙ୍କ ଶତ୍ରୁ ହେବନାହିଁ କି କାହାର ବନ୍ଧୁ ହେବନାହିଁ। ଗଣମାଧମର ମୂଳ ନିୟମ ହେଉଛି ସତ୍ୟ ଖବର ଲୋକଙ୍କ ପାଖରେ ପହଞ୍ଚାଇବା। ମାତ୍ର ଏହି ନିୟମକୁ ଅଣଦେଖା କରାଯାଉଛି। ଏହାଦ୍ୱାରା ସମାଜର ବହୁତ କିଛି ଘଟଣା ପରଦା ପଛରେ ଲୁଚି ଯାଉଛି ଏବଂ ଜନସାଧାରଣ ଜାଣି ପାରୁନାହାନ୍ତି। ଉଚିତ ଖବର ଲୋକଙ୍କ ପାଖରେ ପହଞ୍ଚିବା ଦ୍ୱାରା ସମାଜ ପାଖରେ ସକାରାତ୍ମକ ନିର୍ଯ୍ୟାସ ବାହାରେ। ଏହାହିଁ ସମ୍ପୃକ୍ତ କମ୍ୟୁନିଟି, ରାଜ୍ୟ ବା ଦେଶକୁ ଆଗକୁ ନେଇଥାଏ।

ରାଜାରାମ ଶତପଥୀ, ବରିଷ୍ଠ ସାମ୍ବାଦିକ

### ପ୍ରେସ୍ ସ୍ୱାଧୀନତା ସ୍ୱେଚ୍ଛାଚାରିତାରେ ପରିଣତ ନ ହେବା ଆବଶ୍ୟକ



ବର୍ତ୍ତମାନ ପ୍ରେସ୍ ଫ୍ରିଡମ୍ ବୋଲି କିଛି ନାହିଁ। ଅପରପକ୍ଷେ ପ୍ରେସ୍ ସ୍ୱାଧୀନତା ପ୍ରେସ୍ ସ୍ୱେଚ୍ଛାଚାରିତାରେ ପରିଣତ ନ ହେବା ଆବଶ୍ୟକ। ପୂର୍ବରୁ କେବଳ ମୁଦ୍ରଣ ଗଣମାଧମ ଥିଲା। ଏବେ ବୈଦ୍ୟୁତିକ ଏବଂ ସାମାଜିକ ଗଣମାଧମ ଚାଲିଛି। ଏହାପରେ ଲୋକମାନେ ଆଗରୁ ଯେପରି ଖବରକାଗଜ ପାଠ କରୁଥିଲେ ତାହା କରୁନାହାନ୍ତି। ଟିଭି ଏବଂ ଏବେ ସାମାଜିକ ଗଣମାଧମକୁ ଲୋକମାନେ ବେଶି ଦେଖୁଛନ୍ତି। ମାତ୍ର ଅନେକ ସମୟରେ ଦେଖାଯାଉଛି ଯେ, ସାମାଜିକ ଗଣମାଧମ ଲୋକଙ୍କ ଦୃଷ୍ଟି ନିଜ ଆଡକୁ ନେବା ପାଇଁ ମନଇଚ୍ଛା ଏପରିକି ଭୁଲ୍ ଖବର ପ୍ରସାରଣ କରୁଛନ୍ତି, ଯାହାକି ଲୋକଙ୍କୁ ମିସ୍‌ଗାଇଡ୍ କରୁଛି। ଗଣମାଧମକୁ ନିୟନ୍ତ୍ରଣ କରିବାକୁ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ରହିଛି। ଅପରପକ୍ଷେ ଡିଜିଟାଲ୍ ମିଡିଆକୁ ଆୟତ୍ତ କରିବା ପାଇଁ କୌଣସି ଆଇନ୍ ହୋଇନାହିଁ। ଏଥିପାଇଁ ଡିଜିଟାଲ୍ ମିଡିଆ ଏଥିକ୍ସ କୋଡସ୍ ରୁଲ୍‌ସ-୨୦୨୧ ନାମରେ ଏକ ଆଇନ୍ କେନ୍ଦ୍ର ସରକାର ଆଣିବାକୁ ଯାଉଛନ୍ତି। ଅପରପକ୍ଷେ ଖବର ସଂଗ୍ରହ ସମୟରେ ସାମ୍ବାଦିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଗୁରୁ କଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ



## ଦେଶବ୍ୟାପୀ ଏନ୍‌ଆର୍‌ସି ସମୟର ଆବଶ୍ୟକତା: ବିଶ୍ୱଶର୍ମା

ବେଙ୍ଗାଲୁରୁ, ୨।୫(ଆଇଏଏନ୍‌ଏସ୍)

ସରକାରୀ ଯୋଜନା ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ପାଖରେ ପହଞ୍ଚାଇବାକୁ ସୁନିଶ୍ଚିତ କରିବା ନିମନ୍ତେ ନାଗରିକମାନଙ୍କ ଜାତୀୟ ପଞ୍ଜିକା (ଏନ୍‌ଆର୍‌ସି) ସାରା ଦେଶରେ ଲାଗୁ ହେବା ଆବଶ୍ୟକ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର କହିଛନ୍ତି। କର୍ଣ୍ଣାଟକରେ ନିର୍ବାଚନ ପ୍ରଚାରରେ ଥିବା ବିଶ୍ୱଶର୍ମା ସମାନ ନାଗରିକ ସଂହିତା (ୟୁସିସି) ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏହା ଲିଙ୍ଗଗତ ସମାନତା ସମେତ ଦେଶର ମୁସଲମାନ ମହିଳାଙ୍କୁ ସମାନ ଅଧିକାର ସୁନିଶ୍ଚିତ କରିବ ବୋଲି ସେ ଦାବି କରିଛନ୍ତି। ବେଙ୍ଗାଲୁରୁର ମାଲ୍ଲେଶ୍ୱରମଠାରେ ଗଣମାଧମକୁ ସମ୍ବୋଧିତ କରି ଆସାମ ମୁଖ୍ୟମନ୍ତ୍ରୀ କହିଥିଲେ, ଦେଶ ସ୍ୱାଧୀନତାର ୭୫ ବର୍ଷ ସମ୍ପୂର୍ଣ୍ଣ କରି ଅମୃତ କାଳ ଦିଗରେ ଅଗ୍ରସର ହେଉଛି। ତଥାପି ଦେଶର ପ୍ରକୃତ ନାଗରିକ କିଏ ଆମେ ଜାଣିନାହେଁ। ଫଳରେ ସରକାରୀ ଯୋଜନା ପ୍ରକୃତ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ତେଣୁ ଦେଶବ୍ୟାପୀ ଏନ୍‌ଆର୍‌ସି ଏବେ ସମୟର ଆବଶ୍ୟକତା ବୋଲି ବିଶ୍ୱଶର୍ମା କହିଛନ୍ତି।

## ୟେଦୁରପ୍ପାଙ୍କ ଆସନରୁ ପୁଅ ବିଜୟେନ୍ଦ୍ର ପ୍ରାର୍ଥୀ

ଶିକାରୀପୁରା ୨।୫

ମେ' ୧୦ରେ ହେବାକୁ ଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଜୋର୍‌ଦାର ହୋଇଛି। ଭାଜପାର ଗଡ଼ କୁହାଯାଉଥିବା ଶିବମୋଗା ଜିଲାର ଶିକାରୀପୁରା ଆସନରେ ଏଥର 'ସନ୍ ରାଇଜ' ବା ପୁତ୍ରୋଦୟ ହେବାକୁ ଯାଉଥିବା କୁହାଯାଉଛି। ଦଳର ରାଜ୍ୟ ଶାଖା ଉପାଧ୍ୟକ୍ଷ ବି.ୱାଇ. ବିଜୟେନ୍ଦ୍ର ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଛନ୍ତି। ତାଙ୍କ ବାପା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଶିକାରୀପୁରା ଆସନ ଛାଡିଥିବାବେଳେ ସେଠାରେ ବିଜୟେନ୍ଦ୍ର ପ୍ରାର୍ଥୀ ହୋଇଛନ୍ତି।

## ସମ୍ବଲପୁରରେ ହିଂସା ହେଲେ ଭାଜପା ଦାୟୀ ରହିବ: ବିଜେଡି

### ଉତ୍ତର ନ ଦେଇ ଉଠିଗଲେ ବିଧାୟିକା

ସମ୍ବଲପୁର, ୨।୫(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଘଟିଥିବା ହିଂସା ଘଟଣା ଦୁର୍ଭାଗ୍ୟଜନକ। ଏହା ସମସ୍ତଙ୍କୁ ବ୍ୟଥିତ କରିଥିଲା। ପୋଲିସ ଓ ଜିଲା ପ୍ରଶାସନ ସହିତ ଜନସାଧାରଣଙ୍କ ସହଯୋଗରେ ସହରରେ ଶାନ୍ତି ଫେରିଆସିଛି। ଏହି ଘଟଣାରେ ପୋଲିସ ଅନେକଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ହେଲେ ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଇ ହୀନ ରାଜନୀତି କରୁଛି। ଯଦି ସମ୍ବଲପୁରରେ ପୁଣି ବିଶୃଙ୍ଖଳା ସୃଷ୍ଟି ହୁଏ ତା'ହେଲେ ରାଜ୍ୟ ଭାଜପା ଦାୟୀ ରହିବ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ମହିଳା ସଭାପତି ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।

ସେ ଆହୁରି କହିଛନ୍ତି, ସମ୍ବଲପୁର ଶାନ୍ତି ଓ ଭାଇଚାରାର ସହର। ଅପ୍ରୀତିକର ଘଟଣା ପରେ ସବୁ ଧର୍ମର ପ୍ରୟାସ ଯୋଗୁ ଶାନ୍ତି ଫେରିଆସୁଛି। ଏହାକୁ ଆୟୁଧ ଭାବେ ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌କୁ ବ୍ୟବହାର କରୁଛି। କୋର୍ଟ, ତଦନ୍ତକାରୀ ସଂସ୍ଥା, ମାନବାଧିକାର କମିଶନ, ଏସ୍‌ସିକମିଶନ ଉପରେ ସେମାନଙ୍କ ଭରସା ନାହିଁ ବୋଲି ଭାଜପା ପ୍ରମାଣ କରୁଛି। ଅପରପକ୍ଷେ ଦେଶର ଭାଜପା ଶାସିତ ରାଜ୍ୟଗୁଡିକରେ ନିୟମିତ ଭାବେ ଅଘଟଣ ଘଟୁଛି। କିନ୍ତୁ ସେଠାକୁ ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଯାଉନାହିଁ। ଭାଜପାକୁ ଓଡ଼ିଶାବାସୀ ଉଚିତ୍ ଜବାବ ଦେଉଛନ୍ତି ଓ ଆଗକୁ ମଧ ଦେବେ ବୋଲି ନେତାମାନେ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ବରିଷ୍ଠ ନେତା ନଳିନୀ କାନ୍ତ ପ୍ରଧାନ, ଜିଲା ପରିଷଦ ସଭାପତି କୁମୁଦିନୀ ନାଏକ, ମୁଖପାତ୍ର ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ସ୍ନେହାଙ୍ଗିନୀ ବକ୍ତବ୍ୟ ଦେବା ପରେ ଖବରଦାତାମାନେ ତାଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ପୋଲିସ ଓ ପ୍ରଶାସନକୁ ସୁରକ୍ଷା ଦେବାକୁ ବିଜେଡି ଏଭଳି କରୁଛିକି, ପୋଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ଦାୟୀ କିଏ, ଆହତ ବିଶ୍ୱନାଥ ଶିଖା ଓ ମୃତ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ପରିବାର ବର୍ଗଙ୍କୁ ପ୍ରଶାସନ ଓ ବିଜେଡି କର୍ମୀ ନିଜ ଅଧୀନରେ ରଖିବାକୁ ଯୋଜନା କରୁଛନ୍ତି ଭଳି ପ୍ରଶ୍ନ ପଚାରିଥିଲେ। ହେଲେ ବିଧାୟିକା ଛୁରିଆ ପ୍ରଶ୍ନର ଉତ୍ତର ନ ଦେଇ ଏଡାଇ ଚାଲିଯାଇଥିଲେ।




ସମ୍ବଲପୁର ବିଜେଡିର ଖବରଦାତା ସମ୍ମିଳନୀ।

## ବିଜେଡିର ତୁଷ୍ଟୀକରଣ ନୀତି: ଭାଜପା ସଂସଦୀୟ କମିଟି

### ସମ୍ବଲପୁର ହିଂସା ଘଟଣା

- ସିବିଆଇ ତଦନ୍ତ ହେଉ, ଏନ୍‌ଆଇଏ ସହଯୋଗ ନିଆଯିବ
- ପଶ୍ଚିମବଙ୍ଗ ଭଳି ଓଡ଼ିଶା ସରକାର

ସମ୍ବଲପୁର, ୨।୫(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଶୋଭାଯାତ୍ରା ସମୟରେ ପଥରମାଡ଼, ଆକ୍ରମଣ ସହ ଜେହାଦୀ ନାରା ଦିଆଯାଇଥିଲା, ଯାହାର ଭିଡିଓ ଭାଇରାଲ ହୋଇଥିଲା। ରାଜ୍ୟ ସରକାରଙ୍କ ତୁଷ୍ଟୀକରଣ ନୀତି ଯୋଗୁ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୂର୍ବ ଯୋଜନା ଥିବା ଓ ସୂଚନା ଥାଇ ମଧ ସରକାର ଦଙ୍ଗା ରୋକିବାରେ ବିଫଳ ହେଲେ। ଓଡ଼ିଶାରେ ବିଜେଡି ସରକାର ଅପରାଧ ନିୟନ୍ତ୍ରଣ କରିପାରୁନାହିଁ। ଉତ୍ତରପ୍ରଦେଶ ସରକାରଠାରୁ ତାଲିମ ନେବା ଆବଶ୍ୟକ। ସେଠାରେ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ଉପରେ ବୁଲ୍‌ଡୋଜର ଚଳାଯାଉଛି। ଓଡ଼ିଶା ସରକାର ଏଠାରେ ଓଲଟା ସୁରକ୍ଷା ଦେଉଛନ୍ତି। ପଶ୍ଚିମବଙ୍ଗ ଭଳି ସରକାର ଓଡ଼ିଶାରେ ରହିଛି। ରାଜ୍ୟ ପୋଲିସ ଉପରେ ଭରସା କରିହେବ ନାହିଁ। ତେଣୁ ସିବିଆଇ ଦ୍ୱାରା ତଦନ୍ତ କରାଯାଉ। ଆବଶ୍ୟକ ପଡ଼ିଲେ ଏନ୍‌ଆଇଏର ମଧ ସହଯୋଗ ନିଆଯିବ ବୋଲି ମଙ୍ଗଳବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସିଥିବା ଭାଜପା ସଂସଦୀୟ କମିଟି ସଦସ୍ୟମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।



ଭବାନିପାଲି ଗ୍ରାମରେ ଆହତଙ୍କ ସହ ଆଲୋଚନା କରୁଛନ୍ତି କମିଟି ସଦସ୍ୟ।

ସଂସଦୀୟ କମିଟି ଅଧକ୍ଷ ଉତ୍ତରପ୍ରଦେଶ ରାଜ୍ୟ ସଭା ସଦସ୍ୟ ବ୍ରିଜ୍ ଲାଲ ଆହୁରି କହିଥିଲେ, ଶୋଭାଯାତ୍ରାରେ ହିନ୍ଦୁଙ୍କ ଉପରେ ଆକ୍ରମଣ କରାଗଲା। ୟୁପିର ଅପରାଧୀ ଗୁଣ୍ଡ ମୁସଲିମ ଆସି ଓଡ଼ିଶାରେ ଆଶ୍ରୟ ନେଉଛି। ୟୁପି ଏସ୍‌ଟିଏଫ୍ ଏଠାକୁ ଆସି ଚଢ଼ାଉ କରୁଛି। ତେଣୁ ପୋଲିସ ବ୍ୟବସ୍ଥା ଢିଲା ହୋଇଛି। ଦଙ୍ଗା ଘଟଣାରେ ଆଦିବାସୀ ଯୁବକ ସ୍ୱର୍ଗତ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ପରିବାରର କାହାକୁ ଭେଟିବାକୁ ଦିଆଯାଉ ନାହିଁ। ରାତିଅଧିଆ ତାଙ୍କ ମୃତଦେହକୁ ପରମ୍ପରା ପାଳନ ନ କରି ବ୍ୟବଚ୍ଛେଦ କରିଦିଆଗଲା। ଏବେ ମଧ ତାଙ୍କ ଘରେ ତାଲା ପକାଇ ଦିଆଯାଇଛି। ଯଦି ପ୍ରଶାସନ ପାଖରେ ଖବର ନାହିଁ, ତା'ହେଲେ ତାଙ୍କୁ କ୍ଷତିପୂରଣ ଟଙ୍କା କିଭଳି ଦିଆଯାଉଛି। ସତ୍ୟକୁ ଲୁଚାଇବା ପାଇଁ ସରକାର ଲାଗିପଡ଼ିଛନ୍ତି। ହେଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ। ଦଳ ବିଧାନସଭା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସେ କହିଥିଲେ।

ସଂସଦୀୟ କମିଟି ସଦସ୍ୟମାନେ ପ୍ରଥମେ ବୁର୍ଲା ଥାନା ସାନସିଂହାରି ଗ୍ରାମର ମୃତକ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ଘରକୁ ଯାଇଥିଲେ। ସେଠାରେ ପରିବାର ଅନୁପସ୍ଥିତ ଥିବାରୁ ପାଖ ପଡ଼ୋଶୀଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ଯୁଯୁମୁରା ଥାନା ଭବାନୀପାଲି ଗ୍ରାମର ଆହତ ବିଶ୍ୱନାଥ ଶିଖା (କାଳିଆ)ଙ୍କୁ ଭେଟିଥିଲେ। ଶୋଭାଯାତ୍ରା ସମୟରେ ହୋଇଥିବା ଆକ୍ରମଣ ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ପରେ ସର୍କିଟ ହାଉସରେ ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ମହିଳାମାନଙ୍କୁ ଭେଟି ଆଲୋଚନା କରିଥିଲେ। ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ନେଇ ଆଇଜି ଅଫିସରେ ମଧ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ନିଯୁକ୍ତ କରିଥିବା ଏହି କମିଟିରେ ଝାଡ଼ଖଣ୍ଡ ରାଜ୍ୟ ସଭା ସଦସ୍ୟ ସମୀର ଓରାଁଓ, ରାଜ୍ୟ ସଭା ସଦସ୍ୟ ଆଦିତ୍ୟ ସାହୁ, ପଶ୍ଚିମବଙ୍ଗ ପୁରୁଲିଆ ସାଂସଦ ଜ୍ୟୋତିର୍ମୟ ସିଂ ମହତୋ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରି ନାଏକ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ଉପସ୍ଥିତ ଥିଲେ।

DHARITRI
ଭୁବନେଶ୍ୱର, ବୁଧବାର, ମେ' ୩/୨୦୨୩ | Bhubaneswar, Wednesday, May 3/2023 | ପୃଷ୍ଠା-୧



**ଶ୍ରୀଶଙ୍କରଙ୍କୁ ସ୍ୱର୍ଣ୍ଣ ପଦକ**

ଆମେରିକାର ଚୁଲା ଭିଷ୍ଟାଠାରେ ଅନୁଷ୍ଠିତ ଏମ୍‌ଭିଏ ହାଇପରଫର୍ମାନ୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୦୬ ୦୩

**ମେ' ୮ରୁ 'ଟାଇଗର-୩'ର ଶୁଟିଂ ଆରମ୍ଭ**

ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ ଫିଲ୍ମ 'ଟାଇଗର-୩'ର ଶୁଟିଂ ମେ' ୮ରୁ ଆରମ୍ଭ ହେବାକୁ ଯାଉଛି।



**ଆସାମରୁ ବିଦାହେବେ ୩୦୦ ମଦୁଆ ପୋଲିସ**




# ଏକାଧିକ ପ୍ଲଟ୍ ଆବଣ୍ଟନ ଉପରେ ହାଇକୋର୍ଟଙ୍କ ରୋକ

**ବିଡିଏରେ କର୍ମଚାରୀଙ୍କ ଇଚ୍ଛାଧୀନ କୋଟା ପ୍ଲଟ୍ ନେବା ମାମଲା**

- ରାଜ୍ୟର ସବୁ ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ପ୍ରବର୍ତ୍ତନ କରିବାକୁ ନିର୍ଦ୍ଦେଶ

କଟକ ଅଫିସ,୨।୫

ରାଜ୍ୟର ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏକାଧିକ ପ୍ଲଟ୍ ନେବା ଉପରେ ଓଡ଼ିଶା ହାଇକୋର୍ଟ ରୋକ ଲଗାଇଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କଠାରୁ ଏକାଧିକ ପ୍ଲଟ୍ ନେବା ନିମନ୍ତେ ଦାଏର ମାମଲାର ବିଚାର କରି ବିଚାରପତି ବିଶ୍ୱନାଥ ରଥ ଜଣେ ବ୍ୟକ୍ତି ଯେକୌଣସି ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ଗୋଟିଏରୁ ଅଧିକ ପ୍ଲଟ୍ ନେଇପାରିବେ ନାହିଁ ବୋଲି ରାୟ ପ୍ରଦାନ କରିଛନ୍ତି। ଏହି ରାୟକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଡ୍‌ଭୋକେଟ୍ ଜେନେରାଲ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ଜରିଆରେ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିୟମାବଳୀ ପ୍ରବର୍ତ୍ତନ କରିବାକୁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ବିଡିଏର ଜଣେ ଅବସରପ୍ରାପ୍ତ କର୍ମଚାରୀ ସରୋଜକାନ୍ତ ମଲ୍ଲିକ ବିଡିଏରୁ କର୍ମଚାରୀ ଇଚ୍ଛାଧୀନ କୋଟା ସହିତ ଭିନ୍ନ ତରିକାରେ ୩ଟି ପ୍ଲଟ୍ ହାତେଇଥିଲେ। ସେ ବିଡିଏର ଜୁନିୟର ଆସିଷ୍ଟାଣ୍ଟ ଥିବାବେଳେ କଳିଙ୍ଗନଗର ପ୍ଲଟେଡ୍ ଡେଭଲପମେଣ୍ଟ ଯୋଜନାରେ କର୍ମଚାରୀ ଇଚ୍ଛାଧୀନ କୋଟାରେ ୧୯୯୧ରେ ଏକ ପ୍ଲଟ୍ ନେଇଥିଲେ। ୧୯୯୯ରେ ସେ ଏହି ପ୍ଲଟ୍‌କୁ ବିଡିଏ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ଫରହଟ ନିଜାମି ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ତାଙ୍କ ନାମରେ ବିଡିଏ ଅଞ୍ଚଳରେ କୌଣସି ଆବାସିକ ବା ବ୍ୟବସାୟିକ ପ୍ଲଟ୍ ନ ଥିବାରୁ ୨୦୦୦ରେ ସେ ଏକ ବ୍ୟବସାୟିକ ପ୍ଲଟ୍ ଡିଷ୍ଟ୍ରିକ୍ଟ ସେଣ୍ଟର ପ୍ଲଟେଡ୍ ଡେଭେଲପମେଣ୍ଟ ଯୋଜନାରେ ଚନ୍ଦ୍ରଶେଖରପୁରଠାରେ ବିଡିଏଠାରୁ ନେଇଥିଲେ। ତାଙ୍କର ରହିବା ପାଇଁ କୌଣସି ଆବାସିକ ପ୍ଲଟ୍ ନ ଥିବାରୁ ସେ କର୍ମଚାରୀ ☞ପୃଷ୍ଠା-୪

# ଆସିପାରେ ବାତ୍ୟା 'ମୋଚା'

## ପ୍ରସ୍ତୁତ ରହିବାକୁ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨।୫(ବ୍ୟୁରୋ)

ସମ୍ଭାବ୍ୟ ବାତ୍ୟା 'ମୋଚା'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନରେ ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଗ୍ରୀଷ୍ମ ଋତୁର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। 'ଫନୀ' ବାତ୍ୟାକୁ ମନେପକାଇ ପ୍ରଶାସନ ସବୁବେଳେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗ୍ରୀଷ୍ମ ଋତୁରେ ଯେଉଁ ବାତ୍ୟା ଆସେ, ତା'ର ଆକଳନ କରିବା ବହୁତ ଜଟିଳ। ୨୦୧୯ରେ ଫନୀ ବାତ୍ୟା ଅଚାନକ ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଆମ ପାଇଁ ସବୁ ଜୀବନ ମୂଲ୍ୟବାନ। ତେଣୁ ଆମକୁ ସବୁବେଳେ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସହିତ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ ଆଦି ଆଗୁଆ ପ୍ରସ୍ତୁତ ରହିବା ସହ ଉପକୂଳ ଓ ତଳିଆ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ବାତ୍ୟା ସମ୍ପର୍କରେ ନିୟମିତ ସମୀକ୍ଷା କରିବା ସହିତ ସ୍ୱତନ୍ତ୍ର ରିଲିଫ୍ କମିଶନର ପରିସ୍ଥିତି ଉପରେ ନଜର ରଖି ସମସ୍ତ ବିଭାଗଗୁଡ଼ିକ ସହିତ ସମନ୍ୱୟ ରଖି କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଧୀରେ ଧୀରେ ଘନୀଭୂତ ହୋଇ ୮ ତାରିଖରେ ଲଘୁଚାପରେ ପରିଣତ ହେବ। ଏହା ପରେ ଲଘୁଚାପ ଡିପ୍ରେସନ(ଅବପାତ) ଓ ଡିପ୍ ଡିପ୍ରେସନ(ଗଭୀର ଅବପାତ)ର ରୂପ ନେବ। ଆସନ୍ତା ୧୦ କିମ୍ବା ୧୧ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ଏବଂ ପୂର୍ବ ତାମିଲନାଡୁ ଉପକୂଳରେ ସିଭିୟର ସାଇକ୍ଲୋନିକ ଷ୍ଟର୍ମ ବା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ବିଭିନ୍ନ ପାଣିପାଗ ମଡେଲ ସୂଚନା ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା ୨୦୧୯ ମେ' ୩ ତାରିଖରେ ହୋଇଥିବା 'ଫନୀ' ରୁଟ୍‌ରେ ଗତି କରିପାରେ। ଯଦି ଏହି ଆକଳନ ଠିକ୍ ହୁଏ ତେବେ ବାତ୍ୟା ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବ। ନଚେତ୍ ଏହା ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡେ ମୁହାଁଇପାରେ। ବାତ୍ୟାର ଗତିପଥ କୁଆଡ଼େ ହେବ ସେ ନେଇ ଏ ଯାଏ ସ୍ପଷ୍ଟ ସୂଚନା ମିଳିନାହିଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ କରାଯାଇ ନାହିଁ। ଆସନ୍ତା ୩/୪ ଦିନ ମଧ୍ୟରେ ଏ ନେଇ ସବୁ କିଛି ସ୍ପଷ୍ଟ ହେବ। ଯଦି ଏହି ବାତ୍ୟା ଆସେ ତା'ର ନାମ 'ମୋଚା' ରହିବ। ଏହାକୁ ୟେମେନ୍ ଦ୍ୱାରା ନାମକରଣ କରାଯାଇଛି।

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ଗ୍ରୀଷ୍ମ ଋତୁ ବାତ୍ୟାର ପ୍ରଭାବ ବହୁତ ବେଶି ହୋଇଥାଏ। ଗତ କିଛିବର୍ଷ ଧରି ଆମେ ରାଜ୍ୟରେ ଜିରୋ କାଜୁଆଲ୍ଟି ନୀତି ଅବଲମ୍ବନ କରି ସଫଳତା ପାଇଛୁ। ଏ କ୍ଷେତ୍ରରେ ମଧ୍ୟ ନିୟମିତ ସମୀକ୍ଷା ଜାରି ରହିଛି। ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ☞ପୃଷ୍ଠା-୪

**ସରକାରୀ ପ୍ରସ୍ତୁତି**

- ମୁଖ୍ୟ ଶାସନ ସଚିବ ନିୟମିତ ବୈଠକ କରିବେ
- ଏସ୍‌ଆର୍‌ସି ପରିସ୍ଥିତି ଉପରେ ନଜର ରଖିବେ
- ୧୭ ଏନ୍‌ଡିଆର୍‌ଏଫ୍, ୨୦ ଓଡ୍ରାଫ୍ ଟିମ୍ ପ୍ରସ୍ତୁତ

# ବଦଳିବ ଓଡ଼ିଶା ବୋଟ୍ ଅଧିନିୟମ

- ୧୯ ବର୍ଷ ପରେ ଆସୁଛି କେନ୍ଦ୍ରୀୟ ଆଇନ ଢାଞ୍ଚାରେ ଅଧିନିୟମ
- ଚିଲିକାରେ ପରୀକ୍ଷାମୂଳକ ଭାବେ ଚାଲିବ ସୌରଚାଳିତ ବୋଟ୍

ଭୁବନେଶ୍ୱର, ୨।୫(ବ୍ୟୁରୋ)

ଓଡ଼ିଶା ବୋଟ୍ ଅଧିନିୟମ ୧୯ ବର୍ଷ ପରେ ବଦଳିବାକୁ ଯାଉଛି। କେନ୍ଦ୍ରୀୟ ଆଇନ ଢାଞ୍ଚାରେ ଏହା ନୂଆ ରୂପ ନେବ। ୨୦୦୪ରେ ପ୍ରଣୀତ ଓଡ଼ିଶା ରାଜ୍ୟ ବୋଟ୍ ଅଧିନିୟମ ୧୯ ବର୍ଷ ପରେ ବଦଳିବାକୁ ଯାଉଛି। ଜଳପଥ ଯାତ୍ରୀ ଏବଂ ମାଲ ପରିବହନ କ୍ଷେତ୍ରରେ ନିରାପତ୍ତା ସହ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ରଖିଥିବା ଏହି ଅଧିନିୟମ କାର୍ଯ୍ୟକାରୀ ହେଲେ ଆଗାମୀ ଦିନରେ ଜଳପଥରେ ଉଭୟ ଯାତ୍ରୀ ଓ ପଣ୍ୟ କାରବାର ବୃଦ୍ଧି ଘଟିବ। ନୂଆ ଅଧିନିୟମ ଅନୁସାରେ ସାରା ରାଜ୍ୟରେ ଗୋଟିଏ ପ୍ରକାର ବୋଟ୍ ଚାଲିବ। ସମୁଦ୍ର, ନଦୀ ଏବଂ ହ୍ରଦରେ ଯାତ୍ରୀବାହୀ ବୋଟ୍ ଚାଲିବ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

ରାଜ୍ୟ ଅନ୍ତର୍ଦ୍ଦେଶୀୟ ନୌ-ପରିବହନ ଅଧିନିୟମ ଚିଠା ପ୍ରସ୍ତୁତ ପୂର୍ବରୁ ମଙ୍ଗଳବାର ସମସ୍ତ ଅଂଶୀଦାରଙ୍କୁ ନେଇ ଭୁବନେଶ୍ୱରଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ବିଭିନ୍ନ ମତାମତ ସଂଗ୍ରହ ସମେତ ଅଧିନିୟମର କାର୍ଯ୍ୟକାରିତା ନେଇ ବ୍ୟାପକ ଆଲୋଚନା ହୋଇଛି। ଏହି ଅବସରରେ ସଚିବ ପାଢ଼ୀ କହିଛନ୍ତି, ଅଂଶୀଦାରମାନଙ୍କ ମୂଲ୍ୟବାନ୍ ମତାମତ ସଂଗ୍ରହ ହେଉଛି କର୍ମଶାଳା ଆୟୋଜନର ମୂଳ ଉଦ୍ଦେଶ୍ୟ। ଏହା ଅଧିନିୟମ ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନରେ ସହାୟକ ହେବ। ଦେଶରେ ଏହି ଅଧିନିୟମ ଆଣିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବ। ଆସନ୍ତା ୨ ମାସ ମଧ୍ୟରେ ଏହାକୁ ଲାଗୁ କରିବାକୁ ଯାଉଛୁ। ଆଇନଗତ ପ୍ରକ୍ରିୟା ଥିବାରୁ ସାମାନ୍ୟ ସମୟ ଲାଗିବ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତ ସରକାରଙ୍କ ☞ପୃଷ୍ଠା-୪

# ୫ ଜିଲାର ୪୪୯ ରୂପାନ୍ତରିତ ହାଇସ୍କୁଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨।୫(ବ୍ୟୁରୋ)

୫-ଟି ସ୍କୁଲ ରୂପାନ୍ତର ଆମ ସ୍କୁଲର ପରିବେଶକୁ ସୁନ୍ଦର କରିବା ସହିତ ଆଧୁନିକ ଶିକ୍ଷାର ବ୍ୟବସ୍ଥା କରିଛି। ଏହା ଭିତରେ ସବୁଠାରୁ ଭଲ କଥା ହେଉଛି, ଝିଅମାନଙ୍କ ପାଇଁ ସ୍ୱଚ୍ଛ, ସୁନ୍ଦର ଓ ସ୍ୱତନ୍ତ୍ର ପାଇଖାନା ବ୍ୟବସ୍ଥା କରାଯାଇଛି। ଏହା ସ୍କୁଲ ପରିବେଶକୁ ସମସ୍ତଙ୍କ ପାଇଁ ବହୁତ ସହଜ କରିଛି ବୋଲି ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମରେ ଯୋଗଦେଇ କେତେଜଣ ଛାତ୍ରୀ କହିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ୩ୟ ପର୍ଯ୍ୟାୟର ୩ୟ ଦିନରେ ମଙ୍ଗଳବାର ୫ଟି ଜିଲାର ୪୪୯ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏଥିରେ ବାଲେଶ୍ୱର ଜିଲାର ୨୩୩ ହାଇସ୍କୁଲ, ନୟାଗଡ଼ ଜିଲାର ୬୪, ନୂଆପଡ଼ା ଜିଲାର ୫୮, ସୁନ୍ଦରଗଡ଼ ଜିଲାର ୪୯ ହାଇସ୍କୁଲ ଏବଂ ରାୟଗଡ଼ା ଜିଲାର ୪୫ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ୩ୟ ପର୍ଯ୍ୟାୟରେ ୩ଦିନରେ ସମୁଦାୟ ୧୧୩୪ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି। ଗତ ୨ଟି ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ ସ୍କୁଲ ରୂପାନ୍ତରିତ ହୋଇଛି। ୩ଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାପରେ ରାଜ୍ୟରେ ସମୁଦାୟ ୬୧୩୨ ସ୍କୁଲ ରୂପାନ୍ତରିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୀବନର ସବୁ କ୍ଷେତ୍ରକୁ ଟେକ୍ନୋଲୋଜି ପ୍ରଭାବିତ କରୁଛି। ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। ସେହିପରି ସମୟ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଦ୍ୱିତୀୟ ବିଷୟଟି ହେଉଛି ଟିମ୍‌ୱାର୍କ। ପିଲାମାନେ ମିଳିମିଶି କାମ କଲେ ସଫଳତାର ସମ୍ଭାବନା ବଢ଼ିବ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବାଲେଶ୍ୱର ଜିଲାରେ ସୋର ବିଧାୟକ ପର୍ଶୁରାମ ଧଡ଼ା, ନୟାଗଡ଼ରେ ବିଧାୟକ ଅରୁଣ କୁମାର ସାହୁ, ନୂଆପଡ଼ାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସୁନ୍ଦରଗଡ଼ରେ ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ରାୟଗଡ଼ାରେ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ଅରୁଣ ସାହୁ କହିଛନ୍ତି, ସ୍କୁଲ ରୂପାନ୍ତରଣ ଯୋଗୁ ଆଜି ସରକାରୀ ସ୍କୁଲର ମର୍ଯ୍ୟାଦା ବୃଦ୍ଧି ପାଇଛି। ବେସରକାରୀ ସ୍କୁଲରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲକୁ ଫେରାଇ ଆଣୁଛନ୍ତି। କାର୍ଯ୍ୟକ୍ରମ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି, ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ସରକାରୀ ସ୍କୁଲକୁ ରୂପାନ୍ତରଣ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ।

# ପଡ଼ିଆ ହେଉ କି ରାସ୍ତା, ଝଗଡ଼ା ଗ୍ରହଣୀୟ ନୁହେଁ

ଭୁବନେଶ୍ୱର,୨।୫(ବ୍ୟୁରୋ)

ଆଇପିଏଲ୍ ମ୍ୟାଚ୍ ସମୟରେ ସୋମବାର ଇଣ୍ଡିଆ ଟିମ୍‌ର ଦୁଇ ଖେଳାଳିଙ୍କ ମଧ୍ୟରେ ଦେଖାଦେଇଥିବା ବାକ୍‌ଯୁଦ୍ଧକୁ ନେଇ ଏବେ ଏହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା। ଭାରତୀୟ ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ ତଥା ବ୍ୟାଟସ୍‌ମ୍ୟାନ ବିରାଟ କୋହଲି ଏବଂ ପୂର୍ବତନ ଖେଳାଳି ଗୌତମ ଗମ୍ଭୀରଙ୍କ ମଧ୍ୟରେ ପଡ଼ିଆ ମାଝିରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଏହାକୁ ନେଇ ସବୁଆଡ଼େ ଚର୍ଚ୍ଚା ଚାଲିବା ସହ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ପଡ଼ିଆ ଭିତରେ ଚାଲିଥିବା ଗଣ୍ଡଗୋଳର ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ଫଟୋକୁ ଦେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଏକ ଟୁଇଟ୍‌କରି ଉଲ୍ଲେଖ କରିଛନ୍ତି, ଖେଳ ପଡ଼ିଆରେ ହେଉ ବା ରାସ୍ତାରେ ଝଗଡ଼ାକୁ କୌଣସି ମତେ ଗ୍ରହଣ କରାଯିବ ନାହିଁ। ସଡ଼କ ସୁରକ୍ଷା ଆଇପିଏଲ୍ ଖେଳ ପଡ଼ିଆ ଗଣ୍ଡଗୋଳରୁ ଏହା ଶିଖିଲା। ଯଦି କେହି ରାଗିକି ଗାଡ଼ି ଚଳାଉଛି ତାହାର ଅର୍ଥ ନୁହେଁ ତାକୁ ରାଗିକି ପ୍ରତିକ୍ରିୟା ଦେବା। ଶାନ୍ତ ରହି ସୁରକ୍ଷିତ ଗାଡ଼ି ଚଳାଇବାକୁ ଏସ୍‌ଟିଏ ଆହ୍ୱାନ କରିଛି।

**ଆଇପିଏଲ୍ ଉଦାହରଣ ଦେଇ ଏସ୍‌ଟିଏର ଟୁଇଟ୍**




# ବିବାହ ବନ୍ଧନରେ ସମ୍ବଲପୁର-ବଲାଙ୍ଗୀର ଜିଲାପାଳ

ସମ୍ବଲପୁର/ବଲାଙ୍ଗୀର ଅଫିସ,୨।୫(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କ ବିବାହ ଗୁଆହାଟୀର ଏକ ହୋଟେଲରେ ସମ୍ପନ୍ନ ହୋଇଯାଇଛି। ବିବାହ ଉତ୍ସବର କେତେକ ଭିଡିଓ ଓ ଫଟୋ ସାମାଜିକ ଗଣମାଧ୍ୟମରେ ଦୁଇଦିନ ହେଲା ଘୂରିବୁଲୁଛି। ମେହେନ୍ଦି ସମୟରେ ଉଭୟ ଆଇଏଏସ୍ ଯୋଡ଼ି ନୃତ୍ୟ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହାସହ ବିବାହ ମୁହୂର୍ତ୍ତର କେତେକ ଦୃଶ୍ୟ ମଧ୍ୟ ମଙ୍ଗଳବାର ଭାଇରାଲ ହୋଇଛି। ଏଥିରେ ଉଭୟଙ୍କ ପରିବାର ଓ ପରିଜନ ଉପସ୍ଥିତ ଥିବା ଦେଖାଯାଇଛି। ପୂର୍ବରୁ ଫେବୃୟାରୀ ୨୦ରେ ବଲାଙ୍ଗୀର ଜିଲାପାଳ ରାଣା ଓ ସମ୍ବଲପୁର ଜିଲାପାଳ ଦାସଙ୍କ ନିର୍ବନ୍ଧ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମ୍ବଲପୁର ଜିଲାପାଳଙ୍କ ସରକାରୀ ବାସଭବନରେ ଖୁବ୍ କମ୍‌ସଂଖ୍ୟକ ଶୁଭେଚ୍ଛୁଙ୍କ ଗହଣରେ ହୋଇଥିଲା।

ପ୍ରକାଶ ଯେ, ସମ୍ବଲପୁର ଜିଲାପାଳ ଥିବା ଅନନ୍ୟା ପୂର୍ବରୁ ଆଇଏଏସ୍ ଅଧିକାରୀ ଅବଦଲ ଅଖତରଙ୍କୁ ବିବାହ କରିଥିଲେ। ସେହିପରି ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ମଧ୍ୟ ଆଇଏଏସ୍ ଅଧିକାରିଣୀ ସ୍ୱଧାଦେବ ସିଂହଙ୍କୁ ବିବାହ କରିଥିଲେ। ଉଭୟ ଅନନ୍ୟା ଏବଂ ଚଞ୍ଚଳ ସେମାନଙ୍କ ପ୍ରଥମ ଜୀବନସାଥୀଙ୍କଠାରୁ ଅଲଗା ହୋଇ ଦ୍ୱିତୀୟ ବିବାହ କରିଛନ୍ତି। ଅନନ୍ୟା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହୋଇଥିବାବେଳେ ଚଞ୍ଚଳ ୨୦୧୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ।



ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା।

# ରେକର୍ଡ ପରିମାଣର ଜିଏସ୍ଟି ସଂଗ୍ରହ

- ଗତବର୍ଷ ଅପେକ୍ଷା ୧୨% ଅଧିକ ଟିକସ ଆଦାୟ
- ଏପ୍ରିଲରେ ୧.୮୭ ଲକ୍ଷ କୋଟିରୁ ଅଧିକ ଜିଏସ୍ଟି ସଂଗ୍ରହ




ନୂଆଦିଲ୍ଲୀ,୨।୫

ଦେଶର ଅର୍ଥନୀତିକୁ ସଶକ୍ତ କରାଇବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି। ଏହାର ପ୍ରତିଫଳନ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ଆଦାୟରେ ପ୍ରତିଫଳିତ ହେଉଛି। ଏପରିକି ଚଳିତ ଆର୍ଥିକ ବର୍ଷ (୨୦୨୩-୨୪ ବର୍ଷ)ର ପ୍ରଥମ ମାସରେ ରେକର୍ଡ ପରିମାଣର ଜିଏସ୍ଟି ସଂଗ୍ରହ ହୋଇଛି। ଏ ନେଇ ମଧ୍ୟ ନିକଟରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ଏପ୍ରିଲର ଜିଏସ୍ଟି ସଂଗ୍ରହ ସମ୍ପର୍କିତ ସମସ୍ତ ସୂଚନା ବିସ୍ତୃତ ଭାବେ ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ଦେଶର ଜିଏସ୍ଟି ସଂଗ୍ରହ ୧.୮୭ (୧,୮୭,୦୩୫) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ମାସରେ ଦେଶର ଜିଏସ୍ଟି ସଂଗ୍ରହ ୧,୬୭,୫୪୦ ଲକ୍ଷ କୋଟି ଟଙ୍କା ରହିଥିଲା। ଏପରିକି ଗତ ଆର୍ଥିକ ବର୍ଷ ଏପ୍ରିଲରେ ସଂଗୃହୀତ ଜିଏସ୍ଟି ରାଜସ୍ୱ ଅପେକ୍ଷା ଚଳିତ ଆର୍ଥିକ ବର୍ଷର ଏପ୍ରିଲରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଏପ୍ରିଲରେ ସଂଗୃହୀତ ମୋଟ ଜିଏସଟି ରାଜସ୍ୱ ୧,୮୭,୦୩୫ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍ଟି) ୩୮,୪୪୦ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍ଟି (ଏସ୍ଜିଏସ୍ଟି) ୪୭,୪୧୨ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍ଟି ବାବଦରେ ୮୯,୧୫୮ କୋଟି (ସାମଗ୍ରୀ ଆମଦାନୀରେ ୩୪,୯୭୨ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୨,୦୨୫ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୯୦୧ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍ଟିକୁ ୪୫,୮୬୪ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍ଟିରୁ ଏସ୍ଜିଏସ୍ଟିକୁ ୩୭,୯୫୯ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ପ୍ରାୟ ୫୦୩୬ (୫୦୩୫.୭୪) କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ ଟିକସ ଆଦାୟ ପରିମାଣ ୪୯୧୦ (୪୯୧୦.୨୩) କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ବର୍ଷ ୧୨୫.୫୦ କୋଟି ବା ୩%ରୁ ଅଧିକ ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଟାଟା ଏଆଇଏ ଲାଇଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨।୫

ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ଉତ୍ପାଦ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହାର ପ୍ରମୁଖ ଆନୁଇଟି ପ୍ଲାନ୍ 'ଟାଟା ଏଆଇଏ ଲାଇଫ୍ ଫର୍ଚୁନ୍ ଗ୍ୟାରେଟିଂ ପ୍ଲାନ୍‌ର ନୂଆ ଶକ୍ତିଶାଳୀ ଅପ୍‌ଗ୍ରେଡ୍ ଭର୍ସନକୁ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏ ସମ୍ପର୍କରେ ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସର ସିଏଫ୍‌ଓ ସମିତ ଉପାଧ୍ୟାୟ କହିଛନ୍ତି, ଅବସର ପରବର୍ତ୍ତୀ ଖର୍ଚ୍ଚଗୁଡ଼ିକୁ ପରିଚାଳନା କରିବା ଲାଗି ଜୀବନବ୍ୟାପୀ ନିୟମିତ ଗ୍ୟାରେଣ୍ଟି ଆୟ ସହିତ ଟାଟା ଏଆଇଏ ଲାଇଫ୍ ଫର୍ଚୁନ୍ ଗ୍ୟାରେଣ୍ଟି ପେନ୍‌ସନ ପ୍ଲାନର ଶୁଭାରମ୍ଭ କରାଯାଇଛି। ଏହି ପ୍ଲାନ୍ ଗ୍ରାହକମାନଙ୍କୁ ଅବସର ଗ୍ରହଣ ପୂର୍ବରୁ ଯଥେଷ୍ଟ ସଞ୍ଚୟ କରିବାରେ ବେଶ୍ ସହାୟକ ହୋଇଥାଏ ଏବଂ ଯେତେବେଳେ ନିୟମିତ ଆୟ ବନ୍ଦ ହୋଇଯିବ, ସେତେବେଳେ ସ୍ଥିର ଆୟକୁ ଏହା ସୁନିଶ୍ଚିତ କରୁଛି।

# ମାରୁତି ସୁଜୁକି ଫ୍ରୋନକ୍ସର ଅନାବରଣ




ନେକ୍ସା ରାଜଭବନ ପରିସରରେ ମଙ୍ଗଳବାର ମାରୁତି ସୁଜୁକିର ନ୍ୟୁ ଫ୍ରୋନକ୍ସକୁ ଅତିଥିମାନେ ବଜାର ପ୍ରବେଶ କରାଉଛନ୍ତି।

ଭୁବନେଶ୍ୱର,୨।୫

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ 'ଫ୍ରୋନକ୍ସ'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ହୋଇଯାଇଛି। ଏପରିକି ମାରୁତି ସୁଜୁକିର ପ୍ରିମିୟମ ରିଟେଲ ନେଟ୍‌ୱର୍କ ନେକ୍ସା ଜରିଆରେ ନ୍ୟୁ ଫ୍ରୋନ୍ଏକ୍ସକୁ ଦେଶବ୍ୟାପୀ ବିକ୍ରି କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ରାଜଭବନ ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଆଞ୍ଚଳିକ ମହାପ୍ରବନ୍ଧକ ଉଦୟ ଭାସ୍କର ରେଣ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ଏସ୍ଆଇଏଲ୍ ନେକ୍ସା ଡିଭିଜନର ଆର୍ଏମ୍ କାର୍ତ୍ତିକ ରାଜା, ମାରୁତି ସୁଜୁକି ନେକ୍ସାର ଟେରିଟୋରି ସେଲ୍‌ସ ମ୍ୟାନେଜର ଅନୁଭବ ବେହେରା ଏବଂ ନେକ୍ସା ରାଜଭବନର ଜିଏମ୍ ବି.ବି. ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶେଷକରି ନ୍ୟୁ ଫ୍ରୋନକ୍ସକୁ କମ୍ପାନୀ ତା'ର ପ୍ରଥମ ଅଫ୍-ରୋଡ୍ ଗାଡ଼ି ଭାବେ ଡିଜାଇନ କରିଥିବା ବେଳେ ଏଥିରେ ଅନେକ ଆଧୁନିକ ବୈଶିଷ୍ଟ୍ୟ ସହ ଆଡଭାନ୍ସଡ ୧.୨ ଏଲ୍. କେ.ସିରିଜ ଡୁଆଲ ଜେଟ୍ ଏବଂ ୧.୦ ଏଲ୍ ଟର୍ବ ବୁଷ୍ଟର ଜେଟ୍ ଇଞ୍ଜିନ ସହିତ ଆସୁଛି। ଉଲ୍ଲେଖଯୋଗ୍ୟ, ନ୍ୟୁ ଫ୍ରୋନକ୍ସ ୧୦ଟି ଭାରିଆଣ୍ଟ ସହ ୬ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୭.୪୬ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

# ଜାତୀୟ ପତାକା ସମାନତାର ପ୍ରତୀକ



ଭୁବନେଶ୍ୱର,୨।୫

ଦେଶର ପ୍ରମୁଖ ସାମାଜିକ ଅନୁଷ୍ଠାନ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍ଏଫ୍ଓଆଇ) ପକ୍ଷରୁ ପୁଣେସ୍ଥିତ ଆର୍ମଡ ଫୋର୍ସେସ ମେଡିକାଲ କଲେଜ (ଏଏଫ୍ଏମ୍ସି) ପରିସରରେ ଏକ ୧୦୮ ଫୁଟର ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରାଯାଇଛି। ବିଶେଷକରି ଦେଶର ଗର୍ବ ଏବଂ ସମ୍ମାନ ଭାରତୀୟ ଜାତୀୟ ପତାକା ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବା ସହ ତା'ର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏଫ୍ଏଫ୍ଓଆଇ ପ୍ରଚେଷ୍ଟା ଜାରି ରଖିଛି। ଏପରିକି ଏଏଫ୍ଏମ୍ସିର ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ଫାଉଣ୍ଡେଶନର ଚେୟାରମ୍ୟାନ ନବୀନ ଜିନ୍ଦଲ ଉକ୍ତ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭରେ ତ୍ରିରଙ୍ଗା ଉତ୍ତୋଳନକରି ତାହାକୁ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭା ଓ ବିଶାଳ ସ୍ମାରକୀ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଏଏଫ୍ଏମ୍ସି ଡିଜି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଦଲଜିତ ସିଂ, ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଡି.ପି.ଭାଟ୍, ରାଜ୍ୟ ସଭା ସଦସ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନରେନ୍ଦ୍ର କୋଟ୍‌ୱାଲଙ୍କ ସମେତ ବହୁ ବରିଷ୍ଠ ସେନା ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

ଏହି ଅବସରରେ ନବୀନ ଜିନ୍ଦଲ ଏଏଫ୍ଏମ୍ସିର ପ୍ଲାଟିନମ୍ ଜୁବିଲିରେ ଅଂଶଗ୍ରହଣ କରିଥିବାରୁ କୃତଜ୍ଞତା ଜଣାଇବା ସହ ଦେଶ ସେବାରେ ଏଏଫ୍ଏମ୍ସିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଖୁବ୍ ପ୍ରଶଂସା କରିଥିଲେ। ସେହିଭଳି ଜାତୀୟ ପତାକା ଦେଶର ନାଗରିକଙ୍କ ମଧ୍ୟରେ ଏକତା ଏବଂ ସମାନତାର ପ୍ରତୀକ ଆଣିଥାଏ ବୋଲି ନବୀନ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜାତୀୟ ପତାକାର ମହତ୍ତ୍ୱକୁ ପ୍ରସାର କରିବା ଏବଂ ଦେଶର ଲୋକମାନଙ୍କ ମଧ୍ୟରେ ଏହା ପ୍ରତି ସମ୍ମାନ ସୃଷ୍ଟି କରିବା ପାଇଁ ଏଫ୍ଏଫ୍ଓଆଇ ପ୍ରତିଶ୍ରୁତିବଦ୍ଧ ରହିଛି। ଅପରପକ୍ଷରେ ରାଜ୍ୟ ସଭା ସଦସ୍ୟ ତଥା ଏଏଫ୍ଏମ୍ସିର ପୂର୍ବତନ ନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଡି. ପି. ଭାଟ୍ କହିଥିଲେ, ସମଗ୍ର ଦେଶରେ ବିଶାଳ ଜାତୀୟ ପତାକା ସ୍ଥାପନ ନିମନ୍ତେ ନବୀନ ଜିନ୍ଦଲ ନେତୃତାଧୀନ ଏଫ୍ଏଫ୍ଓଆଇକୁ ପ୍ରଶଂସା କରିଥିଲେ। ମୁଁ ଚାହୁଁଛି ଯେ ସ୍କୁଲ ସିଲାବସ୍‌ରେ ଜାତୀୟ ପତାକା ବିଷୟରେ ଏକ ଅଧ୍ୟାୟ ରହିବା ଉଚିତ ଯାହା ଦ୍ୱାରା ଆଗାମୀ ପିଢ଼ି ଭାରତୀୟ ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ଅବଗତ କରାଇପାରିବା ବୋଲି ସେ ମତପ୍ରକାଶ କରିଛନ୍ତି।

## ସିବିଓଆଇର ନେଟ୍ ଲାଭ ୧୫୮୨ କୋଟି

**ନୂଆଦିଲ୍ଲୀ,୨।୫:** ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିବିଓଆଇ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କ ମୋଟ ୫୧.୩୮% ଅଭିବୃଦ୍ଧି ହାର ହାସଲକରି ୧୫୮୨ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିପାରିଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷର ଏହି ସମାନ ଅବଧି ସମୟ ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୧୦୪୫ କୋଟି ଟଙ୍କା ରହିଥିଲା।


CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୟୁକୋ ବ୍ୟାଙ୍କର ଫଳାଫଳ

ନୂଆଦିଲ୍ଲୀ,୨।୫

ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମା ଶଙ୍କର ପ୍ରସାଦ ଭର୍ଚୁଆଲ ମୋଡ୍‌ରେ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ବ୍ୟାଙ୍କର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରିଛନ୍ତି। ବ୍ୟାଙ୍କ ୧୦୦% ହାରରେ ଐତିହାସିକ ଭାବେ ୧୮୬୨.୩୪ କୋଟିଟଙ୍କାର ନେଟ୍ ଲାଭ କରିପାରିଛି, ଯାହା ପୂର୍ବବର୍ଷ ଏହି ସମୟରେ ୯୨୯.୭୬ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସମୁଦାୟ ବ୍ୟବସାୟ ପ୍ରଥମ ଥର ପାଇଁ ୪,୧୦,୯୬୭.୧୯ କୋଟି ଟଙ୍କାରେ ପହଞ୍ଚିଛି; ଯାହା ପୂର୍ବ ବର୍ଷ ଏହି ସମୟରେ ୩,୫୩,୮୫୦.୨୪ କୋଟି ଟଙ୍କା ଥିଲା। ବ୍ୟାଙ୍କର ଋଣ ବ୍ୟବସାୟ ୨୪.୫୪% ଅଭିବୃଦ୍ଧି ହାରରେ ୧, ୬୧, ୬୨୯. ୪୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ଏହି ସମୟରେ ୧,୨୯, ୭୭୭.୩୪ କୋଟି ଟଙ୍କା ଥିଲା। ସେହିଭଳି କର୍ପୋରେଟ୍ ଋଣ ୩୨% ବୃଦ୍ଧି ପାଇଛି। ବ୍ୟାଙ୍କ କାସା ଅଭିବୃଦ୍ଧି ଏବଂ ସୁଧ ହାର ଉପରେ ବିଶେଷ ଗୁରୁତ୍ୱ ଦେଇ ଏହି ଅଭିବୃଦ୍ଧି ପ୍ରକ୍ରିୟାକୁ ଜାରି ରଖିପାରିବ ବୋଲି ପ୍ରସାଦ ମତପ୍ରକାଶ କରିଛନ୍ତି।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି:** (୧) ୧୩-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୨୮।୦୪।୨୦୨୩; ୦୩ ବର୍ଷ ଅବଧି ପାଇଁ ଚକ୍ରଧରପୁର ଡିଭିଜନରେ ୦୪ ଗୋଟି ଲିଫ୍ଟ (ଟାଟାନଗର- ୦୧ ଗୋଟି ଏବଂ ରାଉରକେଲା- ୦୩ ଗୋଟି)ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା; ₹ ୨୮,୦୨,୬୬୦.୪୮; ₹ ୫୬,୧୦୦/-। (୨) ୧୪-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୨୮।୦୪।୨୦୨୩; ଚକ୍ରଧରପୁର ଡିଭିଜନରେ ୦୩ ବର୍ଷ ପାଇଁ ୦୬ ଗୋଟି ଏସ୍କାଲେଟର (ଟାଟାନଗର- ୦୨ ଗୋଟି, ରାଉରକେଲା- ୦୨ ଗୋଟି ଏବଂ ଝାରସୁଗୁଡ଼ା-୦୨ ଗୋଟି)ର ବ୍ୟାପକ ରକ୍ଷଣାବେକ୍ଷଣ ଠିକା; ₹ ୪୩,୪୩,୩୫୧.୨୮; ₹ ୮୬,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଉଭୟ ପାଇଁ ଶୂନ୍ୟ। **ଟେଣ୍ଡର ସମାପ୍ତି/ଖୋଲାଯିବ:** ଉଭୟ ପାଇଁ ତା୨୨।୦୫।୨୦୨୩ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-110)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ଲାଗି କ୍ର.ସଂ. ୧ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ସେବା ଇ-ଟେଣ୍ଡର ଏବଂ କ୍ର.ସଂ. ୨ ପାଇଁ ଏକ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ କାର୍ଯ୍ୟ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। ଯଥାକ୍ରମେ **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି/ବିଡ୍ ଅମାନତ:** (୧) ଏମ୍‌ଇସିଏଚ୍‌ସିକେପି-୨୩-୨୪-୦୬, ତାରିଖ: ୦୧।୦୫।୨୦୨୩; ୩ ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ଏସ୍ଏସ୍ଇ (ସିଆଣ୍ଡଡବ୍ଲ୍ୟୁ)/ଝାରସୁଗୁଡ଼ା ଅଧୀନରେ ସରଡେଗା ସାଇଡିଂଠାରେ ଅଣବୋଝେଇଯୋଗ୍ୟ ୱାଗନ୍‌ଗୁଡ଼ିକର ଅନ୍‌ଲାଇନ୍ ମରାମତି କାର୍ଯ୍ୟ; ₹୨,୬୨,୬୨,୨୬୧.୩୬; ₹୨,୮୧,୩୦୦/-। (୨) ଏମ୍‌ଇସିଏଚ୍‌ସିକେପି-୨୩-୨୪-୦୪, ତାରିଖ: ୦୧।୦୫।୨୦୨୩; କୋଚିଂ ଡିପୋ ରାଉରକେଲାର ୨୫୦ କେଭିଏ ଜ୍ୟାକ୍‌ସନ୍ ମେକ୍ (ଇଞ୍ଜିନ୍-କ୍ୟୁମିନ୍ସ) ଡିଜିର ମରାମତି; ₹୫,୧୮,୦୪୦.୪୮; ₹୧୦,୪୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୧୦,୦୦୦/- ଏବଂ କ୍ର.ସଂ. ୨ ପାଇଁ ଶୂନ୍ୟ। **ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ୨୩।୦୫।୨୦୨୩, ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ୨୨।୦୫।୨୦୨୩, ୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-114)


# ଜଗଦୀଶ କାନାରା ବ୍ୟାଙ୍କ୍ ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ

ଭୁବନେଶ୍ୱର,୨।୫



କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ନୂତନ ଅଞ୍ଚଳ ମୁଖ୍ୟ ଭାବେ ବରିଷ୍ଠ ବ୍ୟାଙ୍କର୍ସ ଜଗଦୀଶ ଚନ୍ଦର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଜଗଦୀଶ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ 'ଚିଫ୍ ଗ୍ରୁପ୍ ରିସ୍କ ଅଫିସର'ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ।। ଉଲ୍ଲେଖଯୋଗ୍ୟ, ୧୯୮୮ରେ ସେ କାନାରା ବ୍ୟାଙ୍କରେ ଯୋଗଦେବା ସହ ରିସ୍କ ମ୍ୟାନେଜମେଣ୍ଟ, ଏଚ୍ଆର୍, ଫରେକ୍ସ, ଏମ୍ଏସ୍ଏମ୍ଇ ଏବଂ କର୍ପୋରେଟ୍ କ୍ରେଡିଟ୍ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସେ ବ୍ୟାଙ୍କର ହଂକଂ ଶାଖାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେହିଭଳି ଦିଲ୍ଲୀ ସର୍କଲ କାର୍ଯ୍ୟାଳୟରେ ରିସ୍କ ମ୍ୟାନେଜମେଣ୍ଟ ବିଭାଗରେ ମଧ୍ୟ ଅଧିକାରୀ ରୂପେ କାର୍ଯ୍ୟ କରିଛନ୍ତି।


**Government of Odisha**
**Higher Education Department**
No.N-9

**Timeline for B.Ed., B.H.Ed., M.Ed. Entrance Test- 2023 & e-Admission for the year 2023-24 for Teacher Education Courses**

Timeline for B.Ed., B.H.Ed., M.Ed., e-Admission for the year 2023-24 & Entrance Test-2023 for Teacher Education Colleges under project 'Student Academic Management System (SAMS)' is given below. Any change in the timeline will be published in the newspapers as well as on the website https://te.samsodisha.gov.in/ Information Brochure-2023 will be available in the said website. Kindly refer the Guideline before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website https://te.samsodisha.gov.in/ | 04.05.2023 (02.00 P.M.) |
| 2 | Last date for applying online CAF through https://te.samsodisha.gov.in/ | 14.05.2023 (11.45 P.M.) |
| 3 | Handing over the CAF details to SSB, Odisha by OCAC | 18.05.2023 |
| 4 | Availability of Hall Ticket in SSB website for downloading | 01.06.2023 to 11.06.2023 |
| 5 | Conduct of Entrance Test-2023 for M.Ed. | 10.06.2023 |
| 6 | Conduct of Entrance Test-2023 for B.Ed., B.H.Ed. | 11.06.2023 |
| 7 | Updation of Graduation / Equivalent marks by the applicant | 08.07.2023 (10.00 A.M.) to 16.07.2023 (11.45 P.M.) |
| 8 | Handing over the entrance marks to OCAC by SSB, Odisha | 15.07.2023 |

**For more details please contact: e-Admission Helpline (Toll-Free) Number 155335 / 1800-345-6770**

**N.B.:** 1. Candidates whose final U.G. results are awaited (not published) can also apply online in the Common Application Form (CAF) to appear in Entrance Test-2023. But they must upload their marks prior to preparation of the "Merit list" within the timeline.
2. Please note that these dates are subject to change and candidates are advised to keep checking the Key Dates of SAMS TE website for updates.

**Sd./- Deputy Director**
**PTC Section**
OIPR-11001/11/0002/2324

**Government of Odisha "e" Procurement Notice**
**WORKS DEPARTMENT**
**Bid Identification No. C.C.E.K.C.. Keonihar No. 02 / 2023-24**
**No.B-137:** e-mail: ccekeonjharpwdcircle@gmail.com
sekcpwd_keonjhar@yahoo.com
**Letter No. 1950 dt. 27.04.2023**

| | | |
|---|---|---|
| 1. | No. of the work | 2 number Road Works. |
| 2. | Estimated cost | Rs. 943.74 Lakhs to Rs. 998.22 Lakhs |
| 3. | Class of Contractor | "A" Class & "Special" Class |
| 4. | Period of completion | 11 (Eleven) Calendar Months |
| 5 | Date and Time of availability of Bid document in the portal | From 11.30 hours of 06.05.2023 to 16.00 hours of 22.05.2023 |
| 6 | Last date / Time for receipt of bids in the portal | 16.00 hours of 22.05.2023 |
| 7 | Date of opening of Bid from Portal | 11.30 hours on 23.05.2023 |
| 8 | Name and address of the officer inviting Bid | Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"

**Sd./- Chief Construction Engineer**
**Keonjhar (R&B) Circle, Keonjhar**
OIPR-34033/11/0007/2324

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमण्डल, धनबाद**
अल्पकालीन ई–प्रोक्योरमेंट सूचना
ई–निविदा (1st Call) निविदा सूचना सं0–RCD /DHANBAD/596/2023-24 दिनांक : 29.04.2023

| | | |
|---|---|---|
| 1. | कार्य का नाम | पथ प्रमण्डल, धनबाद अन्तर्गत "बिनोद बिहारी महतो कोयलांचल यूनिवर्सिटी का पहुँच पथ (लम्बाई–300 मी0) के निर्माण कार्य" (वित्तीय वर्ष 2023–24)। |
| 2. | प्राक्कलित राशि (रू0) | रू0 2,47,28,600/– |
| 3. | कार्य पूर्ण करने की अवधि | 3 (तीन) माह |
| 4. | ई–निविदा प्राप्त करने की अंतिम तिथि एवं समय | 26.05.2023 के पूर्वाह्न 12.00 बजे तक |
| 5. | ई–निविदा का बेबसाईट पर प्रकाशन की तिथि एवं समय | 15.05.2023 के पूर्वाह्न 10.30 बजे से |
| 6. | ई–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 0326–2313368 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विस्तृत जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता,
पथ निर्माण विभाग, पथ प्रमण्डल, धनबाद
PR 296347 Road(23-24).D

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**

**ସୂଚନା**

**No. 2437** **Dated: 27.04.23**

**No. AA-04:-** ଏତଦ୍ୱାରା ଇଲେକ୍ଟ୍ରିକାଲ ଲାଇସେନ୍‌ସିଂ ବୋର୍ଡ, ଓଡ଼ିଶା ଦ୍ୱାରା କରାଯାଉଥିବା ସୁପରଭାଇଜର ସାର୍ଟିଫିକେଟ୍ ଅଫ କମ୍ପିଟେନ୍ସି ପରୀକ୍ଷା, ୨୦୨୨ (SCC Examination, 2022)ର ପରୀକ୍ଷାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି Computer Based Test (CBT) ପରୀକ୍ଷା ଭୁବନେଶ୍ୱରଠାରେ ୦୭.୦୫.୨୦୨୩ (ରବିବାର) ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟାଳୟ ଦ୍ୱାରା SCC Examination, 2022 ପାଇଁ ଜାରି ହୋଇଥିବା Advertisement No.118 dated.25.03.2022 ର Detailed Advertisementରେ Sl. No. 3, Examination Pattern-Note (2)ରେ ସୂଚିତ ଥିବା କୌଣସି ପ୍ରଶ୍ନର ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଂକୁ ୦.୫ ବଦଳରେ ୦.୨୫କୁ ସଂଶୋଧନ କରାଯାଇଛି। ଯୋଗ୍ୟ ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍ https://elbo.okcl.co.in କୁ ଯାଇ ନିଜର Admit Cardକୁ Download କରନ୍ତୁ ଏବଂ Admit Cardରେ ଉଲ୍ଲେଖ ଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ। Admit Card Downloadରେ ଅସୁବିଧାର ସମ୍ମୁଖୀନ ହେଲେ, ଦିଆଯାଇଥିବା Helpline No.0674-3520021 ରେ ଯୋଗାଯୋଗ କରନ୍ତୁ।

ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-
ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡ଼ିଶା।
OIPR-04068/11/0003/2324

**OFFICE OF THE ADDITIONAL CHIEF ENGINEER**
**P.H.CIRCLE, UNIT-V, BHUBANESWAR**
**No.C-207:** **Phone No.:0674-2390145, Email ID: sephbbsr@gmail.com**
**Office Letter No.619** **Dated 29.04.2023**

To
The Deputy Secretary & Deputy Director
I.&P.R. Department (Adv.), Govt. of Odisha,
Bhubaneswar

Sub: Publication of Notice for cancellation of Registration Certificate of Contractor.

Sir,
Enclosed please find herewith the notice for publication in widely circulated leading Oriya daily for cancellation of Contractor Registration Certificate issued in favour of following contractor.

| Sl.No. | Name and Address | Regn. No. & Class | This Office order No. & Date |
|---|---|---|---|
| 1 | Sri Bipin Bihari Swain, S/o. Pira Swain, At-Bobua, Po-Dhanitri, Ps-Konark, Dist-Puri | Regd.No. 1203 of 2010-11 'C' Class | S.E.P.H. Circle, BBSR No.7699, Dt.07.12.2010 |
| 2 | Sri Debendra Kumar Biswal, S/o. Umakanta Biswal, At-Plot No.K8/726, Kalinga Nagar, Po-Ghatikia, Ps-Khandagiri, Dist-Khordha | CDMS Regd. No. 465DQ455 'C' Class (Valid upto 31.03.2023) | S.E.P.H. Circle, BBSR Dt.20.08.2020 |
| 3 | M/S BABA CONSTRUCTION, Prop.- Mohammed Imtiyaz Alli, S/o- Jamal Mohammed, At-Narsinghpur, Po/Ps-Pipili, Dist.-Puri | Regd.No.1529 of 2018-19 'C' Class | S.E.P.H. Circle, BBSR No.3180, Dt.26.06.2018 |

It is requested that, the notice may please be published at an early date & a complimentary copy of the newspaper may please be furnished to this office for reference.

OIPR-13235/11/0001/2324
**Sd./- Additional Chief Engineer (PH)**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ମେ', ୨୦୨୩

## ୨ ଖଣି ଲିଜ୍‌ଧାରୀଙ୍କ ସମେତ ୧୧ ଜଣଙ୍କ ନାଁରେ ମାମଲା

ନୟାଗଡ଼ ଅଫିସ,୨।୫:ନୟାଗଡ଼ ଜିଲା ରଣପୁର ତହସିଲ ମୟୂରଝାଲିଆ ମୌଜାର ବେଆଇନ ମାଙ୍କଡାପଥର ଖଣି ଓ ମୋରମ ଖଣି ସମ୍ପର୍କିତ ମାମଲାରେ କୋଲକାତା ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଆଦେଶକୁ ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ଏହି ଘଟଣାରେ ରଣପୁର ତହସିଲଦାର ଈପ୍ସିତା ସାହୁଙ୍କ ଅଭିଯୋଗ କ୍ରମେ ଚାନ୍ଦପୁର ଥାନା ପୋଲିସ ୨ ଲିଜ୍‌ଧାରୀଙ୍କ ସମେତ ୧୧ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ସମେତ ୪ଜଣଙ୍କ ନାମରେ ଚାନ୍ଦପୁର ଥାନାରେ ରୁଜୁ ହୋଇଥିବା ମାମଲା ଉଠାଇ ନିଆଯାଇଛି ।



### ପ୍ରଥମ ପୃଷ୍ଠାରୁ...

## ଆସିପାରେ ବାତ୍ୟା...

ଜିଲାପାଳମାନଙ୍କୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାୟ ୧୦୦୦ଟିବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ଅଛି। ଏହା ସହ ଅନ୍ୟ ସ୍କୁଲ ଓ ସୁରକ୍ଷିତ ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, ଉନ୍ନୟନ କମିଶନର ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ଓ ଶକ୍ତି ବିଭାଗ ସଚିବ ସଞ୍ଜୟ ସିଂ, କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ ପ୍ରମୁଖ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ ।ଅନ୍ୟପକ୍ଷରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ କହିଛନ୍ତି, ୧୮ ଜିଲାର ଜିଲାପାଳଙ୍କ ସହ ଆଲୋଚନା କରାଯାଇ କଣ୍ଟ୍ରୋଲ ରୁମ୍ ପ୍ରସ୍ତୁତ କରାଯାଇଛି। ୧୭ ଏନ୍‌ଡିଆର୍‌ଏଫ୍ ଓ ୨୦ ଓଡ୍ରାଫ ଟିମ୍ ପ୍ରସ୍ତୁତ ରଖାଯାଇଛି। ୨୦୧୯ ମେ' ୩ ତାରିଖରେ ଫନୀ ବାତ୍ୟା ପୁରୀ ଅତିକ୍ରମ କରିଥିଲା। ଏହି ବାତ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବାତ୍ୟା ଦ୍ୱାରା ଅଧିକ ପ୍ରଭାବିତ ହେବାକୁ ଥିବା ୧୮ ଜିଲା ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ନୟାଗଡ଼, କଟକ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ମାଲକାନାଗିରି, କୋରାପୁଟ, ରାୟଗଡ଼ା ଓ କନ୍ଧମାଳ ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ଓ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୨୪ ଘଣ୍ଟିଆ ଜରୁରିକାଳୀନ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରିବ। ପ୍ରଭାବିତ ହେବାକୁ ଥିବା ପଞ୍ଚାୟତ ନିମନ୍ତେ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯିବ। ଓଡ୍ରାଫ୍, ଏନ୍‌ଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀଗୁଡ଼ିକୁ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ଆଗୁଆ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତିକୁ ଦେଖି ଯଦି ଆବଶ୍ୟକ ପଡ଼େ ଭାରତୀୟ ନୌବାହିନୀ ତଥା ସମୁଦ୍ର ତଟରକ୍ଷୀ ବାହିନୀର ସହାୟତା ନିଆଯିବ ବୋଲି ଏସ୍‌ଆରସି କହିଛନ୍ତି। ଶକ୍ତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ମହିଳା ଏବଂ ଶିଶୁ ବିକାଶ ବିଭାଗ, ଜଳ ସମ୍ପଦ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ଆଇଏମ୍‌ଡିର ଆଲର୍ଟ ମେସେଜ୍ ପଠାଇବାକୁ ବିଏସ୍‌ଏନଏଲକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ଆରସି ସୂଚନା ଦେଇଛନ୍ତି।

## ଏକାଧିକ ପ୍ଲଟ୍ ଆବଣ୍ଟନ ଉପରେ...

କୋଟାରେ ଚନ୍ଦ୍ରଶେଖରପୁର ପ୍ରାଚୀ ଏନ୍‌କ୍ଲେଭରେ ଆବାସିକ ପ୍ଲଟ୍ ପାଇବା ନିମନ୍ତେ ଆଉ ଏକ ଆବେଦନ କରିଥିଲେ। ହେଲେ ବିଡିଏ ପକ୍ଷରୁ ତୃତୀୟ ପ୍ଲଟ୍ ଆବେଦନକୁ ବାତିଲ କରିଦିଆଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସରୋଜକାନ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରିବା ଅବସରରେ କୋର୍ଟ ଉଭୟ ପକ୍ଷରୁ ଜବାବକୁ ପରଖିବା ପରେ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଜଣେ ବ୍ୟକ୍ତି ଏକାଧିକ ପ୍ଲଟ୍ ନେଇ ବ୍ୟବସାୟୀକରଣ କରୁଛନ୍ତି। ଫଳରେ ପ୍ରକୃତ ହିତାଧିକାରୀ ଭାବେ ସାଧାରଣ ଲୋକ ଭୁବନେଶ୍ୱରରେ ଘରଟିଏ ତିଆରି କରିବାକୁ ପ୍ଲଟ୍ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ବିଡିଏ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ହାଇକୋର୍ଟ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି ସରୋଜକାନ୍ତଙ୍କ ଆବେଦନ ଖାରଜ କରିବା ସହିତ ଓଡ଼ିଶାର ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଏନେଇ ନିୟମାବଳୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଡିଏ ପକ୍ଷରୁ ଆଇନଜୀବୀ ଦୟାନନ୍ଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ବଦଳିବ ଓଡ଼ିଶା ବୋଟ୍ ...

ଜାହାଜ ଚଳାଚଳ ମନ୍ତ୍ରଣାଳୟର ପୂର୍ବତନ ମହାନିର୍ଦ୍ଦେଶକ ପୂର୍ଣ୍ଣେନ୍ଦୁ ମିଶ୍ର କହିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ବହୁ ସୁନ୍ଦର ଓ ଉନ୍ନତମାନର ଜଳପଥ ପରିବହନ ବ୍ୟବସ୍ଥା ପ୍ରଚଳିତ ଥିବାବେଳେ ପ୍ରସ୍ତୁତ ହେବାକୁ ଯାଉଥିବା ଅଧିନିୟମରେ ଉଭୟ ବୃହତ୍ ଏବଂ ସାଧାରଣ ଅଂଶୀଦାରଙ୍କ ମତାମତକୁ ଗୁରୁତ୍ୱ ଦେବା ଅପରିହାର୍ଯ୍ୟ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଞ୍ଜୟ ମିଶ୍ର କହିଛନ୍ତି, ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବ୍ୟବସ୍ଥା ହେଉଛି ସ୍ୱଳ୍ପ ବ୍ୟୟସମ୍ପନ୍ନ ପରିବହନ ବ୍ୟବସ୍ଥା । ଜଳପଥରେ ସ୍ଥଳପଥ ଅପେକ୍ଷା ଅଧିକ ଓଜନର ପଣ୍ୟସାମଗ୍ରୀ ପରିବହନ ହୋଇଥାଏ ଓ ଏହି ବ୍ୟବସ୍ଥା ମଧ୍ୟ ପରିବେଶ ଅନୁକୂଳ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ ବନ୍ଦର ଏବଂ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ସ୍ୱାଗତ ସୂଚନା ଦେଇ ଅନ୍ତର୍ଦ୍ଦେଶୀୟ ନୌ-ପରିବହନ ଅଧିନିୟମ ପ୍ରସ୍ତୁତ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ବୋଲି କହିବା ସହିତ ସମସ୍ତଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛନ୍ତି। ଆଗାମୀ ଦିନରେ ଚିଲିକାରେ ସୌରଶକ୍ତିଚାଳିତ ଏବଂ ବିଦ୍ୟୁତଚାଳିତ ବୋଟ୍ ଚଳାଇବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଚିଲିକାରେ ଆସନ୍ତା ୩ ମାସ ଭିତରେ ପରୀକ୍ଷାମୂଳକ ଭାବେ ସୌରଶକ୍ତି ସମ୍ପନ୍ନ ବୋଟ୍ ଚାଲିବ। ଏହି ବୋଟ୍ ଦ୍ୱାରା ବର୍ଷକୁ ପ୍ରାୟ ୭ ଲକ୍ଷ ଟଙ୍କାର ଖର୍ଚ୍ଚ କମିଯିବ। ପରୀକ୍ଷା ସଫଳ ହେଲେ ରାଜ୍ୟରେ ଅନ୍ୟ ସ୍ଥାନରେ ଥିବା ଜଳପଥରେ ସୌରଚାଳିତ ବୋଟ୍ ଚାଲିବ ବୋଲି ସେ କହିଛନ୍ତି।

ରାଜ୍ୟରେ ପ୍ରଣୟନ ହେବାକୁ ଥିବା ଏହି ଅନ୍ତର୍ଦ୍ଦେଶୀୟ ନୌକା ଅଧିନିୟମ ସମ୍ପର୍କିତ ସୂଚନା ଏବଂ ବିବରଣୀକୁ ରାଷ୍ଟ୍ରୀୟ ଅନ୍ତର୍ଦ୍ଦେଶୀୟ ନାଭିଗେଶନ ପ୍ରତିଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ କ୍ୟାପ୍‌ଟେନ୍ ଆଇ. ଭି. ସୋଲାଙ୍କି ପାୱାର ପଏଣ୍ଟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅଂଶୀଦାର ଭାବେ ଯୋଗଦେଇଥିବା ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧି, ବୋଟ୍ ନିର୍ମାତା, ବନ୍ଦର ବିକାଶକାରୀ ସଂସ୍ଥାର ପ୍ରତିନିଧି, ବୋଟ୍ ମାଲିକ, ବୋଟ୍ ଚାଳକ ସଂଘର ସଦସ୍ୟ, ଜିଲା ଜରୁରିକାଳୀନ ଅଧିକାରୀ ଏବଂ ସମ୍ପୃକ୍ତ ସରକାରୀ ବିଭାଗର ଅଧିକାରୀମାନଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେଲର ଧକ୍କାରେ ୩ ମୃତ

ହେମଗିର,୨।୫(ଡି.ଏନ.ଏ.): ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ବାଙ୍କିବାହାଲ-ଟପରିଆ ରାସ୍ତାର ଛତାବର ନିକଟରେ ସୋମବାର ରାତିରେ ଏକ ଟ୍ରେଲର ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଏକ ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥାର କର୍ମଚାରୀ ମାନସ କୁମାର ରଥ(୩୭) , ପ୍ରିନ୍ସ ନାଏକ (୨୫) ଏବଂ ବୁଢା ଚିଟିକି (୨୦)। ପୋଲିସ କହିବା ଅନୁଯାୟୀ, ଛତାବର ନିକଟରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିଥିଲା । ସେଥିରୁ ଟାୟାର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରିବା ଉଦ୍ଦେଶ୍ୟରେ ସୋମବାର ତିନି ଜଣ ବ୍ୟକ୍ତି ଏକ ଗାଡିରେ ସେଠାକୁ ଆସିଥିଲେ । କିନ୍ତୁ ସେଠାରେ ରାସ୍ତା ନିର୍ମାଣକାରୀ ସଂସ୍ଥାର ସିକ୍ୟୁରିଟି ଗାର୍ଡ ଦେଖି ସେମାନଙ୍କୁ ବାରଣ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏହି ସମୟରେ ୩ ଜଣ ଦୌଡ଼ି ପଳାଇବାରୁ ସେମାନଙ୍କୁ ଉକ୍ତ ନିର୍ମାଣକାରୀ ସଂସ୍ଥାର ସୁପରଭାଇଜର ଏବଂ ସିକ୍ୟୁରିଟି ଗାର୍ଡ ଗୋଡାଇବା ବେଳେ ହଠାତ୍ ସାମ୍ନା ପଟରୁ ଆସୁଥିବା ଏକ ଟ୍ରେଲର(ନଂ ଏମ୍‌ପି ୧୬ଏଚ୍ ୩୭୪୪) ତିନି ଜଣଙ୍କୁ ଧକ୍କା ଦେଇଥିଲା । ଫଳରେ ସେମାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି । ଏଥିସହ ଦୁର୍ଘଟଣା ଗ୍ରସ୍ତ ଟ୍ରେଲରକୁ ଜବତ କରିଛି ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
PANIKOILI (R&B) DIVISION, PANIKOILI
INVITATION FOR BIDS (IFB)
Email ID: eepwd.pkl@rediffmail.com
1st Corrigendum to e-Procurement
Notice No. SE PKL (R&B) 01/2023-24
Letter No. 3409 Dt.27.04.2023
No. B-141: The last date of availablility of tender and receipt online extended to 5.00 P.M. of Dt.17.05.2023 and date of opening shifted to Dt.18.05.2023 at 11.30 A.M. due to unavoidable circumstances.
All other terms and conditions remain unchanged.
Sd./- Superintending Engineer, Panikoili (R&B) Division
OIPR-34067/11/0003/2324

ପରିବର୍ତ୍ତନ
ଜିଲ୍ଲା ପରିଷଦ, ମୟୂରଭଞ୍ଜ
ସଂଖ୍ୟା: ୪୮୩୮ ତା: ୦୧।୦୫।୨୦୨୩
No. CAD-407: ଏତଦ୍ଦ୍ୱାରା ସମସ୍ତ ଜନସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜିଲ୍ଲା ପରିଷଦ, ମୟୂରଭଞ୍ଜର ପତ୍ର ସଂଖ୍ୟା ୩୨୩୬, ତା୧୩।୦୪।୨୦୨୩ରିଖ ଅନୁଯାୟୀ ଉଦଳା ପଞ୍ଚାୟତ ସମିତିରେ ତା୦୩।୦୫।୨୦୨୩ରିଖକୁ ହେବାକୁ ଥିବା ଜନଶୁଣାଣି କାର୍ଯ୍ୟକ୍ରମକୁ (MGNREGS ଏବଂ PMAY-G) ପରିବର୍ତ୍ତିତ କରାଯାଇ ତା୧୮।୦୫।୨୦୨୩ରିଖକୁ ସ୍ଥିର କରାଗଲା।
ସ୍ୱା./- ଜିଲ୍ଲାପାଳ-ତଥା-ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ମୟୂରଭଞ୍ଜ
OIPR-19232/11/0004/2324

OFFICE OF THE
PATTAMUNDAI MUNICIPALITY, PATTAMUNDAI
No. C-212
e-Procurement Notice
Pattamundai Municipality, Pattamundai, Kendrapara

| | | |
|---|---|---|
| Tender Call Notice No. | : | No.1446 / Dt.01.05.2023 |
| Tender Reference No. | : | PM-01/2023-24 |
| Nature of Works | : | Civil Works |
| Number of Works | : | 26 Nos. |
| Tender Value | : | 6 Lakhs - 19.99 Lakhs |
| Available Period | : | Dt.03.05.2023 from 17.00 hours to Dt.13.05.2023 by 17.00 hours |
| Tender Opening Date | : | Dt.15.05.2023 at 11.00 A.M. hours |

Bidders are requested read the NIT & DTCN and participate with their Class-II/Class-III DSC before closing date at www.tendersodisha.gov.in.
Sd./- Executive Officer, Pattamundai Municipality
OIPR-13220/11/0001/2324

ପୌର ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା
OFFICE OF THE MUNICIPAL COUNCIL, KHORDHA
H&UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674
No. 1391 Date: 02.05.2023
NOTICE
No. C-216: The e-Tender Call Notice Bid Identification No. 01/2023-24, No. 1215 Dtd.15.04.2023, Tender Reference No. KMPLTY/01/2023-24 & Tender ID - 2023_ORULB_87984_1, for privatization of sanitation work in Khordha Municipality is hereby cancelled.
Sd./- Executive Officer
OIPR-13082/11/0006/2324 Khordha Municipality

OFFICE OF THE DIVISIONAL FOREST OFFICER, ANGUL DIVISION
At/PO- Angul, Dist- Angul, Odisha-759122,
E-mail ID- dfoangul@gmail.com, dfo.angul@odisha.gov.in
Tel- 06671-224237
Tender Inviting Notice for fixation of Rate contract for Supply for Various Type of Materials to Angul Forest Division on Annual Rate Contract Basis
Ref: - Tender Letter No. 2694 /1F-2023-24 Dt. 1st May, 2023
No.MM-15: Divisional Forest Officer, Angul Division invites bids from the Manufacturers/Suppliers for fixation of Rate Contract for various type of materials to Angul Forest Division on Annual Rate Contract Basis, related to supply of clothes, equipment, computer and electronics, stationary, construction materials etc. under CAMPA and other Schemes.

| | | |
|---|---|---|
| 1 | Tender Publishing Date | 02.05.2023, 10:00 AM |
| 2 | Bid Document Download Start Date | 02.05.2023, 10:00 AM |
| 3 | Bid Submission Start Date | 02.05.2023, 10:00 AM |
| 4 | Last date for Bid Clarification | 09.05.2023, 1:00 PM |
| 5 | Bid Submission End Date | 23.05.2023, 01:00 PM |
| 6 | Bid Opening Date | 25.05.2023, 10:00 AM |

For more information visit http://www.angul.nic.in or http://www.odishaforest.in
Sd./- Divisional Forest Officer
OIPR-08027/11/0002/2324 Angul Forest Division

OFFICE OF THE
ROURKELA MUNICIPAL CORPORATION
UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com
No. 4824 Date: 02.05.2023
AUCTION SALE NOTICE
No. C-219: Sealed bids are invited by the undersigned for disposal of the Scrap/Condemned/other materials of Rourkela Municipal Corporation. The bidder should quote their rate on unit basis for all the materials in their letter head as per the prescribed format **(Annexure - I)** in the sealed cover addressed to The Commissioner, Rourkela Municipal Corporation, Rourkela superscribing as **"Bid for Auction Sale of Scraps and other Materials under RMC"** and should submit their bid through Speed Post/Regd. Post/Courier or Drop in the Tender Box on or before 12.05.2023 upto 11.00 A.M. The quotation should be accompanied with the photocopies of valid GST registration Certificate, PAN Card, Paper Cost of Rs.6,720/- including GST (Non refundable) in shape of Demand Draft drawn in favour of Commissioner, Rourkela Municipal Corporation payable at Rourkela. All the quotations will be opened on the same day at 12.30 P.M. in presence of the bidders or their authorized representatives who wish to attend.
Authority reserves the right to accept or rejects any or all the bids without assigning any reason thereof.
The details of auction sale document may be downloaded from RMC website **(www.rmc.nic.in)**.
Sd./- Commissioner
Rourkela Municipal Corporation
OIPR-13131/11/0007/2324

OFFICE OF THE
SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO-PADHUANPADA, BALASORE
Contact No.:06782262045, E-mail ID: ee_blsrb@yahoo.co.in
BID INVITATION NO. SE (R and B) BLS-Divn-I-04/2023-24
No.B-140: Letter No.4067, Date:29.04.2023

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-I, Balasore on behalf of the Governor of Odisha invites Percentage rate bids to be received in ONLINE MODE only for road and Building works. | | |
| 2 | No. of Work | : | 3 Nos. |
| 3 | Nature of Work | : | Road & Building works of Balasore (R&B) Division-I |
| 4 | Class of Contractor | : | "C" & "B" Class Contractor |
| 5 | Approx. value of work | : | Rs.32.47 Lakh & 41.33 Lakh |
| 6 | Tender Cost | : | Rs.6000/- |
| 7 | Availability of Bid documents in the website | : | From 10.00 hours of dt.03.05.2023 to 16.00 hours of dt.12.05.2023 |
| 8 | Date of Opening of Bid | : | Dt.15.05.2023 at 10.00 Hours |
| 9 | Other details can be seen in the Bidding documents from the website: https://tendersorissa.gov.in. | | |

Sd./- Superintending Engineer
OIPR-34157/11/0003/2324 Balasore (R&B) Division-I

ODISHA STATE LEGAL SERVICES AUTHORITY
"AAIN SEVA BHAWAN", SECTOR - 1, CDA, CUTTACK
Advertisement No. 02/2023 Dated: 02.05.2023
FOR THE POST OF CHAIRPERSON OF PERMANENT LOK ADALAT (PUBLIC UTILITY SERVICES)
No. W-3: Applications are hereby invited from the retired Judicial Officers (on Superannuation) in the rank of District Judge/Addl. District Judge below the age of 65 years and the Judicial Officers in the rank of District Judge/Addl. District Judge, who have already retired from the service on superannuation by 30.04.2023 for being appointed as the Chairperson of Permanent Lok Adalat (PUS) in the cluster of PLAs (PUS) and independent PLA (PUS) in different districts of the State. Last date for submission of the application is 26.05.2023. For further details, please visit our official website: **www.oslsa.nic.in.**
Sd./- Member Secretary
Odisha State Legal Services Authority, Cuttack
OIPR-18008/11/0001/2324

Bhubaneswar Smart City Limited
5th Floor, BMC, ICOMC Tower, Bhoi Nagar, Unit-IX, Bhubaneswar-751022
E-mail Id:bbsr.bscl@gmail.com, CIN:U74990OR2016PLC020016
Telephone:0674-2548428, Fax:0674-2540811
INVITATION FOR BIDS (IFB)
'e' Procurement Notice
Bid Identification No. 882 / BSCL/sp[illegible]/2023 dt.29.04.23
**No.C-208:** The Tender Bid Documents consisting of cost of tender papers, time of completion, set of terms and conditions of contract and other necessary documents can be seen in the 'e' procurement portal http://tendersodisha.gov.in.

| | | |
|---|---|---|
| 1. | Name of the work | Development of Waterfront Promenade at Lake Zone - I of Drain No. 10 (BDA City Centre) |
| 2. | Total No of Works | 1 (One) |
| 3. | Period of Completion | 07 (Seven) calendar months |
| 4. | Date of availability of Bid documents in web portal | 06.05.2023 (11.00 hrs) to 17.00 hrs of 26.05.2023 |
| 5. | Last date/time for receipt of Bid in web portal | 26.05.2023 up to 17.00 hrs |
| 6. | Date and place of submission of Documents, EMD, Paper cost in hard copy | 29.05.2023 up to 17.00 hrs 5th Floor, BMC- ICOMC Tower, Bhoi Nagar, Unit - IX, Bhubaneswar- 751022 |
| 7. | Date of Pre-Bid meeting | 15.05.2023 at 11.00 hrs |
| 8. | Date of opening of Technical Bid | 30.05.2023 at 11.00 hrs |
| 9. | Name and address of the Officer inviting Bid | Chief Executive Officer, BSCL |
| 10. | For further quarries, please email at: | bbsr.bscl@gmail.com |

Further details can be seen from the 'e' Procurement portal http://tendersodisha.gov.in. Any addendum/corrigendum/cancellation of tender can be seen in the website mentioned above.
Sd./- Chief Executive Officer
Bhubaneswar Smart City Limited
OIPR-13070/11/0004/2324

ODISHA CONSTRUCTION CORPORATION LIMITED
BHUBANESWAR, ODISHA
PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
No.CAD-424: "e"-Procurement Notice No.06/OCCL/2023-24 (online)
Online tender is invited for the following work on EPC-Turn Key Basis.

| Sl. No. | Name of Work | Bid Identification No. | Approx value of work (Rs. in Crores) (excluding GST) | Bid Security (through online transfer/ Bank Guarantee) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Construction of Distribution System for 2526 ha. of CCA including Command Area Development (CAD) in 9 Nos. of Minor Irrigation Projects through Under Ground Pipe Line Irrigation System (Gravity Flow) in Ganjam, Kandhamal, Nayagarh & Sambalpur District of Odisha on EPC- Turn-key basis including Operation & Maintenance of complete commissioned project for 5 (five) years (Package-IV) | OCCL-UG-PL/MI. Pkg 4/ 2023-24 | Rs.7148.58 Crores | Rs.71,49,000/- | 24 (Twenty Four) Calendar Months | From 04.05.2023, 03.30 PM to 17.06.2023, 5.30 PM | From 04.05.2023, 03.30 PM to 17.06.2023, 5.30 PM |

| | |
|---|---|
| Procurement Officer | Managing Director, OCCL |
| Date of Opening of the Technical Bid | 19.06.2023, 11.30 AM |
| Further details can be seen from the | e-Procurement portal:https://www.tendersodisha.gov.in. |

OIPR-34120/11/0010/2324 Sd./- Managing Director

GOVT. COLLEGE OF NURSING, KALAHANDI
At/P.O.: Kamthana, Bhawanipatna, Dist.: Kalahandi, PIN - 766002
New Email ID: govt.conkalahandi@gmail.com
No. 228/G.CON Dt.: 29.04.2023
TENDER CALL NOTICE
No. E-71: Sealed tenders are invited from indenting firms/supplier/wholesalers to supply of Library Books for the Principal, Govt. College of Nursing, Kamthana, Kalahandi for the year 2023-24. The last date of submission of tender is Dt.18.05.2023 at 04.00 P.M. by Speed Post or Registered Post only. For details information please visit the website **http:/www.kalahandi.nic.in/**
Sd./- Principal/c
Govt. College of Nursing, Kalahandi
OIPR-10199/11/0003/2324

OFFICE OF THE
DISTRICT MAGISTRATE & COLLECTOR, KORAPUT
(DISTRICT CHILD PROTECTION UNIT)
No. 450/OH & SH/2023 Date: 01.05.2023
ADVERTISEMENT
No. g-20: Online applications are invited from the prospective candidates for the different posts through the proforma application form to be made available on the district website **(www.koraput.nic.in)**. The link for online application **(https://forms.gle/QD9h8RKTjY8eSh2b9)** and submission shall be available from 01.05.2023 to 15.05.2023 for recruitment to 15 posts of Observation Home & Special Home, Koraput as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated: 15.09.2020 of Women & Child Development Department, Govt. of Odisha. The posts are purely temporary, time bound and co-terminus with the scheme or depending on the satisfactory performance.
After submission of online application the candidates are required to submit the prescribed application form along with all required documents and testimonials through Speed Post/Registered Post only addressed to the District Child Protection Officer, District Child Protection Unit, Saheed Laxman Nayak Bhavan, 1st Floor, Collectorate, Koraput - 764020 latest by 5.00 P.M. on Dt.25.05.2023. Separate applications in sealed cover is to be submitted against each post super scribing the post applied for on the top of the envelope. Any application received after the due date shall be rejected. The authority reserves the right to cancel the advertisement in response to a single post or all posts without assigning any reason thereof. The candidates are required to find the details of advertisement in the district website **"www.koraput.nic.in"**.
Details of post & vacancies:

| Sl. No. | Name of the Posts | No. of Vacancies | Remuneration | Age |
|---|---|---|---|---|
| 1 | Superintendent | 1 | Rs.33,100/- | 21 - 45 years |
| 2 | Counsellor | 1 | Rs.23,170/- | |
| 3 | Probation Officer | 1 | Rs.23,170/- | |
| 4 | House Father | 2 | Rs.14,564/- | |
| 5 | Paramedical Staff | 1 | Rs.11,916/- | |
| 6 | Store Keeper-cum-Accountant | 1 | Rs.18,536/- | |
| 7 | Educator | 1 | Rs.10,000/- | |
| 8 | Art & Craft cum Music Teacher | 1 | Rs.10,000/- | |
| 9 | PT Instructor cum Yoga Trainer | 1 | Rs.10,000/- | |
| 10 | Cook | 2 | Rs.9,930/- | |
| 11 | Helper cum Night Watch Man | 2 | Rs.7,944/- | |
| 12 | House Keeper | 1 | Rs.7,944/- | |

OIPR-33022/11/0003/2324 Sd./- Collector, Koraput

ମତ୍ସ୍ୟଚାଷୀମାନେ ଧ୍ୟାନ ଦିଅନ୍ତୁ

ଓଡ଼ିଶାର ନିମ୍ନ ଲିଖିତ ସରକାରୀ ମାଛ ଫାର୍ମ ଗୁଡିକରେ ରୋହି,ଭାକୁର,ମିରିକାଳୀ ଆଦି ମାଛର ଉନ୍ନତ ଗୁଣ୍ଡ ଯାଆଁଳ ଏବେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ। ନିକଟସ୍ଥ ସରକାରୀ ମାଛଫାର୍ମରୁ ସୁଲଭ ମୂଲ୍ୟରେ ମାଛର ଗୁଣ୍ଡ ଯାଆଁଳ ନେଇ ନିଜ ପୋଖରୀରେ ଚାଷ କରନ୍ତୁ ଓ ଅଧିକ ଅମଳ କରି ଲାଭବାନ ହୁଅନ୍ତୁ।
ଯୋଗାଯୋଗ
ହ୍ୟାଚେରୀ ପରିଚାଳକ , କୌଶଲ୍ୟାଗଙ୍ଗ ଫିସଫାର୍ମ,ପୁରୀ, ମୋ- ୯୯୩୭୪୩୭୪୯୫
ହ୍ୟାଚେରୀ ପରିଚାଳକ , ଭଞ୍ଜନଗର ଫିସଫାର୍ମ,ଗଞ୍ଜାମ, ମୋ- ୮୨୭୦୫୭୯୩୮୩
ହ୍ୟାଚେରୀ ପରିଚାଳକ , ସରମଙ୍ଗା ଫିସଫାର୍ମ,ଭଦ୍ରକ, ମୋ- ୯୫୮୩୨୬୯୯୧୧
ହ୍ୟାଚେରୀ ପରିଚାଳକ , ଚିପିଲିମା ଫିସଫାର୍ମ,ସମ୍ବଲପୁର, ମୋ- ୮୨୪୯୩୪୫୫୯୦
ହ୍ୟାଚେରୀ ପରିଚାଳକ , ଦିଘିରଣିଆ ଫିସଫାର୍ମ, ବାଲେଶ୍ୱର, ମୋ- ୮୩୨୮୯୨୬୭୬୦
ମତ୍ସ୍ୟ ନିର୍ଦ୍ଦେଶାଳୟ,ଓଡିଶା,କଟକ
ଫୋନ-୦୬୭୧-୨୪୧୪୦୬୧, ଫ୍ୟାକ୍ସ -୦୬୭୧-୨୪୧୦୫୨୧, ଇ ମେଲ - director.odifish@gmail.com
DSPL-28
OIPR-06030/13/0002/2324

ZILLA PARISHAD, BARGARH
At: Subash Nagar, P.O./Dist.: Bargarh, PIN - 768028
Email: ori-dbargarh@nic.in
Tele/Fax No.: 06646-234499
ADVERTISEMENT
No. ZP/MGNREGA-2649 Dated: 01.05.2023
No. CAD-405: Applications are invited from the eligible candidates to fill up 26 Nos. of Post of Gram Rozgar Sevaks (GRS) to be engaged in different Gram Panchayats in Bargarh District on contractual basis under MGNREGA. The newly engaged GRS will get a consolidated monthly remuneration of Rs.7,000/- (Rupees Seven Thousand) only and after successfuly worked for more than 1 year and less than 6 years will get 8500/- per month and after successfully worked for more than 6 years will get 8880/- per month. The details regarding Application Form, eligible criteria, selection procedure, remuneration & documents to be required for submission along with applications are available in the Bargarh district official website **www.bargarh.nic.in**.
Applications in the prescribed format duly filled in along with all relevant documents (self attested) are to be submitted through online module only **(https://recruitment.bargarh.nic.in)** and in no other means latest by 20.05.2023 (upto 5.30 P.M.). Candidates need not submit any physical application. It should also be noted that any application sent physically stating that the application could not be uploaded shall not be entertained. Incomplete applications or applications without signature, non-submission of required documents or enclosures with illegible documents shall be summarily rejected without any information. Further, legal action will be initiated against the candidates who will submit false/forged documents. Queries of candidates related to notification and online related problems may be to **ori-dbargarh@nic.in / drdabargarh@yahoo.com**.
The Collector-cum-CEO, Zilla Parishad, Bargarh reserves the right to reject or accept any or all applications without assigning any reasons thereof.
Sd./- Collector-cum-DPC,MGNREGA, Bargarh
OIPR-19244/11/0001/2324

## କୁକୁଡ଼ା-ବତକ ପାଳନ



କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଯିବା ଆସିବାର ସୁବିଧା କରନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ । ଦିନକୁ ୨ରୁ ୩ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍‌.ଟୁ.ବି. ଟିକା ଦିଅନ୍ତୁ। ଦାନାକୁ ଯଥାସମ୍ଭବ ସକାଳୁ ଏବଂ ସନ୍ଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

## ଅଂଶୁଘାତ ସତର୍କତା



ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ। ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ। ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦-୫୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ। ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥାସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ ।

## ନଳିତା ଚାଷରେ ଘାସ ହୋଇଥିଲେ...



ଏପ୍ରିଲ୍ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ। ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧାନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଡାଲୁଅ ଧାନ ଅମଳ ସମୟରେ...



ଡାଲୁଅ ଧାନର ଶତକଡ଼ା ୮୦ ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ । ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇ ଦିଅନ୍ତୁ । ଧାନ ଅମଳ ପରେ ୩-୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ୍ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ । କଟା ହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇ ଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟ କରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲି :** ମୁଗ ଓ ବିରି ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

**ରାଶି :** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୦.୫ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖିଆସିଲେ ରାଶି ଅମଳ କରନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଚାଷରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

## ଏ ମାସର କୃଷି ସୂଚନା

**ମସଲା ଜାତୀୟ ଫସଲ :** ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ୍। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି। ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ । ଅଦା ଓ ହଳଦୀର ଲଗାଇବା ସମୟରେ ଏକମିଟର ଚଉଡ଼ା ଓ ୨୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ। ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

**ମାଛଚାଷ :** ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ । ବର୍ଷିକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ ।

**ଖରାଟିଆ ଚାଷ :** ଖରାଦିନିଆ ବର୍ଷାର ସଦୁପଯୋଗ କରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨-୩ ଓଡ଼ ଖରାଟିଆ ଚାଷ କରନ୍ତୁ । ଏହାଦ୍ୱାରା ଅନିଷ୍ଟକାରୀ କୀଟର ଶୁକ ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ । ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ। ମାଟି ପରୀକ୍ଷା କରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ । ରୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମଇ ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ଛେଳି-ମେଣ୍ଢାଙ୍କ ପାଳନ

ବର୍ତ୍ତମାନ ଖରା ଦିନ। ତେଣୁ ଛେଳି, ମେଣ୍ଢାଙ୍କର ଯତ୍ନ ନିଅନ୍ତୁ। ସେମାନଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପି.ପି.ଆର୍. ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୧୦ ରୁ ୨୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।



## ଚାଷୀଙ୍କ ପାଇଁ...



➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ଚିନାବାଦାମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

➤ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

## ଆଖୁରେ ଜଳସେଚନ



ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୁସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ। ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ ।

## ପରିବାରେ ରୋଗପୋକ ନିୟନ୍ତ୍ରଣ



ଖରାଟିଆ ପନିପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ । ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ । ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷା ଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନ କରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

## ଖରାଟିଆ ମୁଗଚାଷ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍‌ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ୱା ଓ ହୃଷ୍ଟପୁଷ୍ଟ ହୁଏ ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମେ ୩/୨୦୨୩ Bhubaneswar, Wednesday, May 3/ 2023

# କନ୍ଧମାଳ, ଢେଙ୍କାନାଳ, ଖୋର୍ଦ୍ଧା ବିଜୟୀ

**ସାହାଣୀ କପ୍ ଫୁଟ୍‌ବଲ**

ଭୁବନେଶ୍ୱର, ୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

୬୨ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ କନ୍ଧମାଳ, ଢେଙ୍କାନାଳ, ଖୋର୍ଦ୍ଧା ବିଜୟ ଲାଭ କରିଛନ୍ତି। ସମ୍ବଲପୁର ଓ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଛି। କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କନ୍ଧମାଳ ୫-୦ ଗୋଲ୍‌ରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଶିଶିକାନ୍ତ ଦାସିଆ, ସଞ୍ଜୀବ ଦାଶ, ଲକ୍ଷ୍ମଣ ସେଠ୍ ଓ ଉତ୍କଳମଣି ବେହେରା ଗୋଲ୍ ସ୍କୋର କରିଥିଲେ। ଦୁର୍ଗାମାଧବ ନାୟକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଢେଙ୍କାନାଳ ୨-୦ ଗୋଲରେ ଭଦ୍ରକକୁ ପରାସ୍ତ କରିଛି। ଦଳ ପକ୍ଷରୁ ଆଶିଷ ମାଝି ଦୁଇଟି ଯାକ ଗୋଲ ଖେଳର ୫୪ ଓ ୫୮ତମ ମିନିଟ୍‌ରେ ଦେଇଥିଲେ। ସୁଜିତ ପାତ୍ର ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। କଟକସ୍ଥିତ ଓଟିମ୍ ଗ୍ରାଉଣ୍ଡରେ ସମ୍ବଲପୁର ଓ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଡ୍ର ଭାବେ ଶେଷ ହୋଇଛି। କଳାହାଣ୍ଡି ତରଫରୁ ଭବାନୀ ଶଙ୍କର ବେମାଲ ୬୬ତମ ମିନିଟରେ ମ୍ୟାଚର ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ସମ୍ବଲପୁର ତରଫରୁ ବିଜୁ ଓରାମ (୯୦+୧)ଏକ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟଲ ଫୁଟ୍‌ବଲ ଆରେନାଠାରେ ଖେଳାଯାଇଥିବା ମ୍ୟାଚରେ ଖୋର୍ଦ୍ଧା ୫-୧ ଗୋଲ୍‌ରେ ନୂଆପଡ଼ାକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅସୀମ ଡୁଙ୍ଗ୍ ଡୁଙ୍ଗ୍ (୫୫ତମ ଓ ୫୭ତମ ମିନିଟ୍) ୨ଟି ଗୋଲ ସ୍କୋର କରିଥିବା ବେଳେ ଗାଜାସୁଦ୍ଦିନ ଖାନ୍ (୩୦ତମ), ଅଜୟ ନାୟକ (୭୨ତମ) ଓ ମନୋଜ ସ୍ୱାଇଁ (୪୯ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ନୂଆପଡ଼ା ପକ୍ଷରୁ ଏକମାତ୍ର ଗୋଲ ଦୀନେଶ କୁମାର ଖେଳର ୩୩ତମ ମିନିଟ୍‌ରେ ସ୍କୋର କରିଥିଲେ। ସୁଦୀପ୍ତ ଦାଶ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।



କେନ୍ଦ୍ରାପଡ଼ା ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



ସମ୍ବର୍ଦ୍ଧିତ ଓଏଫ୍‌ସି ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଓଏଫ୍‌ସିକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୫(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି) ଦଳ ସୁପର୍ କପ୍ ୨୦୨୩ ଚାମ୍ପିୟନ ହୋଇ ଏହାର ପ୍ରଥମ ଜାତୀୟ ଟାଇଟଲ୍ ହାସଲ କରିଛି। ମଙ୍ଗଳବାର ସନ୍ଧ୍ୟାରେ ସୁପର୍ କପ୍ ଚାମ୍ପିୟନ୍ ତଥା ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ଓଏଫ୍‌ସିକୁ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଏଫ୍‌ସି ପକ୍ଷରୁ କ୍ଲବ୍ ସଭାପତି ରାଜ ଅଠୱାଲ, ମୁଖ୍ୟ କୋଚ୍ କ୍ଲିଫୋର୍ଡ ମିରାଣ୍ଡା, ଗୋଲକିପର ଅମରିନ୍ଦର ସିଂ, ଡିଫେଣ୍ଡର ଶୁଭମ୍ ଷଡଙ୍ଗୀ, ଜେନେରାଲ ମ୍ୟାନେଜର ଅଭିକ୍ ଚାଟାର୍ଜୀ ଓ କ୍ଲବ୍ ମନସ୍ତତ୍ତ୍ୱବିତ୍ ଅମ୍ରିତ୍ ପାଟଯୋଶୀ ସୁପର୍ କପ୍ ଟ୍ରଫି ସହିତ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

ଓଏଫ୍‌ସିର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। କୋଚ୍ ଓ ଖେଳାଳି ଆମକୁ ଗର୍ବିତ କରିଛନ୍ତି ଏବଂ ଓଏଫ୍‌ସି ଆଗକୁ ମଧ୍ୟ ଏମିତି ଫର୍ମ ବଜାୟ ରଖିବା ସହିତ ଆଗକୁ ଅନେକ ଟ୍ରଫି ଜିତୁ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଓଏଫ୍‌ସି ସୁପର କପ୍ ଟ୍ରଫି ସହିତ ଖେଳ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଅନନ୍ୟ ପ୍ରଦର୍ଶନ ଓ ଯୋଗଦାନ ପାଇଁ ସେ ଦଳର ସମସ୍ତ ଖେଳାଳିଙ୍କୁ ପ୍ରଶଂସା କରିଥିଲେ। କ୍ରୀଡ଼ା ପ୍ରତି ଓଡ଼ିଶା ସରକାରଙ୍କ ମନୋଭାବକୁ ପ୍ରଶଂସା କରିଥିଲେ ଓଏଫ୍‌ସି କ୍ଲବ୍ ସଭାପତି ରାଜ ଅଠୱାଲ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ରାଜ୍ୟ ସରକାର ଦେଶର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ସୁବିଧା ତିଆରି କରିବାରେ ସମର୍ଥ ହୋଇଥିବା ସେ କହିଛନ୍ତି। ଓଏଫ୍‌ସିକୁ ସହାୟତା କରିବା ସହିତ ରାଜ୍ୟରେ ଏକ ଫୁଟବଲ ଇକୋ ସିଷ୍ଟମ ତିଆରି କରିଥିବାରୁ କ୍ଲବ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।





ସନ୍‌ସାଇନ୍ ଫୁଟ୍‌ବଲ ଏକାଡେମୀର ଉଦ୍‌ଘାଟନ।

# ସନ୍‌ସାଇନ୍ ଫୁଟ୍‌ବଲ ଏକାଡେମୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

କଟକସ୍ଥିତ ସନ୍‌ସାଇନ ଗ୍ରାଉଣ୍ଡରେ ଆଉ ଏକ ଗ୍ରାସ୍‌ରୁଟ୍ ସେଣ୍ଟର ମଙ୍ଗଳବାର ସଫଳତାର ସହ ଉଦ୍‌ଘାଟିତ ହୋଇଯାଇଛି। ଏହି ସେଣ୍ଟରର ନାମ ସନ୍‌ସାଇନ୍ ଫୁଟ୍‌ବଲ ଏକାଡେମୀ ରଖାଯାଇଛି। ସନ୍‌ସାଇନ୍ ଫୁଟବଲ ଏକାଡେମୀ ଗ୍ରାସ୍‌ରୁଟ ସେଣ୍ଟରର ଉଦ୍‌ଘାଟନୀ ଉତ୍ସବରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ)ର କର୍ମକର୍ତ୍ତା ଯଥା ଯୁଗ୍ମ ସମ୍ପାଦକ ଦ୍ୱୟ ସହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ, ସଦସ୍ୟ ବିଜୟ କୁମାର ଦାସ ଏବଂ ବୈଷୟିକ ନିର୍ଦ୍ଦେଶକ ସୁରଜିତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟପଥକୁ ଫେରିଲା ସ୍ପୋର୍ଟ୍ସ ଓଡ଼ିଶା

**ଅହମଦାବାଦ, ୨।୫ (ପି.ଟି.):** ସ୍ଥାନୀୟ ଶାହିବାଗ୍ ପୋଲିସଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଏକ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୩-୦ ଗୋଲ୍‌ରେ କାହାନୀ ଏଫ୍‌ସିକୁ ପରାସ୍ତ କରି ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଛି। ଦଳ ପକ୍ଷରୁ ରେଖା ପୋଡେଲ ଦୁଇଟି ଗୋଲ ଦେଇଥିବା ବେଳେ ବଦଳ ଖେଳାଳି ନିଶା ଅନ୍ୟ ଗୋଲଟିକୁ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଦଳ ୩ ପଏଣ୍ଟ ଅର୍ଜନ କରି ଆଶା ଉଜ୍ଜୀବିତ ରଖିପାରିଛି। ସ୍ପୋର୍ଟ୍ସ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଗୋକୁଲମ କେରଳ ଏଫ୍‌ସି ଠାରୁ ହାରିଯାଇଥିଲା। ଅନ୍ୟପକ୍ଷରେ ଅହମ୍ମଦାବାଦର କାହାନୀ ଦଳର କ୍ରମାଗତ ଏହା ହେଉଛି ଦ୍ୱିତୀୟ ପରାଜୟ।

# ଶ୍ରୀଶଙ୍କର ଜିତିଲେ ସ୍ୱର୍ଣ୍ଣ ପଦକ





ମୁରଲୀ ଶ୍ରୀଶଙ୍କର

ନୂଆଦିଲ୍ଲୀ, ୨।୫ (ପି.ଟି.)

ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ର ଚୁଲା ଭିଷ୍ଟାଠାରେ ଅନୁଷ୍ଠିତ ଏମ୍‌ଭିଏ ହାଇପରଫର୍ମାନ୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ଭାରତୀୟ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ୮.୨୯ ମିଟର ଜମ୍ପ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତାଙ୍କ ଗତ ବର୍ଷର ବ୍ୟକ୍ତିଗତ ଶ୍ରେଷ୍ଠ ୮.୩୬ ମିଟରଠାରୁ ୦.୦୭ ମିଟର କମ୍ ରହିଛି। ଚଳିତ ସିଜନରେ ଏହା ଥିଲା ତାଙ୍କର ଦ୍ୱିତୀୟ ଇଭେଣ୍ଟ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ସେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଚାଇନାର ମା ୱିଡଙ୍ଗ୍ (୭.୯୯ ମିଟର) ନିଜ ଦେଶର ହୁଆଫେଙ୍ଗ୍ ହୁଆଙ୍ଗ୍ (୭.୬୧ ମିଟର)ଙ୍କଠାରୁ ଆଗରେ ରହି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ଜିତିଛନ୍ତି। ଆସନ୍ତା ଅଗଷ୍ଟରେ ବୁଦାପେଷ୍ଟଠାରେ ହେବାକୁଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୩ ପାଇଁ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ୮.୨୫ ମିଟର ରହିଛି। ଗତ ମାସ ପ୍ରାରମ୍ଭରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରିରେ ଶ୍ରୀଶଙ୍କର ୭.୯୪ ମିଟର ଜମ୍ପ କରିଥିଲେ। ପୂର୍ବରୁ ସେ ୮.୩୬ ମିଟର ଜମ୍ପ କରି ଜାତୀୟ ରେକର୍ଡ କରିଥିଲେ। କିନ୍ତୁ ମାର୍ଚ୍ଚରେ ଇଣ୍ଡିଆନ ଓପନ ଜମ୍ପ୍ସ ଚାମ୍ପିୟନଶିପ୍‌ରେ ଜେସ୍‌ୱିନ ଆଲ୍‌ଡ୍ରିନ୍ (୮.୪୨ମିଟର) ତାଙ୍କର ଏହି ରେକର୍ଡକୁ ଭଙ୍ଗ କରିଦେଇଛନ୍ତି।

**ଟେଷ୍ଟ ର‌୍ୟାଙ୍କିଙ୍ଗ**

# ଅଷ୍ଟ୍ରେଲିଆକୁ ଟପି ଭାରତ ନମ୍ବର ୱାନ୍

**ଦୁବାଇ, ୨।୫(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଇସିସି ପୁରୁଷ ଟେଷ୍ଟ ଟିମ୍ ର‌୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆକୁ ଅତିକ୍ରମ କରି ଭାରତ ପୁଣି ନମ୍ବର ୱାନ ସ୍ଥାନକୁ ଫେରିଛି। ଭାରତର ରେଟିଂ ପଏଣ୍ଟ ବର୍ତ୍ତମାନ ୧୧୯ରୁ ୧୨୧କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ରେଟିଂ ପଏଣ୍ଟ ୧୨୨ରୁ ୧୧୬କୁ ଖସି ଆସିଛି। ଭାରତ ଏହା ପୂର୍ବରୁ ୨୦୨୧ ଡିସେମ୍ବରରେ ପଏଣ୍ଟ ଟେବୁଲ ଶୀର୍ଷରେ ରହିଥିଲା। ଆସନ୍ତା ଜୁନ୍ ୭ରୁ ଦି ଓଭାଲଠାରେ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ୨୦୨୩ର ଫାଇନାଲ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବ। ଇଂଲଣ୍ଡ ପୂର୍ବଭଳି ୩ ନମ୍ବର ସ୍ଥାନରେ ରହିଛି। ତେବେ ଦ୍ୱିତୀୟ ସ୍ଥାନରେ ରହିଥିବା ଦଳଠାରୁ ଏହାର ପଏଣ୍ଟ ବ୍ୟବଧାନ ୧୩ରୁ ୨କୁ ହ୍ରାସ ପାଇଛି। ଟେଷ୍ଟ ର‌୍ୟାଙ୍କିଙ୍ଗ ତାଲିକାରେ ସ୍ଥିର ରହିଥିବା ଅନ୍ୟତମ ଦଳ ହେଲା ଜିମ୍ବାୱେ। ଏହି ଦଳ ୫ ରେଟିଂ ପଏଣ୍ଟ ଲାଭ କରିବା ସହ ପୂର୍ବଭଳି ୧୦ମ ସ୍ଥାନରେ ରହିଛି। ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଯଥେଷ୍ଟ ଟେଷ୍ଟ ମ୍ୟାଚ ଖେଳି ନ ଥିବାରୁ ସେମାନଙ୍କୁ ର‌୍ୟାଙ୍କିଙ୍ଗ ତାଲିକାରେ ସ୍ଥାନ ମିଳିନାହିଁ। ଅନ୍ୟପକ୍ଷରେ ପୁରୁଷ ଅନ୍ତର୍ଜାତୀୟ ଟି୨୦ ର‌୍ୟାଙ୍କିଙ୍ଗରେ ଭାରତ ଏହାର ନମ୍ବର ୱାନ ସ୍ଥାନ ବଜାୟ ରଖିଛି। ତେବେ ଦ୍ୱିତୀୟ ସ୍ଥାନରେ ରହିଥିବା ଇଂଲଣ୍ଡଠାରୁ ପଏଣ୍ଟ ବ୍ୟବଧାନ ୬ରୁ ୮କୁ ବୃଦ୍ଧି କରିପାରିଛି। ଚଳିତ ପାକିସ୍ତାନ-ନ୍ୟୁଜିଲାଣ୍ଡ ସିରିଜ ପରେ ମେ' ୧୦ରେ ଅନ୍ତର୍ଜାତୀୟ ଦିନିକିଆ ଦଳ ର‌୍ୟାଙ୍କିଙ୍ଗର ବାର୍ଷିକ ଅପ୍‌ଡେଟ୍ ପ୍ରକାଶ କରାଯିବ।

# ରାଉରକେଲାରେ ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନଶିପ୍

ଭୁବନେଶ୍ୱର,୨।୫(ସ୍ପୋର୍ଟ୍ସ ବ୍ୟୁରୋ)



ରାଉରକେଲା ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଜାତୀୟ ସବ୍ ଜୁନିୟର ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ହକି ବିଶ୍ୱକପ ଓ ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ସଫଳତାର ସହିତ ଆୟୋଜନ କରିଥିବା ବିର୍ସାମୁଣ୍ଡା ଷ୍ଟାଡିୟମରେ ୧୩ ତମ ମହିଳା ସବ୍ ଜୁନିୟର ହକି ଚାମ୍ପିୟନଶିପ୍ ମେ ୪ରୁ ୧୪ ତାରିଖ ମଧ୍ୟରେ ଖେଳାଯିବ। ଅନ୍ୟ ପକ୍ଷରେ ମେ ୧୮ରୁ ୨୮ ତାରିଖ ମଧ୍ୟରେ ୧୩ ତମ ପୁରୁଷ ସବ୍ ଜୁନିୟର ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ବିଶ୍ୱକପ ଓ ପ୍ରୋ ହକି ଲିଗ୍ ପରି ଟୁର୍ନାମେଣ୍ଟ ଖେଳାଯାଇଥିବା ଭେନ୍ୟୁରେ ଯୁବ ଖେଳାଳି ମାନଙ୍କୁ ସୁଯୋଗ ମିଳିବା ଏକ ବୃହତ ଉପଲବ୍ଧି ହେବ। ନିଜ ବୟସ ବର୍ଗରେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହିତ ଖେଳିବାର ଅନୁଭବ ମିଳି ପାରିବ ବୋଲି କୁହାଯାଇଛି। ଅନ୍ୟ ରାଜ୍ୟର ଯୁବ ଖେଳାଳି ମାନଙ୍କ ସ୍ୱାଗତ ପାଇଁ ତଥା ଜାତୀୟ ସବ୍ ଜୁନିୟର ହକି ଚାମ୍ପିୟନଶିପର ଆୟୋଜନ ପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ ବୋଲି କହିଛନ୍ତି କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ହକି ପ୍ରତି ଏହା ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ଟିର୍କି ମଧ୍ୟ ରାଉରକେଲାରେ ଜାତୀୟ ସବ୍ ଜୁନିୟର ହକି ଚାମ୍ପିୟନଶିପ ଆୟୋଜନ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ହକି ସହିତ ରାଉରକେଲାର ଇତିହାସ ଅତ୍ୟନ୍ତ ଗୁଡ଼ିମନ୍ତ, ହକି ବିଶ୍ୱକପ ଓ ପ୍ରୋ ହକି ଲିଗ୍ ସମୟରେ ଏହା ଦେଖିବାକୁ ମିଳିଥିଲା। ଏହି ଟୁର୍ନାମେଣ୍ଟ ମଧ୍ୟ ବିଶ୍ୱକପ ପରି ସଫଳ ହେବା ନେଇ ସେ ଆଶାବାଦୀ ବୋଲି କହିଛନ୍ତି ଟିର୍କି। ଯୁବ ଖେଳାଳି ମାନେ ନିଜ ସ୍ୱପ୍ନ ପୂରଣ ଦିଗରେ ଅଗ୍ରସର ହେବାରେ ଏହି ଭେନ୍ୟୁର ଏକ ସ୍ୱତନ୍ତ୍ର ଅବଦାନ ରହିବ ବୋଲି ଟିର୍କି କହିଛନ୍ତି। ଏହି ମ୍ୟାଚ୍ ଗୁଡିକ ପାଇଁ ସ୍କୁଲ ପିଲାଙ୍କୁ ମାଗଣା ପାଶ ବ୍ୟବସ୍ଥା କରାଯାଇଛି।

# ବଲାଙ୍ଗୀରରେ ଓସିଏ ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ

ବଲାଙ୍ଗୀର ଅଫିସ, ୨।୫

ବଲାଙ୍ଗୀରସ୍ଥିତ ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଦ୍ୱାରା ଆୟୋଜିତ ହୋଇଯାଇଛି ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ। ବୌଦ୍ଧ, ବଲାଙ୍ଗୀର, ବରଗଡ଼, ସୋନ୍‌ପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲାଗୁଡ଼ିକ ଲାଗି ବଲାଙ୍ଗୀର ଥିଲା ଜୋନାଲ ଭେନ୍ୟୁ। ସ୍ପିନ ପ୍ରତିଭାଙ୍କୁ ଚିହ୍ନଟ କାର୍ଯ୍ୟକ୍ରମ ବେଳେ ଓଡ଼ିଶା ସିନିୟର ପୁରୁଷ ଟିମ୍ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ବ୍ୟତୀତ ଓସିଏର ସିନିୟର ଓ ଜୁନିୟର ଚୟନକର୍ତ୍ତା ଯଥା ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାମ୍ପର ଉଦ୍‌ଘାଟନୀ ସମୟରେ ବଲାଙ୍ଗୀର ଜିଲା ଆଥଲେଟିକ ଆସୋସିଏଶନର ସଦସ୍ୟଗଣ କୃଷ୍ଣ ଚନ୍ଦ୍ର ମିଶ୍ର (ଉପସଭାପତି), ପ୍ରହଲ୍ଲାଦ ଶତପଥୀ (ଉପସଭାପତି), ହରିନାରାୟଣ ପୂଜାରୀ (ସାଧାରଣ ସମ୍ପାଦକ), ପ୍ରଭାତ ମିଶ୍ର (କୋଷାଧ୍ୟକ୍ଷ), ଶତ୍ରୁଘ୍ନ ସିଂ (ଯୁଗ୍ମସମ୍ପାଦକ), ଓମ୍ ପ୍ରକାଶ ଚାନ୍ଦ (କ୍ରିକେଟ ସମ୍ପାଦକ), ରାଜେନ୍ଦ୍ର ପୁରୋହିତ (ସିନିୟର କାଉନ୍‌ସିଲ ସଦସ୍ୟ) ଓ ସୁଧୀର ଚନ୍ଦ୍ର ପଣ୍ଡା (ସିନିୟର କାଉନ୍‌ସିଲ ସଦସ୍ୟ) ପ୍ରମୁଖ ଉପସ୍ଥିତ ଥିଲେ। ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପର ପରବର୍ତ୍ତି ଭେନ୍ୟୁ ହେଉଛି ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ। ଏଥିରେ ଅନ୍ୟ ୬ଟି ଜିଲାର ସ୍ପିନର ସେମାନଙ୍କ ପ୍ରତିଭା ଦେଖାଇବେ।

# ଲୋକେଶ ରାହୁଲ ଆହତ

**ଲକ୍ଷ୍ନୌ, ୨।୫(ପି.ଟି.):** ଭାରତ ସିନିୟର ଦଳର ଉଇକେଟକିପର-ବ୍ୟାଟର ତଥା ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଆହତ ହୋଇଛନ୍ତି। ସୋମବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ଆଇପିଏଲ୍ ମ୍ୟାଚ ବେଳେ ତାଙ୍କ ଡାହାଣ ଜଙ୍ଘରେ ଆଘାତ ଲାଗିଛି। ଫିଲ୍‌ଡିଂ ବେଳେ ବାଉଣ୍ଡାରି ନିକଟରେ ଏକ ବଲ୍‌କୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଏହା ଘଟିଛି। ଯନ୍ତ୍ରଣା ଯୋଗୁ ସେ ପଡ଼ିଆରେ କିଛି ସମୟ ପଡ଼ି ରହିଥିଲେ। ତାଙ୍କ ମାଂସପେଶୀ ଟାଣି ହୋଇଯାଇଥିବା ଭଳି ମନେ ହେଉଥିଲା। ଟିମ୍ ଫିଜିଓ ଏବଂ ଦଳର ଜଣେ ରିଜର୍ଭ ଖେଳାଳିଙ୍କ ସହାୟତାରେ ସେ ପଡ଼ିଆ ଛାଡ଼ିଥିଲେ। ମାର୍କସ ଷ୍ଟୋଇନିସଙ୍କ ବୋଲିଂରେ ଏକ୍ସଟ୍ରା କଭର ଅଞ୍ଚଳକୁ ଫାଫ୍ ଡୁପ୍ଲେସିଙ୍କ ଶଟ୍‌କୁ ବାଉଣ୍ଡାରିରୁ ଅଟକାଇବା ଲାଗି ରାହୁଲ ଚେଷ୍ଟା କରିଥିବା ବେଳେ ଆଘାତପ୍ରାପ୍ତ ହୋଇଥିଲେ। ତାଙ୍କ ଇଞ୍ଜୁରି କେତେ ଗୁରୁତର ତାହା ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ଅଂଶଗ୍ରହଣ ନେଇ ସନ୍ଦେହ ଉପୁଜିଛି।



ବଲାଙ୍ଗୀରରେ ଅନୁଷ୍ଠିତ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପରେ ଉପସ୍ଥିତ ଖେଳାଳି ଓ କର୍ମକର୍ତ୍ତା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ